ବର୍ଷ-୫୩ : ସଂଖ୍ୟା-୯ ସେପ୍ଟେମ୍ବର, ୨୦୨୨ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ସେପ୍ଟେମ୍ବର, ୨୦୨୨


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ୧୫ ଅଗଷ୍ଟ, ୨୦୨୨ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀମା | ··· | ୪ |
| ୧୫ ଅଗଷ୍ଟ, ୨୦୨୨ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୬ |
| ନିଷ୍ପାପର ଅଭ୍ୟାସ | ··· | ଶ୍ରୀମା | ··· | ୭ |
| ପ୍ରତ୍ୟେକ ଥର ନୂଆ କରି ଚାଲିବାକୁ ହେବ | ··· | ଶ୍ରୀମା | ··· | ୮ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ<br>ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ (ଏକବିଂଶ ଅଧ୍ୟାୟ)<br>ପରମ ରହସ୍ୟ ଅଭିମୁଖେ | ··· | ଶେଖ ଅବଦୁଲ କାଶମ | ··· | ୧୦ |
| ଜୀବନକୁ ଗଠନ କର | ··· | ମାଧବ ପଣ୍ଡିତ | ··· | ୧୬ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୧୦) | ··· | ··· | ··· | ୧୯ |
| ବ୍ୟର୍ଥ ବିରୋଧ (କବିତା) | ··· | ସନ୍ତୋଷ ରଥ | ··· | ୨୨ |
| ହନୁମାନ୍ | ··· | ରାମକୃଷ୍ଣ ଦାସ | ··· | ୨୩ |
| ସୁଧାମୃତ ଝରେ ନିରନ୍ତର (କବିତା) | ··· | ଶାନ୍ତି ମହାନ୍ତି | ··· | ୨୫ |
| ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ (୫) | ... | ପ୍ରପତ୍ତି | ... | ୨୬ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୬୫) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୩୦ |
| ଦ୍ୱୀପାନ୍ତରର କଥା | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୩୩ |
| ଏକ ପ୍ରକୃତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର | ··· | ପ୍ରସାଦ ତ୍ରିପାଠୀ | ··· | ୩୫ |
| ଇତିହାସର କେତୋଟି ମୁହୂର୍ତ୍ତ :<br>ବୁଦ୍ଧି ଓ ବୋଝ | ··· | ମନୋଜ ଦାସ | ··· | ୩୮ |
| ନମ୍ରତା ସମ୍ପର୍କରେ (୩) | ··· | କୁମାର ଚନ୍ଦ୍ର ମିଶ୍ର | ··· | ୩୯ |
| ପ୍ରଣାମ ପଦାରବିନ୍ଦେ (କବିତା) | ··· | ନିର୍ମଳା ମହାପାତ୍ର | ··· | ୪୨ |
| ଏକଲବ୍ୟର ସାଧନା (୧) | ··· | ··· | ··· | ୪୩ |
| ରାଣୀ ଲକ୍ଷ୍ମୀବାଈ (୨) | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୪୬ |
| କ୍ଲାସରେ ଶ୍ରୀମା'ଙ୍କ କାହାଣୀ :<br>ଆରବ ଦେଶର ଘୋଡ଼ା | ··· | ··· | ··· | ୪୯ |
| ମୁକ୍ତିଦାତା ପର୍ସିୟସ୍ (୫) | ··· | ପ୍ରତିଭା ଦାସ | ··· | ୫୧ |
| ଈଶ୍ୱର ଅଛନ୍ତି | ··· | ··· | ··· | ୫୬ |
| ପରିବାର ପରମ୍ପରା : ଗତକାଲି ଓ ଆଜି | ··· | ମନୋଜ ଦାସ | ··· | ୫୭ |


❖

# ପ୍ରାର୍ଥନା

''ମୁଁ'' ବୋଲି ଆଉ କିଛି ନାହିଁ, ନାହିଁ ଆଉ ବ୍ୟକ୍ତିସତ୍ତାଟିଏ, ନାହିଁ କୌଣସି ବ୍ୟକ୍ତିଗତ ସୀମାରେଖା । ଅଛି କେବଳ ଅପରିମେୟ ବ୍ରହ୍ମାଣ୍ଡ, ଆମର ମହତୀ ଜନନୀ, ତୁମ ଅର୍ହତ୍ ଉଦ୍ଦେଶ୍ୟରେ ଶୁଦ୍ଧତାର ଉଦ୍ଦୀପ୍ତ ବହ୍ନିରେ ଜ୍ୱଳମାନ, ହେ ପ୍ରଭୁ, ହେ ଦିବ୍ୟ ମୁନିବ, ସାର୍ବଭୌମ ସଂକଳ୍ପ, ଯାହାଫଳରେ ସେ ସଂକଳ୍ପ ତା'ର ଉପଲବ୍ଧି ମାର୍ଗରେ ଆଉ କୌଣସି ବାଧାବିଘ୍ନ ସାମନା କରିବ ନାହିଁ ।

ଐକାନ୍ତିକ ପ୍ରେମ ଏବଂ ଉଲ୍ଲାସର ଏକ ଶକ୍ତିମୟ ପ୍ରାର୍ଥନା-ଗୀତି ତୁମ ଉଦ୍ଦେଶ୍ୟରେ ଊର୍ଦ୍ଧ୍ୱାୟିତ, ହେ ପ୍ରଭୁ, ଏକ ଅବର୍ଣ୍ଣନୀୟ ଆନନ୍ଦୋଲ୍ଲାସରେ ତୁମ ସହ ଏକୀଭୂତ ସମଗ୍ର ଧରିତ୍ରୀ ।

ତୁମର ସମର୍ଥ ନିଃଶ୍ୱାସ ଏ ଧୂପପାତ୍ରକୁ କରୁ ପ୍ରୋତ୍ସାହିତ, ଯାହାଫଳରେ ତାହା ହେବ କ୍ରମାଗତ ବ୍ୟାପକ ଏବଂ ଅଧିକ ଦୁର୍ଦମନୀୟ, ସବୁ ତିମିର ଏବଂ ଅନ୍ଧ ପ୍ରତିରୋଧ ହେବ ସମାହିତ, ହେବ ବହ୍ନିମାନ, ସେ ଚମତ୍କାର ଶୁଦ୍ଧିପ୍ରଦ ଶିଖା ହେବ ଦିବ୍ୟାଲୋକରେ ରୂପାନ୍ତରିତ ।

ଆଃ, ତୁମ ଶାନ୍ତି ପ୍ରଦାୟିନୀ ବିଶୋଧନର ପ୍ରଦୀପ୍ତି !

ସେପ୍ଟେମ୍ବର ୧୪, ୧୯୧୪ — ଶ୍ରୀମା



# ୧୫ ଅଗଷ୍ଟ, ୨୦୨୨ରେ ଆଶ୍ରମରେ ବିତରିତ ବାଣୀ

The best homage that we can render to Sri Aurobindo on his centenary is to have a thirst for progress and to open all our being to the Divine Influence of which he is the Messenger upon the earth.

– The Mother

ଶ୍ରୀଅରବିନ୍ଦଙ୍କୁ ତାଙ୍କ ଶତବାର୍ଷିକୀରେ ଆମେ ଯେଉଁ ସର୍ବୋତ୍ତମ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପାରିବା ତାହା ହେଉଛି ଅଗ୍ରଗତି ପାଇଁ ଏକ ପିପାସା ପୋଷଣ କରିବା ଏବଂ ପୃଥିବୀପୃଷ୍ଠରେ ସେ ଯାହାର ମହାନ୍ ବାର୍ତ୍ତାବହ ସେହି ପରମ ଭାଗବତ ପ୍ରଭାବ ପ୍ରତି ଆମର ସକଳ ସତ୍ତାକୁ ଉନ୍ମୀଳିତ କରି ରଖିବା ।

– ଶ୍ରୀମା



# ୧୫ ଅଗଷ୍ଟ, ୨୦୨୨ରେ ଆଶ୍ରମରେ ବିତରିତ ବାଣୀ

A spiritual ideal has always been the characteristic idea and aspiration of India. But the progress of Time and the need of humanity demand a new orientation and another form of that ideal... Our ideal is not the spirituality that withdraws from life but the conquest of life by the power of the spirit. It is to accept the world as an effort of manifestation of the Divine, but also to transform humanity by a greater effort of manifestation than has yet been accomplished,...

– Sri Aurobindo

ଏକ ଆଧ୍ୟାତ୍ମିକ ଆଦର୍ଶ ସଦାସର୍ବଦା ଭାରତବର୍ଷର ସ୍ୱଭାବସିଦ୍ଧ ଭାବନା ଓ ଅଭୀପ୍ସା ହୋଇ ରହି ଆସିଛି । ପରନ୍ତୁ ମହାକାଳର ପ୍ରଗତି ଓ ମାନବଜାତିର ଆବଶ୍ୟକତା ସେହି ଆଦର୍ଶର ଏକ ନବାୟନ ଓ ଅନ୍ୟ ରୂପ ଦାବି କରେ ।... ଆମର ଆଦର୍ଶ ନୁହେଁ ସେହି ଆଧ୍ୟାତ୍ମିକତା ଯାହା ଜୀବନରୁ ପଛଘୁଞ୍ଚା ଦେଇ ଦୂରେଇ ଯାଏ, ମାତ୍ର ଆମର ଆଦର୍ଶ ଆତ୍ମାର ଶକ୍ତି ଦ୍ୱାରା ଜୀବନର ବିଜୟ । ଏହା ହେଉଛି ଜଗତକୁ ପରମ ଦିବ୍ୟସତ୍ତାଙ୍କ ଅଭିବ୍ୟକ୍ତିର ଏକ ପ୍ରୟାସ ରୂପେ ଗ୍ରହଣ କରିବା, ମାତ୍ର ଏଯାବତ୍ ସାଧିତ ହୋଇଥିବା ଅଭିବ୍ୟକ୍ତିର ଏକ ମହତ୍ତର ପ୍ରୟାସ ଦ୍ୱାରା ମାନବଜାତିକୁ ରୂପାନ୍ତରିତ ମଧ୍ୟ କରିବା,...

– ଶ୍ରୀଅରବିନ୍ଦ

# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

### (The Kingdoms and Godheads of the Little Mind)

### (୧୨୦)

## ଶ୍ରୀଅରବିନ୍ଦ

Insight of impulse laid its leaping grasp
On heavens high Thought
had hidden in dazzling mist,
Caught glimmers that revealed a lurking sun:
It probed the void and found a treasure there.

ଭାସ୍ୱର କୁଜ୍ଝଟିକାରେ ଚିନ୍ତା ଯେଉଁ ସମୁଚ୍ଚ ସ୍ୱର୍ଗଚୟକୁ ଲୁକ୍କାୟିତ କରି ରଖିଥିଲା ପ୍ରବେଗର ଅନ୍ତର୍ଦୃଷ୍ଟି ସେସବୁ ଉପରେ ଆପଣାର ଲମ୍ଫମାନ ଦୃଢ଼ କର ସ୍ଥାପନ କରୁଥିଲା, ଦେଖି ପାରୁଥିଲା ସେହିସବୁ ଉଭାସମାଳା ଯାହା ପ୍ରତୀକ୍ଷାରତ ପ୍ରଚ୍ଛନ୍ନ ସୂର୍ଯ୍ୟକୁ ପ୍ରକଟ କରି ଦେଉଥିଲା : ତାହା ବିଶୂନ୍ୟର ଅନ୍ୱେଷଣ କରୁଥିଲା ଏବଂ ସେଠାରେ ଏକ ରତ୍ନଭଣ୍ଡାରର ସନ୍ଧାନ ପାଇଥିଲା ।

A half-intuition purpled in its sense;
It threw the lightning's fork and hit
the unseen.

ଆପଣା ବୋଧଶକ୍ତିରେ ନୀଳାଭ ଲୋହିତ ଏକ ଅର୍ଦ୍ଧ-ସମ୍ବୋଧି; ତାହା ବିଦ୍ୟୁତ୍‌ର ତୀକ୍ଷ୍ଣାଗ୍ର ତୀର କ୍ଷେପଣ କରୁଥିଲା ଏବଂ ଅଦୃଷ୍ଟକୁ ବିଦ୍ଧ କରୁଥିଲା ।

It saw in the dark and vaguely
blinked in the light,
Ignorance was its field, the unknown its prize.

ଅନ୍ଧକାର ମଧ୍ୟରେ ସେ ଦେଖୁଥିଲା ଏବଂ ଆଲୋକରେ ପଲକପାତ କରୁଥିଲା ଅସ୍ପଷ୍ଟ ଭାବରେ, ଅଜ୍ଞାନହିଁ ଥିଲା ତା'ର କ୍ଷେତ୍ର, ଅଜ୍ଞାନହିଁ ତା'ର ପୁରସ୍କାର ।

Of all these Powers the greatest was the last.

ଏ ସମସ୍ତ ଶକ୍ତି ମଧ୍ୟରେ ଶେଷଟିହିଁ ଥିଲା ସର୍ବଶ୍ରେଷ୍ଠ ।

Arriving late from a far plane of thought
Into a packed irrational world of Chance
Where all was grossly felt and blindly done,
Yet the haphazard seemed the inevitable,
Came Reason, the squat godhead artisan,
To her narrow house upon a ridge in Time.

ଭାବନାର ସୁଦୂର ଏକ ଲୋକରୁ ବିଳମ୍ବରେ ଆସି ଯୁକ୍ତିବୁଦ୍ଧି ଉପନୀତ ହେଲା ଆକସ୍ମିକତାର ଏକ ପରିପୂର୍ଣ୍ଣ ଅଯୌକ୍ତିକ ଜଗତରେ, ଯେଉଁଠି ସବୁକିଛି ସ୍ଥୂଳତଃ ଅନୁଭୂତ ହେଉଥିଲା ତଥା ଅନ୍ଧଭାବେ ସମ୍ପନ୍ନ ହେଉଥିଲା, ଅଥଚ ଅବ୍ୟବସ୍ଥାହିଁ ମନେ ହେଉଥିଲା ଅନିବାର୍ଯ୍ୟ, ସ୍ଥୂଳ ଖର୍ବକାୟ ସେହି ଦେବ କାରିଗର ସମୟର ଶୈଳଶିରା ଉପରେ ଅବସ୍ଥିତ ଆପଣାର ସଂକୀର୍ଣ୍ଣ ନିବାସକୁ ଆଗମନ କଲା ।

Adept of clear contrivance and design,
A pensive face and close and peering eyes,
She took her firm and irremovable seat,
The strongest, wisest of the troll-like Three.

ପରିଚ୍ଛନ୍ନ କଳା-କୌଶଳ ଓ ନକ୍ସାର ସୁଦକ୍ଷ ଶିଳ୍ପୀ, ଚିନ୍ତାମଗ୍ନ ଏକ ମୁଖମଣ୍ଡଳ ଏବଂ ନିବିଡ଼ ତୀକ୍ଷ୍ଣ ଦୃଷ୍ଟି, ସେ ଆସି ତା'ର ସୁଦୃଢ଼ ଓ ଅଚଳ ଆସନ ଗ୍ରହଣ କଲା, ଦୈତ୍ୟପ୍ରାୟ ତ୍ରୟୀଙ୍କ ମଧ୍ୟରେ ସେହିଁ ଥିଲା ବରିଷ୍ଠତମ ତଥା ଜ୍ଞାନଗରିଷ୍ଠ ।

*(କ୍ରମଶଃ...)*

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ନିଷ୍ଠାପର ଅଭ୍ୟାସ

## ଶ୍ରୀମା

### ନିଷ୍ଠାପର ଅଭ୍ୟାସ

ତୁମେ ଯେଉଁ ଅଳ୍ପ କିଛି ଜାଣିଛ ତାକୁ ଅଭ୍ୟାସ କର, ତାହାହିଁ ଅଧିକ ଜାଣିବାର ଶ୍ରେଷ୍ଠ ଉପାୟ; ଅଗ୍ରଗତି କରିବାର ଏହାହିଁ ସବୁଠାରୁ ଶକ୍ତିଶାଳୀ ମାର୍ଗ – ସାମାନ୍ୟ ଟିକେ ହେଲେ ବି ଆନ୍ତରିକ ଭାବେ ଅଭ୍ୟାସ କର । ଉଦାହରଣସ୍ୱରୂପ, ଯାହା କରିବା ଉଚିତ ନୁହେଁ ବୋଲି ଜାଣିଛ, ତାହା କର ନାହିଁ । ଯେତେବେଳେ ତୁମେ ତୁମ ଭିତରେ ଗୋଟିଏ ଦୁର୍ବଳତା, ଏକ ଅସାମର୍ଥ୍ୟ ଦେଖୁଛ, ଚେଷ୍ଟାକର ଯେପରି ସେଇ ଅସାମର୍ଥ୍ୟ ତୁମକୁ ଆଉ ଥରେ କାବୁ କରି ନ ଦିଏ; ସେଦିଗରେ ତୁମର ଚେଷ୍ଟା ଅବ୍ୟାହତ ରଖ । ଯଦି କୌଣସି ମୁହୂର୍ତ୍ତରେ ତୁମ ଆଗରେ ତୁମେ କ'ଣ ହୋଇ ଉଠିବା ଉଚିତ ଏହା କୌଣସି ପ୍ରକାରେ ପ୍ରତିଭାତ ହୋଇ ଥାଏ, ତେବେ ଏକ ତୀବ୍ର ଆସ୍ପୃହା ଭିତରେ ତୁମେ ତାହା ହୋଇ ଉଠିବା ଲାଗି କେବେ ବି ଯେପରି ଭୁଲି ନଯାଅ ।

କେତେକ ଲୋକ ସବୁବେଳେ ଅଭିଯୋଗ କରନ୍ତି ଯେ ସେମାନେ ଅସମର୍ଥ । କିନ୍ତୁ ଏପରି ମନୋଭାବ ତୁମକୁ ବେଶୀ ବାଟ ନେଇଯାଇ ପାରେନା । ଯଦି ଥରେ ତୁମେ ତୁମର ଦୁର୍ବଳତାକୁ ସତକୁ ସତ ଦେଖିପାରିଛ, ସତକୁ ସତ ଆନ୍ତରିକ ଭାବେ ତାହା ବୁଝିପାରିଛ ଯେ ତୁମର ସେପରି ହେବା ଉଚିତ ନୁହେଁ – ତେବେ ତୁମର ଆଉ କୌଣସି ଅଭିଯୋଗ ରହିବ ନାହିଁ । ତା'ପରେ ତୁମେ ପ୍ରତିଦିନହିଁ ଅଭ୍ୟାସ କରି ଚାଲିବ, ତୁମର ସଂକଳ୍ପକୁ ଦୃଢ଼ କରି ଚାଲିବ, ପ୍ରତି ମୁହୂର୍ତ୍ତରେ ତୁମେ ସତର୍କତା ମଧ୍ୟ ବୃଦ୍ଧି କରି ଚାଲିବ – ଚିହ୍ନି ନେଇ ପାରିଥିବା ଭୁଲ୍‌କୁ ପୁନର୍ବାର ଯେପରି ପୁନରାବୃତ୍ତି ହେବାକୁ ନଦିଅ ।

### ଚେଷ୍ଟାହିଁ ଆନନ୍ଦ ଦିଏ

ପ୍ରକୃତରେ ଚେଷ୍ଟାହିଁ ଆନନ୍ଦ ଦେଇଥାଏ । ଯେଉଁ ମଣିଷ କିପରି ଚେଷ୍ଟା କରିବାକୁ ହୁଏ ଜାଣେ ନାହିଁ, ସେ କେବେ ବି ଆନନ୍ଦ ପାଇବ ନାହିଁ । ଯେଉଁମାନେ ପ୍ରକୃତରେ ଅଳସୁଆ, ସେମାନେ କେବେ ବି ଆନନ୍ଦ ପାଇବେ ନାହିଁ – ଆନନ୍ଦ ପାଇବା ପାଇଁ ସେମାନଙ୍କ ଭିତରେ ଶକ୍ତି ନଥାଏ ! ପ୍ରଚେଷ୍ଟାହିଁ ଆନନ୍ଦ ଦିଏ । ଏହି ପ୍ରଚେଷ୍ଟା ତୁମର ସତ୍ତା ଭିତରେ ଏପରି ଏକ ସ୍ପନ୍ଦନ ସୃଷ୍ଟି କରେ ଯାହାକି ତୁମକୁ ଆନନ୍ଦ ପାଇବାରେ ସକ୍ଷମ କରାଏ ।

କେବଳ ପ୍ରଚେଷ୍ଟା, ତାହା ଯେକୌଣସି କ୍ଷେତ୍ରରେ ହେଉ ନା କାହିଁକି – ବସ୍ତୁଗତ ପ୍ରଚେଷ୍ଟା ହେଉ କି ନୈତିକ ପ୍ରଚେଷ୍ଟା ହେଉ କିଂବା ବୌଦ୍ଧିକ ସ୍ତରରେ ପ୍ରଚେଷ୍ଟା ହେଉ – ତାହା ତୁମ ସତ୍ତାରେ ଏପରି ସ୍ପନ୍ଦନ ସୃଷ୍ଟି କରିବ ଯାହା ଦ୍ୱାରା କି ତୁମେ ବିଶ୍ୱଗତ ସ୍ପନ୍ଦନ ସଙ୍ଗେ ଯୁକ୍ତ ହୋଇପାରିବ; ଏବଂ ଏହାହିଁ ଆନନ୍ଦ ଦିଏ । ଏହି ପ୍ରଚେଷ୍ଟାହିଁ ତୁମକୁ ଜଡ଼ତା ଭିତରୁ ଟାଣି ଆଣେ; ଏହି ପ୍ରଚେଷ୍ଟାହିଁ ତୁମକୁ ବିଶ୍ୱଗତ ଶକ୍ତିଗୁଡ଼ିକ ସହିତ ଯୁକ୍ତ କରେ । ସର୍ବୋପରି ଅନ୍ୟ ଏକ କଥା ହେଲା ଯେଉଁମାନେ କୌଣସି ଯୋଗାଭ୍ୟାସ କରୁ ନାହାନ୍ତି, ଯେଉଁମାନଙ୍କର କୌଣସି ଆଧାତ୍ମିକ ଅଭୀପ୍ସା ନାହିଁ, ଯେଉଁମାନେ ଅତି ସାଧାରଣ ଜୀବନଟିଏ ଯାପନ କରନ୍ତି, ସେମାନେ ଯେତେବେଳେ ଏହି ଚେଷ୍ଟା ବା ଅଧ୍ୟବସାୟ ଆରମ୍ଭ କରି ଦିଅନ୍ତି, ତାହାରି ବଳରେହିଁ ସେମାନେ ବିଶ୍ୱଶକ୍ତିଗୁଡ଼ିକର ସ୍ପନ୍ଦନ ସଙ୍ଗେ ନିଜର ସ୍ପନ୍ଦନର ଆଦାନ-ପ୍ରଦାନ ଫଳରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଏହି ଆନନ୍ଦ ଲାଭ କରି ଥାଆନ୍ତି ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ପ୍ରତ୍ୟେକ ଥର ନୂଆ କରି ଚାଲିବାକୁ ହେବ

## ଶ୍ରୀମା

*ପ୍ରଶ୍ନ : ଆପଣ 'ଧ୍ୟାନ ଓ ପ୍ରାର୍ଥନା'ର ଅଗଷ୍ଟ ୨୦, ୧୯୧୪ରେ ଲେଖିଛନ୍ତି, ''ଏକାନ୍ତ ସରଳ ଭାବରେ ପୁନର୍ବାର ସେହି ପଥ ଧରି ଚାଲିବାକୁ ହେବ, ଯେପରି ଆମ୍ଭେମାନେ କେବେ ବି ସେହି ପଥରେ ପୂର୍ବରୁ ଯାତ୍ରା କରି ନାହୁଁ – ଏହାହିଁ ଯଥାର୍ଥ ଶୁଦ୍ଧି, ପୂର୍ଣ୍ଣ ଆନ୍ତରିକତା, ଯାହା ଆଣିଦିଏ ଅବାଧ ଉନ୍ନତି, ଅଖଣ୍ଡ ଅଭିବୃଦ୍ଧି ଏବଂ ପରିପୂର୍ଣ୍ଣତା ।''*

*ଏହାର ପ୍ରକୃତ ଅର୍ଥ କ'ଣ ?*

ଶ୍ରୀମା : ସାଧନାର ପଥରେ ଯେତେବେଳେ ବ୍ୟକ୍ତି ତା'ର ପ୍ରତିଷ୍ଠିତ ଚେତନାର ଊର୍ଦ୍ଧ୍ୱକୁ ଉଠିଯିବାକୁ ଚାହେଁ, ସେତେବେଳେ ତାକୁ ପ୍ରତ୍ୟେକ ଥର ନୂଆ କରି ଚାଲିବାକୁ ହେବ, ଯେପରି ସେ ପଥରେ ସେ ପୂର୍ବରୁ କେବେ ବି ପାଦ ବଢ଼ାଇ ନାହିଁ । ଅବଶ୍ୟ ମୁଁ ଏଠି ଆନ୍ତର ଜଗତର କଥାହିଁ କହୁଛି । ପ୍ରତିଥରହିଁ ନୂଆ କରି ସମର୍ପଣ କରିବାକୁ ହେବ ।

ସାଧାରଣତଃ ଦେଖାଯାଏ, ବ୍ୟକ୍ତି କିଛିଟା ସାଧନା କରେ । ବେଶ୍ ଗୋଟାଏ ଶାନ୍ତି, ନୀରବ ନୈର୍ବ୍ୟକ୍ତିକ ଉପଲବ୍ଧିର ଅବସ୍ଥା ଲାଭ କରେ, ଆଉ ତା'ପରେ ସେଇଠାରେହିଁ ଅଟକି ଯାଏ । ଧ୍ୟାନ-ଧାରଣା ଦ୍ୱାରା ଅଭ୍ୟାସଗତ ଭାବରେ ପ୍ରତିଥର ସେଇ ପର୍ଯ୍ୟନ୍ତ ଯାଇ ଫେରିଆସେ । ଏହିପରି ଲୋକମାନେ ଖୁବ୍ ବଡ଼ ବଡ଼ କଥା କହନ୍ତି, ଶିକ୍ଷା ଦୀକ୍ଷା ଦିଅନ୍ତି, ମନୁଷ୍ୟକୁ ଆଧ୍ୟାତ୍ମିକ ପଥର ନିର୍ଦ୍ଦେଶ ଦିଅନ୍ତି । ହୁଏତ ଆରମ୍ଭ ଅବସ୍ଥାରେ ସେମାନେ ଯାହା କୁହନ୍ତି ସେଗୁଡ଼ିକ ସେମାନଙ୍କର ଯଥାର୍ଥ ଉପଲବ୍ଧି ଦ୍ୱାରା ପାଇ ଥାଆନ୍ତି । କିନ୍ତୁ ଉପଲବ୍ଧିକୁ ଆହୁରି ଆଗେଇ ଯିବାକୁ ନଦେଲେ ତାହା ଅଚଳ ଏକ ଅବସ୍ଥା ସୃଷ୍ଟି କରେ; ସେତେବେଳେ ସେହି ଗୋଟିଏ କଥାକୁ ଅସଂଖ୍ୟବାର ପୁନରାବୃତ୍ତି କରିବା ଦ୍ୱାରା କୌଣସି ଫଳ ହୁଏ ନାହିଁ । ଏପରି ଦୃଶ୍ୟ ବିରଳ ନୁହେଁ ଯେ ମନୁଷ୍ୟମାନେ ଆଖି ବୁଜି ଅନେକ ସମୟ ଧ୍ୟାନରେ ବସନ୍ତି, ପ୍ରାୟ ସମାଧିସ୍ଥ ହୋଇ ରହି ଥାଆନ୍ତି । ଅଭ୍ୟାସ କରିଲେ ଏହି ଭାବରେ ବେଶ୍ ବସି ହେବ ଏବଂ ବେଶ୍ ଗୋଟାଏ ଭାବ-ବିଭୋର ଶାନ୍ତି ଭିତରେ ବୁଡ଼ି ରହି ହେବ । କିନ୍ତୁ ବାସ୍, ଏହି ପର୍ଯ୍ୟନ୍ତହିଁ । ତଦ୍ଦ୍ୱାରା ଯଥାର୍ଥ ଫଳପ୍ରଦ କାର୍ଯ୍ୟ କିଛି ହୁଏ ନାହିଁ । ଚେତନାର କ୍ରମବିକାଶ ଓ ତା'ର ରୂପାନ୍ତର କୌଣସି ଭାବରେ ହୋଇପାରେ ନାହିଁ, ଯଦି ବ୍ୟକ୍ତି ଏହି ଭାବରେ ଚିରକାଳ କଳକଣ୍ଢେଇ ପରି ଚାଲେ ।

ପ୍ରତ୍ୟେକଥରହିଁ ସବୁକିଛିକୁ ଝାଡ଼ି ଫୋପାଡ଼ି ଦେଇ ନୂଆ କରି ପୁଣି ଆରମ୍ଭ କରିବାକୁ ହେବ । ଯେପରି ସାଧା ପୃଷ୍ଠାଟିକୁ ପୁଣି ଖୋଲି ଦେବାକୁ ହୁଏ ତହିଁରେ ନୂତନ ଭାଗଙ୍ଗ ପକାଇବାକୁ ହେଲେ । ତା'ହେଲେ ଯାଇ ନୂତନ ଇଙ୍ଗିତ, ନୂତନ ଉପଲବ୍ଧି, ନୂତନ ଚେତନା ମିଳିବ । ହୁଏତ ଏପର୍ଯ୍ୟନ୍ତ ମନୁଷ୍ୟ ଯାହା ପାଇ ଆସିଛି ତା'ର ସମ୍ପୂର୍ଣ୍ଣ ଓଲଟା ହୋଇପାରେ, ଏପରି କିଛିକୁ, ସେହି ନୂତନକୁ ସେତେବେଳେ ଗ୍ରହଣ କରିବାକୁ ହେବ, ପୁରୁଣାକୁ ବାଦ୍ ଦେଇ । ଚିର ତାରୁଣ୍ୟ ଲାଭର ଏହାହିଁ ହେଲା ଏକମାତ୍ର ନିଗୂଢ଼ କୌଶଳ । ଅବଶ୍ୟ ଦେହରେ ତାରୁଣ୍ୟକୁ ଚିରକାଳ ବଜାୟ ରଖିବା କଥା ମୁଁ କହୁ ନାହିଁ; ତା'ର କାରଣ ମନୁଷ୍ୟର ଅନନ୍ତ କାଳର ସଂସ୍କାର ହେତୁ ସେ ପ୍ରତି ପଦରେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ବାର୍ଦ୍ଧକ୍ୟର ଅକ୍ଷମତାକୁହିଁ ମନରେ ଓ ପ୍ରାଣରେ ମାନିନେଇ ଚାଲେ । ଦେହ ଯଦି ମନର ଏବଂ ପ୍ରାଣର ଏହି ସଂସ୍କାରଗତ ଦୌରାତ୍ମ୍ୟ ହାତରୁ ନିଷ୍କୃତି ପାଆନ୍ତା, ସେ ଯଦି ନିଜେ ସ୍ୱାଧୀନ ଭାବ ଓ ପ୍ରେରଣା ଅନୁଯାୟୀ ଚାଲି ପାରନ୍ତା, ତା'ହେଲେ ଦେହର ମଧ୍ୟ ଚିର ତାରୁଣ୍ୟ ଲାଭ କରିବା ସହଜ ହୁଅନ୍ତା । ବର୍ତ୍ତମାନ ସେଇ ଅଭ୍ୟାସ ଓ ଚେଷ୍ଟା କରିବା ଦିଗରେହିଁ ଯତ୍ନ କରିବା ଆମର ଲକ୍ଷ୍ୟ, ତେବେ ସଙ୍ଗେ ସଙ୍ଗେ ଫଳ ପାଇବାର ସମ୍ଭାବନା କମ୍ । କିନ୍ତୁ ସବୁ ସମୟରେ ମାନସିକ ଭାବରେ ଓ ପ୍ରାଣର ସ୍ତରରେ ଏହି ଚିର ତାରୁଣ୍ୟ ଲାଭ କରାଯାଇପାରେ । ନିରନ୍ତର ନବ ନବ ଚେତନା ପଥରେ ଆଗେଇ ଯିବା, ପୁରୁଣା ଯେତେ ଅନୁଭୂତିର ସ୍ତୂପକୁ ଗୋଟିଏ ପଟେ ଫୋପାଡ଼ି ଦେଇ ନୂତନର ଦିଗରେ ଆଗେଇ ଯିବା, ଏହାହିଁ ହେଲା କୌଶଳ । ମନଗଢ଼ା ଯେତେ ଅନୁଭୂତି ସେଗୁଡ଼ିକ ହେଉଛି ଧୂଳି ଭଳି । ସେସବୁର ସତ୍ୟ ମୂଲ୍ୟ ବା ସ୍ଥାୟୀ ମୂଲ୍ୟ କିଛିହିଁ ନାହିଁ ।

ମୋର ନିଜର ଗୋଟିଏ ଅନୁଭୂତିର ବିଷୟ କହିବି, ଶୁଣ । ଥରେ ମୁଁ ଚେଷ୍ଟା କରିଥିଲି ଯେ ସବୁ ଭୁଲିଯାଇ ପୁଣି

ନୂତନ ଭାବରେ ଜୀବନର ଅଭିଜ୍ଞତା ଲାଭ କରିବା ପାଇଁ, ଏକେବାରେ ଆରମ୍ଭରୁ । ଆଣ୍ଠୁରେ ଗୋଟାଏ ପ୍ରକାର ବେଦନା ହେଉ ଥିବାରୁ ଚଲାବୁଲା କରିବା କିଛି ଦିନ ପର୍ଯ୍ୟନ୍ତ ବନ୍ଦ ହୋଇଥିଲା, ସେଇ ସୁଯୋଗରେ ମୁଁ ଏହି ଅଭିଜ୍ଞତା ଅର୍ଜନ ପାଇଁ ଚେଷ୍ଟା କରିଥିଲି । ଫଳରେ ଏପରି ଏକ ଅବସ୍ଥା ଆସିଲା ଯେ ମୁଁ ଭୁଲିଗଲି କିପରି ଖାଇବାକୁ ହୁଏ, କିପରି ଚାଲିବାକୁ ହୁଏ । ପୂରାପୂରି ଶିଶୁଙ୍କ ଭଳି ପୁଣି ଥରେ ଖାଇବା ପାଇଁ ଶିଖିବାକୁ ହେଲା ଏବଂ ପ୍ରାୟ ଅଧ ଘଣ୍ଟା ଧରି ଚେଷ୍ଟା କରି ତା'ପରେ ଯାଇ ଚାଲିବାର ଅଭ୍ୟାସ ଫେରି ପାଇଲି । ଅବଶ୍ୟ ଏହି ଭାବରେ ଏହି ଧରଣର ଅଭିଜ୍ଞତା ସର୍ବଦା କରାଯାଏ ନାହିଁ, ମୋର ଏହି ପ୍ରତ୍ୟକ୍ଷ ଅନୁଭୂତି ହୋଇଥିଲା ।

ତେବେ ଚେଷ୍ଟା କରାଯାଇପାରେ । ଚେତନାକୁ ସମ୍ପୂର୍ଣ୍ଣ ନୂତନ କରି ଲାଭ କରିବା ପାଇଁ ସବୁ ପ୍ରକାରର ପୁରୁଣା ଧାରଣାକୁ ପୋଛି ନିଶ୍ଚିହ୍ନ କରି ଦେବା ଦରକାର, ସବୁ ନୂତନ କରି ପାଇବା ଦରକାର । ବଦ୍ଧମୂଳ ଧାରଣା ପ୍ରତି କୌଣସି ପ୍ରକାରର ଆସକ୍ତି ରହିଲେ ଚଳିବ ନାହିଁ । ଚେତନାର ବିସ୍ତାର ଯାହାର ବିଶାଳ ହୋଇଥାଏ, ତା' ପକ୍ଷରେ ଇଚ୍ଛା ମାତ୍ରକେ ଏହି ଅବସ୍ଥା ଲାଭ ହୋଇଥାଏ । ❑

## କର୍ମର ସୁପରିଚାଳନା ସମ୍ପର୍କରେ ଶ୍ରୀମା

ବ୍ୟକ୍ତିଗତ ପ୍ରଶ୍ନର ବିଚାର ଉପରେ କୌଣସି କର୍ମର ବ୍ୟବସ୍ଥା କରିବା ଆଦୌ ସମ୍ଭବ ନୁହେଁ, ସେପରି ହେଲେ ସମସ୍ତ କର୍ମହିଁ ଅସମ୍ଭବ ହୋଇଉଠିବ ।

ସମସ୍ତ ସାମୂହିକ କର୍ମରେ ଆନୁଗତ୍ୟ ବା ଅଧସ୍ତନତା ଓ ସହଯୋଗିତାର ଶିକ୍ଷା ଏକାନ୍ତ ପ୍ରୟୋଜନୀୟ । ତାହା ନ ହେଲେ ସବୁକିଛି ଅରାଜକତାରେ ପରିଣତ ହେବ । ଯେକୌଣସି କର୍ମଟିଏ କରାଯାଉ ନା କାହିଁକି ତୁମକୁ ପ୍ରଥମେ ନିଜର ଧାରଣା ଓ ପସନ୍ଦ-ଅପସନ୍ଦଗୁଡ଼ିକୁ ଆଧୀନ୍ୟ ବା ଆନୁଗତ୍ୟର ବଶବର୍ତ୍ତୀ କରି ରଖିବାକୁ ପଡ଼ିବ ବା ସେଗୁଡ଼ିକୁ ଅଲଗା କରି ଗୋଟିଏ ପାଖରେ ରଖିଦେବାକୁ ପଡ଼ିବ । କିମ୍ବା ଯେଉଁସବୁ ସର୍ତ୍ତ ରଖାଯାଇଥାଏ ବା ନିଷ୍ପତ୍ତି ନିଆଯାଇଥାଏ ସେଗୁଡ଼ିକୁ ମାନି, ସେହି ଅନୁଯାୟୀ ସବୁଠାରୁ ଉତ୍ତମ ଫଳଲାଭ ପାଇଁ କାମ କରିବାକୁ ହେବ । ବରାବର ସବୁଠୁ ଯେଉଁ ପ୍ରଧାନ ଅସୁବିଧାଟି ସୃଷ୍ଟି ହୁଏ ତା' ହେଉଛି ପ୍ରତ୍ୟେକ କର୍ମୀ ନିଜ ନିଜର ଧାରଣା ଅନୁଯାୟୀ ନିଜ ନିଜର ଧାରାରେ, ନିଜେ ଯାହା ଉଚିତ ବା ଉପଯୋଗୀ ବୋଲି ମନେକରେ ସେହି ଅନୁସାରେହିଁ କାମ କରିବାକୁ ଚାହେଁ ଏବଂ ଆଶା କରେ ଯେ କେବଳ ସେହିଗୁଡ଼ିକୁହିଁ ଅନୁମୋଦନ ମିଳୁ । କାମ ଭିତରେ ଦେଖା ଦେଉଥିବା ନାନା ବାଧାବିଘ୍ନ, ବିବାଦ ଓ ବିଶୃଙ୍ଖଳାର ଏହାହିଁ ଅନ୍ୟତମ ମୁଖ୍ୟ କାରଣ । ଏହା ଫଳରେହିଁ କର୍ମୀ ଓ ପରିଚାଳକମାନଙ୍କ ଭିତରେ, କର୍ମ ସମ୍ପର୍କୀୟ ଧାରଣା ଓ ବାସ୍ତବ କର୍ମ ଭିତରେ ନାନା ସଂଘର୍ଷ ସୃଷ୍ଟି ହୁଏ । ସୁସଙ୍ଗତି ଓ ସୌଷମ୍ୟ କେବଳ ସେତିକି ବେଳେହିଁ ସମ୍ଭବ ଯେତେବେଳେ କୌଣସି ଅସନ୍ତୋଷ ବା ଅଭିଯୋଗର ମନୋଭାବ ନ ରଖି ସମସ୍ତେ କାମଟିକୁ ଗ୍ରହଣ କରି ନିଅନ୍ତି ।

ଶୃଙ୍ଖଳା ଓ ସୁବ୍ୟବସ୍ଥା ପ୍ରତ୍ୟେକଟି ଜିନିଷ ଭିତରେ ରହିଥିବା ଶକ୍ତିକୁ କେତେ ଗୁଣରେ ବଢ଼ାଇ ନ ଦିଏ ! ଯେଉଁ ଯନ୍ତ୍ରଟିର ସମସ୍ତ କଳକବ୍‌ଜା, ତାହାର ପ୍ରତ୍ୟେକଟି ଅଂଶ, ପ୍ରତ୍ୟେକଟି ଚକ ଓ ଦାନ୍ତ, ପ୍ରତ୍ୟେକଟି ଉତ୍ତୋଳକ ଯନ୍ତ୍ର ସୁବ୍ୟବସ୍ଥିତ ଓ ସୁନିର୍ଦ୍ଦିଷ୍ଟ ଭାବରେ କାମ କରୁଥାଏ, ସେହି ଯନ୍ତ୍ରଟି ସବୁଠୁ ଶକ୍ତିଶାଳୀ ନୁହେଁ କି ? ସେହିଭଳି ଏକ ଯନ୍ତ୍ରରେ ସବୁଠାରୁ ଛୋଟ ପେଚଟିକୁ ମଧ୍ୟ ଯେତେବେଳେ ତା'ର ଯଥା ସ୍ଥାନରେ ଖଞ୍ଜି ରଖାଯାଏ ସେତେବେଳେ ତାହା ବିରାଟ ବିରାଟ ଚକ ସଙ୍ଗେ ସମାନ ଉପଯୋଗୀ ବୋଲି ଦାବି କରିପାରେ ।

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ

## (ଏକବିଂଶ ଅଧ୍ୟାୟ)

## ପରମ ରହସ୍ୟ ଅଭିମୁଖେ

**ଶେଖ ଅବଦୁଲ କାଶମ**

ଗୀତା-ଶିକ୍ଷାର ଅନ୍ତିମ ପର୍ଯ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ ଏପରି ଏକ ଅଧ୍ୟାତ୍ମ ସତ୍ୟ ପ୍ରକାଶ କରୁଛନ୍ତି ଯାହା ସୁଦୂର ପ୍ରସାରୀ, ଉଦାର ଓ ସୀମାହୀନ । ସେହି ସତ୍ୟ ମଧ୍ୟରେ ଅନନ୍ତ ସମ୍ଭାବନା ରହିଛି । ଏକ ଚରମ ଆଧ୍ୟାତ୍ମିକ ସ୍ୱାଧୀନତା ଏବଂ ଏକ ଚରମ ପୂର୍ଣ୍ଣତା ମଧ୍ୟକୁ ଉତ୍ତୀର୍ଣ୍ଣ ହେବା ପାଇଁ ଗୀତା ଆମକୁ ପ୍ରେରିତ କରୁଛି । ଏହା ଆମ ପାଇଁ ଏକ ସୁଦୃଢ଼, ସୁନିଶ୍ଚିତ ଓ ପ୍ରଶସ୍ତ ମାର୍ଗ ତଥା ଏକ ମହାନ୍ ଧର୍ମ ନିର୍ଦ୍ଦେଶ କରିଛି ଯାହାକୁ ଅବଲମ୍ବନ କଲେ ଆମେ ସକଳ ସୀମାକୁ ଲଂଘନ କରିଯାଇ ପାରିବା । କୌଣସି ସଂସ୍କାର ବା ବିଧିବ୍ୟବସ୍ଥା ଆମକୁ ସୀମାବଦ୍ଧ କରି ରଖି ପାରିବ ନାହିଁ । ଗୀତା ଆମକୁ ସକଳ ନିର୍ଦ୍ଦିଷ୍ଟ ଧାରା ଓ ସକଳ ଧର୍ମର ଅତୀତ ଏକ ଅସୀମ ଉନ୍ମୁକ୍ତ କ୍ଷେତ୍ର ମଧ୍ୟକୁ ପରିଚାଳିତ କରି ନେବା ପାଇଁ ଚାହେଁ । ଗୀତାରେ ଯେଉଁ ଗୁହ୍ୟତମ ବିଷୟ ଓ ନିଗୂଢ଼ ଜ୍ଞାନ ରହିଛି ତାକୁ ଆମେ ଯଥାର୍ଥ ରୂପେ ବୁଝିବା ଆବଶ୍ୟକ । ଗୀତାରେ ନିହିତ ମହାବାକ୍ୟର ସାରମର୍ମ ଆମ ଜୀବନରେ ଅଦ୍ଭୁତ ପରିବର୍ତ୍ତନ ଆଣିପାରେ ।

ଅଷ୍ଟାଦଶ ଅଧ୍ୟାୟରେ ଗୀତା ପ୍ରଥମେ ପନ୍ଦରଟି ଶ୍ଳୋକରେ ତାହାର ସାରତତ୍ତ୍ୱ ସ୍ୱଚ୍ଛ ଓ ପ୍ରାଞ୍ଜଳ ଭାଷାରେ ପ୍ରକାଶ କରି ଦେଇଛି । ପ୍ରଥମେ ମାନବର କର୍ମଧାରାଜନିତ ପ୍ରହେଳିକା ଉପରେ ଆଲୋଚନାଟି କେନ୍ଦ୍ରୀଭୂତ ହୋଇଛି । ସାଂସାରିକ କର୍ମରେ ବ୍ୟାପୃତ ରହି ସୁଦ୍ଧା ନିଜର ଉଚ୍ଚତମ ସତ୍ତା ଓ ଆତ୍ମାରେ ବାସ କରିବାରେ ଯେଉଁ ବାଧାବିଘ୍ନ ରହିଛି ତାହା ଉପରେ ଆଲୋକପାତ କରାଯାଇଛି । ସନ୍ନ୍ୟାସ ଧର୍ମର ସମାଧାନ ହେଲା ଜୀବନ ଓ ଜୀବନର କର୍ମକୁ ମିଥ୍ୟା ଓ ମାୟା ବୋଲି ବିଚାର କରି ତାହାକୁ ପରିତ୍ୟାଗ କରିବା ଏବଂ କେବଳ ଅଧ୍ୟାତ୍ମ ସତ୍ୟ ଉପରେହିଁ ଅଭିନିବିଷ୍ଟ ହୋଇ ରହିବା । ଏହି ସମାଧାନକୁ ଗୀତା ଅସ୍ୱୀକାର କରି ନାହିଁ । ମାତ୍ର ଏପରି ପନ୍ଥା ସମସ୍ୟାର ଗ୍ରନ୍ଥିକୁ ଖୋଲି ନଦେଇ ତାହାକୁ କାଟିଦିଏ ବୋଲି ଗୀତା ସୂଚାଇ ଦେଇଛି । ଗୀତାର ମତରେ ପ୍ରକୃଷ୍ଟ ପନ୍ଥା ହେଲା ଉଚ୍ଚତମ ସତ୍ତା ଓ ମନୁଷ୍ୟର ଆନ୍ତର ଜୀବନ ସହିତ ପୂର୍ଣ୍ଣ କର୍ମ ଜୀବନର ସମନ୍ୱୟ ସ୍ଥାପନ କରିବା । ସନ୍ନ୍ୟାସ ଧର୍ମ ଯେଉଁ ସମାଧାନ ଦେଇଛି ତାହା ଏକଦିଗଦର୍ଶୀ ଓ ସୀମିତ ଲକ୍ଷ୍ୟ ବିଶିଷ୍ଟ । ଏହି ଧାରାଟି ମଧ୍ୟ-ପଥରେହିଁ ଅଟକି ରହିଯାଏ । ମାତ୍ର ଦ୍ୱିତୀୟ ପନ୍ଥାଟିରେ ମନୁଷ୍ୟ ଅବିଚଳ ସୂକ୍ଷ୍ମ ଦୃଷ୍ଟି ଓ ଅଦମ୍ୟ ସାହସ ସହିତ ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇଥାଏ । ତା' ଭିତରେ ଭାଗବତ ସତ୍ତା ପୂର୍ଣ୍ଣ ରୂପେ ବିକଶିତ ହୋଇପାରେ । ମନୁଷ୍ୟ ନିଜ ଆତ୍ମା ମଧ୍ୟରେ ପୁରୁଷ ଓ ପ୍ରକୃତି ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିପାରେ ।

ମନୁଷ୍ୟର ଅନ୍ତଃପୁରୁଷ ଓ ପ୍ରକୃତି ନାନା ପ୍ରକାର ବନ୍ଧନର ବଶୀଭୂତ । ଅହଂ, ଅଜ୍ଞାନ ଓ ନାନା ରିପୁଗଣ ମନୁଷ୍ୟକୁ ଆକ୍ରାନ୍ତ କରି ତା'ର ସ୍ୱାଧୀନତା ଅପହରଣ କରି ନିଅନ୍ତି । ସକ୍ରିୟ ପ୍ରକୃତି ମନୁଷ୍ୟକୁ ବାରଂବାର ବହିର୍ମୁଖୀ ହେବାକୁ ବାଧ କରେ । ଏହା ଫଳରେ ମନୁଷ୍ୟ ତାହାର ପ୍ରକୃତ ସତ୍ତା ଓ ଅଧ୍ୟାତ୍ମ ଜୀବନକୁ ପ୍ରାପ୍ତ ହୋଇପାରେ ନାହିଁ । ସୁତରାଂ ସନ୍ନ୍ୟାସ ଧର୍ମରେ ତଥା ଗୀତାର ଉପଦେଶରେ ବାହ୍ୟ ବିଷୟ ସମୂହ ପ୍ରତି ଆକାଙ୍କ୍ଷା ପରିତ୍ୟାଗ କରିବାକୁ କୁହାଯାଇଛି । ପ୍ରଥମ କାମ ହେଲା ନୀରବ ନିଷ୍କ୍ରିୟ ପୁରୁଷଙ୍କୁ ସକ୍ରିୟ ପ୍ରକୃତିଠାରୁ ପୃଥକ୍ କରିବା ଏବଂ ନିଶ୍ଚଳ ଆତ୍ମାର ନୀରବତା ମଧ୍ୟରେହିଁ ବାସ କରିବା । ମୁକ୍ତିପ୍ରଦ ଆଭ୍ୟନ୍ତରୀଣ ଆସକ୍ତିହୀନତାକୁ ଯୋଗର ପ୍ରଥମ ଲକ୍ଷ୍ୟ ରୂପେ ଗୀତା ଗ୍ରହଣ କରିଛି । ଏହାର ଭାଷାରେ –

''ଅସକ୍ତବୁଦ୍ଧିଃ ସର୍ବତ୍ର ଜିତାତ୍ମା ବିଗତସ୍ପୃହଃ ।
ନୈଷ୍କର୍ମ୍ୟସିଦ୍ଧିଂ ପରମାଂ ସନ୍ନ୍ୟାସେନାଧିଗଚ୍ଛତି ॥
(୧୮/୪୯)

ଅର୍ଥାତ୍, ''ଯାହାର ବୁଦ୍ଧି ସକଳ ବିଷୟରେ

ଆସକ୍ତିରହିତ, ଯାହାର ଆତ୍ମା ସ୍ୱ-ବଶ ଓ ବାସନାଶୂନ୍ୟ, ସେ ସନ୍ନ୍ୟାସ ଦ୍ୱାରା ପରମ ନୈଷ୍କର୍ମ୍ୟ-ସିଦ୍ଧି ଲାଭ କରନ୍ତି ।’’

ଯୋଗ ସାଧନାର ଏକ ମନସ୍ତାତ୍ତ୍ୱିକ ଭିତ୍ତି ରହିଛି । ତାହା ହେଲା ତ୍ୟାଗ, ଆତ୍ମଜୟଜନିତ ନୀରବତା, ଆଧ୍ୟାତ୍ମିକ ନିଷ୍କ୍ରିୟତା ଓ କାମନାଶୂନ୍ୟତା । ସାଧକ ପ୍ରଥମେ ଏହି ଅବସ୍ଥାକୁ ପ୍ରାପ୍ତ ହେବା ପାଇଁ ପ୍ରୟାସ କରିବା ଉଚିତ । ଆମ୍ଭମାନଙ୍କ ମଧ୍ୟରେ ଦୁଇଟି ବିଭିନ୍ନ ପ୍ରକୃତି ବିଦ୍ୟମାନ । ତାହାକୁ ଦୁଇଟି ବିଭିନ୍ନ ଆତ୍ମା ବୋଲି କୁହାଯାଇପାରେ । ଆମ ଭିତରେ ଯେଉଁ ଅଜ୍ଞାନାଚ୍ଛନ୍ନ ମାନସିକ, ପ୍ରାଣିକ ଓ ଭୌତିକ ପ୍ରକୃତି କାର୍ଯ୍ୟ କରୁଛି ତାହା ହେଲା ନିମ୍ନତମ ଆତ୍ମା । ଏହାର ଆତ୍ମଜ୍ଞାନ ନଥାଏ । ଏହା କେବଳ ଜଡ଼ତାରେ ପରିପୂର୍ଣ୍ଣ ହୋଇଥାଏ । ଅପର ପକ୍ଷରେ ଆମର ଏକ ଉଚ୍ଚତର ପ୍ରକୃତି ବା ଆତ୍ମା ରହିଛି ଯାହା ଆତ୍ମପ୍ରତିଷ୍ଠ ଓ ସ୍ୱୟଂପ୍ରଭ । ଆମର ସାଧାରଣ ମନୋରାଜ୍ୟରେ ଆମେ ତାକୁ ଅନୁଭବ କରିପାରୁ ନାହିଁ । ବେଳେ ବେଳେ ତା’ର କିଞ୍ଚିତ୍ ଆଭାସ ମାତ୍ର ପାଇଥାଉ । ଆମର ମନ ଓ ଇନ୍ଦ୍ରିୟସମୂହ ବାସନା, ଅହଂଭାବ ଓ ଆସକ୍ତିରେ ପରିପୂର୍ଣ୍ଣ ହୋଇ ରହିଥାଏ । ଆମେ ଏହି ନିମ୍ନ ପ୍ରକୃତିର ଦାସ ହୋଇ ରହିଥାଉ । ଆମର ଆତ୍ମଜ୍ଞାନର ଅଭାବ ରହିଥାଏ । ଆତ୍ମଜୟ ଲାଗି କୌଣସି ଆନ୍ତରିକ ପ୍ରଚେଷ୍ଟା ଆମେ କରି ନଥାଉ । ଅନ୍ୟ ପକ୍ଷରେ ଆମେ ଯଦି ଉଚ୍ଚତର ପ୍ରକୃତିରେ ନିଜକୁ ପ୍ରତିଷ୍ଠିତ କରିପାରୁ, ତାହା ହେଲେ ଆମେ ଶାନ୍ତି ଓ ଅସୀମ ଜ୍ୟୋତି ମଧ୍ୟରେ ଜୀବନଯାପନ କରିପାରିବା । ଏହି ଉଚ୍ଚତର ପ୍ରକୃତି ବା ଶୁଦ୍ଧ ଆତ୍ମାକୁ ନିର୍ଗୁଣ ନୈର୍ବ୍ୟକ୍ତିକ ବ୍ରହ୍ମ ବୋଲି କୁହାଯାଇଥାଏ ।

ଅନନ୍ତ ନୈର୍ବ୍ୟକ୍ତିକ ସତ୍ତା ସର୍ବଭୂତ ମଧ୍ୟରେ ଏକ ଓ ଅଭିନ୍ନ ଭାବରେ ରହିଛନ୍ତି । ତାଙ୍କର ଅହଂ ନଥାଏ, ଗୁଣ ବା ଉପାଧି ମଧ୍ୟ ନଥାଏ । ସେ କେବଳ ବିଶ୍ୱକର୍ମର ଉପଦ୍ରଷ୍ଟା, ଅନୁମନ୍ତା ଓ ଭର୍ତ୍ତା । ତାହାଙ୍କୁହିଁ ନିଶ୍ଚଳ ଅକ୍ଷର ପୁରୁଷ ବୋଲି କୁହାଯାଏ । ଅନ୍ୟ ପକ୍ଷରେ ଜୀବ ଯେଉଁ ସକ୍ରିୟ ପ୍ରକୃତି ମଧ୍ୟରେ ଅଜ୍ଞାନ ଓ ଅହଂର ବଶବର୍ତ୍ତୀ ହୋଇ ରହିଥାଏ ତାହାକୁ କ୍ଷର ପୁରୁଷ ବୋଲାଯାଏ । ଏହି କ୍ଷର ପୁରୁଷ ହେଉଛି ତ୍ରିଗୁଣ ଦ୍ୱାରା ନିୟନ୍ତ୍ରିତ ଓ ପରିବର୍ତ୍ତନଶୀଳ ।

ଆମକୁ ସକ୍ରିୟ ପ୍ରକୃତିର ନିବିଡ଼ ବନ୍ଧନରୁ ମୁକ୍ତ ହେବାକୁ ପଡ଼ିବ । ଏଥିପାଇଁ ଆମେ ଅଜ୍ଞାନର କର୍ମଧାରାକୁ ବର୍ଜନ କରି ଅନ୍ତଃପୁରୁଷଙ୍କ ଶୁଦ୍ଧ ଆଧ୍ୟାତ୍ମିକ ସତ୍ତାରେ ପ୍ରତିଷ୍ଠିତ ହେବା ଆବଶ୍ୟକ । ଏହାକୁହିଁ ଗୀତାରେ ‘‘ବ୍ରହ୍ମଭୂୟ’’ ବା ‘ବ୍ରହ୍ମ ହେବା’ ବୋଲି କୁହାଯାଇଛି । ନିମ୍ନତର ପ୍ରକୃତିରେ ରହିଥିବା ପର୍ଯ୍ୟନ୍ତ ବୁଦ୍ଧି ଓ ସଂକଳ୍ପ ହେଉଛି ମନୁଷ୍ୟର ସର୍ବଶ୍ରେଷ୍ଠ ସାମର୍ଥ୍ୟ । ଏହି ସାମର୍ଥ୍ୟକୁ ଉପଯୋଗ କରି ମନୁଷ୍ୟ କାମନା-ବାସନା ଓ ଇନ୍ଦ୍ରିୟଗତ ନାନା ଆସକ୍ତିରୁ ନିଜକୁ ମୁକ୍ତ କରିପାରିବ । ଏହାକୁ ଗୀତାରେ ‘‘ଅସକ୍ତବୁଦ୍ଧିଃ’’ ବୋଲି କୁହାଯାଇଛି । ମନୁଷ୍ୟ ନିଜର ସମସ୍ତ ଇଚ୍ଛା, ବାସନା, ଅଭିରୁଚି ଓ ଅହଂଗତ କ୍ରିୟାକୁ ବର୍ଜନ କରିବ । ଏହା ହେଉଛି ‘‘ବିଗତସ୍ପୃହ’’ର ଅବସ୍ଥା । ଊର୍ଦ୍ଧ୍ୱତମ ସତ୍ତାରେ ପ୍ରତିଷ୍ଠା ଲାଭ କରିବାକୁ ହେଲେ ମନୁଷ୍ୟକୁ ‘‘ଜିତାତ୍ମା’’ ହେବାକୁ ପଡ଼ିବ, ଅର୍ଥାତ୍ ନିଜର ସକ୍ରିୟ ପ୍ରକୃତି ଉପରେ ବିଜୟ ବା ଆଧିପତ୍ୟ ଲାଭ କରିବାକୁ ହେବ ।

ଅନ୍ତରରୁ ସମ୍ପୂର୍ଣ୍ଣ ରୂପେ ବିଷୟ-ବାସନାର ବର୍ଜନକୁ ଗୀତାରେ ‘‘ସନ୍ନ୍ୟାସ’’ ବୋଲି କୁହାଯାଇଛି । ଏଥିରେ ପୂର୍ଣ୍ଣତା ଲାଭ କରିବାର ଉପାୟ ହେଲା ତ୍ୟାଗ ବା ବର୍ଜନ-ପନ୍ଥା । କିନ୍ତୁ ‘‘ସନ୍ନ୍ୟାସ’’ କହିଲେ ସାଧାରଣତଃ ‘ବାହ୍ୟ ସନ୍ନ୍ୟାସ’କୁ ବୁଝାଏ । ତେଣୁ ଭଗବାନ୍ ଶ୍ରୀକୃଷ୍ଣ ‘‘ତ୍ୟାଗ’’ ଶବ୍ଦର ବ୍ୟବହାର କରି ଆଭ୍ୟନ୍ତରୀଣ ବର୍ଜନ (inner renunciation) ଅର୍ଥକୁ ପ୍ରକାଶ କରିଛନ୍ତି । ତାଙ୍କ ମତରେ ସନ୍ନ୍ୟାସ ଅପେକ୍ଷା ତ୍ୟାଗ ଉତ୍କୃଷ୍ଟତର । ସନ୍ନ୍ୟାସ-ମାର୍ଗ ବର୍ଜନ ଉଦ୍ଦେଶ୍ୟରେହିଁ ବର୍ଜନର ଆକାଂକ୍ଷା କରେ । ଏହା ବାହ୍ୟ ଜୀବନ ଓ କର୍ମର ତ୍ୟାଗ ଉପରେ ଗୁରୁତ୍ୱ ଦିଏ, ଆତ୍ମା ଓ ପ୍ରକୃତିର ସମ୍ପୂର୍ଣ୍ଣ ନିସ୍ତବ୍ଧତାକୁ ଲକ୍ଷ୍ୟ ବୋଲି ଗ୍ରହଣ କରେ । କିନ୍ତୁ ଏହି ସାଂସାରିକ ଜୀବନରେ କର୍ମର ସମ୍ପୂର୍ଣ୍ଣ ତ୍ୟାଗ ସମ୍ଭବ ନୁହେଁ । କଠୋରତା ସହ ଜୀବନର କ୍ରିୟାକଳାପକୁ ହ୍ରାସ କରିବା ବା ବନ୍ଦ କରିଦେବା ସମୀଚୀନ ମଧ୍ୟ ନୁହେଁ । ତେଣୁ ଆଭ୍ୟନ୍ତରୀଣ ବର୍ଜନହିଁ ଶ୍ରେୟସ୍କର । ଅନ୍ତରର ସ୍ଥିରତା ଓ ଶାନ୍ତି ହେଉଛି ମୁଖ୍ୟ ପ୍ରୟୋଜନୀୟ ବିଷୟ । ଏହି କଥାକୁ ବୁଝାଇବା ପାଇଁ ଗୀତା ‘‘ନୈଷ୍କର୍ମ୍ୟ’’ ଶବ୍ଦ ବ୍ୟବହାର କରିଛି ।

ପ୍ରକୃତିଠାରୁ ପୁରୁଷକୁ ପୃଥକ୍ କରିବା ଏବଂ ଶୁଦ୍ଧ ଆତ୍ମାଙ୍କୁ ନିଷ୍କ୍ରିୟ ଅକର୍ତ୍ତା ରୂପେ ଉପଲବ୍ଧି କରିବା – ଏହା ଅଧ୍ୟାତ୍ମ ମୁକ୍ତିର ସମଗ୍ର ରୂପ ନୁହେଁ । କାରଣ ପୁରୁଷ ଓ ପ୍ରକୃତି ପରିଶେଷରେ ଏକ ଓ ଅଭିନ୍ନ । ସମ୍ପୂର୍ଣ୍ଣ ଓ ସର୍ବାଙ୍ଗୀନ ଆଧ୍ୟାତ୍ମିକତା ହେଉଛି ଉଭୟ ପୁରୁଷ ଓ ପ୍ରକୃତି ମଧ୍ୟରେ ଭଗବାନଙ୍କୁ ଉପଲବ୍ଧି କରିବା । ‘‘ବ୍ରହ୍ମଭୂୟ’’ ବା ନୈଶବ୍ଦମୟ ଆତ୍ମା ମଧ୍ୟରେ ପ୍ରତିଷ୍ଠିତ ହେବା ଆମ୍ଭମାନଙ୍କର ସମଗ୍ର ଲକ୍ଷ୍ୟ ନୁହେଁ । ଏହା କେବଳ ଏକ ଭିତ୍ତି ବା ସୋପାନ ଯାହା ଆହୁରି ଏକ ମହତ୍ତର ଭାଗବତ ଜୀବନ (ମଦ୍‌ଭାବ) ଆଡ଼କୁ ନେଇ ଯାଇପାରେ ।

ନୈର୍ବ୍ୟକ୍ତିକ ସତ୍ତା ନୀରବ ନିଶ୍ଚଳ ହୋଇଥାଏ, ତେଣୁ ଆମ୍ଭମାନଙ୍କୁ ମଧ୍ୟ ଅଭ୍ୟନ୍ତରରେ ନୀରବ, ନିଶ୍ଚଳ ଓ ନୈର୍ବ୍ୟକ୍ତିକ ହେବାକୁ ପଡ଼ିବ । ଏହି ନିସ୍ତବ୍ଧ ଆତ୍ମାରେ ପ୍ରତିଷ୍ଠିତ ହେଲେ ଆମ୍ଭେମାନେ ଅନୁଭବ କରିବା ଯେ ଆମର ସକଳ କର୍ମ ପ୍ରକୃତିର ଗୁଣସମୂହ ଦ୍ୱାରା ସମ୍ପନ୍ନ ହେଉଛି, ନିଜ ଦ୍ୱାରା ନୁହେଁ । ଆମ୍ଭମାନଙ୍କର ବୁଦ୍ଧି, ସଂକଳ୍ପ ଓ ମାନସିକ ପ୍ରକୃତିକୁ ଭଗବାନଙ୍କଠାରେ ଉତ୍ସର୍ଗ କରିବାକୁ ହେବ । ସର୍ବତ୍ର ଆମକୁ ସମଭାବାପନ୍ନ ହେବାକୁ ପଡ଼ିବ । ଆମର ସକଳ କର୍ମ ଆଭ୍ୟନ୍ତରୀଣ ଭାବରେ ପ୍ରକୃତିର ଅଧୀଶ୍ୱରଙ୍କଠାରେ ଅର୍ଘ୍ୟ ରୂପେ ନିବେଦିତ ହେବା ଆବଶ୍ୟକ । ସକଳ ବ୍ୟକ୍ତିଗତ କର୍ମର ପ୍ରବର୍ତ୍ତନା (ସର୍ବାରମ୍ଭାଃ) ବର୍ଜନ କରିବାକୁ ହେବ । ଅର୍ଥାତ୍ ସକଳ କର୍ମ ଭଗବତ୍ ପ୍ରେରଣା ଓ ଭଗବାନଙ୍କ ନିର୍ଦ୍ଦେଶ କ୍ରମେହିଁ ସମ୍ପାଦିତ ହେବ ।

ଗୀତାର ଯୋଗରେ ଜ୍ଞାନଯୋଗ ଓ କର୍ମଯୋଗ ଅନ୍ତର୍ଭୁକ୍ତ ଅଟେ । ଗୀତାରେ କୁହାଯାଇଛି – ''ବାସୁଦେବଃ ସର୍ବମ୍'' । ଏହି ସର୍ବ ଭିତରେ ଭଗବାନଙ୍କର ଉଭୟ କ୍ଷର ଓ ଅକ୍ଷର ବିଭାବ ଅନ୍ତର୍ଭୁକ୍ତ ହୋଇଛି । ତାଙ୍କର ଅକ୍ଷର ଶାଶ୍ୱତ ସତ୍ତା ସୃଷ୍ଟିକୁ ଧାରଣ କରିଛି ଏବଂ କ୍ଷର ସତ୍ତା ଜଗତ୍ ମଧ୍ୟରେ ସକ୍ରିୟ ଭାବରେ କର୍ମରେ ବ୍ୟାପୃତ ରହିଛି । ଶାନ୍ତ ଓ ମୁକ୍ତ ଏକତ୍ୱ ଉପଲବ୍ଧି କରିବା ପାଇଁ ଆମକୁ ଆମର ଅହଂକୁ ବିସର୍ଜନ କରିବାକୁ ହେବ ଏବଂ ଆତ୍ମାର ନୈର୍ବ୍ୟକ୍ତିକତା ମଧ୍ୟରେ ପ୍ରତିଷ୍ଠିତ ହେବାକୁ ପଡ଼ିବ । ନୈର୍ବ୍ୟକ୍ତିକତା ମଧ୍ୟରେ କୌଣସି ସୀମା ଓ ଭେଦ ନଥାଏ । ଅହଂ ଭିତରେ ସୀମିତ ହୋଇ ରହିଥିବା ପର୍ଯ୍ୟନ୍ତ ଆମ୍ଭେମାନେ ଅନ୍ୟ ସମସ୍ତଙ୍କ ସହିତ ଏକାତ୍ମ ହୋଇ ପାରିବା ନାହିଁ କିଂବା ବିଶ୍ୱପୁରୁଷଙ୍କ ସକ୍ରିୟ ବିଶ୍ୱଲୀଳା ଓ ବହୁମୁଖୀ ସଂକଳ୍ପ ସହିତ ଏକ ହୋଇ ପାରିବା ନାହିଁ । ସୁତରାଂ ଅହଂର ଲୟ ଦ୍ୱାରା ନୈର୍ବ୍ୟକ୍ତିକ ଆତ୍ମା ହେବା – ଏହା ହେଉଛି ଯୋଗ ସାଧନାର ପ୍ରଥମ ସୋପାନ ।

ନୈର୍ବ୍ୟକ୍ତିକ ବ୍ରହ୍ମ ହେବା ସକାଶେ ବୁଦ୍ଧିଯୋଗର ପ୍ରୟୋଗ କରିବାକୁ ହେବ । ଅର୍ଥାତ୍ ଆମ୍ଭମାନଙ୍କର ବିଶୁଦ୍ଧିକୃତ ବୁଦ୍ଧି (Purified intelligence)କୁ ବିଶୁଦ୍ଧ ଅଧ୍ୟାତ୍ମ ସତ୍ତା ସହିତ ସଂଯୋଗ ସ୍ଥାପନ କରିବାକୁ ହେବ । ବୁଦ୍ଧି ବହିର୍ମୁଖୀ ଓ ନିମ୍ନମୁଖୀ ନହୋଇ ଅନ୍ତର୍ମୁଖୀ ଓ ଊର୍ଦ୍ଧ୍ୱମୁଖୀ ହେବା ଆବଶ୍ୟକ । ବୁଦ୍ଧି ସହିତ ବୋଧଶକ୍ତି ଓ ସଂକଳ୍ପ ଶକ୍ତି ସଂଯୁକ୍ତ ହୋଇଥିବା ଉଚିତ । ଫଳତଃ ବୁଦ୍ଧି ସତ୍ୟ ଓ ମିଥ୍ୟା, କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ଭିତରେ ଥିବା ପ୍ରଭେଦକୁ ବୁଝି ପାରୁଥିବ ତଥା ଦୃଢ଼ ସଂକଳ୍ପ ଶକ୍ତି ବଳରେ ଯାହା ସତ୍ୟ ଓ ଯଥାର୍ଥ ତାହାକୁହିଁ କାର୍ଯ୍ୟକାରୀ କରିପାରୁଥିବ । ବୁଦ୍ଧିର ଏହି ଆଧ୍ୟାତ୍ମିକ ପରିବର୍ତ୍ତନକୁ ଆମେ ଜ୍ଞାନଯୋଗର ସାରମର୍ମ ବୋଲି କହିପାରିବା । ବିଶୁଦ୍ଧ ବୁଦ୍ଧିର ସାହାଯ୍ୟରେ ଆମେ ଆମର ସମସ୍ତ ଗତିବୃତ୍ତିକୁ ସଂଯତ କରିପାରିବା (ଆତ୍ମାନଂ ନିୟମ୍ୟ) । ଭଗବାନଙ୍କ ସହିତ ନିରନ୍ତର ଓ ଅବିଚଳ ସମ୍ପର୍କ ସ୍ଥାପନ କରିପାରିଲେ ଆମର ବିଶୁଦ୍ଧ ବୁଦ୍ଧି ନିମ୍ନତର ପ୍ରକୃତିର ବାସନାଗୁଡ଼ିକ ପ୍ରତି ଆସକ୍ତିରୁ ଆମକୁ ମୁକ୍ତ କରିପାରିବ । ଏଥିପାଇଁ ଅଶେଷ ଧୈର୍ଯ୍ୟ ଆବଶ୍ୟକ । ଏହି ବିଷୟକୁ ଗୀତାରେ ନିମ୍ନମତେ ପ୍ରକାଶ କରାଯାଇଛି –

''ବୁଦ୍ଧ୍ୟା ବିଶୁଦ୍ଧୟା ଯୁକ୍ତୋ ଧୃତ୍ୟାତ୍ମାନଂ ନିୟମ୍ୟ ଚ ।''
(୧୮/୫୧)

ଆମ୍ଭମାନଙ୍କର ମନ, ବାକ୍ୟ ଓ ଶରୀରକୁ ସଂଯତ କରି ରଖିବାକୁ ହେବ । କ୍ଷୁଧା ଓ ତୃଷା, ଶୈତ୍ୟ ଓ ଉଷ୍ଣତାର ଅନୁଭୂତି ତଥା ଶାରୀରିକ ସୁଖ ଓ ଦୁଃଖ ପ୍ରଭୃତି ପ୍ରାଣଗତ ଓ ଶରୀରଗତ ପ୍ରତିକ୍ରିୟା ଉପରେ କର୍ତ୍ତୃତ୍ୱ ସ୍ଥାପନ କରିବା ଏକାନ୍ତ ଆବଶ୍ୟକ । ଆମ୍ଭମାନଙ୍କର ସମଗ୍ର ସତ୍ତା କୌଣସି ବାହ୍ୟ ସ୍ପର୍ଶ ଓ ସଂଘାତ ଦ୍ୱାରା ଆଦୌ ପ୍ରଭାବିତ ହେବ ନାହିଁ । ସକଳ ପ୍ରକାର ଆଚରଣରେ ଆମେ ସମଭାବାପନ୍ନ ହୋଇ ରହିବା । ବାହ୍ୟ ବା ଆନ୍ତର କୌଣସି ଦିଗରୁ ଆମେ ବିଚଳିତ ବା ପ୍ରତିକ୍ରିୟାଶୀଳ ହେବା ନାହିଁ । ସାଧନାର ଏହି ବଳିଷ୍ଠ ଓ ମହତ୍ତ୍ୱପୂର୍ଣ୍ଣ ଦିଗ ବିଷୟରେ ଶ୍ରୀଅରବିନ୍ଦ ମନ୍ତବ୍ୟ ଦେଇ କହନ୍ତି –

"This is the most direct and powerful method, the straight and sharp way of Yoga."

(Essays on the Gita, Page. 533)

ଅର୍ଥାତ୍, ''ଏହାହିଁ ସର୍ବାପେକ୍ଷା ପ୍ରତ୍ୟକ୍ଷ ଓ ଶକ୍ତିଶାଳୀ ପ୍ରଣାଳୀ ତଥା ଯୋଗର ସରଳ ଓ ସୁନିର୍ଦ୍ଦିଷ୍ଟ ପଥ ।'' ଏହି ପଥରେ ସଫଳତା ଲାଗି କାମନା-ବାସନା ଓ ଆସକ୍ତିର ବର୍ଜନ ନିହାତି ଆବଶ୍ୟକ । ଏହାହିଁ ପ୍ରକୃତ ବୈରାଗ୍ୟ ।

ଭଗବାନ୍ ଶ୍ରୀକୃଷ୍ଣ ପୁଣି କହୁଛନ୍ତି ଯେ ସାଧକକୁ ''ବିବିକ୍ତସେବୀ'' ହେବାକୁ ପଡ଼ିବ, ଅର୍ଥାତ୍ ନୈର୍ବ୍ୟକ୍ତିକ ନିଃସଙ୍ଗତା ଅବଲମ୍ବନ କରିବାକୁ ହେବ । ତାହାକୁ ଧ୍ୟାନ ସାହାଯ୍ୟରେ ସର୍ବଦା ଅନ୍ତରତମ ଆତ୍ମା ସହିତ ସଂଯୁକ୍ତ ହୋଇ ରହିବାକୁ ହେବ । କିନ୍ତୁ ଯାବତୀୟ ଜଞ୍ଜାଳ ପ୍ରତି ବିମୁଖ ହୋଇ ଅହଂସର୍ବସ୍ୱ ଭାବେ ସେ ନିଜକୁ ଅନ୍ୟମାନଙ୍କଠାରୁ ପୃଥକ୍

କରିନେବ ନାହିଁ । ବରଂ ତା'ର ସାଧନାର ମୁଖ୍ୟ ଉଦ୍ଦେଶ୍ୟ ହେବ ସକଳ ପ୍ରକାର ଅହଂରୁ ମୁକ୍ତ ହେବା । ସେ ହେବ 'ନିର୍ମମ', ଅର୍ଥାତ୍, ''ମୁଁ'' ଏବଂ ''ମୋର'' ଏହି ସୀମିତ ଭାବ ତା'ର ରହିବ ନାହିଁ । ଅହଂକାର ରାଜସିକ ହେଉ କି ସାତ୍ତ୍ୱିକ – ଏହା ସର୍ବଦା ସାଧନାରେ ପ୍ରତିବନ୍ଧକ ହୋଇଥାଏ । ସାଧକକୁ ବଳ, ଦର୍ପ, କାମ, କ୍ରୋଧ, ପରିଗ୍ରହ ଆଦି ସମସ୍ତ ପ୍ରକାର ପ୍ରତିକୂଳ ବସ୍ତୁକୁ ତ୍ୟାଗ କରିବାକୁ ହେବ । ଅଭିନ୍ନ ନୈର୍ବ୍ୟକ୍ତିକତା ମଧ୍ୟରେ ବାସ କରିବା ଦ୍ୱାରା ତଥା ସକଳ ବିଷୟର ବନ୍ଧନରୁ ମୁକ୍ତ ରହିବା ଦ୍ୱାରା ସାଧକର ଅନ୍ତର-ନିବାସୀ ଆତ୍ମା ଅକ୍ଷର ବ୍ରହ୍ମଙ୍କ ସହିତ ଏକତ୍ୱ ଲାଭ କରିପାରିବ ।

ଇନ୍ଦ୍ରିୟସମୂହର ବିଷୟାସକ୍ତି ତ୍ୟାଗ କରିବାକୁ ହେବ । କିନ୍ତୁ ଇନ୍ଦ୍ରିୟଗୁଡ଼ିକର ନିଜସ୍ୱ ପ୍ରୟୋଜନୀୟ କ୍ରିୟାକୁ ପ୍ରତ୍ୟାଖ୍ୟାନ କରାଯିବ ନାହିଁ । କେବଳ ଇନ୍ଦ୍ରିୟଜନିତ ସକଳ ରସ ବା ଭୋଗାସକ୍ତିକୁ ତ୍ୟାଗ କରିବାକୁ ହେବ । ମନୁଷ୍ୟ ନିଷ୍କ୍ରିୟ ହୋଇ ରହିବ ନାହିଁ, ସେ ଚତୁଃପାର୍ଶ୍ୱସ୍ଥ ବସ୍ତୁରାଜି ମଧ୍ୟରେ ଚଳପ୍ରଚଳ କରୁଥିବ ଅଥଚ କୌଣସି ବିଷୟ ପ୍ରତି ଆସକ୍ତ ହେବ ନାହିଁ । ଇନ୍ଦ୍ରିୟଗୁଡ଼ିକର ଶୁଦ୍ଧ କ୍ରିୟା ସାହାଯ୍ୟରେ କର୍ମ କରିବାକୁ ହେବ । ଏହି କର୍ମରେ ବାସନା ଚରିତାର୍ଥର ଉଦ୍ଦେଶ୍ୟ ରହିବ ନାହିଁ । କେବଳ ଦିବ୍ୟ କର୍ମର ପ୍ରୟୋଜନ ଦୃଷ୍ଟିରୁ ଇନ୍ଦ୍ରିୟଗୁଡ଼ିକ କ୍ରିୟାଶୀଳ ହେବେ । ଅସଲ ବୈରାଗ୍ୟରେ ଜୀବନ ପ୍ରତି ବିତୃଷ୍ଣା ନଥାଏ, ସାଂସାରିକ କର୍ମ ପ୍ରତି କୌଣସି ବିରାଗ ଭାବ ନଥାଏ । କିନ୍ତୁ ଏହାର ଉଦ୍ଦେଶ୍ୟ ହୋଇଥାଏ ରାଗ-ଦ୍ୱେଷର ମୂଳ ଭାବକୁହିଁ ବର୍ଜନ କରିବା । ମନ ଓ ପ୍ରାଣର ସକଳ ଅନୁରାଗ ବର୍ଜନ କରିବାକୁ ହେବ । ତତ୍ ସଙ୍ଗେ ମନ ଓ ପ୍ରାଣର ସକଳ ବିରାଗ ମଧ୍ୟ ପ୍ରତ୍ୟାହାର କରି ନେବାକୁ ହେବ । ଏପରି ସାଧନାର ଲକ୍ଷ୍ୟ ନିର୍ବାଣ ନୁହେଁ, ମାତ୍ର କର୍ମକ୍ଷମ ସମଦର୍ଶିତାରେ ଆତ୍ମାକୁ ପ୍ରତିଷ୍ଠା କରିବା ହେଉଛି ଏହାର ଉଦ୍ଦେଶ୍ୟ । ଏହି ସାଧନାର ଫଳସ୍ୱରୂପ ସାଧକ ସକଳ ବିଷୟରେ ପୂର୍ଣ୍ଣାଙ୍ଗ ଓ ବ୍ୟାପକ ଦୃଷ୍ଟି ଲାଭ କରେ, ତା'ର ପ୍ରକୃତି କ୍ଷେତ୍ରରେ ପୂର୍ଣ୍ଣାଙ୍ଗ ଦିବ୍ୟକର୍ମ ସମ୍ଭବ ହୁଏ । ଗୀତାରେ କୁହାଯାଇଛି – ''ଧ୍ୟାନଯୋଗପରୋ ନିତ୍ୟମ୍'' । ଅର୍ଥାତ୍, ସାଧକ ନିରନ୍ତର ଧ୍ୟାନଯୋଗ ପରାୟଣ ହୋଇଥାଏ । କିନ୍ତୁ ଶୁଦ୍ଧ ଧ୍ୟାନରତ ଜୀବନ ନିମନ୍ତେ କର୍ମମୟ ଜୀବନକୁ ସେ ପରିତ୍ୟାଗ କରେ ନାହିଁ । ଗୀତାରେ ବର୍ଣ୍ଣିତ 'ତ୍ୟାଗ'ର ପ୍ରକୃତ ଅର୍ଥ ବୁଝାଇବାକୁ ଯାଇ ଶ୍ରୀଅରବିନ୍ଦ କହନ୍ତି –

"But in the Gita's path of Tyaga it is a preparation rather for the turning of our whole life and existence and of all action into an integral oneness with the serene and immeasurable being, consciousness and will of the Divine, and it preludes and makes possible a vast and total passing upward of the soul out of the lower ego to the inexpressible perfection of the supreme spiritual nature, *para prakriti*."

(Essays on the Gita, Page. 535)

ଅର୍ଥାତ୍ ''କିନ୍ତୁ ଗୀତାର ତ୍ୟାଗ-ପନ୍ଥା ହେଲା ଆମ୍ଭମାନଙ୍କର ସମଗ୍ର ଜୀବନ ଏବଂ ସତ୍ତାକୁ ଏବଂ ସମସ୍ତ କାର୍ଯ୍ୟକଳାପକୁ ଭଗବାନଙ୍କର ପ୍ରଶାନ୍ତ ଅପରିମେୟ ସତ୍ତା ଓ ଚୈତନ୍ୟ ଓ ସଂକଳ୍ପ ସହିତ ସର୍ବତୋମୁଖୀ ଐକ୍ୟରେ ପରିଣତ କରିବା ପାଇଁ ପ୍ରସ୍ତୁତି । ଏହା ଜୀବ ପକ୍ଷରେ ନିମ୍ନତର ଅହଂମୟ ଅବସ୍ଥାରୁ ପରମା ଅଧ୍ୟାତ୍ମ ପ୍ରକୃତି, ପରାପ୍ରକୃତିର ଅନିର୍ବଚନୀୟ ପୂର୍ଣ୍ଣତା ମଧ୍ୟକୁ ବ୍ୟାପକ ଓ ସମଗ୍ର ଭାବରେ ଉତ୍ତୀର୍ଣ୍ଣ ହେବାର ପୂର୍ବସୂଚନା ଏବଂ ଏହା ତାହାର ସମ୍ଭାବନାର ସୂଚନା କରେ ।''

(ଗୀତା-ନିବନ୍ଧମାଳା, ପୃ. ୬୫୫)

ଗୀତାରେ ନୈର୍ବ୍ୟକ୍ତିକ ବ୍ରହ୍ମଙ୍କ ଉପଲବ୍ଧିକୁ ଶେଷ ଲକ୍ଷ୍ୟ ରୂପେ ଗ୍ରହଣ କରାଯାଇ ନାହିଁ । ଏଥିରେ ପରମ ଆତ୍ମା ବା ପୁରୁଷୋତ୍ତମଙ୍କ ଉପଲବ୍ଧିକୁ ନୈର୍ବ୍ୟକ୍ତିକ ବ୍ରହ୍ମଙ୍କ ଉପଲବ୍ଧି ଅପେକ୍ଷା ମହତ୍ତର ବୋଲି କୁହାଯାଇଛି । ପୁରୁଷୋତ୍ତମ ସଗୁଣ ଓ ନିର୍ଗୁଣ ଉଭୟର ଅତୀତ ଅଟନ୍ତି ଏବଂ ସେ ଉଭୟର ସମନ୍ୱୟ ମଧ୍ୟ କରନ୍ତି । ପୁରୁଷୋତ୍ତମଙ୍କୁ ଉପଲବ୍ଧି କଲେ ବ୍ୟକ୍ତି ଭିତରେ ଅହଂ ଓ ଗୁଣତ୍ରୟର ଅଜ୍ଞାନମୟ କ୍ରିୟା ଆଉ ରହେ ନାହିଁ, ତାହା ପରିବର୍ତ୍ତେ ଏକ ଅନନ୍ତ ଅଧ୍ୟାତ୍ମଶକ୍ତିର ସ୍ୱଚ୍ଛନ୍ଦ କ୍ରିୟା ତା' ଭିତରେ ସଂଘଟିତ ହୁଏ । ସାଧକ ଅନୁଭବ କରେ ଯେ ସକଳ ପ୍ରକୃତି ହେଉଛି ଏକ ଅଦ୍ୱିତୀୟ ଭଗବାନଙ୍କର ଶକ୍ତି ଏବଂ ସକଳ କର୍ମ ତା'ର ବ୍ୟଷ୍ଟିସତ୍ତା ମାଧ୍ୟମରେ ଦିବ୍ୟକର୍ମ ବା ଭଗବାନଙ୍କ କର୍ମରେ ପରିଣତ ହୋଇଛି । ସେତେବେଳେ ସେ ଆପଣାର ପ୍ରକୃତ ସ୍ୱରୂପର ସ୍ୱାଧୀନତା ଉପଭୋଗ କରେ ଏବଂ ଭଗବାନଙ୍କ ସହିତ ତାହାର ଚିରନ୍ତନ ସମ୍ବନ୍ଧର ମହିମା ହୃଦୟଙ୍ଗମ କରେ ।

ଆମ୍ଭେମାନେ ପରମେଶ୍ୱରଙ୍କ ଅବିନଶ୍ୱର ଅଂଶ, ପରା-ପ୍ରକୃତିର ଅବିନଶ୍ୱର ଶକ୍ତି । ସେଥିପାଇଁ ଗୀତାରେ କୁହାଯାଇଛି –

''ମମୈବାଂଶଂ ସନାତନଃ, ପରାପ୍ରକୃତିର୍ଜୀବଭୂତା'' । ଆମକୁ ପରମ ଆଧ୍ୟାତ୍ମିକ ନୈର୍ବ୍ୟକ୍ତିକତାରେ ନିଜକୁ ପୁରୁଷୋତ୍ତମଙ୍କ ସହିତ ଏକ ଓ ଅଭିନ୍ନ ରୂପେ ଅନୁଭବ କରିବାକୁ ହେବ । ଆମର ଜ୍ଞାନ, ସଂକଳ୍ପ ଓ ଶକ୍ତି ପୁରୁଷୋତ୍ତମ ଭଗବାନଙ୍କର ଏକ ଏକ ଅଂଶ । ନୈର୍ବ୍ୟକ୍ତିକ ବ୍ରହ୍ମଙ୍କ ଉପଲବ୍ଧି ତଥା ପୁରୁଷୋତ୍ତମଙ୍କ ଉପଲବ୍ଧି – ଏହି ଉଭୟର ଅବଲମ୍ବନରେ ମନୁଷ୍ୟ ଏକ ଉଚ୍ଚତର ଦିବ୍ୟ ଜୀବନ ବଞ୍ଚିପାରିବ । ସେ ହେବ ସମ୍ପୂର୍ଣ୍ଣ ମୁକ୍ତ । ସର୍ବଭୂତଙ୍କ ସହିତ ସେ ଐକ୍ୟ ଉପଲବ୍ଧି କରିବ । ଏହି ଐକ୍ୟମୂଳକ ଉପଲବ୍ଧିରେ ମଧ୍ୟ ଉପାସନା, ପ୍ରେମ ଓ ଭକ୍ତି ସମ୍ଭବପର । ଭଗବାନଙ୍କ ଏକତ୍ୱ ଓ ବହୁତ୍ୱ ଏ ଉଭୟକୁ ଏକ ସଙ୍ଗେ ଉପଲବ୍ଧି କଲେ ପୂର୍ଣ୍ଣଜ୍ଞାନ ଲାଭ ହୋଇଥାଏ । ଶ୍ରୀଅରବିନ୍ଦ କହନ୍ତି – "The One who eternally becomes the Many, the Many who in their apparent division are still eternally one, the Highest who displays in us this secret and mystery of existence, not dispersed by his multiplicity, not limited by his oneness, – this is the integral knowledge, this is the reconciling experience which makes one capable of liberated action, '*muktasya karma*'."

(Essays on the Gita, Page. 536)

ଅର୍ଥାତ୍, ''ଏକ ଅଦ୍ୱିତୀୟ ଭଗବାନ୍ ଅନନ୍ତ କାଳ ଧରି ବହୁ ହୋଇଛନ୍ତି; ସେହି ବହୁ ମଧ୍ୟ ସେମାନଙ୍କର ଦୃଶ୍ୟତଃ ବିଭେଦ ମଧ୍ୟରେ ଚିରକାଳ ଏକ; ପରମ ପୁରୁଷ ଆମ୍ଭମାନଙ୍କ ମଧ୍ୟରେ ଜଗତର ନିଗୂଢ଼ ରହସ୍ୟ ଓ ତତ୍ତ୍ୱ ପ୍ରକାଶ କରୁଛନ୍ତି ଏବଂ ସେ ତାଙ୍କର ବହୁତ୍ୱ ଦ୍ୱାରା ବିକ୍ଷିପ୍ତ ହୁଅନ୍ତି ନାହିଁ ଓ ତାଙ୍କର ଏକତ୍ୱ ଦ୍ୱାରା ସୀମିତ ହୁଅନ୍ତି ନାହିଁ, – ଏହାହିଁ ପୂର୍ଣ୍ଣଜ୍ଞାନ, ଏହାହିଁ ସମନ୍ୱୟକାରୀ ଉପଲବ୍ଧି, ଏହାହିଁ ମୁକ୍ତ କର୍ମ (ମୁକ୍ତସ୍ୟ କର୍ମ) ସମ୍ପାଦନ ନିମିତ୍ତ ମନୁଷ୍ୟକୁ ସମର୍ଥ କରେ ।''

ଗୀତାର ବକ୍ତବ୍ୟ ଅନୁସାରେ ଜ୍ଞାନ ହେଉଛି ପରମ ଭକ୍ତିର ପରିଣାମ । ଭକ୍ତି ଦ୍ୱାରା ଜ୍ଞାନ ପୂର୍ଣ୍ଣତା ଲାଭ କରେ । ଯେତେବେଳେ ମନୁଷ୍ୟର ମନ ନିଜର ସୀମା ଅତିକ୍ରମ କରି ପରମପୁରୁଷ ପୁରୁଷୋତ୍ତମଙ୍କୁ ଉପଲବ୍ଧି କରେ, ଯେତେବେଳେ ତାଙ୍କ ପ୍ରତି ତାହାର ହୃଦୟରେ ପ୍ରେମ, ଶ୍ରଦ୍ଧା ଓ ଭକ୍ତି ପୂର୍ଣ୍ଣତା ଲାଭ କରେ ସେତେବେଳେ ସେ ଅବିଚଳିତ ଦିବ୍ୟାନନ୍ଦ ଓ ଆଧ୍ୟାତ୍ମିକ ଆନନ୍ଦର ଅଧିକାରୀ ହୁଏ । ଭକ୍ତ ବା ସାଧକ ଗଭୀର ଓ ପରମ ଭକ୍ତି ଦ୍ୱାରା ପୁରୁଷୋତ୍ତମ ପରମେଶ୍ୱରଙ୍କୁ ଜାଣିପାରେ । ତେଣୁ ଶ୍ରୀକୃଷ୍ଣ କହୁଛନ୍ତି – ''ଭକ୍ତ୍ୟା ମାମଭିଜାନାତି'' ।

ପୂର୍ଣ୍ଣଜ୍ଞାନ ଲାଭ କରିବାକୁ ହେଲେ ସାଧକକୁ ନିଜ ହୃଦୟର ଅତଳ ଗର୍ଭରେ ପ୍ରବେଶ କରିବାକୁ ହେବ – ଭଗବାନଙ୍କୁ ସମଗ୍ର ରୂପରେ ଓ ତତ୍ତ୍ୱତଃ ଜାଣିବା ଆବଶ୍ୟକ । ଗୀତାରେ ଭଗବାନ୍ କହୁଛନ୍ତି – ''ସମଗ୍ରଂ ମାଂ ଜ୍ଞାତ୍ୱା'' (ମୋତେ ସମଗ୍ର ରୂପରେ ଜାଣି) ଏବଂ ''ଯାବାନ୍ ଯଶ୍ଚାସ୍ମି ତତ୍ତ୍ୱତଃ'' (ମୁଁ ଯେତେ ଓ ଯିଏ ଏ କଥାକୁ ତତ୍ତ୍ୱତଃ ସେ ଜାଣିଥାଏ) । ଅନ୍ତର ମଧ୍ୟରେ ଅଧିଷ୍ଠିତ ଭଗବାନଙ୍କୁ ସମ୍ପୂର୍ଣ୍ଣ ରୂପେ ଉପଲବ୍ଧି କଲେ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହେବ । ଏହି ଜ୍ଞାନର ବିବିଧ ରୂପ ରହିଛି । ଭଗବାନଙ୍କୁ ଆମେ ଆମ ଜୀବନର ପରମସତ୍ତା ରୂପେ, ଆମର ସକଳ କର୍ମର ଅଧୀଶ୍ୱର ରୂପେ, ଅନ୍ତରାତ୍ମାର ସକଳ ପ୍ରେମ ଓ ଆନନ୍ଦର ଉତ୍ସ ରୂପେ ଏବଂ ଚିର ଉପାସ୍ୟ ଦିବ୍ୟ ପ୍ରେମିକ ରୂପେ ଜାଣି ପାରିବା । ଏହି ସମ୍ପୂର୍ଣ୍ଣ ଜ୍ଞାନ ମଧ୍ୟରେ ରହିଛି ବିଶ୍ୱବ୍ୟାପୀ ଭଗବାନଙ୍କର ଜ୍ଞାନ ତଥା ବିଶ୍ୱାତୀତ ଭଗବାନଙ୍କ ଜ୍ଞାନ । ମୁକ୍ତ ପୁରୁଷଙ୍କର ଅନ୍ତରାତ୍ମା ଯୁଗପତ୍ ବିଶ୍ୱାତୀତ ଭଗବାନ୍, ବ୍ୟଷ୍ଟିଗତ ଭଗବାନ୍ ଓ ବିଶ୍ୱଗତ ଭଗବାନଙ୍କ ପ୍ରତି ପୂର୍ଣ୍ଣତମ ପ୍ରେମ ଦ୍ୱାରା ପୁରୁଷୋତ୍ତମଙ୍କୁ ଉପଲବ୍ଧି କରେ । ସେ ପୁରୁଷୋତ୍ତମଙ୍କ ଭିତରେ ନିଜର ଅସ୍ତିତ୍ୱକୁ ଦର୍ଶନ କରେ ଏବଂ ତାଙ୍କ ମଧ୍ୟରେ ପ୍ରବେଶ କରେ (ମାଂ ବିଶତେ ତଦନନ୍ତରମ୍) । ସେ ଭଗବାନଙ୍କ ଅବ୍ୟୟ ଓ ଶାଶ୍ୱତ ପଦରେ ବାସ କରେ । ପରମ ଭକ୍ତି ଓ ପରମ ଜ୍ଞାନର ପରାକାଷ୍ଠା ଦ୍ୱାରା ଏହା ସମ୍ଭବ ହୁଏ ।

ଉପର ବର୍ଣ୍ଣିତ ଉଚ୍ଚତର ଆଧ୍ୟାତ୍ମିକ ସ୍ଥିତିରେ ଉପନୀତ ହେବା ନିମନ୍ତେ କର୍ମ ଏକ ଶକ୍ତିଶାଳୀ ସାଧନ ପ୍ରଣାଳୀ ଅଟେ । ଏହାକୁ ପ୍ରକାଶ କରିବା ପାଇଁ ଭଗବାନ୍ ଶ୍ରୀକୃଷ୍ଣ ଏକ ଉତ୍କୃଷ୍ଟ ବାଣୀ ପ୍ରଦାନ କରିଛନ୍ତି –

''ସର୍ବକର୍ମାଣ୍ୟପି ସଦା କୁର୍ବାଣୋ ମଦ୍‌ବ୍ୟପାଶ୍ରୟଃ ।
ମତ୍‌ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ ॥
(୧୮/୫୬)

ଅର୍ଥାତ୍, ''ମୋର ଆଶ୍ରିତ ଭକ୍ତ ସର୍ବଦା ସବୁ କର୍ମ କରି ମଧ୍ୟ ମୋ' କୃପାରୁ ଶାଶ୍ୱତ ଅବିନାଶୀ ପଦ ପ୍ରାପ୍ତ ହୁଏ ।''

ସୁତରାଂ ଏକ ଯଥାର୍ଥ କର୍ମଯୋଗକୁ ଅବଲମ୍ବନ କରିବା ଆବଶ୍ୟକ । ପ୍ରଥମେ କର୍ମ କରିବାକୁ ହେବ ଉତ୍ସର୍ଗ ରୂପେ,

ନିବେଦନ ରୂପେ । କର୍ମରେ କର୍ତ୍ତାଭାବ ପରିତ୍ୟାଗ କରିବାକୁ ହେବ । ପ୍ରକୃତିହିଁ ଯେ ପ୍ରଧାନ କର୍ତ୍ତା ଏହି ଅନୁଭବ ଆସିବ । ପରିଶେଷରେ ଜଣା ପଡ଼ିବ ଯେ ପ୍ରକୃତି ଭଗବାନଙ୍କର ପରାଶକ୍ତି ଅଟେ । ଏଣୁ ସମସ୍ତ କର୍ମ ଭଗବାନଙ୍କଠାରେ ସମର୍ପଣ କରିବାକୁ ହେବ । ଆମର ସକଳ କର୍ମର ପ୍ରବର୍ତ୍ତନା ଆମ ଅନ୍ତରାତ୍ମାରୁହିଁ ଉତ୍ସାରିତ ହେବ । ଆମେ ଭଗବାନଙ୍କର ଏକ ମାଧ୍ୟମ ବା ଯନ୍ତ୍ର ରୂପେ ସକଳ କର୍ମ ସମ୍ପାଦନ କରିବା । ଏକ ବିଶ୍ୱାତୀତ ଶକ୍ତି ଦ୍ୱାରା ପରିଚାଳିତ ହୋଇ ଏକ ବିଶ୍ୱଜନୀନ କର୍ମର ଅଂଶ ରୂପେ ଆମର କର୍ମଗୁଡ଼ିକ ସମ୍ପାଦିତ ହେବ । ପୁରୁଷୋତ୍ତମଙ୍କ ନିମିତ୍ତହିଁ ସମସ୍ତ କର୍ମ କରାଯିବ । ଏପରି କର୍ମ କଦାପି ବନ୍ଧନ ସୃଷ୍ଟି କରେ ନାହିଁ । ଏହା ଦ୍ୱାରା ଆମେ ତ୍ରିଗୁଣାତ୍ମିକା ପ୍ରକୃତିର ଅଧୀନତାରୁ ମୁକ୍ତ ହୋଇ ପରମା ଦିବ୍ୟପ୍ରକୃତି ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇ ଯାଇପାରିବା ।

ଶ୍ରୀଅରବିନ୍ଦ କହନ୍ତି ଯେ ଆମର ସକଳ ଧର୍ମ, ଆଚରଣର ମାନଦଣ୍ଡ (Standards) ଓ ନୀତିନିୟମ ଆଦି ହେଉଛି ଅହଂକୈନ୍ଦ୍ରିକ । ସେଗୁଡ଼ିକ ତ୍ରିଗୁଣ ଦ୍ୱାରା ପରିଚାଳିତ ହୁଏ । ପ୍ରକୃତ ଓ ସତ୍ୟମୟ ମାନଦଣ୍ଡ ଏବଂ ବିଧାନ ହେଉଛି ପରମାତ୍ମାଙ୍କ କୃତି, ଏହା ମନୁଷ୍ୟକୃତ ନୁହେଁ । ସକଳ ବିମିଶ୍ର ଓ ସୀମିତ ଧର୍ମ (Mixed and limited standards) ସମୂହରୁ ବିମୁକ୍ତ ହେବା ଦ୍ୱାରା ଆମ୍ଭେମାନେ ଅମୃତ ଧର୍ମ (Immortal Dharma) ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇପାରିବା । ଏହି ସ୍ଥିତିରେ ପହଞ୍ଚିଲେ ଆମ୍ଭମାନଙ୍କର ସକଳ ଚେତନା ଓ କର୍ମଧାରାରେ ଆମ୍ଭେମାନେ ପୁରୁଷୋତ୍ତମଙ୍କ ସହିତ ନିଜର ଏକତ୍ୱ ସ୍ଥାପନ କରିପାରିବା ।

(କ୍ରମଶଃ)

❑❑❑

**ଭଗବାନଙ୍କ ଇଚ୍ଛାକୁ ଜାଣିବା**

ଭଗବାନଙ୍କ ଇଚ୍ଛାକୁ ଜାଣିବାର ଚାରିଟି ସର୍ତ୍ତ ରହିଛି । ପ୍ରଥମ ମୂଳ ସର୍ତ୍ତଟି ହେଉଛି ପରିପୂର୍ଣ୍ଣ ଆନ୍ତରିକତା । ଦ୍ୱିତୀୟଟି ହେଉଛି : ନିଜର କାମନା-ବାସନା ଓ ଅଭିରୁଚିକୁ ଅତିକ୍ରମ କରିବା । ତୃତୀୟଟି ହେଉଛି : ମନକୁ ନୀରବ କରି ଶୁଣିବା । ଚତୁର୍ଥଟି ହେଉଛି : ଭଗବାନଙ୍କ ଆଦେଶ ପାଇବା ମାତ୍ରେ ତତ୍‌କ୍ଷଣାତ୍ ତାକୁ ପାଳନ କରିବା ।

ତୁମେ ଯଦି ଏଥିରେ ଲାଗି ରହିବ ତେବେ ଭଗବତ୍ ଇଚ୍ଛାକୁ ଅଧିକରୁ ଅଧିକ ସ୍ୱଷ୍ଟ ଭାବରେ ଜାଣି ପାରିବ । କିନ୍ତୁ ଏପରିକି ଭଗବାନଙ୍କ ଇଚ୍ଛା କ'ଣ ତାହା ଜାଣିବା ପୂର୍ବରୁ ତୁମେ ତୁମ ନିଜ ଇଚ୍ଛାକୁ ତାଙ୍କ ନିକଟରେ ସମର୍ପଣ କରିପାର । ତା'ହେଲେ ତୁମେ ଦେଖିବ ଯେ ସବୁକିଛି ପରିସ୍ଥିତି ଏପରି ବ୍ୟବସ୍ଥିତ ହୋଇଯିବ ଯେ ତୁମ ଦ୍ୱାରା କେବଳ ଯଥାର୍ଥ କଥାଟି କରାଇ ନେବ । କିନ୍ତୁ ତୁମେ ସେହି ବ୍ୟକ୍ତି ଭଳି ଯେପରି ନ ହୁଅ, ଯାହାଙ୍କୁ ମୁଁ କହିବାର ଜାଣିଛି, ''ମୁଁ ସବୁବେଳେ ଅନ୍ୟମାନଙ୍କଠାରେ ଭଗବାନଙ୍କ ଇଚ୍ଛା ଦେଖିପାରେ ।'' ତାହା ତୁମକୁ ଯେଉଁଠି ଇଚ୍ଛା ସେଠି ନେଇ ପହଞ୍ଚାଇ ଦେଇପାରେ । ତାହାଠାରୁ ଆଉ ଅଧିକ ବିପଜ୍ଜନକ କଥା କିଛି ନାହିଁ । ତୁମେ ଯଦି କୁହ ଯେ ତୁମେ ଅନ୍ୟମାନଙ୍କ ମଧ୍ୟରେ ଭଗବାନଙ୍କ ଇଚ୍ଛା ଦେଖିପାରୁଛ, ତା'ହେଲେ ନିଶ୍ଚିତ ରୂପେ ତୁମେ ଭଗବାନଙ୍କ ଇଚ୍ଛା ପରିବର୍ତ୍ତେ ସେମାନଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବ । ସେ କ୍ଷେତ୍ରରେ ଆମେ ମଧ୍ୟ କହିପାରୁ ଯେ ଅଗଣିତ ବ୍ୟକ୍ତିମାନଙ୍କ ମଧ୍ୟରେ ଜଣେ ବି ଭଗବାନଙ୍କ ଇଚ୍ଛା ଅନୁସାରେ କାର୍ଯ୍ୟ କରେ ନାହିଁ ।

ତୁମେ ସେହି କ୍ରୋଧପ୍ରବଣ ହସ୍ତୀ, ତା'ର ମାହୁନ୍ତ ଓ ହସ୍ତୀକୁ ବାଟ ଛାଡୁ ନ ଥିବା ବ୍ୟକ୍ତିଟିର କାହାଣୀ ଜାଣିଥିବ । ରାସ୍ତା ମଝିରେ ଛିଡ଼ା ହୋଇ ଲୋକଟି ମାହୁନ୍ତକୁ କହିଲା, ''ମୋ ମଧ୍ୟରେ ଭଗବାନଙ୍କ ଇଚ୍ଛା କାର୍ଯ୍ୟ କରୁଛି ଏବଂ ସେହି ଭଗବାନଙ୍କ ଇଚ୍ଛା ମୋତେ କହୁଛି ନ ଘୁଞ୍ଚିବା ଲାଗି ।'' ମାହୁନ୍ତଟି ଟିକିଏ ବୁଦ୍ଧିମାନ୍ ଥିଲା ଓ କହିଲା, ''କିନ୍ତୁ ହସ୍ତୀ ମଧ୍ୟସ୍ଥ ଭଗବାନଙ୍କ ଇଚ୍ଛା ଚାହେଁ ତୁମେ ଘୁଞ୍ଚିଯାଅ ବୋଲି ।''

**– ଶ୍ରୀମା**

# ଜୀବନକୁ ଗଠନ କର

## ମାଧବ ପଣ୍ଡିତ

ଖାଲି ତିଷ୍ଠି ରହିବା ସଂସାରରେ ଗୋଟିଏ କଥା ଓ ଜୀବନକୁ ବଞ୍ଚିବା ଆଉ ଗୋଟିଏ କଥା । ଅଧିକାଂଶ ଲୋକ ତିଷ୍ଠି ରହିବା ଅପେକ୍ଷା ବେଶୀ କିଛି ଜାଣି ନାହାନ୍ତି – ସେମାନେ ଜନ୍ମ ହୁଅନ୍ତି, ବଡ଼ ବି ହୁଅନ୍ତି ଏବଂ ଶେଷରେ ସମୟ ଓ ଘଟଣାର ଚକରେ ପେଷି ହୋଇ ଅନ୍ତକୁ ପ୍ରାପ୍ତ ହୁଅନ୍ତି । ସେମାନଙ୍କୁ ଜୀବ ମାତ୍ର ବୋଲି କୁହାଯିବ; ଜୀବନ କ୍ଷେତ୍ରରେ ସେମାନେ ଅଗ୍ରସର ହେବା ଦୂରେ ଥାଉ ଜୀବନହିଁ ସେମାନଙ୍କୁ ଟାଣି ନିଏ । ସେଥିରେ କିଛି ଲକ୍ଷ୍ୟ ନଥାଏ, କିଛି ଦିଗ୍‌ନିର୍ଦ୍ଦେଶ ନ ଥାଏ, କିଛି ପରିଣତି ବି ଆସେ ନାହିଁ । ସାର୍ଥକ ଭାବରେ ବଞ୍ଚିବାକୁ ହେଲେ, ଜୀବନ ଯେଉଁସବୁ ସୁଯୋଗ ଦେଇଛି ସେସବୁର ପୂରା ଉପଯୋଗିତା ହାସଲ କରିବାକୁ ହେଲେ, ଆଗକୁ ଏକ ପାଦ ବଢ଼ାଇବାକୁ ହେଲେ ବ୍ୟକ୍ତିକୁ ତା' ଆଗରେ ଏକ ଲକ୍ଷ୍ୟ, ଏକ ଆଭିମୁଖ୍ୟ ରଖିବାକୁ ହେବ । କିଛି ଲକ୍ଷ୍ୟ ସାଧନ କରିବାକୁ ନ ରହିଲେ, କିଛି ଦିଗ୍‌ଦର୍ଶନ ନ ରହିଲେ ଜୀବନ ହୋଇ ଉଠିବ ବାତବିକ୍ଷୁବ୍ଧ କୁଟାଖିଅଟିଏ ଭଳି, ଯାହା ପ୍ରତି ଘଟଣାରେ, ପ୍ରତିଟି ଅବସ୍ଥାରେ ଉଠୁଥିବ ପଡୁଥିବ; ସେଥିରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟଟିଏ ଯୋଡ଼ା ହେଲେ ଯାଇ ଜୀବନ ହୋଇ ଉଠିବ ଉଦ୍ଦେଶ୍ୟ-ସାଧନର ଉପାୟ-ସ୍ୱରୂପ ଏବଂ ତହିଁରେ ପ୍ରତି ପଦକ୍ଷେପ କିଛି ଅର୍ଥ ବହନ କରିବ ।

ଏଇ ଲକ୍ଷ୍ୟଟି ଯେତିକି ଉଚ୍ଚସ୍ତରର ହେବ, ଜୀବନର ମାନ ବି ସେତିକି ଉଚ୍ଚକୋଟୀର ହେବ । ବ୍ୟକ୍ତିର ଲକ୍ଷ୍ୟ ପ୍ରଶସ୍ତ, ଉନ୍ନତ ଓ ସ୍ୱାର୍ଥହୀନ ହେଲେ ତା' ଜୀବନ ଫଳଦାୟକ ହେବ – କେବଳ ତା' ନିଜ ପାଇଁ ନୁହେଁ ଅନ୍ୟମାନଙ୍କ ପାଇଁ ମଧ୍ୟ । ଜଣକର ଜୀବନଧାରା ଅନ୍ୟମାନଙ୍କ ଜୀବନଧାରା ଉପରେ କାର୍ଯ୍ୟ କରିବ, ସେମାନଙ୍କୁ ଉନ୍ନତ କରିବ, ସେମାନଙ୍କ ଆଗରେ ମହତ୍ତର ଉଦ୍ଦେଶ୍ୟ ଓ ଦିଗ୍‌ଦର୍ଶନ ନେଇ ଆସିବ ।

ଖାଲି ଯେ ଆଭିମୁଖ୍ୟଟି ରଖିଦେଲେ କାମ ସରିଗଲା – ତା' ନୁହେଁ, ତାକୁ ଅନୁସରଣ କରିବାକୁ ହେବ ଆନ୍ତରିକ ଭାବରେ ଓ ଅଧ୍ୟବସାୟ ସହିତ । ସମୁଦାୟ ଜୀବନକୁ ସେଇ ନିର୍ବାଚିତ ଆଭିମୁଖ୍ୟଟିର ଚାରିପଟେ ଗଠନ କରିବାକୁ ହେବ ଫଳପ୍ରସୂ କରିବା ଲାଗି – କହିବାକୁ ଗଲେ ପ୍ରତ୍ୟେକଟି କାର୍ଯ୍ୟ, ପ୍ରତ୍ୟେକଟି ଗତିବୃତ୍ତି ସେଇ ପରିଣତି ଅଭିମୁଖରେ ଆଗେଇବ । ସେଇ ଲକ୍ଷ୍ୟର ମୂଲ୍ୟ ଦେବାକୁ ଯେଉଁସବୁ କାର୍ଯ୍ୟକଳାପ ପରାଙ୍ମୁଖ ହେବ, ତାହାର ପୂର୍ତ୍ତିକୁ ବିଳମ୍ବିତ କରିବ, ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବ; ଯାହାକିଛି ତା'ର ମୂଲ୍ୟକୁ ସମ୍ମାନ ଦେଉଥିବ ବା ତାକୁ ସୁରକ୍ଷା ଦେଉଥିବ ସେସବୁକୁ ସାଦରେ ଗ୍ରହଣ କରିବ ।

ଯେଉଁ ଆଦର୍ଶକୁ ବାଛି ନେଇଛ, ତାକୁ କେନ୍ଦ୍ର କରି ଜୀବନର ପୂର୍ଣ୍ଣତା ଆଣିବା ଯଦି ତୁମର ଉଦ୍ଦେଶ୍ୟ ହୋଇଥାଏ, ତେବେ ସର୍ବ ପ୍ରଥମେ ତାହାର ବିଭିନ୍ନ ଉପାଦାନ – ଯାହା ତାକୁ ଗଢ଼ିଛି ଓ ପରିଚାଳିତ କରୁଛି, ସେଗୁଡ଼ିକ ବିଷୟରେ ସଜ୍ଞାନ ହେବାକୁ ପଡ଼ିବ । ମନୁଷ୍ୟର ସତ୍ତା ନାନା ଅଙ୍ଗର ସମାବେଶ, ସେଥିମଧ୍ୟରୁ ପ୍ରତିଟି ଅଙ୍ଗ ଯେପରି ସେଇ ଚେଷ୍ଟାରେ ଭାଗ ନିଅନ୍ତି । ସେଇ ଆଦର୍ଶଟିରେ ପ୍ରଥମେ ଆମ ସତ୍ତାର ମୁଖ୍ୟ ନେତାଙ୍କୁ ଅର୍ଥାତ୍ ମନକୁ ଆଗ୍ରହୀ କରାଯାଉ, ଅନ୍ୟସବୁ ଅଂଶ ବି ସେଥିରେ ସଂଯୁକ୍ତ ହେଉ । ତା' ନ ହେଲେ ସତ୍ତାରେ ବିଶୃଙ୍ଖଳା ଆସିବ, ନିଷ୍ଠା ରହିବ ନାହିଁ – ଯେପରି ଧରାଯାଉ ମନ ତାକୁ ପବିତ୍ର ସଂକଳ୍ପ ରୂପେ ଧରିଛି – ଅଥଚ ପ୍ରାଣମୟ ଓ ଶାରୀର ସତ୍ତା ତାକୁ ସେଇ ମାନ୍ୟ ଦେଉ ନାହାନ୍ତି ଏବଂ ନିଜ ନିଜର ସ୍ୱଭାବରେ ଧାଇଁଛନ୍ତି ଓ କାମନା ପୂରଣ କରୁଛନ୍ତି ।

ଆଦର୍ଶଟି ଯେପରି ହେଉ ନା କାହିଁକି, ତାକୁ ପୂରଣ କରିବାକୁ ହେଲେ ଜୀବନକୁ ତା' ଚାରିପାଖରେ ଗଢ଼ି ତୋଳିବାକୁ ହେବ । କିନ୍ତୁ ସେ ଆଦର୍ଶଟି ଯଦି ମନୁଷ୍ୟର ସର୍ବୋଚ୍ଚ ସମ୍ଭାବନାକୁ ଆକାର ଦେବାକୁ ଉଦ୍ଦିଷ୍ଟ ହୋଇଥାଏ – ଅର୍ଥାତ୍ ବ୍ୟକ୍ତିର ଯଥାର୍ଥ ସତ୍ୟର ଅନୁସନ୍ଧାନ କରୁଥାଏ କିଂବା ଜୀବନର ଅସଲ ଉଦ୍ଦେଶ୍ୟକୁ ଉପଲବ୍ଧି କରିବା ଭଳି କିଛି ହୋଇଥାଏ ତେବେ ସେ ଆଦର୍ଶକୁ ଘେରି ଜୀବନକୁ ସଂଗଠନ କରିବା ଖାଲି ଆବଶ୍ୟକ ନୁହେଁ, ବରଂ ଅତିମାତ୍ରାରେ ଅପରିହାର୍ଯ୍ୟ । ଆତ୍ମ-ଆବିଷ୍କରଣ ଓ ଆତ୍ମ-ପରିପୂର୍ଣ୍ଣତାର ଏଇ ପଥରେ ପ୍ରଥମ କରଣୀୟ ହେଉଛି – ନିଜ ବିଷୟରେ ସଚେତ ହେବା, ଆପଣାର ଅନ୍ତରତମ ପ୍ରକୋଷ୍ଠରେ ଯେକୌଣସି ପ୍ରକାରେ ପହଞ୍ଚିବାକୁ ହେବ ଓ ସେଇ ସତ୍ୟକୁ ପାଇବାକୁ ହେବ ଯାହା

ଗଭୀର ପ୍ରଦେଶରୁ ଜୀବନକୁ ଧାରଣ କରିଛି – ଅର୍ଥାତ୍ ଆପଣା ଆତ୍ମାକୁ, ଚୈତ୍ୟପୁରୁଷଙ୍କୁ ଲାଭ କରିବା । ମୂଳରୁ କହିବାକୁ ଗଲେ ଏହା ଏକ ଆନ୍ତର ଓ ଅଧ୍ୟାତ୍ମ-ଯାତ୍ରା ଏବଂ ଏହାର ପ୍ରଣାଳୀ ଯାହା ଆଜି ଯାଏଁ ଗୃହୀତ ହୋଇଛି, ସେଇଟି ହେଉଛି ମୁଖ୍ୟତଃ ଆନ୍ତର ମନକୁ ନେଇ ଯାତ୍ରା କରିବା । ଏକାଗ୍ରତା, ଧ୍ୟାନ-ଧାରଣା, ଭକ୍ତି, ଦିବ୍ୟପ୍ରଭୁଙ୍କ ନିକଟରେ ଆତ୍ମ-ସମର୍ପଣ, ଶାସ୍ତ୍ର ପୁରଶ୍ଚରଣ, ଗୁରୁ ବା ଅଧ୍ୟାତ୍ମ-ପୁରୁଷଙ୍କର ସହାୟତା ଆଦି ତହିଁର ଅଙ୍ଗବିଶେଷ । ଆମ ସାଧନାର ଧାରାରେ ଏକ ଅବିରାମ ଅଭୀପ୍ସା, ଏକ ଦୃଢ଼-ସଂକଳ୍ପ, ଅଧ୍ୟବସାୟ, ସେଇ ଏକହିଁ ବସ୍ତୁକୁ ଚାହିଁବାରେ ନିଷ୍ଠା, ଯାହା ତହିଁର ଉପଯୋଗୀ ଓ ସହାୟକ ସେପରି ବସ୍ତୁକୁ ଗ୍ରହଣ କରିବା ଓ ଯାହା ତା'ଠାରୁ ଦୂରେଇ ନିଏ ସେପରି ପ୍ରତିକୂଳ ବସ୍ତୁକୁ ପ୍ରତ୍ୟାଖ୍ୟାନ କରିବା ଆଦି ଆପଣାର ଚୈତ୍ୟକେନ୍ଦ୍ର ସହ ସଂପର୍କ ସ୍ଥାପନ କରିବା ଦିଗରେ ସହାୟକ ହୁଅନ୍ତି – ବିଳମ୍ବରେ ହେଉ ଅବା ଶୀଘ୍ର ହେଉ ନିଶ୍ଚିତ ଭାବରେ ଏହା ସଂଘଟିତ ହେବ; ପ୍ରଥମେ ତାହାର ପ୍ରଭାବରେ ଆସି ଅପ୍ରତ୍ୟକ୍ଷ ଭାବରେ ଓ ପରେ ତାହାର କ୍ରମ-ବର୍ଦ୍ଧିତ କ୍ରିୟାଶୀଳତା ପ୍ରତି ଉନ୍ମୁଖ ହେବା ଫଳରେ ପ୍ରତ୍ୟକ୍ଷ ଭାବରେ ଏହି ସଂପର୍କ ପ୍ରତିଷ୍ଠିତ ହେବ । ଆମେ ଜାଣୁ ଯେ ଏହି ଚୈତ୍ୟସତ୍ତା ଦିବ୍ୟ ପ୍ରଭୁଙ୍କର ଏକ ଅଂଶ ଯାହା ବ୍ୟକ୍ତି ଆଧାର ମଧ୍ୟରେ ତାଙ୍କ ପ୍ରକଳ୍ପକୁ କାର୍ଯ୍ୟ କରିବାରେ ତାଙ୍କର ପ୍ରତିନିଧିତ୍ୱ କରେ ଏବଂ ଯିଏ ଏଇ ଚୈତ୍ୟସତ୍ତାଙ୍କ ସହ ଯୋଗଯୁକ୍ତ ହୁଏ ସେ ଦିବ୍ୟସତ୍ୟର ଲୀଳାରେ ସକ୍ରିୟ ଭାବରେ ଅଂଶୀଦାର ହୁଏ ।

କିନ୍ତୁ ଲକ୍ଷ୍ୟର ଏହା ଅନ୍ତିମ ପର୍ବ ନୁହେଁ, ଏଇଠାରେ ତାହା ଯଥାର୍ଥରେ ଭିତ୍ତି ସ୍ଥାପନ କରେ – ଜୀବନ କେନ୍ଦ୍ରର ସନ୍ଧାନ ଏଠାରେ ମିଳେ । ବର୍ତ୍ତମାନ ଯାହା ରହିଲା ତାହା ହେଉଛି ଏଇ ସତ୍ୟର ଭିତ୍ତି ଉପରେ ଜୀବନ-ସୌଧକୁ ଗଢ଼ିବା – ସାଧକ ଜୀବନକୁ ଏଇ ସତ୍ୟ ଅନୁଯାୟୀ ବିକଶିତ କରାଇବା । ଏଇ ପ୍ରକ୍ରିୟାରେ ଆମ ସତ୍ତାର ଭିନ୍ନ ଭିନ୍ନ ଅଂଶକୁ ହାତକୁ ନେବାକୁ, ସେଗୁଡ଼ିକ ମଧ୍ୟରେ ସତ୍ୟର ମୌଳିକ ଆକାର ଓ ନୂଆ ରୂପ ନେଇ ଆସିବାକୁ ହେବ, ଫଳରେ ଯାହା ତା'ର ଅଭିପ୍ରାୟ ତାହାକୁ ଅଭିବ୍ୟକ୍ତ କରିବାକୁ ସେଗୁଡ଼ିକ ସମର୍ଥ ହୋଇ ପାରିବେ ।

କହିବାକୁ ଗଲେ ମନହିଁ ସେସବୁ କରଣ ମଧ୍ୟରୁ ପ୍ରଥମ, ଯାହାକୁ ତାହାର ଉପକରଣ ଭାବରେ ନେବାକୁ ପଡ଼ିବ । ନିୟମିତ ଶୁଭାଶୁଭର ବିଚାର, ଆତ୍ମ-ନିରୀକ୍ଷଣ, ଆତ୍ମ-ପ୍ରସାରଣର ଅନୁଶୀଳନ – ସାଧକର ମନକୁ ତା'ର ସଂକୀର୍ଣ୍ଣ ଖାଇରୁ କାଢ଼ି ନେଇ ଉଚ୍ଚତର ଜ୍ଞାନର ବିସ୍ତୃତ ଆଧାର ହୋଇ ପାରିବା ଭଳି ମୁକ୍ତ ଓ ପ୍ରସାରିତ ହେବା ଦିଗରେ ପ୍ରଶିକ୍ଷଣ ଦେବାକୁ ହେବ । ତାହାର ଯାନ୍ତ୍ରିକ କ୍ରିୟାଶୀଳତାକୁ ପ୍ରଶମିତ କରିବାକୁ ହେବ ଯାହାଫଳରେ ଯଥାର୍ଥ ଜ୍ଞାନ ସେଠାରେ ଅନୁପ୍ରବେଶ କରି ପାରିବ ଓ ପ୍ରତିଷ୍ଠିତ ହୋଇ ପାରିବ । ସାଧକର ବୁଦ୍ଧି ଏପରି ସୁନ୍ଦର ଭାବରେ ବିକଶିତ ହେବ ଯାହାଫଳରେ ଅଭିବ୍ୟକ୍ତ ହେବାକୁ ଅପେକ୍ଷା କରୁଥିବା ଜ୍ଞାନରାଶିକୁ ତାହା ଗ୍ରହଣ କରିବାକୁ ସକ୍ଷମ ହେବ; ଅନୁରୂପ ଭାବକୁ ପ୍ରକାଶ କରିବା ଯୋଗ୍ୟ ପ୍ରାଚୁର୍ଯ୍ୟଭରା ଭାଷାରୂପ ତାହା ଯେପରି ଲାଭ କରେ ଯାହା ବିଶ୍ୱସ୍ତ ଭାବରେ ସେଇ ଭାବନାକୁ ପ୍ରକଟ କରିପାରିବ; ଇନ୍ଦ୍ରିୟ ଓ ସଂବେଦନା ଆଦି ଏପରି ପ୍ରଶିକ୍ଷଣ ମଧ୍ୟ ଦେଇ ଯିବେ ଯାହାଫଳରେ ନୂଆ ସଂକଳ୍ପ ନେଇ ଏଇ ସତ୍ୟର ଅନୁଜ୍ଞାକୁ ସ୍ୱୀକାର କରିବେ ଏବଂ ବିଶ୍ୱସ୍ତ ଭାବରେ କ୍ରିୟାଶୀଳ ହେବେ ତାହାରି ଅନୁକ୍ରମରେ – ଏ ସମସ୍ତ ହୋଇ ପାରିଲେ ଯାଇଁ ସତ୍ୟଜ୍ଞାନ ନିଜର ଅନୁଭୂତି ଆଦିକୁ ବାହ୍ୟ ରୂପ ଦେବାରେ ସକ୍ଷମ ହେବ ଓ ନିଜକୁ ଅଭିବ୍ୟକ୍ତ କରି ପାରିବ ।

ପ୍ରାଣ ହେଉଛି ଆମ ସତ୍ତାର ପରବର୍ତ୍ତୀ ଅଙ୍ଗ, ଯାହା ଉପରେ ସାଧକର ଦୃଷ୍ଟି ପଡ଼ିବ ଏହା ପରେ । ଶ୍ରୀମାଙ୍କ ଦୃଷ୍ଟିରେ ପ୍ରାଣିକ ଅଂଶଟିକୁ ମନାଇବା ସବୁଠାରୁ କାଠିକର ପାଠ – ସତ୍ୟକୁ ଆବିଷ୍କାର କରିବା ଓ ତା'ର ବାହ୍ୟ ଅଭିବ୍ୟକ୍ତି କ୍ଷେତ୍ରରେ ଏହା ଏକ ଦୁରନ୍ତ ବାଧା; ମାତ୍ର ଥରେ ତାହା ସହଯୋଗିତା କରିବାକୁ ରାଜି ହୋଇ ଗଲେ କିଂବା ସ୍ଥିର ଚେଷ୍ଟା ଫଳରେ ପରିବର୍ତ୍ତନ-ଅଭିମୁଖୀ ହେଲେ ସବୁଠାରୁ ଅଧିକ ସହାୟକ ହୋଇ ଯାଏ । କାହିଁକି ନା ଜୀବନୀଶକ୍ତିର ତଥା କ୍ରିୟାଶୀଳତାର ଓ ପ୍ରଗତି ଲାଗି ଉତ୍ସୁକତାର ଏହା ଉଦ୍‌ଗମ ସ୍ଥାନ, ତେବେ ଏହା ସର୍ବଦା ଆପଣାର ସୁଖପୂର୍ତ୍ତି ଦିଗରେ ମନ ବଳାଇଥାଏ । ସେଥିପାଇଁ ଆମ ଭିତରେ ଏହି ଆବେଗ ପ୍ରବଣ ଶକ୍ତିଟିକୁ ଅନ୍ୟ ଜଣେ ପ୍ରଭୁଙ୍କର ଆଜ୍ଞାଧୀନ କରାଇବା ସହଜ କଥା ନୁହେଁ । ଏହାର ସ୍ୱାଭାବିକ ପ୍ରବଣତାରେ ଆଘାତ ପାଇଲା ମାତ୍ରେ ଏଇଟି ଭୁଶୁଡ଼ି ପଡ଼େ, ଆତ୍ମ-ଅବଜ୍ଞାରେ ମୁହଁପୋତି ବସି ରହେ ଓ ଅବସାଦଗ୍ରସ୍ତ ହୋଇପଡ଼େ । ସେଇଟିର ଆନନ୍ଦ ଓ ସାମର୍ଥ୍ୟ କମିଯାଏ – ବ୍ୟକ୍ତିର ସମସ୍ତ

ସତ୍ତା ସେଇ ଅପ୍ରସନ୍ନତା ଦ୍ୱାରା ଧୂମାଚ୍ଛାଦିତ ହୋଇଯାଏ । ବ୍ୟକ୍ତି ଏଇ ଅବସ୍ଥାରେ ସବୁଠାରୁ ମୂର୍ଖ ଭଳି କାମ କରି ବସେ ବୋଲି ଶ୍ରୀମା କହିଛନ୍ତି । ସେଥିଯୋଗୁଁ ସେ ସମୟରେ ଯେତେଦୂର ସମ୍ଭବ ନୀରବ ରହିବା ଭଲ, କିଛି ନିଷ୍ପତ୍ତି ନ ନେବା ଉଚିତ । ସମୟ-କ୍ରମେ ସ୍ୱାଭାବିକ ଭାବରେ ସେ ମେଘ ଅପସାରିତ ହୋଇଯାଏ । ସଂକଳ୍ପ ଓ ଆସ୍ପୃହା ଫଳରେ, ଆପଣାର ଶୁଦ୍ଧିରେ ଅଟଳ ରହିବା ଫଳରେ ଆମେ ଆମ ପ୍ରାଣସତ୍ତାଟିକୁ ବାଟକୁ ନେଇ ଆସି ପାରିବା ଏବଂ ଆମ ସତ୍ତାର ନେତା ଚୈତ୍ୟର ପ୍ରଭାବରେ ତାହାର ପ୍ରଶିକ୍ଷଣ ଆରମ୍ଭ ହୁଏ ଓ ତା' ଦ୍ୱାରା ଏହା ଚୈତ୍ୟ ନେତୃତ୍ୱକୁ ମାନ୍ୟ କରି କ୍ରମଶଃ ନିଜକୁ ଓ ନିଜର ସାମର୍ଥ୍ୟସବୁକୁ ଦିବ୍ୟପ୍ରଭୁଙ୍କ ହାତରେ ଛାଡ଼ି ଦିଏ । ଶ୍ରୀଅରବିନ୍ଦ କହୁଛନ୍ତି ପ୍ରାଣସତ୍ତା ଯେତେବେଳେ ନିଜକୁ ଭଗବାନଙ୍କଠାରେ ସମର୍ପିତ କରେ ସେତେବେଳେ ତାହା ଏକ ବୀର ଯୋଦ୍ଧା ହୋଇଯାଏ, ପ୍ରକାଶୋନ୍ମୁଖୀ ସତ୍ୟର ବାହନ ହୋଇ ଅକଳ୍ପନୀୟ ଚମତ୍କାରିତା ଦେଖାଇବାକୁ ଲାଗେ – ଯାହାର ଅନ୍ତ ନାହିଁ ।

ପରବର୍ତ୍ତୀ ପାଳି ପଡ଼େ ଆମ ଭୌତିକ ସତ୍ତାର – ଅପେକ୍ଷମାଣ ମନୁଷ୍ୟର ଉଚ୍ଚତର ଭାଗ୍ୟରେ ତାହାର ବି ଦାବି ରହିଛି । ଶରୀରର ନିଜସ୍ୱ ଏକ ଧାରା ରହିଛି, କିନ୍ତୁ ବର୍ତ୍ତମାନ ସ୍ଥିତିରେ ଏହା ଦୁଇଟି ମାଲିକଙ୍କର କ୍ରୀତଦାସ – ସେଥିମଧ୍ୟରୁ ଜଣେ ଆମ ପ୍ରାଣପୁରୁଷ ଓ ଅନ୍ୟ ଜଣକ ଆମ ମନୋମୟ ପୁରୁଷ । ଆମ ଶରୀର ଅଂଶଟିକୁ ଅସହାୟ ଭାବରେ ଅଜ୍ଞାନ ମନର ଆଦେଶକୁ ଓ ଖିଆଲି ପ୍ରାଣର ଦାବିକୁ ମାନିବାକୁ ପଡ଼ିଥାଏ; ବେଳେ ବେଳେ ସେ ଦୁହେଁ ଦୁଇ ବିପରୀତ ଦିଗରୁ ତାକୁ ଟାଣି ଘୋଷାରି ଦୁର୍ଦ୍ଦଶାଗ୍ରସ୍ତ କରି ପକାନ୍ତି । ପୂର୍ଣ୍ଣାଙ୍ଗ ସତ୍ୟର ସନ୍ଧାନୀ ଏଇ ଭୌତିକ ଶରୀରର ଅନ୍ତର୍ଗତ ସତ୍ୟ ପ୍ରତି ସଜାଗ ହୋଇ ଉଠନ୍ତି ଓ ତତ୍ ସହିତ ତାହାର ଯଥାର୍ଥ ପ୍ରୟୋଜନ କ'ଣ, ତା' ପ୍ରତି ମଧ୍ୟ ସେ ମାନ୍ୟ କରନ୍ତି, ତାହାର ବ୍ୟକ୍ତିତ୍ୱ ସେ ବିକଶିତ କରନ୍ତି । ଶାରୀର ସତ୍ତାର ସ୍ଥିତିଶୀଳତାର ସାମର୍ଥ୍ୟ ଓ ତା'ର ସହନଶୀଳତା ତଥା ଶାରୀରିକ ବଳର ପ୍ରକାଶ କ୍ଷମତାକୁ ସେ ପୂର୍ଣ୍ଣତା ଦେବାକୁ ଚାହାନ୍ତି; ଭଗବତ୍ ଦତ୍ତ ଆଧାରରେ ସୌନ୍ଦର୍ଯ୍ୟ, ରୂପ-ଆକାରରେ ପରିପୂର୍ଣ୍ଣତା ଆଣିଦେବାକୁ ସେ ସଯତ୍ନ ପ୍ରୟାସ କରନ୍ତି । ଶାରୀର ସତ୍ତାଟିକୁ ଆମ ଚୈତ୍ୟକେନ୍ଦ୍ର ସହ ସଂଯୁକ୍ତ କରିବା ଦିଗରେ ସେ ନିଜକୁ ପ୍ରଶିକ୍ଷଣ ଦିଅନ୍ତି; ଆପଣାର ଚେତନାକୁ ବିଶ୍ୱଚେତନା ଦିଗରେ ଉନ୍ମୁକ୍ତ କରିବା ନିମନ୍ତେ ବି ସ୍ୱେଚ୍ଛା ସମ୍ମତି ସେ ଦେଇଥା'ନ୍ତି ଓ ତାହାଫଳରେ ତା'ର କ୍ରିୟାଶୀଳତାରେ ସଚେତନ ସହଯୋଗ କରିଥା'ନ୍ତି । ତା' ଦ୍ୱାରା ଶରୀର ସତ୍ତା ବିଶ୍ୱପ୍ରକୃତିର ପୁଷ୍ଟିକାରୀ ତଥା କ୍ଷତିପୂରଣକାରୀ ଶକ୍ତି ସହ ସଂପର୍କ ସ୍ଥାପନ କରିପାରେ । ସେଥିଯୋଗୁଁ ଆମ ଶରୀରର ଏକ ନୂଆ ସାମଞ୍ଜସ୍ୟ, ଏକ ସ୍ୱାଭାବିକ ଛନ୍ଦ ପାଇବାକୁ ଆରମ୍ଭ କରେ ଏବଂ ଶକ୍ତିର ସ୍ରୋତ ଅନ୍ତରରୁ ବାହାରକୁ ଓ ବାହାରୁ ଅନ୍ତର ମଧ୍ୟକୁ ଅନବରତ ପ୍ରବାହିତ ହେବାକୁ ଲାଗେ ଓ ଶାରୀର ବଳର ଗମନାଗମନ ସ୍ୱଚ୍ଛନ୍ଦ ହୁଏ; ଶରୀର ପୁଷ୍ଟି ଓ ପୋଷଣରେ ସର୍ବଦା ନୂତନତା ହାସଲ କରେ ଯାହାର ପରିଣତି ସ୍ୱରୂପ ଭୌତିକ ଶରୀରର ବିନଷ୍ଟି ଓ ଅବକ୍ଷୟ ଆଉ ଅପରିହାର୍ଯ୍ୟ ହୋଇ ରହେ ନାହିଁ ।

ଏଇପରି ଭାବରେ ଆମ ସତ୍ତାର ମୁଖ୍ୟ ଅଙ୍ଗମାନ ସେମାନଙ୍କର ପୂର୍ଣ୍ଣ ବିକାଶ, ସମୃଦ୍ଧି ଲାଭ କରି ପାରିବେ, ସେମାନଙ୍କର ଦିବ୍ୟସତ୍ୟକୁ ପ୍ରକଟ କରିବାକୁ ପ୍ରସ୍ତୁତ ହୋଇ ପାରିବେ । ଆମ ଶରୀରରେ ଶ୍ରୀ, ସୌନ୍ଦର୍ଯ୍ୟ, ପ୍ରାଣରେ ପୂର୍ଣ୍ଣ ଶକ୍ତି-ସାମର୍ଥ୍ୟ, ମନରେ ଜ୍ଞାନ-ପ୍ରଜ୍ଞା ଏବଂ ଚୈତ୍ୟକେନ୍ଦ୍ରରେ ଦିବ୍ୟପ୍ରେମ ପୂର୍ଣ୍ଣ ଭାବରେ ଅଭିବ୍ୟକ୍ତ ହୋଇ ପାରିବ । ମାନବ ଜୀବନ ହୋଇ ଉଠିବ ଚତୁରାଶ୍ୱ-ବାହିତ ଏକ ପରିପୂର୍ଣ୍ଣତାର ରଥ, ଯେଉଁଥିରେ ସତ୍ୟର ପ୍ରଭୁ ଈଶ୍ୱର ସାରଥି ହୋଇ ତାଙ୍କର ପୂର୍ଣ୍ଣ ପ୍ରକାଶିତ ମହିମା ସହ ଆସନ ଗ୍ରହଣ କରିବେ ।

ଅନୁବାଦ : କୃଷ୍ଣାଦେବୀ ❑

ନିଜ ପ୍ରତି ସଚ୍ଚୋଟ ହୁଅ – କୌଣସି ଆତ୍ମ-ପ୍ରତାରଣାକୁ ପ୍ରଶ୍ରୟ ଦିଅନା ।

– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୧୦)

**ସୁସ୍ଥ ହେବା ପରେ :**

ନୀରଦବରଣଙ୍କ ବର୍ଣ୍ଣନାର ଭାବାନୁବାଦ : ଡା. ମଣିଲାଲଙ୍କର ପ୍ରଦତ୍ତ ଶ୍ରମସାଧ ଏବଂ ଅଧ୍ୟବସାୟ-ସାପେକ୍ଷ ଶାରୀରିକ ବ୍ୟାୟାମ ବିଶେଷକୁ ଅଶେଷ ଧନ୍ୟବାଦ ଦେବାକୁ ହେବ । ଏହାର ଅଭ୍ୟାସ ଫଳରେ ଶ୍ରୀଅରବିନ୍ଦଙ୍କର ଅଙ୍ଗପ୍ରତ୍ୟଙ୍ଗସବୁ ବେଶ୍ ଶକ୍ତିଶାଳୀ ହୋଇ ଉଠିଲା । ଫଳରେ ଶରୀର ମଧ୍ୟ ବେଶ୍ ସୁସ୍ଥ ହୋଇଗଲା । ଏବେ ଗୁରୁଦେବ ନିଜେ ସମ୍ବାଦପତ୍ରଗୁଡ଼ିକୁ ପଢ଼ିବାକୁ ଆରମ୍ଭ କଲେ । ଦିନେ ମୋର ଏଇ ଧାରଣା ଜନ୍ମିଲା ଯେ ସେ ତାଙ୍କର ନିତ୍ୟକର୍ମସବୁ ସମାପ୍ତ କରି ପ୍ରସ୍ତୁତ ହୋଇ ନାହାଁନ୍ତି; ତେଣୁ ସକାଳର ଖବର କାଗଜଟି ଉପରେ ମୁଁ ଶୀଘ୍ର ଶୀଘ୍ର ଆଖି ବୁଲାଇ ନେଉଥିଲି । ଠିକ୍ ଏହି ମୁହୂର୍ତ୍ତରେ ସେ ପଚାରିଲେ, 'ଆଜି କ'ଣ ଖବରକାଗଜ ଆସିନି ?' ମୁଁ ତୁରନ୍ତ ତାଙ୍କ ହାତକୁ କାଗଜଟି ବଢ଼ାଇ ଦେଲି । ଗୁରୁଦେବ ମୋ ହାତରୁ କାଗଜଟି ନେଉଥିବା ବେଳେ ପଚାରିଲେ, 'ସମ୍ବାଦସବୁକୁ ହଜମ କରି ସାରିଛ ତ ?' ମୁଁ ଅପ୍ରସ୍ତୁତ ହୋଇ ଉଠିଲି । ମଝିରେ ମଝିରେ ସଂଘଟିତ, ନୈମିତ୍ତିକ ପ୍ରଶାନ୍ତ ହସ କୌତୁକ କରିବାହିଁ ଶ୍ରୀଅରବିନ୍ଦଙ୍କ ସ୍ୱଭାବସିଦ୍ଧ ବୈଶିଷ୍ଟ୍ୟ ।

ଶ୍ରୀଅରବିନ୍ଦ ଧୀରେ ଧୀରେ ନିଜର ସ୍ୱାଭାବିକ ଶାରୀରିକ ସୁସ୍ଥତା ଲାଭ କରୁଥିବା ସମୟରେ ତାଙ୍କର ସେବା ଶୁଶ୍ରୂଷାକାରୀଗଣ ପୁନଃ ପୁନଃ ଚେଷ୍ଟା ଚଳାଇ ଥିଲେ ଶ୍ରୀଅରବିନ୍ଦଙ୍କ ଶ୍ରୀତୁଣ୍ଡରୁ ତାଙ୍କର ଆତ୍ମ-ଜୀବନୀ ସମ୍ବନ୍ଧରେ ଜାଣିବାକୁ । ପରିଶେଷରେ ସେମାନେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବେଶ୍ ସଫଳତା ଅର୍ଜନ କରିଥିଲେ ଯଦିଓ ଦୁର୍ଘଟଣା ପୂର୍ବର 'ସାନ୍ଧ୍ୟ ବୈଠକ'ରେ ଏଇ କାର୍ଯ୍ୟରେ ସେତେଟା କୃତକାର୍ଯ୍ୟ ହୋଇ ପାରି ନଥିଲେ । ତାଙ୍କ ନିଜ ସମ୍ବନ୍ଧେ ସ୍ୱୀୟ କଥିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟସବୁ ହୋଇ ଉଠିଥିଲା ପରବର୍ତ୍ତୀ ପିଢ଼ିର ଜୀବନୀ-ଲେଖକଙ୍କ ସକାଶେ ଏକ ପ୍ରାମାଣ୍ୟ ତଥ୍ୟ ।

ପୁନଶ୍ଚ ନୀରଦଙ୍କ ବର୍ଣ୍ଣନାରୁ : ଏବେ ଗୁରୁଦେବ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଉଠିଛନ୍ତି । ଶ୍ରୀମା ନିଶ୍ଚିତ ରୂପେ ତାଙ୍କ ସକାଶେ କିଛି ଗୁରୁତ୍ୱପୂର୍ଣ୍ଣ କର୍ମ ଠିକ୍ କରିବେ । ସୌଭାଗ୍ୟବଶତଃ ସେଇ ସମୟରେ କଲିକତାସ୍ଥିତ 'ଆର୍ଯ୍ୟ ପବ୍ଲିଶିଂ ହାଉସ୍' ଆଶ୍ରମକୁ ଏକ ଅନୁରୋଧ ପତ୍ରରେ ଜଣାଇଥିଲେ ଯେ ଶ୍ରୀଅରବିନ୍ଦଙ୍କ ରଚିତ ଏକ ପୁସ୍ତକ ଛପାଇବାକୁ ସେମାନେ ଖୁବ୍ ଆଗ୍ରହାନ୍ୱିତ । ବିଶେଷ କରି 'ଆର୍ଯ୍ୟ' ପତ୍ରିକାରେ ଧାରାବାହିକ ଭାବରେ ଅଧ୍ୟାୟ ପରେ ଅଧ୍ୟାୟ ପ୍ରକାଶିତ ହୋଇଥିବା ତାଙ୍କ ଲେଖାସବୁକୁ ପୁସ୍ତକାକାରରେ ପ୍ରକାଶ କରିବାକୁ ସେମାନେ ଚାହାଁନ୍ତି । ଶ୍ରୀମା'ଙ୍କ ମନକୁ କଥାଟା ବେଶ୍ ପାଇଲା । ଏ ବିଷୟରେ ସେ ଶ୍ରୀଅରବିନ୍ଦଙ୍କର ଅନୁମୋଦନ ଲୋଡ଼ିଲେ । ଶ୍ରୀଅରବିନ୍ଦ ଏହା ଶୁଣି ମନ୍ତବ୍ୟ ଦେଲେ ଯେ ମୁଁ ସେସବୁକୁ ପୁଣି ପାଠ କରି ସଂଶୋଧନ ଓ ପରିବର୍ଦ୍ଧନ କରିବାକୁ ଚାହେଁ । ତେଣୁ ତାଙ୍କର ପୂର୍ବପ୍ରକାଶିତ 'The Life Divine' ଲେଖାର ସମ୍ପାଦନା ଓ ପରିବର୍ଦ୍ଧନ କାର୍ଯ୍ୟ ସର୍ବପ୍ରଥମେ ଆରମ୍ଭ ହେଲା । ଶ୍ରୀମା ନୂତନ କରି ଏପରି ଏକ ଟେବୁଲ ତିଆରି କଲେ ଯଦ୍ଦ୍ୱାରା ଶ୍ରୀଅରବିନ୍ଦ ତାଙ୍କ ଶଯ୍ୟାରେ ସ୍ୱାଭାବିକ ରୂପେ ବସି ସେହି ଟେବୁଲରେ କାମ କରି ପାରିବେ । ତେଣୁ ଟେବୁଲଟି ତାଙ୍କ ଶଯ୍ୟାର ଏପାଖରୁ ସେପାଖ ପର୍ଯ୍ୟନ୍ତ ଲମ୍ୱି କରି ରହିବ ଏବଂ ଉଚ୍ଚତାରେ ମଧ୍ୟ ନିର୍ଦ୍ଦିଷ୍ଟ ମାପରେ ରହିବ । ସାଜସରଞ୍ଜାମ ଭିତରେ ତା' ଉପରେ ସର୍ବଦା ମହଜୁଦ ରହିଥିବ ତିନୋଟି କଲମ, ଦୁଇଟି ପେନ୍‌ସିଲ ଏବଂ କାଗଜ ଓ ଚିଟ୍‌ପ୍ୟାଡ୍ ।... ମୋ ଭିତରେ ତୀବ୍ର କୌତୂହଳ ଜାଗି ଉଠୁଥିଲା – ସେ କିପରି ଲେଖାଲେଖି କରନ୍ତି ଆଖି ଆଗରେ ଦେଖିବାକୁ । ଇତି ପୂର୍ବରୁ ଆମେ ତାଙ୍କରି ଠାରୁ ଅବଗତ ହୋଇଥିଲୁ ଯେ କିପରି ମନର ନିଶ୍ଚଳ ନୀରବ ସ୍ଥିତିରେ ଊର୍ଦ୍ଧ୍ୱରୁ ଭାବନା ବା କଳ୍ପନା-ଜଳ୍ପନାରାଜି ଅବିରତ ଝରି ଆସି ପ୍ରତ୍ୟକ୍ଷ ଭାବରେ କାଗଜ, କଲମରେ ଲିପିବଦ୍ଧ ହୋଇଥାଏ । ଏବେ ମୁଁ ସ୍ୱଚକ୍ଷୁରେ ଏହା ଦେଖି ପାରିବି, ଯେମିତିକି ମୁଁ ନୀରବ ମନକୁ ଏବଂ ଊର୍ଦ୍ଧ୍ୱରୁ ଝରି ଆସୁଥିବା ଗୋଟିକ ପରେ ଗୋଟିଏ ଅଦୃଶ୍ୟ ଭାବଧାରାର ପ୍ରବାହକୁ ମୋ ଚର୍ମ ଚକ୍ଷୁରେ ପ୍ରତ୍ୟକ୍ଷ କରି ପାରିବି ! ଅସମ୍ଭବ ଥିଲା ମୋର ଏହି କୌତୂହଳ ! ଅନ୍ତତଃ

ଏ ସବୁଥିରୁ କୌଣସିଟି ନଦେଖି ପାରିଲେ ବି ମୁଁ ତ ଏତକ ଦେଖି ପାରିବି କିପରି ସେ ଲେଖା ଆରମ୍ଭ କରନ୍ତି, ଲେଖାର ପଦ୍ଧତିଟି କିପରି; ଆମରି ଭଳିଆ ମଣିଷମାନଙ୍କ ସଦୃଶ ନା ଭିନ୍ନ କିଛି ।...

ଏଇ ତ ! ସେ ତାଙ୍କର ଶେଯରେ ଡାହାଣ ଗୋଡ଼ଟିକୁ ଲମ୍ବାଇ ସ୍ୱଚ୍ଛନ୍ଦରେ ଉପବେଶନ କରି ସାମନାରେ ରହିଥିବା ଟେବୁଲ ଉପରେ ଲେଖାରେ ନିମଗ୍ନ ରହିଛନ୍ତି । ତାଙ୍କ ଶଯ୍ୟାର ପଶ୍ଚାତରେ ରହି ମୁଁ ତାଙ୍କର ଗତିବିଧିକୁ ଅତ୍ୟନ୍ତ ଉତ୍କଣ୍ଠାର ସହିତ ନୀରବରେ ଅପଲକ ନୟନରେ ଲକ୍ଷ୍ୟ କରୁଥିଲି । ସେ ତାଙ୍କର ଲେଖା ଆରମ୍ଭ କରିବା ମାତ୍ରେ ଧାଡ଼ି ପରେ ଧାଡ଼ି ଲେଖା ଚାଲିଥାଏ – ଯେପରି ତାଙ୍କ ମନ ଭିତରେ ସବୁକିଛି ପୂର୍ବ-ସ୍ଥିରୀକୃତ ହୋଇ ରହିଥିଲା କିଂବା ତାଙ୍କରି କହିବାନୁସାରେ ପାଣି ଟ୍ୟାପ୍‌ଟିକୁ ଖୋଲି ଦେଲେ ଯେପରି ପାଣି ଝରି ପଡ଼େ । ସମ୍ପୂର୍ଣ୍ଣ ପ୍ରଶାନ୍ତ ସ୍ଥିତିରେ ନିମଗ୍ନ ରହି, କେତେବେଳେ କେମିତି କିଞ୍ଚିତ୍ ଅବନତ ଶିରରେ ସାମନାରେ ଦୃଷ୍ଟି ନିବଦ୍ଧ କରି ବା ହାତରୁ ଝାଳ ପୋଛି – କାରଣ ତାଙ୍କ ଶରୀରରୁ ପ୍ରଚୁର ଝାଳ ବହୁଥିଲା । ଏହି ଭାବରେ ଏକାଦିକ୍ରମେ ପ୍ରାୟ ଦୁଇ ଘଣ୍ଟା ଧରି ସେ ଲେଖି ଚାଲୁଥିଲେ ।

ଏହି ସମୟରେ ଶ୍ରୀମା ଏକ ଗ୍ଲାସ ପଇଡ଼ ପାଣି ଧରି ଗୁରୁଦେବଙ୍କ ପ୍ରକୋଷ୍ଠକୁ ପ୍ରବେଶ କରୁଥିଲେ । ସମୟ ସମୟରେ ଶ୍ରୀମା'ଙ୍କ ଉପସ୍ଥିତି ସମ୍ବନ୍ଧେ ଶ୍ରୀଅରବିନ୍ଦ ସଚେତନ ହୋଇ ଉଠିବା ପର୍ଯ୍ୟନ୍ତ ସେ ବେଶ୍ କିଛି କ୍ଷଣ ତାଙ୍କ ସାମନାରେ ଛିଡ଼ା ହୋଇ ରହୁଥିଲେ । ଶ୍ରୀଅରବିନ୍ଦ ହଠାତ୍ ସଚେତନ ହୋଇ ବିସ୍ମୟସୂଚକ ଶବ୍ଦ 'ଆଃ' ଉଚ୍ଚାରଣ କରି ତାଙ୍କ ପ୍ରେମବୋଳା ହସ୍ତରୁ ଗ୍ଲାସଟିକୁ ଗ୍ରହଣ କରନ୍ତି, ଧୀରେ ଧୀରେ ପାନ କରନ୍ତି; ତା'ପରେ ପୁଣି ତାଙ୍କ ଲେଖାରେ ସମ୍ପୂର୍ଣ୍ଣ ରୂପେ ନିମଗ୍ନ ହୋଇଯା'ନ୍ତି ! ଏହା ପ୍ରକୃତରେ ଏକ ସୁମଧୁର ଦୃଶ୍ୟ – ଶ୍ରୀଅରବିନ୍ଦଙ୍କର ସାମନାରେ ଶ୍ରୀମା ନୀରବରେ ଗ୍ଲାସଟି ଧରି ସ୍ମିତହାସ୍ୟରେ, ନିର୍ନିମେଷ ନୟନରେ ତାଙ୍କୁ ଚାହିଁ ରହିଥା'ନ୍ତି ଏବଂ ଶ୍ରୀଅରବିନ୍ଦ ସ୍ଥାନ-କାଳ-ପାତ୍ର ସମ୍ବନ୍ଧେ ସମ୍ପୂର୍ଣ୍ଣ ବିସ୍ମୃତ ସ୍ଥିତିରେ ଥାଇ ତୀବ୍ର ତନ୍ମୟ ଭାବ ସହ କଲମ ଚଳାଉଥା'ନ୍ତି ! ତା'ପରେ ଦୁହିଁଙ୍କର ସେହି ଅନୁପମ ସ୍ୱର୍ଗସୁଖ ପ୍ରଦାୟିନୀ ନେତ୍ର ଯୁଗଳର କ୍ଷଣିକ ବିନିମୟ !... ଲେଖା ଶେଷ ହେବା ବେଳକୁ ତାଙ୍କର ବସିଥିବା ଜାଗାଟି ପୂରା ଭିଜି ଯାଇଥାଏ – ଗ୍ରୀଷ୍ମକାଳୀନ ଉଷ୍ଣତା ସାଙ୍ଗକୁ ତାଙ୍କର ଦେହରୁ ସ୍ୱତଃ ପ୍ରଚୁର ସ୍ୱେଦକ୍ଷରଣ ଯୋଗୁଁ ।... ଆମେ ତାଙ୍କର ଶରୀରକୁ ପୋଛି ଦେଉ ଏବଂ ବିଛଣା ଚାଦରଟିକୁ ମଧ୍ୟ ବଦଳାଇ ଦେଉ । କିନ୍ତୁ ଗୋଟିଏ କଥା ମୋତେ ସବୁଠୁ ବେଶୀ ସ୍ତମ୍ଭିତ କଲା ଯେ 'ଦିବ୍ୟ ଜୀବନ' ଗ୍ରନ୍ଥଟିର ପ୍ରଥମ ଅଧ୍ୟାୟଟି ଲେଖା ସରିବା ପରେ ସେ ଆମକୁ କହିଲେ ସେଇଟିକୁ ଛିଣ୍ଡାଇ ଅଳିଆ କାଗଜ ଟୋକେଇରେ ପକାଇ ଦିଅ; ସେଇ ଅଧ୍ୟାୟଟିକୁ ତାଙ୍କୁ ଆଉ ଥରେ ଲେଖିବାକୁ ହେବ ! ... ତାଙ୍କର ହସ୍ତାକ୍ଷର ଥିଲା ଅତ୍ୟନ୍ତ ସୁନ୍ଦର, କହିବାକୁ ଗଲେ କଟାକଟି ଆଦୌ ନଥିଲା । ତାଙ୍କର 'Correspondence'ର ହସ୍ତାକ୍ଷର ସଦୃଶ ନୁହେଁ, ଯାହାକୁ କି ସେ ନିଜେ ଅନେକ ସମୟରେ ପଢ଼ି ପାରୁ ନଥିଲେ ! ଆମେ ତାଙ୍କର ସେହି ଧରଣର ହସ୍ତାକ୍ଷରକୁ ନେଇ ତାଙ୍କ ସହିତ ବେଶ୍ ଥଟ୍ଟାତାମସା କରୁ ଥିଲୁ । ଥରେ ମୁଁ ତାଙ୍କୁ ଲେଖିଥିଲି, 'ସାର୍, ଆପଣ କଷ୍ଟ ସ୍ୱୀକାର କରି ଆପଣଙ୍କ ଲିଖିତ ପତ୍ରର ସେହିସବୁ ସ୍ଥାନରେ ଗାର ଟାଣି ଦେବେ କି ଯାହାକୁ ଆମେ ଅନ୍ୟ କାହାକୁ ଦେଖାଇ ତା'ର ଅର୍ଥ ଜାଣି ପାରିବୁ ?' ସେ ଉତ୍ତର ଦେଲେ : 'ହାୟ ଭଗବାନ୍, ସାର୍, ମୁଁ ତା' କରି ପାରିବି ନାହିଁ ।... ମୋର ଏହି ଧରଣର ଅନୁଶୀଳନ କରିବାକୁ ଆଦୌ ସମୟ ନାହିଁ । ମୁଁ ଅନ୍ୟମାନଙ୍କ ସକାଶେ ଏହା କରିବାକୁ ଛାଡ଼ି ଦେଇଛି ।'... ଯାହାହେଉ ଶ୍ରୀଅରବିନ୍ଦ ଦୀର୍ଘଦିନ ଧରି ଘନ ଅନ୍ଧକାର ରାତ୍ରିର ସୁଡ଼ଙ୍ଗ ପାର ହୋଇ ତାଙ୍କର କ୍ରିୟାକଳାପ ପୁନର୍ବାର ଆରମ୍ଭ କରିଥିବାର ଦେଖି ଶ୍ରୀମା ଅତ୍ୟନ୍ତ ସନ୍ତୁଷ୍ଟ ହୋଇଥିଲେ ।

ଶ୍ରୀଅରବିନ୍ଦଙ୍କର ସଂକ୍ଷିପ୍ତ ପତ୍ର ବା କିଛି ନୋଟ୍ ଟିପି ରଖିବା ସକାଶେ ଏକ ଛୋଟ ସାଇଜର ପ୍ୟାଡ୍ ବ୍ୟବହାର କରିବାର ଅଭ୍ୟାସ ଥିଲା । ଏହାକୁ ଶ୍ରୀମା ଫ୍ରାନ୍ସରୁ ମଗାଇ ଆଣୁଥିଲେ ତାଙ୍କର ବ୍ୟବହାର ସକାଶେ, ଅର୍ଥାତ୍ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବର୍ଣ୍ଣନା କରିବା ସକାଶେ ସେହି ଛୋଟ ପ୍ୟାଡ୍‌ଟିକୁ ବ୍ୟବହାର କରୁଥିବାରୁ ଏକାଦିକ୍ରମେ ବହୁତ ପୃଷ୍ଠାର ଆବଶ୍ୟକ ହେଉଥିଲା । ଲେଖା ସରିଗଲେ ସେସବୁକୁ ଏକ ସଙ୍ଗେ ପିନ୍‌ରେ ଗୁନ୍ଥି ରଖିବା ତାଙ୍କ ପକ୍ଷରେ ସମ୍ଭବ ହେଉ ନଥିଲା; ତାହା ବେଶ୍ କ୍ଲେଶକର ବି ଥିଲା । ପୁନଶ୍ଚ ଏହି ପ୍ରକ୍ରିୟାଟିରେ ତାଙ୍କୁ ସାହାଯ୍ୟ କରିବା ସକାଶେ ସେ ଆମମାନଙ୍କ ଭିତରୁ କାହାରିକୁ ବି ଡାକୁ ନଥିଲେ । ଅନ୍ୟ ପକ୍ଷରେ ନିଜେ ସେଇଟି କରିବାକୁ ବେଶ୍ ପ୍ରୟାସ କରି ଚାଲୁଥିଲେ । ଆମେ ତାଙ୍କଠୁଁ ଅଳ୍ପ ଦୂରରେ ରହି ଏହି ଦୃଶ୍ୟଟି ଉପଭୋଗ କରୁଥିଲୁ । ଶେଷରେ ଚମ୍ପକଲାଲ ଆଉ ସମ୍ଭାଳି

ନପାରି ତାଙ୍କ ପାଖକୁ ତୁରନ୍ତ ଯାଇ ତାଙ୍କ ହାତରୁ କାଗଜଗୁଡ଼ିକୁ ନେଇ ପିନ୍ ଦ୍ୱାରା ସମସ୍ତ ଲେଖା କାଗଜଗୁଡ଼ିକ ଏକାଠି ଗୁନ୍ଥି ଦେଲେ । ତା'ପରଠୁ ସେ ଏହି କାର୍ଯ୍ୟଟିର ଦାୟିତ୍ୱ ଚମ୍ପକଲାଲଙ୍କ ହସ୍ତରେ ନ୍ୟସ୍ତ କରି ଦେଇଥିଲେ ।

'**ସାବିତ୍ରୀ**ର ପୁନରାବୃତ୍ତି' ଶିରୋନାମାରେ ଚମ୍ପକଲାଲ ଏହି ମର୍ମରେ ଉଲ୍ଲେଖ କରିଥିଲେ : ''... ଦିନେ ଦେଖିଲି ଚିଟ୍ କାଗଜରେ ପିନ୍ କଣ୍ଟା ଫୁଟାଇବାରେ ସେ କ୍ଲେଶ ଅନୁଭବ କରୁଛନ୍ତି ।... ତାଙ୍କ ତୁଣ୍ଡରୁ ଉଚ୍ଚାରିତ ହେଲା 'ପୁସ୍' ! ଦେଖିଲି ପିନ୍‌ଟି ଖସି ଯାଉଛି । 'ପୁସ୍', ପୁଣିଥରେ 'ପୁସ୍' ! ମୁଁ ତତ୍‌କ୍ଷଣାତ୍ ତାଙ୍କ ପାଖକୁ ଦୌଡ଼ି ଯିବାରୁ ସେ କ'ଣ କରିବାକୁ ଚାହୁଁଥିଲେ ତା' ମୋତେ ଦେଖାଇ ଦେଲେ ।... ଏହା ବାସ୍ତବରେ କଷ୍ଟସାଧ ଥିଲା । ମୁଁ କିନ୍ତୁ ସେଥିରେ ସଫଳ ହେଲି । ଏବଂ ତାଙ୍କଠାରୁ ପାଇଲି ଏକ ହୃଦୟଜିଣା ହସ ଆଉ ତାଙ୍କର ଚାହାଣି ଥିଲା ଅପୂର୍ବ !... ସେହି ଦିନଠାରୁ ଯେବେ କିଛି ଦରକାର ପଡ଼େ, ସେ ମୋତେ ଡାକନ୍ତି, 'ଚମ୍ପକଲାଲ' ! ତାଙ୍କ ଶ୍ରୀତୁଣ୍ଡରୁ ମୋ ନାମ ଉଚ୍ଚାରଣଟି ଥିଲା ସ୍ନେହବୋଳା ଅତ୍ୟନ୍ତ ମଧୁର ।'' ('ଚମ୍ପକଲାଲ କହନ୍ତି', ପୃ. ୭୧)

ପୁନଶ୍ଚ ନୀରଦଙ୍କ ଉକ୍ତିରୁ : ନଳିନୀକାନ୍ତ, ଯିଏକି ବେଶ୍ ଆଗରୁ, କହିବାକୁ ଗଲେ ପ୍ରାଥମିକ ଜୀବନଧାରାରେ ଶ୍ରୀଅରବିନ୍ଦଙ୍କର ବାହ୍ୟ କ୍ରିୟାକଳାପର ପଦ୍ଧତିରେ ସୁପରିଚିତ ଥିଲେ, ସିଏ ଆମକୁ ଅର୍ଥାତ୍ ପରିଚର୍ଯ୍ୟାକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ କ୍ଷୁଦ୍ର କ୍ଷୁଦ୍ର ବ୍ୟାବହାରିକ ବ୍ୟାପାରଗୁଡ଼ିକୁ ଆମେ ଯେପରି ତାଙ୍କ ଉପରେ ଛାଡ଼ି ନଦେଉ । କିନ୍ତୁ ସମସ୍ୟାଟି ହେଲା ଗୁରୁଦେବ ନିଜେ ଆମକୁ ନ ଡାକିବା ପର୍ଯ୍ୟନ୍ତ ଆମେ ତାଙ୍କୁ ସାହାଯ୍ୟ ବା କରିବୁ କିପରି ? ଆମେ ନିଜେ ଏଥି ନିମିତ୍ତ ସ୍ୱତଃପ୍ରବୃତ୍ତ ହୋଇ ସାହସୀ ଏବଂ ସରଳ ପ୍ରକୃତିର ହୋଇ ଥିଲେ ସିନା !...

ଗ୍ରନ୍ଥାକାରରେ 'ଦିବ୍ୟ ଜୀବନ'ର ସଂଶୋଧିତ ଓ ପରିବର୍ଦ୍ଧିତ ସଂସ୍କରଣ ଦୁଇ ଖଣ୍ଡରେ ପ୍ରକାଶ ପାଇଲା । ୧୯୩୯ର ଶେଷ ଭାଗରେ ପ୍ରଥମଟି ସୂର୍ଯ୍ୟାଲୋକ ଦେଖିଲା ଏବଂ ଠିକ୍ ପରବର୍ଷ ଦ୍ୱିତୀୟ ଖଣ୍ଡ – ସମ୍ପୂର୍ଣ୍ଣତଃ ପୁନଃଲିଖିତ ଓ କେତେକ ନୂତନ ଅଧ୍ୟାୟର ସଂଯୋଜନା ସହିତ ଦୁଇଟି ଭାଗରେ ପ୍ରକାଶିତ ହେଲା । ପ୍ରକାଶ ଥାଉକି ୧୯୧୪ରେ ପ୍ରଥମ ବିଶ୍ୱଯୁଦ୍ଧର ପ୍ରାରମ୍ଭରେ 'ଆର୍ଯ୍ୟ' ପତ୍ରିକାରେ 'ଦିବ୍ୟ ଜୀବନ' ଗ୍ରନ୍ଥର ରଚନା ଆରମ୍ଭ ହୋଇ ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷରେ, ୧୯୩୯ରେ ଏହାର ପରିସମାପ୍ତି ଘଟିଲା । ଏହାକୁ ଆମେ କେବଳ ଏକ ଆକସ୍ମିକ ସଂଘଟିତ ଘଟଣା ବୋଲି କହିବୁ କି ?

'ଦିବ୍ୟ ଜୀବନ' ଗ୍ରନ୍ଥଟି ଖୁବ୍ ଶୀଘ୍ର ପ୍ରଚୁର ଭାବରେ ସମାଲୋଚକଙ୍କର ଅନୁକୂଳ ମନୋଯୋଗ ଆକର୍ଷଣ କଲା । ତନ୍ମଧ୍ୟରୁ ଦୁଇଟିର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଉଦ୍ଧାର କରୁଛୁ । ପ୍ରଥମଟି ୧୯୪୧ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଏସ୍. କେ. ମିତ୍ର, ଜଣେ ଅଗ୍ରଣୀ ଗବେଷକ । ସେ ସମ୍ପୂର୍ଣ୍ଣ ଗ୍ରନ୍ଥଟିକୁ ଆମୂଳଚୂଳ ପାଠ କରି ତନ୍ମୟ ହୋଇ ମନ୍ତବ୍ୟ ଦେଇଥିଲେ, ଯାହାକି ଶ୍ରୀଅରବିନ୍ଦଙ୍କ ଚିନ୍ତାଧାରା ଉପରେ ସଂକ୍ଷିପ୍ତ ବ୍ୟାଖ୍ୟାକାରୀଙ୍କ ମଧ୍ୟରେ ସର୍ବୋତ୍ତମ ବ୍ୟାଖ୍ୟା ରୂପେ ଗଣ୍ୟ ବୋଲି ବିବେଚିତ ହୋଇଥିଲା । ସେ ତାଙ୍କର ସମାଲୋଚନାର ପରିଶେଷରେ ଉଲ୍ଲେଖ କରିଥିଲେ ଯେ ଦର୍ଶନଶାସ୍ତ୍ର ଅଧ୍ୟୟନର ଇତିହାସର ସମଗ୍ର ପରିସର ଉପରେ ବିସ୍ତୃତ ଏବଂ ବ୍ୟାପକ ଦୃଷ୍ଟିଭଙ୍ଗୀ ଥିବାର ଜ୍ଞାନୀଗଣଙ୍କ ମଧ୍ୟରେ ଶ୍ରୀଅରବିନ୍ଦଙ୍କ ସମକକ୍ଷ କେହି ନାହାନ୍ତି ।

ଏତଦ୍ ବ୍ୟତୀତ 'Times Literary Supplement'ର ସମ୍ପାଦକ ମହୋଦୟ D. L. Murrayଙ୍କର ତଦନୁରୂପ ମନ୍ତବ୍ୟ ଥିଲା ଏହିପରି – ଶ୍ରୀଅରବିନ୍ଦ ହେଉଛନ୍ତି ଯଥାର୍ଥରେ ଜଣେ ସୃଜନକ୍ଷମ ଦାର୍ଶନିକ ଯିଏକି ଏକ ଅଭିନବ ଚିନ୍ତନଶକ୍ତି ଏବଂ ଅପ୍ରମେୟ ସୂକ୍ଷ୍ମ ଦୃଷ୍ଟି ପ୍ରଦାନ କରିବାରେ ବିରଳ ପ୍ରତିଭାବାନ୍ ବ୍ୟକ୍ତିତ୍ୱର ପରଚୟ ଦେଇ ପାରିଛନ୍ତି ।

'ଦିବ୍ୟ ଜୀବନ' ଗ୍ରନ୍ଥର ପ୍ରକାଶନ ପରେ ପରେ ଶ୍ରୀଅରବିନ୍ଦ ତାଙ୍କର ଅନ୍ୟ ମୁଖ୍ୟ ରଚନାସବୁର ସଂଶୋଧିତ ସଂସ୍କରଣ ପ୍ରକାଶ କରିବାର କାର୍ଯ୍ୟ ହାତକୁ ନେଲେ । 'The Synthesis of Yoga' (କେବଳ ପ୍ରଥମ ଭାଗର), 'The Human Cycle' ଏବଂ 'The Ideal of Human Unity' ପ୍ରଭୃତି ଗ୍ରନ୍ଥର ପ୍ରଥମ ସଂସ୍କରଣ ୧୯୪୮ରୁ ଆରମ୍ଭ ହୋଇ ୧୯୫୦ ବେଳକୁ ପ୍ରକାଶ ପାଇ ସାରିଥିଲା । ଏତଦ୍ ବ୍ୟତୀତ ଏହି ସମୟକାଳ ମଧ୍ୟରେ ବି ତାଙ୍କର ସର୍ବୋତ୍ତମ ଓ ଅନ୍ତିମ ସାହିତ୍ୟକୃତି 'Savitri' ରଚନାରେ ସେ ମଗ୍ନ ରହିଥିଲେ ।

('Twelve Years with Sri Aurobindo' ଦ୍ରଷ୍ଟବ୍ୟ )

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

ସିନ୍ଧୁରୁ ବିନ୍ଦୁଏ :

# ବ୍ୟର୍ଥ ବିରୋଧ

## ସନ୍ତୋଷ ରଥ

କୌରବ ସମର ପ୍ରଖରୁ ପ୍ରଖର
କୁରୁକ୍ଷେତ୍ର ଥରହର,
ଥାଟ ପାଟ ଗଜ ହୋଇଛନ୍ତି ସଜ
ଯୁଝିବାକୁ ଚକ୍ରଧର ।୧।

ସପ୍ତ ମହାରଥୀ ସାତ୍ୟକି ସାରଥି
ଭୀଷ୍ମ ଆଦି ଯୋଦ୍ଧୃବର,
ସର୍ବେ ନିଜ ନିଜ ସାମର୍ଥ୍ୟ ସଜାଇ
ହୋଇଛନ୍ତି ଆଗଭର ।୨।

ଜଉଘର ଛଳ ସତରଞ୍ଜି ଖେଳ
କୁଟନୀତି ଆଖି ଠାର,
ମାତୁଳ ବଚନ ରଣାଙ୍ଗ ସମନ
ସତ ହୁଏ ସାତପର ।୩।

ବିଜୟର ସ୍ୱାଦ ହୁଅଇ ପ୍ରମାଦ
ଅଧର୍ମ ହୋଇଲେ ତ୍ରାସ
ପ୍ରତିହିଂସା ଛାଇ ସାରଥି ସାଜଇ
ସାଜୁ ସାଜେ ନିଜ ରୋଷ ।୪।

ବ୍ରହ୍ମ ଅସ୍ତ୍ର ଥାଇ ନ ମିଳଇ ତ୍ରାହି
ପରିଣାମ ହୁଏ ଭିନ୍ନ,
ଏକା ସୁଦର୍ଶନ କେ ହେବ ଭାଜନ
ବ୍ୟର୍ଥ ସବୁ ପ୍ରହସନ ।୫।

ଦାନ ପଣେ କର୍ଣ୍ଣ ଦୁର୍ଯ୍ୟୋଧନ ମାନ
ପୃଥ୍ୱୀରେ ବିରଳ ଯଶ,
ବିରୋଧ ପ୍ରୟାସ ଶେଷେ ନାଗଫାଶ
ପରମଙ୍କୁ ଉପହାସ ।୬।

ହେଲେ ବି ସାମନ୍ତ ସୁତ ପୁତ୍ର ମିତ୍ର
ବିରୋଧ ସର୍ବ ଅନର୍ଥ,
ଅସତ୍ୟ କି କେବେ ହୋଇବ ସମର୍ଥ
ଯୁଝିବାକୁ ପରମାର୍ଥ ।୭। ❑

All human will which is against the divine Will is an anti-divine will. That's all. No matter where it manifests, even in you !

(CWM-6, p. 457) The Mother

ମନୁଷ୍ୟର ଯେଉଁସବୁ ଇଚ୍ଛା ଦିବ୍ୟ ପରମଙ୍କ **ଇଚ୍ଛା**ର ବିରୋଧୀ ହୋଇ ରହିଥାଏ, ତାହା ଏକ ଦିବ୍ୟତା-ବିରୋଧୀ ଇଚ୍ଛା । ବାସ୍, ସେତିକି । ତାହା କାହା ଭିତରେ ଅଭିବ୍ୟକ୍ତ ହେଉଛି, ସେଥିରେ କିଛି ଯାଏ ଆସେ ନାହିଁ, ଏପରିକି ତୁମ ଭିତରେ ମଧ୍ୟ !

— ଶ୍ରୀମା

# ହନୁମାନ୍

## ରାମକୃଷ୍ଣ ଦାସ

***ପ୍ରଶ୍ନ :** ହନୁମାନଙ୍କ ଚରିତ୍ର କୁହନ୍ତୁ ।*

**ଉତ୍ତର :** ହନୁମାନଙ୍କର ସଂସାର କାର୍ଯ୍ୟରେ ଯେପରି ଦକ୍ଷତା ଥିଲା ସେହିପରି ସେ ଅଦ୍ୱିତୀୟ ବୀର ଯୋଦ୍ଧା ଥିଲେ । ତାଙ୍କର ଅତୁଳନୀୟ ଶକ୍ତି ଥିଲା । ଅସାଧାରଣ ପାଣ୍ଡିତ୍ୟ ଥିଲା । ରାଜନୀତିରେ ଥିଲେ ସେ ନିପୁଣ । ନୃତ୍ୟସଙ୍ଗୀତାଦି ସକଳ କଳାରେ ଦକ୍ଷ ଥିଲେ । ଜ୍ଞାନୀମାନଙ୍କ ମଧ୍ୟରେ ସେ ଥିଲେ ଅଗ୍ରଗଣ୍ୟ । ଭକ୍ତମାନଙ୍କ ମଧ୍ୟରେ ସେ ଥିଲେ ଶିରୋମଣି । ତାଙ୍କର ମନ-ପ୍ରାଣ-ଶରୀର ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୋଇଥିଲା । ଭଗବାନଙ୍କ ସଙ୍କଳ୍ପରେ ତାଙ୍କ ମଧ୍ୟରେ ଭଗବତ୍ ଦିବ୍ୟ ଗୁଣ ଆବଶ୍ୟକ ଅନୁସାରେ ପ୍ରକାଶ ପାଉଥିଲା । ସମସ୍ତ ଗୁହ୍ୟ ବିଦ୍ୟା ତଥା ଅଷ୍ଟ ସିଦ୍ଧି ତାଙ୍କୁ ପ୍ରାପ୍ତ ଥିଲା । ସେ ଯେତେବେଳେ ଯେପରି ରୂପ ଧାରଣ କରିବାକୁ ଚାହୁଁଥିଲେ ସେପରି ରୂପ ଧାରଣ କରି ପାରୁଥିଲେ । ଯେଉଁ ସ୍ଥାନକୁ ଯିବାକୁ ଚାହୁଁଥିଲେ ସେଠାକୁ ଅକ୍ଳେଶରେ ଯାଇ ପାରୁଥିଲେ । ସର୍ବ ଗୁଣସମ୍ପନ୍ନ ବ୍ୟକ୍ତି ତାଙ୍କ ତୁଳନାରେ ଅନ୍ୟ କେହି ନଥିଲେ ।

### ହନୁମାନ୍

ମାତା ଅଞ୍ଜନାଙ୍କ ଗର୍ଭରୁ ପବନ ଦେବତାଙ୍କ ଔରସରେ ମହାବୀର ହନୁମାନ୍ ଜନ୍ମଗ୍ରହଣ କରିଥିଲେ । ଜନ୍ମରୁ ସେ ଯେପରି ପରାକ୍ରମୀ ଥିଲେ ସେହିପରି ଭଗବାନ୍ ଶ୍ରୀରାମଙ୍କ ଭକ୍ତ ମଧ୍ୟ ଥିଲେ । ଜନ୍ମ ହେବା ସଙ୍ଗେ ସଙ୍ଗେ ଉଦୟ ସମୟ ସୂର୍ଯ୍ୟଙ୍କୁ ଲାଲ ଦେଖି କୌତୂହଳରେ ତାଙ୍କୁ ଧରିବା ସକାଶେ ଆକାଶରେ ଯାତ୍ରା କଲେ । ଏପରି ଦୁଃସାହସିକତା ଦେଖି ତାଙ୍କ ଯାତ୍ରାପଥରେ ଇନ୍ଦ୍ର ବାଧା ଦେଲେ । କିନ୍ତୁ ଇନ୍ଦ୍ରଙ୍କ ବାଧାକୁ ସେ ଭ୍ରୂକ୍ଷେପ ନକରି ଯାତ୍ରା ଅବ୍ୟାହତ ରଖିବାରୁ ଇନ୍ଦ୍ର କୋପ କରି ବଜ୍ରରେ ତାଙ୍କୁ ପ୍ରହାର କଲେ । ସେ ଆକାଶରୁ ଭୂମିରେ ପଡ଼ି ପ୍ରାଣ ହରାଇଲେ । ଶିଶୁପୁତ୍ର ପ୍ରତି ଏପରି ନିର୍ଦ୍ଦୟ ବ୍ୟବହାରରେ ପବନ ଦେବତା କ୍ଷୁବ୍ଧ ହୋଇ ନିଜ ଗତି ସ୍ଥଗିତ କରି ଦେଲେ । ଅର୍ଥାତ୍ ବାୟୁର ଗତି ବନ୍ଦ ହୋଇଗଲା । ସଂସାରର ସମସ୍ତ ପ୍ରାଣୀଙ୍କ ଶ୍ୱାସ ରୁଦ୍ଧ ହେବାକୁ ଲାଗିଲା । ଇନ୍ଦ୍ରଙ୍କ ସହିତ ସମସ୍ତ ଦେବତା ବ୍ରହ୍ମାଙ୍କ ପାଖକୁ ଯାଇ ଶ୍ୱାସରୁଦ୍ଧ ହେବା କଥା ନିବେଦନ କଲେ । ଭଗବାନଙ୍କର ସେବା ସକାଶେ ସେବକ ରୂପେ ହନୁମାନ୍ ଜନ୍ମଗ୍ରହଣ କରିଥିବା କଥା ବ୍ରହ୍ମାଙ୍କଠାରୁ ସମସ୍ତ ଦେବତାମାନେ ଶୁଣି ବ୍ରହ୍ମାଙ୍କ ସହିତ ସମସ୍ତ ଦେବତା ହନୁମାନଙ୍କ ପାଖକୁ ଆସି ତାଙ୍କୁ ଜୀବିତ କଲେ ଏବଂ ସମସ୍ତ ଦେବତା ବ୍ରହ୍ମାଙ୍କ ସହିତ ହନୁମାନଙ୍କୁ ବରଦାନ କଲେ । ସମସ୍ତ ଦେବତାଙ୍କ ବରଦାନ ଯୋଗୁଁ ତାଙ୍କର ମନ-ପ୍ରାଣ-ଶରୀର ତଥା ଆତ୍ମାର ପୂର୍ଣ୍ଣ ବିକାଶ ହୋଇଥିଲା । ସେହି ମନ-ପ୍ରାଣ-ଶରୀର ଭଗବାନ୍ ଶ୍ରୀରାମଙ୍କ ଚରଣରେ ସମର୍ପିତ ହୋଇଥିବାରୁ ତାହା ଦିବ୍ୟ ହୋଇଥିଲା ତଥା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିଥିଲା ଏବଂ ସେ ମୃତ୍ୟୁ, ରୋଗ ଓ ବୃଦ୍ଧତ୍ୱରୁ ସମ୍ପୂର୍ଣ୍ଣ ମୁକ୍ତ ଥିଲେ । ତାଙ୍କର ମନ-ପ୍ରାଣ-ଶରୀର ଦିବ୍ୟ ହୋଇଥିବାରୁ ଭଗବାନ୍ ଏବଂ ତାଙ୍କ ମଧ୍ୟରେ ଅହଂ ଓ ଅଜ୍ଞାନର ପରଦା ନଥିଲା । ସେ ଭଗବାନଙ୍କ ସଂକଳ୍ପ ଅନୁସାରେ ସମସ୍ତ କର୍ମ କରୁଥିଲେ । ଯେଉଁ ସମୟରେ ଯେତେ ଶକ୍ତି ଯେଉଁ ଗୁଣରେ ଆବଶ୍ୟକ ହେଉଥିଲା ତାଙ୍କ ମଧ୍ୟରେ ଭଗବାନଙ୍କ ଗୁଣ ଏବଂ ଶକ୍ତି ପ୍ରକାଶ ହେଉଥିଲା ।

ସେ ସମୁଦ୍ର ଲଂଘନ କରି ଲଙ୍କାରେ ଇଚ୍ଛାନୁସାରେ ରୂପ ଧାରଣ କରି ପ୍ରବେଶ କଲେ । ଜଗନ୍ମାତା ସୀତାଦେବୀଙ୍କୁ ଦର୍ଶନ କରି ତାଙ୍କଠାରୁ ଆଶୀର୍ବାଦ ପାଇ ଅଶୋକବନ ଧ୍ୱଂସ କଲେ । ରାବଣପୁତ୍ର ଅକ୍ଷୟକୁମାର ସହିତ ବହୁ ସେନାଙ୍କୁ ବିନାଶ କଲେ । ମେଘନାଦ ଯୁଦ୍ଧରେ ଜିତି ନପାରି ବ୍ରହ୍ମାସ୍ତ୍ର ନାଗଫାଶରେ ହନୁମାନଙ୍କୁ ବନ୍ଧନ କଲେ । ସେ ସ୍ୱେଚ୍ଛାରେ ବନ୍ଧନ ସ୍ୱୀକାର କରି ଇନ୍ଦ୍ରଜିତ ଦ୍ୱାରା ରାବଣ ସଭାରେ ଉପନୀତ ହେଲେ । ନିର୍ଭୀକ ତଥା ସ୍ପଷ୍ଟ ରୂପେ ରାବଣଙ୍କୁ କହିଲେ, ''ସୀତାଙ୍କୁ ଶ୍ରୀରାମଙ୍କୁ ସମର୍ପି ତାଙ୍କ ଚରଣରେ ଶରଣ ନେଲେ ତୋ'ର ରକ୍ଷା ହେବ । ଅନ୍ୟଥା ସ୍ୱବଂଶ ସହିତ ଲଙ୍କା ଧ୍ୱଂସ ସୁନିଶ୍ଚିତ ।'' ଏକଥାରେ ରାବଣ କ୍ରୁଦ୍ଧ ହୋଇ ତାଙ୍କ ଲାଙ୍ଗୁଡ଼ରେ ଲୁଗା ଗୁଡ଼ାଇ ତେଲରେ ବୁଡ଼େଇ ଅଗ୍ନି ଲଗେଇ ଦେବାକୁ ଆଦେଶ ଦେଲେ । ରାବଣ, ମେଘନାଦ ତଥା ସମସ୍ତ ଯୋଦ୍ଧାମାନଙ୍କ ସମ୍ମୁଖରେ ହନୁମାନ୍ ସମଗ୍ର ଲଙ୍କାରେ ଅଗ୍ନି ଲଗେଇ ଜଳେଇ ଦେଲେ ।

ରାବଣର ରାଜଭବନ ଜଳେଇବା ସଙ୍ଗେ ସଙ୍ଗେ ଧ୍ୱଂସ କଲେ । ଅସ୍ତ୍ରାଗାର ନଷ୍ଟ କରି ବହୁ ରାକ୍ଷସଙ୍କୁ ବଧ କଲେ । ସେ ସମୟରେ ରାବଣ, ମେଘନାଦ ସହିତ ସମସ୍ତ ଅସୁରସେନା ତାଙ୍କ ସମ୍ମୁଖକୁ ଆସି ପାରିଲେ ନାହିଁ । ସେ ଅବାଧରେ, ସ୍ୱଚ୍ଛନ୍ଦରେ ଲଙ୍କା ଜଳେଇ ଧ୍ୱଂସ କରି ସମୁଦ୍ରରେ ସ୍ନାନ କରି ସୀତାଦେବୀଙ୍କ ପାଖକୁ ଆସିଲେ । ତାଙ୍କ ଶରୀର ଦିବ୍ୟ ହୋଇ ଥିବାରୁ ତାଙ୍କ ଶରୀରକୁ ଅଗ୍ନି ସ୍ପର୍ଶ କରି ପାରିଲା ନାହିଁ । ସେ ସୀତାଦେବୀଙ୍କୁ ପ୍ରଣାମ କରି ତାଙ୍କଠାରୁ ଚୂଡ଼ାମଣି ଆଣି ଶ୍ରୀରାମଙ୍କ ଚରଣରେ ନିବେଦନ କଲେ ।

ଶ୍ରୀରାମଙ୍କ ଆଜ୍ଞାରେ କପିସେନାଙ୍କ ଦ୍ୱାରା ସମୁଦ୍ରରେ ସେତୁ ନିର୍ମାଣ ହେଲା । ସମୁଦ୍ର ପାର ହୋଇ ଲଙ୍କାରେ ଶ୍ରୀରାମ ବାନର ସେନା ସହିତ ପହଞ୍ଚିଲେ । ରାବଣ ସହିତ ଘୋର ଯୁଦ୍ଧ ହେଲା । ଲକ୍ଷ୍ମଣଙ୍କୁ ଶକ୍ତିଭେଦ ହେବା ସମୟରେ ହନୁମାନ୍ ଗୋଟିଏ ରାତ୍ରରେ ହିମାଳୟକୁ ଯାଇ ଗନ୍ଧମାର୍ଦନ ପର୍ବତକୁ ଉପାଡ଼ି ଆଣି ଲଙ୍କାରେ ପହଞ୍ଚିଲେ । ବିଶଲ୍ୟକରଣୀ (ମୃତସଂଜୀବନୀ ଔଷଧ) ଦ୍ୱାରା ଲକ୍ଷ୍ମଣ ଆରୋଗ୍ୟ ହେବା ପରେ ସେହି ରାତ୍ରରେ ପୁନରାୟ ଗନ୍ଧମାର୍ଦନ ପର୍ବତକୁ ହିମାଳୟରେ ରଖି ଲଙ୍କା ଫେରି ଆସିଲେ । ତାଙ୍କ ସକାଶେ କୌଣସି କାର୍ଯ୍ୟ ଅସାଧ ନଥିଲା ।

ଶ୍ରୀରାମ ଲଙ୍କାରେ ଯୁଦ୍ଧ ଜୟ କରି ବିଭୀଷଣଙ୍କୁ ଲଙ୍କାର ରାଜା କରାଇଲେ ଏବଂ ସୀତାଙ୍କ ସହିତ ବିଭୀଷଣ, ସୁଗ୍ରୀବ, ହନୁମାନ୍, ଅଙ୍ଗଦାଦି କପି ସେନା ସହିତ ଅଯୋଧ୍ୟା ଫେରି ଆସିଲେ । ଶ୍ରୀରାମଙ୍କ ରାଜ୍ୟାଭିଷେକ ସମୟରେ ଲଙ୍କାର ସବୁଠାରୁ ଅଧିକ ମୂଲ୍ୟବାନ୍ ମଣିମୁକ୍ତାହାର ବିଭୀଷଣ ଶ୍ରୀରାମଙ୍କ ଚରଣରେ ଅର୍ପଣ କଲେ । ସେହି ଅମୂଲ୍ୟ ହାରଟି ଶ୍ରୀରାମ ସୀତାଦେବୀଙ୍କ ଗଳାରେ ପିନ୍ଧାଇ ଦେଲେ । ସୀତାଦେବୀ ଲଙ୍କାରେ ଥିବା ସମୟରେ ହନୁମାନ୍ ଶ୍ରୀରାମଙ୍କର ଖବର ଦେଇଥିଲେ ଏବଂ ଶ୍ରୀରାମ ଆସି ରାବଣକୁ ବଧ କରି ସୀତାଦେବୀଙ୍କୁ ନେଇ ଅଯୋଧ୍ୟା ଫେରିଯିବେ ବୋଲି ତାଙ୍କୁ କହିଥିଲେ । ବିପଦ ଓ ଅସମୟରେ ଏପରି ଖବର ପାଇ ମାତା ସୀତାଦେବୀଙ୍କୁ ଅପାର ଆନନ୍ଦ ହୋଇଥିଲା । ସେଥି ସକାଶେ ସେ ହନୁମାନଙ୍କ ଉପରେ ବହୁତ ପ୍ରସନ୍ନ ହୋଇ ସେହି ଅମୂଲ୍ୟ ହାରଟି ହନୁମାନଙ୍କ ଗଳାରେ ପିନ୍ଧାଇ ଦେଲେ । ହନୁମାନ୍ ସେ ହାରଟି ଅପଲକ ନୟନରେ କିଛି ସମୟ ଦେଖିଲେ ଏବଂ ଗୋଟିଏ ପରେ ଗୋଟିଏ ମଣି ଦାନ୍ତରେ ଫଟେଇ ପକାଇ ଦେଲେ । ଲଙ୍କାର ସବୁଠାରୁ ଅଧିକ ମୂଲ୍ୟବାନ୍ ମଣି ମୁକ୍ତାହାର, ତା'ଛଡ଼ା ଶ୍ରୀରାମ ଏବଂ ଜଗନ୍ମାତା ସୀତାଦେବୀଙ୍କ ପ୍ରସାଦ, ତାକୁ ହନୁମାନ୍ ଭାଙ୍ଗି ପକାଇ ଦେବା ଦେଖି ବିଭୀଷଣ ବରଦାସ୍ତ କରି ପାରିଲେ ନାହିଁ । କହିଲେ, ''ହନୁମାନଜି, କ'ଣ କରୁଛ ? ଅମୂଲ୍ୟ ମଣିଗୁଡ଼ିକ ଭାଙ୍ଗି ପକାଇ ଦେଉଛ କାହିଁକି ?'' ହନୁମାନ୍ ଉତ୍ତର ଦେଲେ, ''ଏଥିରେ ରାମ ନାମ ଅଛି କି ନାହିଁ ଦେଖୁଥିଲି । ରାମ ନାମ ନଥିବାରୁ ପକେଇ ଦେଉଛି ।'' ବିଭୀଷଣ କହିଲେ, ''କ'ଣ ଯେଉଁଥିରେ ରାମ ନାମ ନଥାଏ ତାକୁ ତୁମେ ଧାରଣ କର ନାହିଁ ? ତେବେ ତୁମ ଶରୀରରେ କ'ଣ ରାମ ନାମ ଅଛି ?'' ''ରାମ ନାମ ନଥିଲେ ଶରୀର ରଖି ନଥା'ନ୍ତି ।'' – ହନୁମାନ୍ ଏହି ଉତ୍ତର ଦେଇ ହୃଦୟ ଖୋଲି ଦେଖାଇ ଦେଲେ । ତାଙ୍କର ସମସ୍ତ ଶରୀରରେ ରାମ ନାମ ଥିବା ସମସ୍ତ ସଭାସଦ୍ ସ୍ୱଚକ୍ଷୁରେ ଦେଖିଲେ । ରାମ ନାମ ଏବଂ ସ୍ୱୟଂ ରାମ ଏକ ତତ୍ତ୍ୱ, ତାଙ୍କ ଶରୀରରେ ରାମ ନାମ ଥିବାର ଅର୍ଥ ତାଙ୍କ ଶରୀର ଦିବ୍ୟ ଥିଲା ଏବଂ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିଥିଲା । ଏହି କାରଣରୁ ଭଗବାନଙ୍କ ସଙ୍କଳ୍ପ ଅନୁସାରେ ହନୁମାନ୍ ସମସ୍ତ କର୍ମ କରୁଥିଲେ ।

***ପ୍ରଶ୍ନ :*** *ଯେଉଁମାନଙ୍କର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବ ସେମାନେ କ'ଣ ହନୁମାନ୍ ସଦୃଶ ହିମାଳୟରୁ ଗନ୍ଧମାର୍ଦନ ପର୍ବତ ଉପାଡ଼ି ଆଣିବେ ଏବଂ ସେହି ରାତ୍ରିରେ ହିମାଳୟରେ ରଖି ଆସି ସମୁଦ୍ରକୁ ଲଙ୍ଘି ଯିବେ ?*

**ଉତ୍ତର :** ଦିବ୍ୟ ଶରୀରଧାରୀ ଅତିମାନବ ସକାଶେ କୌଣସି କାର୍ଯ୍ୟ ଅସାଧ ହେବ ନାହିଁ । ଭଗବାନଙ୍କର ଯାହା ସଙ୍କଳ୍ପ ହେବ ତାହା ସେମାନେ କରି ପାରିବେ । ଆମ୍ଭେମାନେ ସମସ୍ତେ ଭଗବାନଙ୍କ ଅଂଶ ଏବଂ ଭଗବାନଙ୍କଠାରୁ ଆସିଛୁ । କିନ୍ତୁ ଆମ୍ଭେମାନେ ବିକୃତ ହୋଇଯାଇ ଥିବାରୁ ଅଜ୍ଞାନତା ଯୋଗୁଁ ଅହଂର କବଳରେ ପଡ଼ି ନିଜକୁ ଭଗବାନଙ୍କଠାରୁ ପୃଥକ୍ କ୍ଷୁଦ୍ରାତିକ୍ଷୁଦ୍ର ମନ-ପ୍ରାଣ-ଶରୀର ସୀମାରେ ବାନ୍ଧି ରଖିଛୁ । ଅଜ୍ଞାନତାର ବଶ୍ୟତା ଯୋଗୁଁ ଆମ୍ଭମାନଙ୍କର ମନ-ପ୍ରାଣ-ଶରୀର ବହୁତ ସୀମିତ ହୋଇ ଯାଇଛି । ଏବଂ ଭଗବାନଙ୍କ ସଙ୍କଳ୍ପ ବୁଝି ନପାରି ତା'ରି ବିରୋଧ କର୍ମ କରିବାରୁ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ ଭୋଗୁଅଛୁ ।

ଶ୍ରୀଅରବିନ୍ଦଙ୍କ ଯୋଗ-ପ୍ରଣାଳୀରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ

ହେଲେ ସେ ଅଜ୍ଞାନ କବଳରୁ ମୁକ୍ତ ହେବ । ତାଙ୍କର ମନ-ପ୍ରାଣ-ଶରୀର ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବ । ତାଙ୍କର ଅଜ୍ଞାନତା ପରମ ଜ୍ଞାନରେ ରୂପାନ୍ତରିତ ହେବା ଯୋଗୁଁ ଭଗବାନଙ୍କ ସଙ୍କଳ୍ପ ସେମାନେ ଜାଣି ପାରିବେ ଏବଂ ତାହାରି ଅନୁସାରେ ସମସ୍ତ କର୍ମ କରିବେ । ଭଗବାନଙ୍କ ସଙ୍କଳ୍ପ ଅନୁସାରେ କର୍ମ କଲେ କର୍ମ ସକାଶେ ଯେତେ ଶକ୍ତି, ଯେତେ ଜ୍ଞାନ ଆବଶ୍ୟକ ହେବ ତାହା ସବୁ ଭଗବାନଙ୍କଠାରୁ ଆସିବ । କାରଣ ଗୋଟିଏ ପୁଷ୍କରିଣୀର ଜଳ ନଦୀ ଜଳ ସହିତ ସମ୍ପର୍କ ରଖିବା ସଦୃଶ ବ୍ୟକ୍ତିର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକ ହୋଇ ଗଲେ ଭଗବାନ୍ ଏବଂ ବ୍ୟକ୍ତି ମଧ୍ୟରେ ରହିଥିବା ସୀମା ଭାଙ୍ଗିଯିବ । ଭଗବାନଙ୍କ ସଙ୍କଳ୍ପ ଅନୁସାରେ ତାଙ୍କର ସମସ୍ତ ଦିବ୍ୟ ଗୁଣ ଏବଂ ଶକ୍ତି ବ୍ୟକ୍ତି ମଧ୍ୟରେ ପ୍ରକାଶିତ ହେବ । ଭଗବାନଙ୍କ ଶକ୍ତି ଏବଂ ଦିବ୍ୟ ଗୁଣ ଅସୀମ ଏବଂ ଅନନ୍ତ । ବ୍ୟକ୍ତି ମଧ୍ୟରେ ଭଗବତ୍ ଗୁଣ ପ୍ରକାଶ ହେବାରୁ ତା'ର ବି ସୀମା ରହିବ ନାହିଁ; କିନ୍ତୁ ପ୍ରକାଶ ହେବ ଭଗବାନଙ୍କ ସଙ୍କଳ୍ପରେ । ଭଗବାନଙ୍କ ସଙ୍କଳ୍ପ ଛଡ଼ା ବ୍ୟକ୍ତିର ପୃଥକ୍ ସଙ୍କଳ୍ପ କିଛି ନଥିବ ।

(ପୂର୍ଣ୍ଣାଙ୍ଗ ଶିକ୍ଷା ପତ୍ର, ମେ, ୧୯୮୦,
ପଞ୍ଚମ ସଂଖ୍ୟା, ପୃ. ୧୧-୧୪ରୁ ଆନୀତ)

❑❑❑

# ସୁଧାମୃତ ଝରେ ନିରନ୍ତର

## ଶାନ୍ତି ମହାନ୍ତି

ହେ ପରମ ଯୋଗେଶ୍ୱର,
ଶ୍ରୀଅରବିନ୍ଦ ନାମେ ସୁଧାମୃତ
ଧାରା ଝରେ ନିରନ୍ତର ।

ମହାଯୋଗୀ ତୁମେ ଦିବ୍ୟ ଆଧାର,
ଅନନ୍ତ ଆଶାର ଖୋଲି ଦେଇ ଦ୍ୱାର ।
ଅତିମାନସର ସୁବର୍ଣ୍ଣ ଆଲୋକେ
ଜୀବନ ଭରିଲ ନୂତନ ପୁଲକେ ।



ନବ ଚେତନାର ଆଲୋକ ପରଶେ
ବିଭାମୟ ରୂପାନ୍ତର,
ତୁମେ କରୁଣାମୟ ଅପାର ।
ପରମ ପ୍ରେମର ମହକ ସଜାଇ,
ହୃଦୟ କଳିକା ଆନନ୍ଦେ ହସଇ ।
ମୃତ୍ୟୁ ବିଜୟୀ ଶୁଭ ଶଙ୍ଖନାଦେ,
ଜୀବନ ଭରିଲ ଅନନ୍ତ ବିଭବେ ।

ଗହନ ରାତ୍ରିର ଅମା ଅନ୍ଧକାରେ
ଶୁଭଇ ମଧୁ ଝଙ୍କାର
ତୁମେ କରୁଣାମୟ ଅପାର । ❑

# ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ

## (୫)

## ପ୍ରପତ୍ତି

ପୃଥିବୀପୃଷ୍ଠରେ 'ଅତିମାନସ'ର ଅବତରଣ, ଅଭିବ୍ୟକ୍ତି ଏବଂ ତାହାର କ୍ରିୟା, ବ୍ୟକ୍ତିଗତ ଓ ସାମାଜିକ ଜୀବନ ତଥା ସମଗ୍ର ମନୁଷ୍ୟଜାତି ଉପରେ ତାହାର ପ୍ରଭାବ ବିଷୟ ବର୍ଣ୍ଣନା କରିବା ପୂର୍ବରୁ ଶ୍ରୀଅରବିନ୍ଦଙ୍କ ଦର୍ଶନର ବିବର୍ତ୍ତନବାଦ ସମ୍ବନ୍ଧୀୟ କେତେକ ବିଶେଷ ତଥ୍ୟର ଏଠାରେ ଆଲୋଚନା ଆବଶ୍ୟକ । ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ବିବର୍ତ୍ତନବାଦର ବ୍ୟାଖ୍ୟାନ ଏବଂ ଯୁକ୍ତିଧାରା ପାଶ୍ଚାତ୍ୟ ବିବର୍ତ୍ତନ ଧାରାର ଯୁକ୍ତି-ବିଚାରଠାରୁ ଅନେକ ସ୍ଥଳରେ ଭିନ୍ନ । ଏପରି କୁହାଯାଇପାରେ ଯେ ଶ୍ରୀଅରବିନ୍ଦଙ୍କ ଦାର୍ଶନିକ ବିଚାରର ଏକ ପ୍ରଧାନ ମୂଳ ଭିତ୍ତି ହେଲା ବିବର୍ତ୍ତନବାଦ ଏବଂ ମାନବ ଜୀବନର ଯେଉଁ ଚରମ ଓ ଅବଶ୍ୟମ୍ଭାବୀ ଲକ୍ଷ୍ୟ ସେ ସମ୍ବନ୍ଧରେ ଆଲୋଚନା ଆବଶ୍ୟକ । ଅଧ୍ୟାତ୍ମ ଜୀବନ ଏକ ଧର୍ମ ଜୀବନ ବା ନୈତିକ ଜୀବନ ନୁହେଁ, ଏହା ଶ୍ରୀଅରବିନ୍ଦଙ୍କ ଦର୍ଶନର ଏକ ପ୍ରତିପାଦ୍ୟ ବିଷୟ; ସୁତରାଂ ଅଧ୍ୟାତ୍ମ ଜୀବନ ଏବଂ ଧର୍ମ ଜୀବନ ତଥା ନୈତିକ ଜୀବନ ମଧ୍ୟରେ ତାରତମ୍ୟକୁ ବିଶେଷ ଭାବରେ ଲକ୍ଷ୍ୟ କରିବାକୁ ହେବ । ତୃତୀୟତଃ, ଶ୍ରୀଅରବିନ୍ଦଙ୍କ ଯୋଗ ସାଧନାର ପ୍ରକୃତି ରୂପାନ୍ତର ପ୍ରଣାଳୀ କିପରି ଏକ ବୈପ୍ଲବିକ ପନ୍ଥା ଅନୁକରଣ କରିଚାଲେ ଏବଂ ତାହାର ଲକ୍ଷ୍ୟ କିପରି ପ୍ରାଚୀନ ଯୋଗର ଲକ୍ଷ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ ସେ ବିଷୟରେ ମଧ୍ୟ ସମ୍ୟକ୍ ଆଲୋଚନା କରିବାକୁ ହେବ,* ଅର୍ଥାତ୍ ଶ୍ରୀଅରବିନ୍ଦଙ୍କ ବିବର୍ତ୍ତନବାଦ ସମ୍ବନ୍ଧୀୟ କେତେକ ବିଷୟର ଉଲ୍ଲେଖ କରିବା ।

ଏହି କଥା ବାରଂବାର ପ୍ରଶ୍ନ କରାହୁଏ ଯେ ଯଦି ବିବର୍ତ୍ତନର ଧାରାରେ ମନୁଷ୍ୟ ଏହି 'ଅତିମାନସ' ସ୍ତରରେ ପହଞ୍ଚିବା ସୁନିଶ୍ଚିତ ବା ପ୍ରକୃତିର ବିବର୍ତ୍ତନ ଧାରାର ପରବର୍ତ୍ତୀ ପାବଚ୍ଛରେ ଯଦି ଅତିମାନସର ପ୍ରକାଶ ଅବଶ୍ୟମ୍ଭାବୀ, ତେବେ ଏଥିରେ ମନୁଷ୍ୟର ଚେଷ୍ଟା ବା ଉଦ୍ୟମର ଆବଶ୍ୟକତା କ'ଣ ? ପ୍ରକୃତିର ବିବର୍ତ୍ତନ ଓ ଅଭ୍ୟୁତ୍ଥାନ ସକାଶେ ମନୁଷ୍ୟର ସାଧନା କରିବାର କ'ଣ ଅଛି ? ପ୍ରକୃତିର ବିବର୍ତ୍ତନ ଧାରାରେ ମନୁଷ୍ୟ କେଉଁଠି ହେଲେ ସହାୟତା କରିଛି କି ? ବରଂ ପ୍ରକୃତି କ୍ଷୁଦ୍ର ମନୁଷ୍ୟର ସମସ୍ତ ଚେଷ୍ଟାକୁ ପଣ୍ଡ କରି ସର୍ବଦା ଆଗେଇ ଚାଲିଛି ଏବଂ ନିଜର ଲକ୍ଷ୍ୟ-ସାଧନ କରିଛି । ସୁତରାଂ 'ଅତିମାନବ'ରେ ପରିଣତ ହେବା ଯଦି ମନୁଷ୍ୟର ଚରମ ପରିଣାମ ତେବେ ତାହା ତ' ଏକ ସ୍ୱତଃ ପ୍ରାକୃତିକ କ୍ରିୟାରେ ସମ୍ପାଦିତ ହେବ, ଏଥିରେ ମନୁଷ୍ୟ ଚେଷ୍ଟାର ଆବଶ୍ୟକତା କ'ଣ ? ଏକ ମଙ୍ଗଳମୟ ଶୁଭ ପ୍ରଭାତରେ ମନୁଷ୍ୟ ଦେଖିବ ଯେ ସେ ଏହି ସ୍ତରରେ ପହଞ୍ଚି ସାରିଛି ।

କିନ୍ତୁ ଏହି ପ୍ରଶ୍ନର ସମାଧାନ ଏପରି ସହଜ ବ୍ୟାପାର ନୁହେଁ, ପରନ୍ତୁ ଏହାର ତାତ୍ପର୍ଯ୍ୟ ଉପଲବ୍ଧି କରିବାକୁ ମଧ୍ୟ ସମୟ ଲାଗେ । ଏକଥା ସୁନିଶ୍ଚିତ ଯେ ପ୍ରକୃତିର ବିବର୍ତ୍ତନ ଧାରାରେ ଯାହା ସବୁ ଏପର୍ଯ୍ୟନ୍ତ ପ୍ରକାଶ ପାଉଛି ତାହା ପ୍ରକୃତିର ସ୍ୱୀୟ ଚେଷ୍ଟା ବଳରେ ପ୍ରକାଶ ପାଇଛି । ବିବର୍ତ୍ତନର ଧାରା ସୃଷ୍ଟିର ସର୍ବନିମ୍ନ ଭୂମି ନିଶ୍ଚେତନାର ଗର୍ଭରୁ ଉତ୍ଥିତ ହୋଇଅଛି ଏବଂ ବିବର୍ତ୍ତନର ପ୍ରଥମ ସ୍ତରରେ ଜଡ଼ ଭୂମିହିଁ ବିଦ୍ୟମାନ । ବିବର୍ତ୍ତନର ଦ୍ୱିତୀୟ ପାବଚ୍ଛରେ ଏହି ଜଡ଼ ମଧ୍ୟରୁ ଏକ ଅସ୍ପଷ୍ଟ ଏବଂ ଅଜ୍ଞାତ ପ୍ରାଣ ସ୍ପନ୍ଦନର ଉତ୍ଥାନ ହୋଇଅଛି । ଏହି କ୍ଷେତ୍ରରେ ଜଡ଼ ବକ୍ଷରେ ଜନ୍ମଲାଭ କଲେ ସବୁଜ ବୃକ୍ଷ ଓ ଗୁଳ୍ମ-ଲତା । ଏହାହିଁ ପ୍ରକୃତିର ଉଦ୍ୟମ ଫଳରେ ସମ୍ପାଦିତ ହୋଇଅଛି । କିଛି କାଳ ପରେ ବିବର୍ତ୍ତନ ଧାରାର ଅନ୍ୟ ଏକ ଉଚ୍ଚତର ପ୍ରାଣୀ ଭୂମିରେ ଦେଖା ଦେଲେ ପ୍ରବୃତ୍ତି ଓ ଅସ୍ପଷ୍ଟ ମନଯୁକ୍ତ ପ୍ରାଣୀବୃନ୍ଦ । ସହଜାତ ପ୍ରବୃତ୍ତି ଓ ଅସ୍ପଷ୍ଟ ମନକୁ ଧାରଣ କରି ପ୍ରାଣୀବୃନ୍ଦ ବହୁକାଳ ପର୍ଯ୍ୟନ୍ତ ପ୍ରକୃତି କୋଳରେ ରାଜତ୍ୱ କଲେ । କିଛି କାଳ ପରେ ବିବର୍ତ୍ତନର ତୃତୀୟ ପାବଚ୍ଛରେ, ପ୍ରକୃତିର ଅଭିନବ ଉଦ୍ୟମ ଫଳରେ ପ୍ରକାଶ ପାଇଲେ ପ୍ରଜ୍ଞା-ସମ୍ପନ୍ନ, ବୁଦ୍ଧିଯୁକ୍ତ ମନୋମୟ ମନୁଷ୍ୟ । ନିର୍ଜୀବ, ମୂକ, ଜଡ଼ ମଧ୍ୟକୁ ଓହ୍ଲାଇ ଆସିଲା ପ୍ରାଣର ଝଙ୍କାର, ସ୍ପନ୍ଦନ, ଜନ୍ମ ହେଲେ ଉଦ୍ଭିଦ ବର୍ଗ ଓ ପ୍ରାଣୀ ବର୍ଗ, ପୁଣି ଏହି ପ୍ରାଣର ପ୍ରବାହ ମଧ୍ୟରେ ଓହ୍ଲାଇ ଆସିଲା ମନୋଭୂମିର

---

* ବର୍ତ୍ତମାନ ଆମ୍ଭେମାନେ ପ୍ରଥମ ସମସ୍ୟାର ଯଥାଯଥ ବିଚାର ପ୍ରତି ଦୃଷ୍ଟି ଦେବା ।

ମନୋମୟ ସତ୍ତା ଏବଂ ଜନ୍ମ ହେଲେ ମନୁଷ୍ୟ ବର୍ଗ । ଜଡ଼ରୁ ପ୍ରାଣ ସ୍ତରକୁ ଉତ୍ଥାନ ଏବଂ ଜଡ଼ ମଧ୍ୟରେ ପ୍ରାଣର ଅବତରଣ, ପ୍ରାଣରୁ ମନୋଭୂମିକୁ ଉତ୍ଥାନ ଏବଂ ମନୋଭୂମିରେ ମନର ଅବତରଣ ଏହି ସମସ୍ତ କ୍ରିୟାହିଁ ପ୍ରକୃତିର ଉଦ୍ୟମ ଫଳରେ ସମ୍ପାଦିତ ହୋଇଅଛି । ଆଜି ମନୁଷ୍ୟହିଁ ପ୍ରକୃତିର ଚରମ ସୋପାନରେ ଉପନୀତ । ତା' ମନହିଁ ବିବର୍ତ୍ତନର ଧାରାରେ ପ୍ରକାଶ ପାଇଥିବା ଚରମ ବସ୍ତୁ । ସୁତରାଂ ପ୍ରକୃତିର ପରବର୍ତ୍ତୀ ପାବଚ୍ଛରେ ଯାହା ପ୍ରକାଶ ପାଇବ, ତାହା ପ୍ରକୃତିର ସ୍ୱୀୟ ଚେଷ୍ଟା ବଳରେ ସମ୍ପାଦିତ ହେବା ସୁନିଶ୍ଚିତ । କିନ୍ତୁ ପ୍ରକୃତରେ ଏହା ସତ୍ୟ ନୁହେଁ । ଏହାର କାରଣ କ'ଣ ?

ପ୍ରକୃତିର ବିବର୍ତ୍ତନରେ ମନୁଷ୍ୟର ପ୍ରକାଶ ସଙ୍ଗେ ସଙ୍ଗେ ଏକ ଅଦ୍ଭୁତ ପରିବର୍ତ୍ତନ ସାଧିତ ହେଲା । ଏହାହିଁ ହେଲା ଯେ ବିବର୍ତ୍ତନର ଅଚେତନ ଗତିଧାରା ଚରମାବସ୍ଥାରେ 'ସଚେତନ' ଓ 'ପ୍ରଜ୍ଞାଯୁକ୍ତ' ହେଲା । ପ୍ରକୃତିର ବିବର୍ତ୍ତନ ଧାରା ଅନନ୍ତ କାଳରୁ ଅନ୍ଧ ଓ ଅଚେତନ ଭାବେ ପ୍ରବାହିତ ହୋଇ ଆସିଥିଲା – ସେଥିରେ ନା ଥିଲା ସଚେତନ ବିଚାର, ନା ଜାଗ୍ରତ୍ ସଂକଳ୍ପ, ଅର୍ଥାତ୍ ପ୍ରକୃତିର ବିବର୍ତ୍ତନ ଧାରା ମନୁଷ୍ୟ ସୃଷ୍ଟି ପର୍ଯ୍ୟନ୍ତ ଚିରଦିନହିଁ ଅଚେତନ ଥିଲା । ବର୍ତ୍ତମାନ ସେହି ପ୍ରକୃତିର ଏକ ସ୍ତରରେ ଅଚେତନ ଗତିଧାରା ଶେଷରେ ସଚେତନ ହୋଇଅଛି; ତାହା ଆଉ ସୁପ୍ତ ନୁହେଁ, ବରଂ ଜାଗ୍ରତ ଏବଂ ସଙ୍କଳ୍ପବାନ୍ । ସୁତରାଂ ପ୍ରକୃତି ଆଜି ଆଉ ଅଚେତନ ନୁହେଁ, ମନୁଷ୍ୟ ଭିତର ଦେଇ ସେ ସଚେତନ, ବୁଦ୍ଧିଯୁକ୍ତ, ପ୍ରଜ୍ଞାବାନ୍ ଓ ବିଚାରବନ୍ତ । ପରବର୍ତ୍ତୀ କାଳରେ ଯଦି ବିବର୍ତ୍ତନ ଧାରା ଆଗେଇ ଯିବ ତାହା ଏହି ସଚେତନ, ପ୍ରଜ୍ଞାଯୁକ୍ତ ମନୁଷ୍ୟ ପ୍ରକୃତି ମଧ୍ୟ ଦେଇ, ବିଚାର ବଳରେ ଉପରକୁ ଉଠିଯିବ । ଅର୍ଥାତ୍ ପ୍ରକୃତିର ବିବର୍ତ୍ତନ ଧାରାରେ ଆଗୁସାର ହେବାର ଅର୍ଥହିଁ ମନୁଷ୍ୟ ପ୍ରକୃତିର ଆଗୁସାର ହେବା ଏବଂ ଏହା ମନୁଷ୍ୟର ଚେଷ୍ଟା, ଉଦ୍ୟମ, ସଜ୍ଞାନ ସଙ୍କଳ୍ପ ଓ ତୀବ୍ର ଆକାଂକ୍ଷା ଦ୍ୱାରା ସମ୍ପାଦିତ ହେବ । ବିବର୍ତ୍ତନ ହେବ ପ୍ରକୃତିର ଚରମ ସୋପାନ ପରଠାରୁ । ଆଜି ବିବର୍ତ୍ତନର ଚରମ ସୋପାନରେ ମନୁଷ୍ୟହିଁ ଅଛି, ସୁତରାଂ ପରବର୍ତ୍ତୀ ବିବର୍ତ୍ତନରେ ମନୁଷ୍ୟକୁହିଁ ସହଯୋଗ କରିବାକୁ ହେବ । ଅନ୍ୟ କଥାରେ କହିବାକୁ ଗଲେ ମନୁଷ୍ୟର ପ୍ରକାଶ ସଙ୍ଗେ ସଙ୍ଗେ ବିବର୍ତ୍ତନର ଗତିଧାରା ସୁନିୟନ୍ତ୍ରିତ ଏବଂ ସ୍ୱନିୟନ୍ତ୍ରିତ ହୋଇ ଉଠିଛି । ଏଥିପୂର୍ବରୁ ପ୍ରକୃତିର ବିବର୍ତ୍ତନ ଯେପରି ଅନ୍ଧ ଓ ଅଚେତନ ଧାରାରେ ଚାଲୁଥିଲା, ତାହା ବର୍ତ୍ତମାନ ଆଉ ମନୁଷ୍ୟ ସ୍ତରରେ ସମ୍ଭବପର ନୁହେଁ । ଶ୍ରୀଅରବିନ୍ଦ ତାଙ୍କର 'ଦିବ୍ୟ ଜୀବନ' ଗ୍ରନ୍ଥରେ ଦ୍ୱିତୀୟ ଖଣ୍ଡର ଦ୍ୱିତୀୟ ଭାଗରେ 'ମନୁଷ୍ୟ ଓ ବିବର୍ତ୍ତନ' ନାମକ ଅଧ୍ୟାୟରେ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଅଛନ୍ତି । ସେ ଗୋଟିଏ ସ୍ଥାନରେ କହୁଛନ୍ତି, ''ଏହା କହିବା ଆବଶ୍ୟକ ଯେ ପୃଥିବୀ ଉପରେ ମାନବିକ ମନ ଓ ଶରୀର ଦେଖା ଦେବା ଫଳରେ ଗୋଟାଏ ସନ୍ଧିକ୍ଷଣ ଆସିଗଲା, ବିବର୍ତ୍ତନର ଗତିଧାରାରେ ଏକ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ଦେଖାଦେଲା; ଏହି ଗତିଧାରା ଆଉ ପୁରାତନ ଗତିଧାରାର ଗୋଟିଏ ପ୍ରବାହ ହୋଇ ରହିଲା ନାହିଁ । ବର୍ତ୍ତମାନ ପର୍ଯ୍ୟନ୍ତ ଜଡ଼ ମଧ୍ୟରେ ଉନ୍ନତଶୀଳ ପ୍ରଜ୍ଞାବାନ୍ ମନର ଅବତରଣ ପର୍ଯ୍ୟନ୍ତ ବିବର୍ତ୍ତନର ଧାରା ଚାଲିଥିଲା ମନୁଷ୍ୟର ସଚେତନ ଅଭୀପ୍ସା, ଆକାଙ୍କ୍ଷା ବା ସଙ୍କଳ୍ପ ଅଥବା ଅନୁସନ୍ଧାନ ଦ୍ୱାରା ନୁହେଁ, ବରଂ ଅଚେତନ ବା ଅଧିଚେତନ ଭାବେ, ପ୍ରକୃତିର ସ୍ୱେଚ୍ଛା ପ୍ରଣୋଦିତ କ୍ରିୟା ଦ୍ୱାରା । ଏହାର କାରଣ ଏହି ଯେ ବିବର୍ତ୍ତନ ଚାଲି ଆସିଥିଲା ନିଶ୍ଚେତନା(Inconscience)ଠାରୁ ଏବଂ ତନ୍ମଧ୍ୟସ୍ଥ ଗୁହ୍ୟ ଭଗବତ୍ ଚେତନା ନିଜକୁ ପର୍ଯ୍ୟାପ୍ତ ରୂପେ ପ୍ରକାଶ କରି ପାରି ନଥିଲା ଯେଉଁଥିରେ ତାହା ପ୍ରାଣୀ ବା ଜୀବର ସଜ୍ଞାନ ସହଯୋଗକାରୀ ବ୍ୟକ୍ତିଗତ ସଙ୍କଳ୍ପ ମଧ୍ୟ ଦେଇ ନିଜକୁ ପ୍ରକାଶ କରିପାରେ । କିନ୍ତୁ ମନୁଷ୍ୟ ମଧ୍ୟରେ ଆବଶ୍ୟକୀୟ ପରିବର୍ତ୍ତନ ହୋଇଅଛି । ସେ ଜାଗ୍ରତ ଓ ସଚେତନ ହୋଇଅଛି; ସେ ମନ ଭୂମିରେ ଆଜି ସେହି ସଙ୍କଳ୍ପ ଶକ୍ତିକୁ ପ୍ରାପ୍ତ କରିଅଛି ଯାହା ଦ୍ୱାରା ଜ୍ଞାନର ଅଭିବୃଦ୍ଧି, ଆନ୍ତର ସତ୍ତାର ଗଭୀରରେ ପ୍ରବେଶ, ବାହ୍ୟ ସତ୍ତାର ସମ୍ପ୍ରସାରଣ ଏବଂ ନିଜ ପ୍ରାକୃତିକ ବୃତ୍ତିଚୟର ସମୃଦ୍ଧି ସାଧନ କରିପାରେ । ମନୁଷ୍ୟ ଜାଣେ ଯେ ତାହାଠାରୁ ଆଉ ଗୋଟିଏ ଉଚ୍ଚତର ଚେତନା ରହିଅଛି, ତାହାର ମନ ଓ ପ୍ରାଣର ବିଭିନ୍ନ ଭାଗରେ ଏକ ଦୁର୍ବାର ବିବର୍ତ୍ତନଗତ ପ୍ରେରଣା ରହିଅଛି, ନିଜକୁ ଅତିକ୍ରମ କରିବାକୁ ତାହାର ଏକ ସୁସ୍ପଷ୍ଟ ଏବଂ ବ୍ୟକ୍ତ ଅଭୀପ୍ସା ଅଛି, ନିଜର ଆତ୍ମା ସମ୍ବନ୍ଧେ ସେ ସଚେତନ ହୋଇଅଛି, ନିଜ ମଧ୍ୟସ୍ଥ ଆତ୍ମପୁରୁଷ ବା ଚୈତ୍ୟପୁରୁଷଙ୍କୁ ସେ ଆବିଷ୍କାର କରିଅଛି । ସୁତରାଂ ତାହା ମଧ୍ୟରେ ଅଚେତନ ବିବର୍ତ୍ତନ ସ୍ଥାନରେ ଗୋଟାଏ ସଚେତନ ଏବଂ କାର୍ଯ୍ୟକାରୀ ବିବର୍ତ୍ତନର କଥା ଧାରଣା କରାଯାଇପାରେ ଏବଂ ଏପରି ସିଦ୍ଧାନ୍ତ କରାଯାଇପାରେ ଯେ ତାହା ମଧ୍ୟରେ ଥିବା ଅଭୀପ୍ସା, ଉଦ୍ଦୀପନା ଏବଂ ଅବିରାମ ଚେଷ୍ଟା ପ୍ରକୃତିର ଗୋଟାଏ ଉଚ୍ଚତର ପରିଣାମ ଏବଂ ଗୋଟାଏ ବୃହତ୍ତର ସ୍ଥିତିର ଉଦ୍ଭବ ହେବାର ସୂଚନା ମାତ୍ର ।

ଅତଏବ ମନୁଷ୍ୟର ଉଦ୍ୟମ ଓ ସହଯୋଗ ବ୍ୟତିରେକେ ପ୍ରକୃତିର ବିବର୍ତ୍ତନ ଧାରା ବର୍ତ୍ତମାନ ଆଗେଇ ଯାଇପାରିବ ନାହିଁ । ମନୁଷ୍ୟ ଇତର ଜୀବଜନ୍ତୁ ତୁଲ୍ୟ ଅଚେତନ-ପ୍ରବୃତ୍ତିଯୁକ୍ତ ପ୍ରାଣୀ ହୋଇଥିଲେ ପ୍ରକୃତି ଏହା ମନୁଷ୍ୟ ନିମିତ୍ତ କରିପାରନ୍ତା, ଯେହେତୁ ମନୁଷ୍ୟ ସଚେତନ ଏବଂ ତାହାର ବାଛିବାର ଶକ୍ତି ଅଛି, ସେହି ହେତୁ ପ୍ରକୃତି ମନୁଷ୍ୟକୁ କୌଣସି ଅଚେତନ ପନ୍ଥାରେ ଅନ୍ଧ ଭାବରେ ମଡ଼ାଇ ନେବ ନାହିଁ ଯହିଁରେ ମନୁଷ୍ୟର ସମ୍ମତି ନାହିଁ, ଉତ୍ସାହ ନାହିଁ ବା ଅଭୀପ୍ସା ନାହିଁ । ମନୁଷ୍ୟର ସମ୍ମତିରେ ଓ ତାହାର ସହଯୋଗରେ ଆଗାମୀ ବିବର୍ତ୍ତନ ଧାରା ମୁକ୍ତ ହେବ ଏବଂ ପ୍ରକୃତିର ଅବଶ୍ୟମ୍ଭାବୀ ପରିଣାମରେ ମନୁଷ୍ୟ ଉପନୀତ ହେବ । ଏପରିକି ପ୍ରକୃତିର ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ, ଯେଉଁଠି ବିବର୍ତ୍ତନ ହେଉଅଛି, ବିଶେଷତଃ ପ୍ରାଣୀ ଓ ଉଦ୍ଭିଦ ଜଗତରେ ସେଠାରେ ବି ମନୁଷ୍ୟର ଉଦ୍ୟମ ଲୋଡ଼ା ହେଉଛି । ବିଜ୍ଞାନର ଉନ୍ନତି ଫଳରେ କୃତ୍ରିମ ଉପାୟରେ ମନୁଷ୍ୟ ବହୁବିଧ ନୂତନ ପ୍ରକାରର ଉଦ୍ଭିଦ ସୃଷ୍ଟି କରିବାକୁ ଉଦ୍ୟମ କରୁଛି । ପ୍ରକୃତିର ପରିବର୍ତ୍ତନର ବହୁ କ୍ଷେତ୍ରରେ ଆଜି ମନୁଷ୍ୟ ହସ୍ତକ୍ଷେପ କରି ବହୁ ଆଶାଜନକ ଫଳ ପ୍ରାପ୍ତ କରିଅଛି । ଏଠାରେ ମନୁଷ୍ୟର ଚେଷ୍ଟାକୁ ଯଦି ପ୍ରକୃତିର ଉଦ୍ୟମ ବୋଲି ଧରାଯାଏ – ଧରା ଯିବାର କଥା ମଧ୍ୟ – ତେବେ ପ୍ରକୃତିର ସଚେତନ ଉଦ୍ୟମ ବଳରେ ଏହିସବୁ ପରିବର୍ତ୍ତନ ସମ୍ଭବ ହେଉଛି । ପ୍ରାଣୀ ଜଗତରେ, ଉଦ୍ଭିଦ ଜଗତରେ ଯଦି ବିବର୍ତ୍ତନ ପଥ ଉନ୍ମୁକ୍ତ କରିବା ସକାଶେ ମନୁଷ୍ୟର ଉଦ୍ୟମ, ଚେଷ୍ଟା ଓ ସହଯୋଗ ଆବଶ୍ୟକ, ତେବେ ତାହାର ନିଜର ବିବର୍ତ୍ତନ ତାହା ନିଜ ସହଯୋଗ ବ୍ୟତୀତ ସମ୍ଭବ ହେବ କିପରି ? ମନୁଷ୍ୟକୁ ବିବର୍ତ୍ତନର ପରବର୍ତ୍ତୀ ପାବଚ୍ଛରେ ଉପନୀତ ହେବାକୁ ହେଲେ ଆବଶ୍ୟକ ଗଭୀର ଚେଷ୍ଟା ଓ ସାଧନା ।''

ଏଠାରେ ଅନ୍ୟ ଏକ କଥାର ଆଲୋଚନା କରିବା । କୁହାଯାଏ, ଜଡ଼ରୁ ପ୍ରାଣର ଉଦ୍ଭବ ବା ବିକାଶ ହେଲା, ଏହାର ଅର୍ଥ କ'ଣ ? ଏହାର ଅର୍ଥ ଏହି ଯେ ଜଡ଼ ମଧ୍ୟରେ ପ୍ରାଣ ଶକ୍ତି ସୁପ୍ତ ବା ଲୁକ୍କାୟିତ ଭାବରେ ଥିଲା । ପ୍ରାଣ ଭୂମିରୁ ପ୍ରାଣ ଶକ୍ତି ଅବତରଣ କରି ଜଡ଼ ମଧ୍ୟସ୍ଥ ସୁପ୍ତ ପ୍ରାଣ ଶକ୍ତିକୁ ମୁକ୍ତ କରିଦେବା ଫଳରେ ବିବର୍ତ୍ତନ ଧାରାରେ ଉଦ୍ଭିଦ ଓ ପ୍ରାଣୀ ଜଗତ୍ ସୃଷ୍ଟି ହେଲା । ବସ୍ତୁ ମଧ୍ୟରେ ଯାହା ବିବର୍ତ୍ତିତ ଗୁଣ ରୂପେ ପ୍ରକାଶ ପାଏ ତାହା ଅବ୍ୟକ୍ତ ସତ୍ତା ରୂପେ ବସ୍ତୁ କେନ୍ଦ୍ରରେ ନିହିତ ଥାଏ । ସେଥିସକାଶେ ବିବର୍ତ୍ତନର ଅନ୍ୟ ପାଖଟି ହେଲା ନିବର୍ତ୍ତନ । ଏହି ପୃଥିବୀରେ ବିବର୍ତ୍ତନ ଧାରାରେ ଯାହାସବୁ ପ୍ରକାଶ ପାଇଛି ତାହା ନିବର୍ତ୍ତିତ ଭାବେ, ସୁପ୍ତ ଭାବେ ପୃଥିବୀରେ ବିଭିନ୍ନ ସ୍ତରରେ ନିହିତ ଥିଲା । ଜଡ଼ ମଧ୍ୟରୁ ଯଦି ପ୍ରାଣ ପ୍ରକାଶ ପାଇଲା, ତାହାହେଲେ ପ୍ରାଣ ନିବର୍ତ୍ତିତ ହୋଇ ତାହା ମଧ୍ୟରେ ଥିଲା । ପ୍ରାଣ ମଧ୍ୟରୁ ଯଦି ମନ ପ୍ରକାଶ ହେଲା, ତା'ହେଲେ ପ୍ରାଣ ମଧ୍ୟରେ ମନ ନିବର୍ତ୍ତିତ ହୋଇଥିଲା ଏବଂ ପୁନଶ୍ଚ ଯଦି ମନୋଭୂମିରୁ ମନୁଷ୍ୟକୁ ଅତିମାନସ ଭୂମିରେ, ସେହି ଶାଶ୍ୱତ ଏବଂ ବିଜ୍ଞାନମୟ ଦିବ୍ୟ ଭୂମିରେ ଉଠିଯିବାକୁ ହେବ, ତେବେ ମନୁଷ୍ୟ ମଧ୍ୟରେ ସେହି ଶାଶ୍ୱତ ଏବଂ ଦିବ୍ୟ-ବିଜ୍ଞାନ ଭୂମିର ଅଗ୍ନିକଣା ନିଶ୍ଚୟହିଁ ନିହିତ ଥିବ ଏବଂ ମନୁଷ୍ୟ ମଧ୍ୟସ୍ଥ ଏହି ଶାଶ୍ୱତ ସତ୍ତାର ବିକାଶ ଏବଂ ଊର୍ଦ୍ଧ୍ୱ ଭୂମିରୁ ଅତିମାନସ ଶକ୍ତିର ଅବତରଣ ଫଳରେ ପ୍ରକୃତିର ପରବର୍ତ୍ତୀ ପାବଚ୍ଛରେ ଅତିମାନବର ବା ଦିବ୍ୟ-ମାନବର ସୃଷ୍ଟି ହେବ । ମନୁଷ୍ୟର ମନ-ପ୍ରାଣ-ଶରୀରର ବହୁ ଅନ୍ତରାଳରେ, ହୃଦୟର ନିଭୃତ କନ୍ଦରରେ ଯେଉଁ ରହସ୍ୟମୟ, ଶାଶ୍ୱତ, ଅବିନାଶୀ ସତ୍ତାଟି ରହିଅଛି ତାହାହିଁ ବିବର୍ତ୍ତନର ପରବର୍ତ୍ତୀ ପାବଚ୍ଛରେ ଆତ୍ମ ପ୍ରକାଶ କରି ମନୁଷ୍ୟକୁ ଅତିମାନସ ରୂପାନ୍ତର ଆଡ଼କୁ ନେଇଯିବ । ମନୁଷ୍ୟ ମଧ୍ୟସ୍ଥ ଏହି ଶାଶ୍ୱତ ସତ୍ତା, ଚୈତ୍ୟପୁରୁଷ (Psychic Being) ଯୁଗେ ଯୁଗେ ମନୁଷ୍ୟର ବିବର୍ତ୍ତନର ସାଥି ଏବଂ ଏହାକୁ ମନୁଷ୍ୟ ମଧ୍ୟସ୍ଥ ଭଗବାନଙ୍କର ସନାତନ ଅଂଶ (Eternal Portion of The Divine) କୁହାଯାଏ । ଉପନିଷଦ୍‌ରେ କୁହାଯାଇଛି 'ଅଙ୍ଗୁଷ୍ଠ ମାତ୍ର ପୁରୁଷୋଽନ୍ତରାତ୍ମା' – ଅର୍ଥାତ୍ ସେହି ପୁରୁଷ ଅନ୍ତରାତ୍ମା ମନୁଷ୍ୟର ବୁଢ଼ା ଆଙ୍ଗୁଠିଠାରୁ ବଡ଼ ନୁହେଁ । ପୁଣି ଏହି ସତ୍ତାଟି ଚିରନ୍ତନ ଭଗବତ୍‌ମୁଖୀ ଏବଂ ଆମ୍ଭମାନଙ୍କ ମଧ୍ୟରେ ଅତିମାନସର ଯଥାର୍ଥ ପ୍ରତିଭୂ । ଏହା ମନୁଷ୍ୟ ମଧ୍ୟରେ ବର୍ତ୍ତମାନ ନିବର୍ତ୍ତିତ ରୂପେ ରହି ଅଛନ୍ତି । ମନୁଷ୍ୟ ଏହାର ସାନ୍ନିଧ୍ୟ ଲାଭ କଲେ, ଯଥାର୍ଥରେ ସେ ଭଗବତ୍ ଅଭିମୁଖୀ ହୁଏ ଏବଂ ତାହାର ସତ୍ତାନ୍ତର ଆରମ୍ଭ ହୁଏ । ଅତିମାନସ ରୂପାନ୍ତର ପଥରେ ଅଥବା ଦିବ୍ୟମାନବର ଉତ୍ଥାନ ପଥରେ ଚୈତ୍ୟ-ରୂପାନ୍ତରହିଁ ପ୍ରଥମ ପାବଚ୍ଛ । ଏଥିରୁ ସ୍ପଷ୍ଟ ହେବ ଯେ ମନୁଷ୍ୟକୁ ବିବର୍ତ୍ତନ ପଥରେ ଆଗେଇ ଯିବାକୁ ହେଲେ ପ୍ରଥମେ ତାକୁ ନିଜ ମଧ୍ୟରେ ପ୍ରବେଶ କରିବାକୁ ଏବଂ ସେହି ଶାଶ୍ୱତ ଭାଗବତ ସତ୍ୟକୁ, ନିଜର ଚୈତ୍ୟସତ୍ତାକୁ ଆବିଷ୍କାର କରିବାକୁ ହେବ । ପ୍ରକୃତିର ଚିର ମନ୍ଥର ଗତିରେ ଏହି ପ୍ରଚ୍ଛନ୍ନ ସତ୍ୟକୁ ଆବିଷ୍କାର କରିବା ସକାଶେ ମନୁଷ୍ୟର ଚେଷ୍ଟା ଏଠାରେ କେତେ ପରିମାଣରେ ଲୋଡ଼ା ତାହା

କହିବା ଅନାବଶ୍ୟକ । ଏଥିପାଇଁ ବାସ୍ତବରେ ଲୋଡ଼ା ଅଧ୍ୟାତ୍ମ ସାଧନା ଯାହା ଫଳରେ ମନୁଷ୍ୟର ସକଳ ସ୍ତରରେ ଏକ ଅଭିନବ ବିପ୍ଲବ ସୃଷ୍ଟି ହେବ; ଯାହା ଫଳରେ ଜନ୍ମଲାଭ କରିବ ଏକ ନୂତନ ଚେତନା, ସତ୍ୟ, ଜ୍ଞାନ, ଆନନ୍ଦ ଓ ପ୍ରେମର ଦିବ୍ୟ ଚେତନା ।

ଶ୍ରୀଅରବିନ୍ଦ ବିବର୍ତ୍ତନର ଏହି ଚରମ ସତ୍ୟକୁ ଲକ୍ଷ୍ୟ କରି କହୁଛନ୍ତି ଯେ ମନୁଷ୍ୟ ବର୍ତ୍ତମାନ ଯୁଗରେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଅଛି ତାହାହିଁ ଏକ ବିବର୍ତ୍ତନଗତ ସମସ୍ୟା । 'ଦିବ୍ୟ ଜୀବନ' ଗ୍ରନ୍ଥର ଶେଷ ଅଧ୍ୟାୟରେ ସେ କହୁଛନ୍ତି, ''ବର୍ତ୍ତମାନ ମାନବଜାତି ଏକ ବିବର୍ତ୍ତନଗତ ସଙ୍କଟ (Crisis) ମଧ୍ୟଦେଇ ଗତି କରୁଅଛି ଏବଂ ଏହି ଅବସ୍ଥା ମଧ୍ୟରେହିଁ ତାହାର ଭାଗ୍ୟ ନିର୍ଦ୍ଧାରଣ କଥା ଲୁକ୍କାୟିତ ହୋଇ ରହିଅଛି । ଏପରି ଏକ ଅବସ୍ଥା ଆସି ପହଞ୍ଚିଅଛି ଯେଉଁଠି ମନୁଷ୍ୟର ମନ କେତେକ ଦିଗରେ ବହୁ ଉନ୍ନତ ସ୍ତରରେ ପହଞ୍ଚିଅଛି ଏବଂ ଅନ୍ୟ ଦିଗରେ ଏହାର ଗତି ଖର୍ବ ହୋଇଅଛି ଅଥବା ସେ ବୋକା ହୋଇ ରହିଯାଇଛି ଏବଂ ତା'ପରେ ତାହାର ପଥ ଆବିଷ୍କାର କରି ପାରୁ ନାହିଁ ।'' ମନୁଷ୍ୟ ସମାଜ ଆଜି ଏଇ ବିବର୍ତ୍ତନଗତ ସଙ୍କଟ ମଧ୍ୟଦେଇ ଯାଉଅଛି ଏବଂ ତାହାର ଭବିଷ୍ୟତ ଭାଗ୍ୟ ନିର୍ଭର କରୁଛି ଏହି ବିବର୍ତ୍ତନର ପରିପୂର୍ଣ୍ଣ ସଫଳତା ଉପରେ । ମନୁଷ୍ୟ ଯଦି ତାହାର ସ୍ୱୀୟ ଉଚ୍ଚତର ଅଭୀପ୍ସା, ଆକାଙ୍କ୍ଷା ଏବଂ ସର୍ବୋପରି ଏକ ଆଧ୍ୟାତ୍ମିକ ସାଧନା ବଳରେ ବିବର୍ତ୍ତନର ଏହି ଊର୍ଦ୍ଧ୍ୱଗାମୀ ପଥକୁ ଧରି ନପାରେ, ତେବେ ତାକୁ ବହୁ ବିପଦ, ଝଡ଼ ଓ ଝଞ୍ଜା ମଧ୍ୟଦେଇ ଗତି କରିବାକୁ ହେବ । ଆଜି ପୃଥିବୀ ଉପରେ ଦୁର୍ଦ୍ଦିନର ଯେଉଁ କଳାମେଘର ଛାୟା ଝୁଲୁଅଛି, ତାହାକୁ ଦୂର କରିବାର ଏକମାତ୍ର ଉପାୟ ହେଲା ଅଧ୍ୟାତ୍ମ-ସାଧନା ପଥରେ ସମଗ୍ର ମାନବ ସମାଜକୁ ଆଗେଇ ନେବା । ଶ୍ରୀଅରବିନ୍ଦ କହୁ ଅଛନ୍ତି, "A total spiritual direction given to the whole life can alone lift humanity beyond itself." ଅର୍ଥାତ୍, ''ସମଗ୍ର ମାନବ ସମାଜକୁ ଊର୍ଦ୍ଧ୍ୱକୁ ଉଠାଇ ନେବାକୁ ହେଲେ ସମଗ୍ର ଜୀବନକୁ ଏକ ପୂର୍ଣ୍ଣ ଅଧ୍ୟାତ୍ମ ଗତି ଧାରାରେ ଫେରାଇବାକୁ ହେବ ।'' ଏହି ସମସ୍ୟା ଏପରି ଗଭୀର, ଏପରି ଗୁରୁତର ଯେ ମନୁଷ୍ୟ ସମାଜ ତଥା ବ୍ୟକ୍ତିର ସବୁ ସମସ୍ୟାର ସମାଧାନର ଚାବିକାଠି ହେଲା ଅଧ୍ୟାତ୍ମ ସାଧନା ଏବଂ ମନୁଷ୍ୟ ପ୍ରକୃତିର ରୂପାନ୍ତର । ଆଧୁନିକ ଯୁଗ ଓ ତାହାର ବିଭିନ୍ନ ବହୁମୁଖୀ ସମସ୍ୟା ସମାଧାନର ବାଟ ଆର୍ଥନୀତିକ, ରାଷ୍ଟ୍ରନୈତିକ, ନୈତିକତା ପଥରେ ନାହିଁ ବରଂ ତାହା ହେବ ତାହାର ନିଜର ପ୍ରକୃତି-ଚେତନାର ରୂପାନ୍ତର । ଶ୍ରୀଅରବିନ୍ଦ କହୁ ଅଛନ୍ତି, "... to hope for a true change of human life without a change of human nature is an irrational and unspiritual proposition; it is to ask for something unnatural and unreal, an impossible miracle." ଅର୍ଥାତ୍, ''ମନୁଷ୍ୟ ପ୍ରକୃତିର ପରିବର୍ତ୍ତନ ନକରି ମନୁଷ୍ୟ ଜୀବନର ପରିବର୍ତ୍ତନ କରିବାକୁ ଚାହିଁବା ଏକବାରେ ଅଯୌକ୍ତିକ ଏବଂ ଅଣ-ଆଧ୍ୟାତ୍ମିକ କଥା; ଏହା କେବଳ ଗୋଟାଏ ଅବାସ୍ତବ, ଅସତ୍ୟ ଏବଂ ଅସମ୍ଭବ କଥାକୁ ଦାବି କରିବା ମାତ୍ର ।'' ପୁନଶ୍ଚ ଏହି ଯେଉଁ ପରିବର୍ତ୍ତନ ଓ ସର୍ତ୍ତାନ୍ତର ନିମିତ୍ତ ଆମ୍ଭମାନଙ୍କୁ ଚେଷ୍ଟା କରିବାକୁ ହେବ, ତାହାହିଁ ପ୍ରକୃତିର ଅଭ୍ୟୁତ୍ଥାନ ପଥରେ ଆମର ଅବ୍ୟର୍ଥ ଗତି, ଅବଶ୍ୟମ୍ଭାବୀ ପରିଣାମ । ଏହି ପରିବର୍ତ୍ତନ ଗୋଟାଏ ବିଜାତୀୟ ପରିବର୍ତ୍ତନ ନୁହେଁ, ମନୁଷ୍ୟର ଯଥାର୍ଥ ସ୍ୱଧର୍ମ – ଭାଗବତ ଧର୍ମର ପ୍ରକାଶ ମାତ୍ର । ଏହା ଯଦି ମନୁଷ୍ୟ ଦେଖି, ଦେଖି ପାରେ ନାହିଁ; ଜାଣି, ଜାଣିପାରେ ନାହିଁ, ତେବେ ତାହାର ପ୍ରକୃତି ଧ୍ୱଂସର ପଥରେ ଯାଇ ପରାଜୟ ନିଶ୍ଚେଷ୍ଟତା ପଥରେ ବୁଡି ଯାଇପାରେ ।

ତଥାପି ଏହି ସତ୍ୟ ଏକାବେଳକେ ସମସ୍ତେ ଅନୁଭବ କରିବେ ନାହିଁ । ପ୍ରଥମତଃ ଏହି ସତ୍ୟ କେତେକ ବ୍ୟକ୍ତି ଉପଲବ୍ଧି କରିବେ ଏବଂ ସ୍ୱୀୟ ଜୀବନର ଗତିଧାରାକୁ ଅଧ୍ୟାତ୍ମ ପଥରେ ଘୂରେଇ ନେଇ ସମସ୍ତ ମାନବିକ ପ୍ରକୃତିର ରୂପାନ୍ତର ସକାଶେ ନିଜକୁ ଭଗବାନଙ୍କ ହସ୍ତରେ ଅର୍ପଣ କରିବେ । ଏହା ଏକ ଚରମ ଏବଂ ଚୂଡ଼ାନ୍ତ ଅଧ୍ୟାତ୍ମ-ସାଧନାର ପଥ । ଏଥିପାଇଁ ସମଗ୍ର ଜୀବନକୁ ପୂର୍ଣ୍ଣ ରୂପେ ଉତ୍ସର୍ଗ କରିବାକୁ ହୁଏ, କାରଣ ଏଥିରେ ହେବ ମନୁଷ୍ୟର ନବଜନ୍ମ ।

(କ୍ରମଶଃ) ❑

ଜଣେ କ'ଣ କରୁଛି ସେଇଟା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ ଜଣେ ନିଜେ କ'ଣ ସେଇଟା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

(୬୫)

ମହେନ୍ଦ୍ରନାଥ ସ୍ୱାଇଁ

**ପ୍ରକୃତ ବିଶୁଦ୍ଧତା :**

ଭଗବାନଙ୍କୁ ଖୋଜିବା, ପାଇବା ଏବଂ ତାଙ୍କ ସହିତ ଏକାକାର ହୋଇଯିବା – ପବିତ୍ର ଆତ୍ମାମାନଙ୍କର ଏକ ଚିରନ୍ତନ ଅଭୀପ୍ସା । ଏଥି ନିମନ୍ତେ ଅଗଣିତ ପଥ, ତାହା ପୁଣି ଅସରନ୍ତି; ଯେଉଁ ପଥରେ ଚାଲି ପ୍ରଭୁଙ୍କ ଦରବାରରେ ପହଞ୍ଚି ଯିବା, ନିଜର ଭକ୍ତି ନୈବେଦ୍ୟଙ୍କୁ ତାଙ୍କ ଶ୍ରୀଚରଣରେ ଢାଳି ଦେବାହିଁ ପ୍ରତ୍ୟେକ ଭକ୍ତ ସାଧକର ଏକମାତ୍ର ଲକ୍ଷ୍ୟ । କେତେକେ କୃଚ୍ଛ୍ର ସାଧନାର ପଥକୁ ନିର୍ବାଚନ କରିଥା'ନ୍ତି – ଉପବାସରେ ରହନ୍ତି, କଣ୍ଟା ଶେଯରେ ଶୁଅନ୍ତି, ମସ୍ତକ ମୁଣ୍ଡନ କରନ୍ତି, ଅଗ୍ନିବଳୟ ମଧ୍ୟରେ ଧ୍ୟାନମଗ୍ନ ହୋଇ ବସି ରହନ୍ତି, ଅରଣ୍ୟରେ ପର୍ଣ୍ଣ କୁଟୀରଟିଏ ନିର୍ମାଣ କରି, ନିଃସଙ୍ଗ ପାହାଡ଼ର ଶିଖର ଦେଶରେ ଏକ ଗୋଡ଼ିକିଆ ଠିଆ ହୋଇ ପ୍ରଭୁଙ୍କୁ ପ୍ରାର୍ଥନା କରୁଥା'ନ୍ତି । ଆମର ଏତାଦୃଶ ଅନ୍ଧ ପ୍ରଚେଷ୍ଟା ତଥା ପ୍ରଦର୍ଶନକୁ ଲକ୍ଷ୍ୟ କରି ପ୍ରଭୁ ବେଳେ ବେଳେ ହସୁଥା'ନ୍ତି ଏବଂ ସେହି ଅଭୀପ୍ସୁ ଆତ୍ମାମାନଙ୍କୁ ଖୁସି କରିବାକୁ, ତାଙ୍କର କଥା ରଖିବାକୁ ନିଜର କେତେକ ବିଭୂତିମାନଙ୍କୁ ପଠାଇ ଦେଇଥା'ନ୍ତି; କିନ୍ତୁ ତାଙ୍କୁ ସମ୍ପୂର୍ଣ୍ଣ ଭାବରେ ଜାଣିବା ସର୍ବୋତ୍ତମ ଏବଂ ସର୍ବୋଚ୍ଚ ଅଭୀପ୍ସୁ ସାଧକ ଭକ୍ତମାନଙ୍କ ନିମନ୍ତେ ସମ୍ଭବ ହୋଇ ପାରି ନଥିବାର ଆମେ ଆମ ଜ୍ଞାନର ପରିସର ଭିତରେ ଜାଣିଛେ । ପରମ ପ୍ରଭୁ ଦେଶ, କାଳ ଓ ପାତ୍ରର ଉର୍ଦ୍ଧ୍ୱରେ, ଯାହା ପରିପ୍ରକାଶ ହୋଇଛି ସେସମସ୍ତଙ୍କ ଉର୍ଦ୍ଧ୍ୱରେ । ତାଙ୍କ ବିଷୟରେ ଯେତେ ଅଧିକ ଜାଣିବା ତାହାକୁ ଏକ ପ୍ରାରମ୍ଭ ମାତ୍ର କୁହାଯିବ । ପ୍ରଭୁ ଦୂର ଦିଗ୍‌ବଳୟରେ ବିରାଜମାନ ହୋଇଥା'ନ୍ତି, ତାଙ୍କର ଏକ ବିଶିଷ୍ଟ ସ୍ୱରୂପକୁ କୃପା ଏବଂ କରୁଣାବଶତଃ ପ୍ରଦର୍ଶିତ କରାଉ ଥା'ନ୍ତି । ପରମ ପ୍ରଭୁଙ୍କର ଏହି ଦିବ୍ୟଲୀଳାକୁ ଦିବ୍ୟଜନନୀ ଶ୍ରୀମା ଏକ ଶିଶୁସୁଲଭ ମଧୁର, ସୁବୋଧ, ଅବିମିଶ୍ରିତ ତଥା ହୃଦୟସ୍ପର୍ଶୀ ଭାଷାରେ ପ୍ରକାଶ କରିଛନ୍ତି ଜାନୁଆରୀ ୧୦, ୧୯୧୪ ପ୍ରାର୍ଥନାଟିରେ ।

ତାହାହେଲା – "MY aspiration rises towards Thee ever the same in its almost childlike form, so ordinary in its simplicity, but my call is ever more ardent, and behind the faltering words there is all the fervour of my concentrated will. And I implore Thee, O Lord, in spite of the naïveté of this expression that is hardly intellectual, I implore Thee for more true light, true purity, sincerity and love, and all this for all, for the multitude constituting what I call my being, and for the multitude constituting the universal being; I implore Thee, though I know that it is perfectly useless to implore Thee, for we alone, in our ignorance and ill-will, can stand in the way of Thy glorious and total manifestation, but something childlike within me finds a support in this mental attitude; I implore Thee that the peace of Thy reign may spread throughout the earth."

''ମୋର ଅଭୀପ୍ସା ତୁମ ଅଭିମୁଖେ ଉଠି ଚାଲିଛି ସେହି ଚିରାଚରିତ ଶିଶୁସୁଲଭ ରୂପରେ, ଅତି ସାଧାରଣ ଓ ସରଳ ଭାବେ, କିନ୍ତୁ ମୋର ଆହ୍ୱାନ ଅଧିକରୁ ଅଧିକ ଜ୍ୱଳନ୍ତ ହୋଇ ଉଠୁଛି, ଏବଂ ଏହି ଦରୋଟି ଭାଷା ଭିତରେ ମୋର ଘନୀଭୂତ ଇଚ୍ଛାଶକ୍ତିର ସଙ୍କଳ୍ପ ଏକତ୍ରୀଭୂତ ହୋଇ ରହିଛି । ଏବଂ ମୁଁ ତୁମ ସମ୍ମୁଖରେ ଏକାଗ୍ର ହୋଇ ତାହାହିଁ ହେଉ ବୋଲି ନିବେଦନ ଜଣାଉଛି, ହେ ପ୍ରଭୁ ! ମୋର ଏହି ବିଜ୍ଞତାବର୍ଜିତ ଅକପଟ ଭାଷା ସତ୍ତ୍ୱେ, ମୁଁ ତାହାରି ମାଧ୍ୟମରେ ନିବେଦନ ଜଣାଉଛି ଯେ ହେ ପ୍ରଭୁ ! ମୋତେ ଅଧିକରୁ ଅଧିକ ଯଥାର୍ଥ ଆଲୋକ, ପ୍ରକୃତ ବିଶୁଦ୍ଧତା, ସମୟାନୁବର୍ତ୍ତିତା ଏବଂ ପ୍ରେମ ପ୍ରଦାନ କର, ଏବଂ ତାହାହିଁ ହେଉ ସକଳଙ୍କ ନିମନ୍ତେ, ଯେଉଁମାନେ ଏକତ୍ରୀତ ହୋଇ ମୋର ଏହି ସତ୍ତାକୁ ଗଠନ କରିଛନ୍ତି ସେମାନଙ୍କ ନିମନ୍ତେ,

ଏବଂ ସେହି ସମସ୍ତଙ୍କ ନିମନ୍ତେ ଯେଉଁମାନେ ପୁନଶ୍ଚ ମୋର ଏହି ବିଶ୍ୱଗତ ସତ୍ତାକୁ ମଧ୍ୟ ଗଢ଼ି ତୋଳିଛନ୍ତି; ମୁଁ ତୁମକୁ ନିବେଦନ ଜଣାଉଛି, ଯଦିଓ ମୋତେ ଜ୍ଞାତ ଅଛି ଯେ ଏସବୁ ତୁମକୁ ଡାକିବାରେ, ଆହ୍ୱାନ କରିବାରେ, ସମ୍ପୂର୍ଣ୍ଣ ରୂପେ ଅନାବଶ୍ୟକ, କାରଣ ଆମେ କେବଳ ମାତ୍ର ଆମର ଅଜ୍ଞାନତା ଏବଂ ଅସଦିଚ୍ଛା ଯୋଗୁଁ ତୁମର ଗୌରବୋଜ୍ଜ୍ୱଳ ଏବଂ ସାମଗ୍ରିକ ପରିପ୍ରକାଶ ସମ୍ମୁଖରେ ପ୍ରତିବନ୍ଧକଟିଏ ହୋଇ ଠିଆ ହୋଇଅଛୁ । କିନ୍ତୁ ମୋ ଅନ୍ତରସ୍ଥ ଶିଶୁସୁଲଭ ପ୍ରବୃତ୍ତି ଗୋଟିଏ ବାହ୍ୟ ଅବଲମ୍ବନ ନିମିତ୍ତ ଏହି ପ୍ରାର୍ଥନାର ମନୋଭାବ ଚାହେ; ହେ ପ୍ରଭୁ ! ମୁଁ ତୁମ ସମ୍ମୁଖରେ ନିବେଦନ କରୁଛି ଯେ ତୁମର ଶାସନର ପ୍ରଶାନ୍ତି ସାରା ପୃଥିବୀରେ ପ୍ରସାରିତ ହୋଇ କୋଣ ଅନୁକୋଣରେ ଖେଳିଯାଉ ।''

ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦରେ ଶ୍ରୀମା ସ୍ପଷ୍ଟ କରି ଦେଇଛନ୍ତି ଯେ ଯଦି ଆମ ସତ୍ତା ଭିତରୁ ଅଜ୍ଞାନତା ଏବଂ ଅସଦିଚ୍ଛା ("ignorance and ill-will") ତଥା ଅମଙ୍ଗଳକର ଚିନ୍ତା ଓ ଭାବନା ମୂଳପୋଛ ହୋଇଯାଏ, ତାହାହେଲେ ସଂସାରରେ ଆପଣାଛାଏଁ ଏକ ଗୌରବୋଜ୍ଜ୍ୱଳ ଏବଂ ସାମଗ୍ରିକ ପରିପ୍ରକାଶ ଘଟିଥାଏ । ତଥାପି ଆମେ ନିଜେ ନିଜକୁ ପ୍ରସ୍ତୁତ ନକରି, ନିଜର ଆନ୍ତର ସତ୍ୟ ଭିତରକୁ ନଯାଇ, ଅଳିଆ ଆବର୍ଜନା ପରିଷ୍କାର ନକରି, ଆମ ହୃଦୟକୁ ପରିଷ୍କାର ନକରି ଆମର ଏହି ସାଧାରଣ ଜୀବନର ଚକ୍ରବ୍ୟୂହ ଭିତରୁ ବାହାରି ଯିବା ନିମନ୍ତେ ଏକ ଗଳି ରାସ୍ତାର ଅନ୍ୱେଷଣରେ ଲାଗି ପଡ଼ିଛେ । ଏହି କାରଣରୁ ଶତାବ୍ଦୀ ପରେ ଶତାବ୍ଦୀ କାଳ ସ୍ରୋତରେ ପ୍ରବାହିତ ହୋଇ ଯାଉଛି । ଦେଶ ଦେଶାନ୍ତରରେ ଭକ୍ତମାନେ, ବିଭିନ୍ନ ପୃଷ୍ଠଭୂମି ଏବଂ ଭାଷାର ବିଚିତ୍ରତା ମଧ୍ୟରେ ପ୍ରଭୁଙ୍କ ପାଖରୁ ଡାକରା ପାଇ ଉତ୍‌ଫୁଲ୍ଲିତ ହୋଇ ଉଠନ୍ତି । ଆମର ଅସଫଳତା ଓ ଉଚ୍ଚତ୍ତର ଚେତନାର ଆହ୍ୱାନ ସର୍ବଦା ଆମକୁ ଅତି ସାଧାରଣ ଜୀବନର ବନ୍ଦୀଶାଳାରୁ ମୁକ୍ତିର ବାଟ ଦେଖାଇ ଦେଇଥାଏ ଏବଂ ଆମେ ବ୍ୟବହାର କରୁଥିବା ଦ୍ରବ୍ୟମାନଙ୍କର ଅନ୍ତଃସାରଶୂନ୍ୟତା ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରିଥାଏ ।

ପୁନଶ୍ଚ ମା କହୁଛନ୍ତି ଯେ ତାଙ୍କ ବ୍ୟକ୍ତିସତ୍ତା ଏହି ସଂସାରର ବିବିଧତା, ବିଚିତ୍ରତା, ବିସ୍ତୃତି ଏବଂ ପ୍ରାଚୁର୍ଯ୍ୟକୁ ନେଇ ଗଠିତ ହୋଇ ଅଛି, ଅର୍ଥାତ୍ ତାଙ୍କ ଭିତରେ ସକଳେ ବାସ କରୁଛନ୍ତି, ପୁନଶ୍ଚ ତାଙ୍କର ଅନ୍ୟ ଏକ ରୂପ ରହିଛି; ତାହା ହେଲା ବିଶ୍ୱଗତ ସତ୍ତା ବା 'universal being' । ମୋର ଏହି ବିଶ୍ୱଗତ ସତ୍ତା ମଧ୍ୟ ସେହି ବିସ୍ତୃତି ଏବଂ ପ୍ରାଚୁର୍ଯ୍ୟରେ ଗଠିତ – ଯାହା କାହାରିକୁ ଛାଡ଼ି ନାହିଁ, ସମସ୍ତଙ୍କୁ କୋଳେଇ ଧରିଛି; ସେ ଜଡ଼ବସ୍ତୁ ହୁଅନ୍ତୁ ଅଥବା ଜୀବସତ୍ତା ହୁଅନ୍ତୁ । ପ୍ରତ୍ୟେକ ମଣିଷ ଭିତରେ ଥିବା ଅଜ୍ଞାନତା ଓ ଅସଦିଚ୍ଛାକୁ ମଧ୍ୟ ଶ୍ରୀମା ନିରୀକ୍ଷଣ କରି ଦେଖିଛନ୍ତି; ସେହି ତତ୍ତ୍ୱସକଳ ପରମ ପ୍ରଭୁଙ୍କ ମହିମାନ୍ୱିତ ଭାବ ଓ ସାମଗ୍ରିକ ଭାବରେ ପ୍ରଭୁଙ୍କ ପରିପ୍ରକାଶର ପଥରେ ପ୍ରତିବନ୍ଧକ ହୋଇ ଠିଆ ହୋଇ ପାରନ୍ତି; ସେଥିପାଇଁ ପ୍ରଭୁଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ଶ୍ରୀମା ନିବେଦନ କରୁଛନ୍ତି, ପ୍ରଭୁ ତାଙ୍କର ଦିବ୍ୟ-ପ୍ରଶାନ୍ତିକୁ ସବୁଆଡ଼େ ମୁକ୍ତ ଭାବରେ ପ୍ରସାରିତ କରି ଦେବାକୁ ଏବଂ ସେହି ପ୍ରଶାନ୍ତି ପୃଥିବୀର କୋଣ-ଅନୁକୋଣରେ ପ୍ରତିଷ୍ଠିତ ହୋଇ ପରମ ପ୍ରଭୁଙ୍କ ଶାସନକୁ ପ୍ରତିଷ୍ଠା କରି ଦେଉ ।

ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ଦିବ୍ୟଜନନୀ ଶ୍ରୀମା କହୁଛନ୍ତି, ''ହେ ପ୍ରଭୁ, ଆପଣ ଏକ ଅପହଞ୍ଚ ଶିଖର ପ୍ରଦେଶରେ ବିରାଜମାନ ହୋଇଛନ୍ତି, ଆମେ ସେହି ଉଚ୍ଚତାକୁ ନିରବଚ୍ଛିନ୍ନ ଭାବରେ ମାପି ଚାଲିଛୁ କିନ୍ତୁ ସେଠାରେ ପହଞ୍ଚି ପାରି ନାହୁଁ; ଆପଣ ହେଉଛନ୍ତି ଆମ ସତ୍ତାର ଏକମାତ୍ର ବାସ୍ତବ ସ୍ୱରୂପ, ଆମେ ଭାବୁଛୁ ଆପଣଙ୍କୁ ପାଇ ଯାଇଛୁ ବୋଲି, କିନ୍ତୁ ଆପଣଙ୍କ ପାଖରେ ପହଞ୍ଚିଲା ବେଳକୁ ଆପଣ ଆମ ପାଖରୁ ତତ୍‌କ୍ଷଣାତ୍ ଖସି ଚାଲି ଯାଉଛନ୍ତି । ଏହା ଅତି ଚମତ୍କାର ଅବସ୍ଥା । ଆମେ ଭାବୁଛୁ, ଆମେ ଆପଣଙ୍କୁ ଧରି ପକାଇଛୁ, କିନ୍ତୁ ପରମୁହୂର୍ତ୍ତରେ ଦେଖିଲା ବେଳକୁ ଆପଣ ଦୂରରେ ଠିଆ ହୋଇ ହସୁଛନ୍ତି, ଯାହାକି ଆମକୁ କାହାରି ପାଦ ପଡ଼ି ନଥିବା ଗଭୀରତା ଭିତରକୁ, ଅନନ୍ତ ବିସ୍ତୃତି ମଧ୍ୟକୁ ପ୍ରବେଶ କରିବାକୁ ସଦାସର୍ବଦା ପ୍ରେରଣା ଯୋଗାଇ ଦେଉଛି । କେହି କହି ପାରିବେ ନାହିଁ, ''ମୁଁ ଆପଣଙ୍କୁ ଜାଣି ସାରିଲିଣି'', କିନ୍ତୁ ସମସ୍ତେ ଆପଣଙ୍କୁ ଅନ୍ତରରେ ଧରି ବାଟ ଚାଲୁଛନ୍ତି ଏବଂ ସେମାନଙ୍କର ଆତ୍ମାର ନୀରବତା ଭିତରେ ସେମାନେ ଆପଣଙ୍କର ସ୍ୱରର ପ୍ରତିଧ୍ୱନି ଶ୍ରବଣ କରି ପାରୁଛନ୍ତି; କିନ୍ତୁ ଏହି ନୀରବତା ସ୍ଥିର ନୁହେଁ, ସ୍ୱୟଂ ଗତିଶୀଳ ଏବଂ ଆପଣଙ୍କ ସହ ମିଳନରେ ଯାହା କିଛି ପୂର୍ଣ୍ଣତା ପ୍ରାପ୍ତ ହେଉଛି ତାହା ଆମେ ଅନୁଭବ କରୁଛୁ, ଆମେ ଯେତେଦିନ ପର୍ଯ୍ୟନ୍ତ ଜଗତ୍ ସହ ସମ୍ପର୍କିତ ହୋଇ ଆମର ଶରୀରଟିକୁ ଧାରଣ କରି ଚାଲିଛୁ – ଆପଣଙ୍କ ସହିତ ଏହି ଦିବ୍ୟ-ମିଳନ ଅଧିକ ପୂର୍ଣ୍ଣତା ଆଡ଼କୁ ବଢ଼ି ଚାଲିଛି ।

ପ୍ରାର୍ଥନାଟିର ଶେଷରେ ଶ୍ରୀମା କହୁଛନ୍ତି, ''ହେ ପ୍ରଭୁ,

ତୁମ ସମ୍ପର୍କରେ ଆମେ ଯାହା କହୁଛୁ ସେ ସମସ୍ତ କେବଳ ଅଦରକାରୀ-ଗଳ୍ପ (idle-talk) । ପ୍ରଭୁ, ମୋତେ ତୁମର ସେବାକାରୀ କରି ଦିଅ ।''

ଏହି ପରିପ୍ରେକ୍ଷୀରେ ଆଶ୍ରମରେ ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା ଜଣେ ସାଧକଙ୍କୁ ମା' କିପରି ପ୍ରତ୍ୟକ୍ଷ ଭାବରେ ସାହାଯ୍ୟ କରୁଥିଲେ ତାହା ଆଲୋଚନା କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ହେଲା –

'ଜୁନ୍ ୫, ୧୯୫୦ରେ 'ଆର୍' ନାମକ ଜନୈକ ସାଧକ ଯେ କି ଆଶ୍ରମ 'କଟେଜ୍ ରେଷ୍ଟୁରାଣ୍ଟ୍'ରେ କାମ କରୁଥା'ନ୍ତି – ମା'ଙ୍କ ପାଖକୁ ଯାଇ ସେଠାରେ ସେ ସମ୍ମୁଖୀନ ହେଉଥିବା କେତେକ ଅସୁବିଧା ବିଷୟ ପ୍ରକାଶ କଲେ । ମା' ତାଙ୍କୁ କହିଲେ, 'କଟେଜ୍ ରେଷ୍ଟୁରାଣ୍ଟ'ରେ ଯେଉଁ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରାଯାଉଛି ସବୁକିଛି ପରିବେଷଣ କରିବା ପୂର୍ବରୁ ସେସବୁକୁ ଚାଖିବା ଉଚିତ, ('tasted before serving') । ସାଧକ ଜଣକ ଅନୁଭବ କଲେ ଯେ ସେ ପ୍ରସ୍ତୁତ ଖାଦ୍ୟକୁ ଚାଖି ଚାଖି ତାଙ୍କର ଖାଦ୍ୟ ଲୋଭ ଜାତ ହେଉଛି । ତେଣୁ ସେ ଚାଖିବା କାର୍ଯ୍ୟଟିକୁ ବନ୍ଦ କରି ଦେଲେ । ସେ ଏକଥା ଯେତେବେଳେ ମା'ଙ୍କୁ ଜଣାଇଲେ, ମା କହିଲେ, 'That is the reason why I am getting complaints about the preparations of the 'Restaurant'. If the cook knows that no body checks the food, he becomes careless. What was the problem ?'

''ସେଥିପାଇଁ ମୋ ପାଖକୁ ଅନେକ ଅଭିଯୋଗ ଆସୁଛି 'ରେଷ୍ଟୁରାଣ୍ଟ୍'ର ଖାଦ୍ୟ ପ୍ରସ୍ତୁତି ସମ୍ପର୍କରେ । ରୋଷେଇଆ ଯଦି ଜାଣି ଯିବେ ଯେ ତାଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟକୁ କେହି ପରଖୁ ନାହାଁନ୍ତି, ତାହାହେଲେ ସେମାନେ ମନମୁଖି ହୋଇ ଖାଦ୍ୟ ପ୍ରସ୍ତୁତିରେ ଯତ୍ନ ନେବେ ନାହିଁ । ଅସୁବିଧା କେଉଁଠି ରହିଲା ?'' ପୁନଶ୍ଚ ମା କହିଲେ, ''ରକ୍ଷଣଶୀଳତା ତୁମର ଅସ୍ଥିମଜ୍ଜାଗତ, ଯଦି ତୁମକୁ ଗଣ୍ଠିଟିଏ ଖୋଲିବାକୁ କୁହାଯାଏ ତୁମେ ତାକୁ ନଖୋଲି କାଟି ଦେବାକୁ ଚେଷ୍ଟା କରିବ ।'' ''ତାହା ହେଲେ କ'ଣ କରିବା ?'' – କହିଲେ 'ଆର୍' । ମା'ଙ୍କ ଉତ୍ତର, ''There is a thin line where tasting stops and greediness starts.'' ''ଖାଦ୍ୟ ଚାଖିବା ପ୍ରକ୍ରିୟା ବନ୍ଦ ହେବା ଏବଂ ଖାଦ୍ୟ ଲାଳସା ଜାଗ୍ରତ୍ ହେବା ମଝିରେ ଗୋଟିଏ ଅତି ସୂକ୍ଷ୍ମଗାରଟିଏ ରହିଛି ।''

ସାଧକ ଭକ୍ତ 'ଆର୍' ଅତ୍ୟନ୍ତ ନମ୍ର ଏବଂ ବିନୀତ ହୋଇ କହିଲେ ''ମା ! ଏହାର ସମାଧାନ ?'' ମା'ଙ୍କର ଉତ୍ତର, ''you can change a little more, but when the customers come out they should be happy.'' ''ତୁମେ ଅଳ୍ପ କିଛି ପରିବର୍ତ୍ତନ କରିପାର, କିନ୍ତୁ ଯେତେବେଳେ ଗ୍ରାହକମାନେ 'କଟେଜ୍ ରେଷ୍ଟୁରାଣ୍ଟ୍'ରୁ ବାହାରକୁ ଆସିବେ, ତାଙ୍କ ମୁହଁରେ ଖୁସି ଓ ଆନନ୍ଦ ବାରି ହୋଇ ପଡୁଥିବ ।''

(''How they came to Sri Aurobindo and the Mother'', P. 143 - 144)

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations : The Mother;
(୨) Musing on the Mother's Prayers and Meditations, Vol. 1 – by Shyam Kumari

ପ୍ରଗତିର କେବେ ବି ଅନ୍ତ ନାହିଁ ଓ ପ୍ରତିଦିନ ତୁମେ ଯାହା କରୁଛ ତାକୁ ଆହୁରି ଭଲ କରି କରିବା ପାଇଁ ଶିକ୍ଷା କରିପାର ।

– ଶ୍ରୀମା

# ଦ୍ୱୀପାନ୍ତରର କଥା
## ବାରୀନ୍ଦ୍ର କୁମାର ଘୋଷ

### ପ୍ରଥମ ପରିଚ୍ଛେଦ
### ଅକୂଳ ଦିଗରେ ଯାତ୍ରା

ସେଇ ଦିନଟି ବୋଧହୁଏ ୧୯୦୯ ମସିହାର ୧୧ ଡିସେମ୍ବର । ବାର ବର୍ଷର କାରାଜୀବନର ଓଲଟପାଲଟରେ ବେଶୀ କିଛି ହୋଇ ନାହିଁ, କେବଳ ସ୍ମୃତିଶକ୍ତିଟା ପ୍ରାୟ ମୃତକଳ୍ପ ଦଶାରେ ପଡ଼ି କ୍ଷୀଣ ଶବ୍ଦ କରୁଛି । ଅତୀତ ଘଟଣାଗୁଡ଼ିକ ସବୁ ଏପରି ହୋଇ ଯାଇଛି ଯେପରି ଏକ ଚିଲମ ଗଞ୍ଜେଇର ନିଶାରେ ଅଲୌକିକ ଧୂମମାର୍ଗୀ ଦର୍ଶନ; କେଉଁ ଘଟଣା ଯେ କେବେ କାହା ପରେ ଘଟିଗଲା, ତାହା କହିବାକୁ କାହାର ସାଧ ଅଛି, ମୋର ତ ନାହିଁ । ସୁତରାଂ ଦ୍ୱୀପାନ୍ତରର କଥା ଲେଖିବାକୁ ଭଲ ଲାଗିବ ନିଶ୍ଚୟ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯେପରି ସବୁର କ୍ରମିକତା ଓଲଟ ପାଲଟ କରି ନବସେ । ତେବେ ପାରି କରିବାକୁ ନାବର ମଙ୍ଗ ଧରି ରହିଛି ଉପେନ । ସେ ଯବନିକାର ଅନ୍ତରାଳରୁ ବେଶ୍ ସ୍ପଷ୍ଟ ଗଳାରେ ଧୀରେ ଧୀରେ ''ପାର୍ବତୀ ସୁତ ଲମ୍ବୋଦର'' କହି ଚାଲିଥିବ ଏବଂ ମୋର ଆଶା ଅଛି 'ସୁତାକୁ ମାଜି ମାଜି, ପାଗେଇ ପାଗେଇ ଲମ୍ବା କରି' କହିବି ନାହିଁ, ଠିକ୍ ଉପେନ୍‌ର କଥାର ଯଥାସାଧ ଅନୁବୃତ୍ତି କରିଯିବି । ସୁତରାଂ ହେ ସୁଧୀଜନ ! ଏହି ଦ୍ୱୀପାନ୍ତରର କଥା ଆମ ଦୁଇଜଣଙ୍କର ଦୁଇଟି ମୁଖରୁ ଏକହିଁ କଥା, ଏଥିରେ ସତ୍ୟ ତଥା ପ୍ରିୟ କଥା କହିଛି – ଶାସ୍ତ୍ରବଚନ ଲଂଘନ କରି ଅପ୍ରିୟ ବା ଅସତ୍ୟ କହୁ ନାହିଁ ।

ଆଲିପୁର ଜେଲରେ ଆମେ ରହୁଥିଲୁ 'ଚୌରାଳିଶ' ଡିଗ୍ରୀ(ଡିକ୍ରୀ)ରେ । ବର୍ତ୍ତମାନ ସେଇ ଆଲିପୁର ଜେଲ ପ୍ରେସିଡେନ୍‌ସି ଜେଲରେ ପରିଣତ ହୋଇଛି; ସେଦିନ ଦ୍ୱୀପାନ୍ତରରୁ ଫେରି ତା'ର ସେ ନବକଳେବରଧାରୀ ସମୃଦ୍ଧ ରୂପ ଦେଖି ଆମମାନଙ୍କର ସେଇ ପୁରାତନ ଶରଶଯ୍ୟାଟିକୁ ଆଉ ଚିହ୍ନି ପାରିଲି ନାହିଁ । ରହୁଥିଲି ଚୌରାଳିଶ ଡିଗ୍ରୀରେ,– ଏହାର ଏକ ବ୍ୟାଖ୍ୟା ପ୍ରୟୋଜନ । ଚୌରାଳିଶ ଡିଗ୍ରୀଟା ଯେ କୌଣସି ଥର୍ମୋମିଟରେ ଘଟିତ ସବ୍ ନରମାଲ୍ ବ୍ୟାପାର ନୁହେଁ – ତାହା ନ ବୁଝାଇଲେ ପାଠକ ବୁଝି ପାରିବେ ନାହିଁ । ଚୌରାଳିଶ ଡିଗ୍ରୀ ଅର୍ଥ ସମାନ ଧାଡ଼ିରେ ଚୌରାଳିଶଟି କୋଠରି, ସେଗୁଡ଼ିକ ଲଗାଲଗି ହୋଇ ରହିଲେ ବି ପ୍ରତ୍ୟେକ କୋଠରିରେ ପ୍ରାଚୀର ଘେରା ତିନି ଚାରି ହାତର ଅଗଣା ଅଛି । ସେଇ ଅଗଣାରେ ଗୋଟିଏ ମାତ୍ର କାଠର କବାଟ, ତା' ମଝିରେ ଲଗାଯାଇଛି ଏକ ଇଞ୍ଚ ଗୋଲାକାର କାଚର ଗୋଟିଏ ଛିଦ୍ର, ଏଇ ଛିଦ୍ର ଦେଇ ବାହାରର ପ୍ରହରୀ ଭିତର ପଞ୍ଜୁରୀରେ ଦ୍ୱିପଦ ପଶୁଟି କ'ଣ କରୁଛି, ତାହା ଦେଖିପାରେ । ସମସ୍ତ କୋଠରି ସାମନାରେ ଲମ୍ବା ଅଗଣା ଲମ୍ବିଛି ସେ ପୁଣି ପାଚେରି ଦ୍ୱାରା ଘେରା । ଏଠାରେ ଗୋଟିଏ Sentry-box ଅବା ପ୍ରହରୀର ବିଶ୍ରାମ ନିମନ୍ତେ କାଠର ରଥ ପରି ଘରଟିଏ ଅଛି । ଏହି ଅଗଣାରେ କାନ୍ଧରେ ବନ୍ଧୁକ ଧରି ଧରାକୁ ସରାଜ୍ଞାନ ମନେ କରି ରକ୍ତମୁଖା ଗୋରା ପ୍ରହରୀ(ସେନ୍‌ଟ୍ରି)ଟିଏ ପ୍ରହରା ଦେଉଥାଏ । ଏଇ ସ୍ୱତନ୍ତ୍ର ପୋଷାକ ପରିହିତ ହେଲ୍‌ମେଟ୍‌ଧାରୀ ନୀଳଚକ୍ଷୁ ପିଆଦାମାନଙ୍କୁ ଦୂରରୁ ଦେଖିଲେ ଆତଙ୍କ ବୋଧ ହେଉଥିଲା; କିନ୍ତୁ ପରେ ସେମାନଙ୍କ ସହ ସଦ୍‌ଭାବ କରି ସବୁ ଦିଗରୁ ଦେଖିଛି, ନିତାନ୍ତ ସରଳ, ପୋଷା ମାନିଥିବା ବିରାଡ଼ି ପରି ନିରୀହ ।

ଏଇ ଚୌରାଳିଶ ଡିଗ୍ରୀର ପ୍ରଥମ ତିନି ଚାରୋଟି କୋଠରିର ନାମ Condemned Cell ବା ଫାଶୀ ଆସାମୀର କକ୍ଷ । ମୁଁ ଆଉ ଉଲ୍ଲାସ ଦା' ସେତେବେଳେ ଗଳାରେ ଦଉଡ଼ି ଦେଇ ଭବ ସାଗର ପାରି ହେବାର ଯାତ୍ରୀ, ମୁଣ୍ଡ ଉପରେ ସରୁ ସୁତାରେ ବନ୍ଧା ଖଡ୍‌ଗ ପରି ଫାଶୀର ହୁକୁମ ଝୁଲୁଛି । ହାଇକୋର୍ଟରେ ଅପିଲ ଚାଲିଛି, ଯଦି ଜଜ୍ ସାହେବ ସୁବିଚାର କରିବେ ତେବେ ଆଣ୍ଡାମାନକୁ ଜୀଅନ୍ତା କବରସ୍ଥ ହେବା ପାଇଁ ଯିବାକୁ ପଡ଼ିବ, ଏବଂ ଯଦି ଅବିଚାର କରିବେ ତା'ହେଲେ ଦୁର୍ଗାଙ୍କ ନାମ ନେଇ ଝୁଲି ପଡ଼ିବୁ । ଆଉ ସମସ୍ତେ ପ୍ରାୟ ପରିପାଟୀ ସାଧନରେ ମାତି ରହିଥା'ନ୍ତି । ସ୍ନାନ, ଆହାର ସମୟରେ ବାହାର ପଟର ଅଗଣାରେ ବୁଲାବୁଲି କରି ପାରୁଥିଲେ ଏବଂ ପ୍ରହରୀମାନଙ୍କ ଚକ୍ଷୁ ଅନ୍ତରାଳରେ ପରସ୍ପର ସହିତ ନେପଥ୍ୟରେ ଥରେ ଅବା ଦୁଇ ଥର ଚୋରା ଚାହାଣି ବିନିମୟ କରି ପାରୁଥିଲେ ଅବା ପଦେ ଦୁଇପଦ କୌତୁକପୂର୍ଣ୍ଣ କଥା କହି ପାରୁଥିଲେ, ନିହାତି ରୂପେ ମନ ଖୁସିରେ ମୁଖରେ

ବିଭିନ୍ନ ପ୍ରକାର ଭଙ୍ଗୀ କରି ସୁଖ ପାଉଥିଲେ । ଆମେ ଦୁଇଜଣ ମରଣପଥର ଯାତ୍ରୀ ବୋଲି ଏଇ ସୁଖରୁ ବଞ୍ଚିତ ଥିଲୁ, ଦିବାରାତ୍ରି ଅଯଥାରେ ବନ୍ଦ ହୋଇ ରହୁଥିଲୁ, ଆମର ସ୍ନାନାହାର ଥିଲା ଏଇ ବନ୍ଧ ଘେରା ଚାରିହାତ ପ୍ରସ୍ଥ ଅଗଣାଚିରେ । ମଣିଷର ମୁହଁ ଅର୍ଥାତ୍ – ଦେଖିବ ଏଇ 'ଷଣ୍ଡମାର୍କା' ଜେଲର ହିଲ୍ ସାହେବଙ୍କୁ; ମଝିରେ ମଝିରେ ତଥାପି ଦେଖା ପାଉଥିଲୁ ଗୋଷ୍ଠୀର ସୁପରିନ୍‌ଟେଣ୍ଡେଣ୍ଟ, କାଠଡ଼ବା ସଦୃଶ ଗାଡ଼ିର ବାତୁଆ ଘୋଡ଼ା ଭଳି ଜୀର୍ଣ୍ଣ, ଏପରିକି ପବନରେ ଉଡ଼ି ଗଲା ଭଳି ଚେହେରାଧାରୀ ହେଡ୍‌ୱାର୍ଡ଼ର ଉଇଲସ୍ ସାହେବ, ଏବଂ ତିନି ଘଣ୍ଟା ଅନ୍ତରରେ ଜଣେ ଜଣେ ଜେଲ ପୋଲିସ । ପ୍ରାକୃତିକ ଦୃଶ୍ୟ ମଧ୍ୟରେ ମଥା ଉପରେ ଚେକାଏ ମନୋହର ନୀଳ ଆକାଶ, ଚୌଦ ହାତ ଉଚ୍ଚ ପାଚେରି ସେପଟେ କେତେଗୁଡ଼ିଏ ଆମ୍ବ, ପଣସ ଓ ଓସ୍ତ ଗଛ । ରୌଦ୍ରମଖା ଚକ୍ଷୁକୁ ହାଲୁକା କରୁଥିଲା ମନୋହାରୀ ସବୁଜ ଶୀର୍ଷ ଏବଂ ମୁକ୍ତ ପକ୍ଷୀର ଯିବା ଆସିବା ସହ ଅବାଧ କାକଳୀ । ସବୁଜ ଦୁର୍ବାଦଳ ଅବା ଫୁଟନ୍ତା ଫୁଲ – ଏସବୁକୁ ସାତ ମାସ ଧରି ଦେଖି ନାହୁଁ । ନିତ୍ୟ ନୈମିତ୍ତିକ ଜୀବନରେ ପରିଚିତମାନଙ୍କର ସାହଚର୍ଯ୍ୟ ଅବା ଦର୍ଶନ ମଧ୍ୟ ମାତ୍ର ଥରଟିଏ ବ୍ୟତୀତ ଆଉ ଘଟି ନାହିଁ । ତେବେ ସାଧନ, ଭଜନରେ ଆକଣ୍ଠ ବୁଡି ରହିଥିଲୁ ବୋଲି ସ୍ନେହ ମମତାର ଓ ଚକ୍ଷୁ, କର୍ଣ୍ଣର ସେଇ ଦୁର୍ଭିକ୍ଷକୁ ସହି ପାରୁଥିଲୁ, ତୈଳାକ୍ତ ଶରୀରରୁ ଜଳବିନ୍ଦୁ ପରି ସବୁ ଦୁଃଖ ଦୈନ୍ୟ ଝରି ପଡୁଥିଲା; କଣ୍ଟା ସଦୃଶ ବକ୍ଷ ମଧ୍ୟରେ ଫୋଡ଼ି ହୋଇ ରହି ନଥିଲା ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ ❑

## ଅନୁଭବ ଓ ଅନୁଦାନ

ରବି ଏବଂ ଶ୍ୟାମଳ ସହପାଠୀ ଥିଲେ । ପାଠପଢ଼ା ଶେଷ ହେବା ପରେ ରବି ଜଣେ ସମାଜସେବୀ ଭାବରେ ଦିନ ବିତାଉଥାଏ । ପଙ୍ଗୁ, ମୂକ, ବଧିର ଇତ୍ୟାଦିଙ୍କ ସେବା ନିମନ୍ତେ ସେ ଗୋଟିଏ ପ୍ରତିଷ୍ଠାନ ଗଢ଼ିଥାଏ ।

ଶ୍ୟାମଳ ବ୍ୟବସାୟ କରି ବହୁତ ଧନ ଅର୍ଜିଥାଏ; କିନ୍ତୁ ସଙ୍ଗେ ସଙ୍ଗେ କୃପଣ ଭାବରେ କୁଖ୍ୟାତି ମଧ୍ୟ ଅର୍ଜି ଥାଏ ।

ଶୀତ ଋତୁ । ଦିନେ ସନ୍ଧ୍ୟାବେଳେ ବହୁଦିନ ପରେ ରବି ଆସି ଶ୍ୟାମଳ ଘରେ ପହଞ୍ଚିଲା । ଶ୍ୟାମଳର ବୈଠକଖାନା ବିଦ୍ୟୁତ୍ ଚୁଲା ଯୋଗେ ଉଷୁମ ହୋଇ ରହିଥାଏ । ଦୁଇ ବନ୍ଧୁ ପ୍ରାୟ ଘଣ୍ଟାଏ କାଳ କଥାବାର୍ତ୍ତା ହେବା ପରେ ରବି ଯିବା ପାଇଁ ପ୍ରସ୍ତୁତ ହେଲା । ଶ୍ୟାମଳ ତାକୁ ଛାଡ଼ିବାକୁ ବାରନ୍ଦାକୁ ଗଲା ।

ରବି କୌଣସି ଗୋଟାଏ ଘଟଣା ଗପିବାକୁ ଲାଗିଲା । ଦଶ ମିନିଟ ଗଲା । ସେ ଗରମ ଚଦର ଘୋଡ଼ି ହୋଇଥାଏ । କିନ୍ତୁ ଶ୍ୟାମଳ ଦେହରେ ଥିଲା ଖାଲି ଗେଞ୍ଜିଟିଏ । ସେ ତ ବନ୍ଧୁକୁ ବିଦାୟ ଦେବାକୁ ବାହାରି ଆସିଥିଲା ଅଧ ମିନିଟ ପାଇଁ ।

କିନ୍ତୁ ରବିର ଗପ ଶେଷ ହେଉ ନଥାଏ । ଶ୍ୟାମଳ ବାରଂବାର କହୁଥାଏ, ''ଚାଲ, ଭିତରେ ବସି ଗପିବା ।''

''ନା, ନା, ହେଇଟି ମୁଁ ଯାଉଛି ।'' ଏହା କହି ରବି ପୁଣି କିଛି କଥା ଆରମ୍ଭ କରୁଥାଏ । ଶ୍ୟାମଳ ଶେଷକୁ ଧୈର୍ଯ୍ୟ ହରାଇ କହିଲା, ''ଆରେ ଭାଇ, ଶୀତରେ ମୋ ରକ୍ତ ହିମ ହୋଇ ଗଲାଣି । ଚେତନା ହରାଇବି କି କ'ଣ । ଚାଲ ଭିତରକୁ ।''

''ନା, ନା, ମୁଁ ଯାଉଛି । ହଁ, ଯାହା କହିବାକୁ ଆସିଥିଲି କହି ନାହିଁ । ତୁ ଆମ ଅନାଥାଶ୍ରମ ପାଇଁ ଶହେ କମ୍ବଳ କିଣିଦେ ।'' ରବି କହିଲା ।

''ତୁ ଏତକ କଥା ପ୍ରଥମରୁ କହିଥିଲେ ତ ହୋଇଥା'ନ୍ତା !'' ଶ୍ୟାମଳ ମୃଦୁ ଭର୍ତ୍ସନା ଭଙ୍ଗୀରେ କହିଲା ।

''ନା ଭାଇ, ହୁଏତ ହୋଇ ନଥା'ନ୍ତା । ଶୀତ କେତେ କଷ୍ଟ ଦିଏ, ସେତକ ତୋତେ ଏଠି ଠିଆ କରାଇ ବୁଝାଇଦେବା ଦରକାର ଥିଲା । ଅନୁଭବ କଲେ ଯାଇ ଅନୁଦାନ ପାଇଁ ତୋର ଆଗ୍ରହ ହେବ ।'' ରବି ହସି ହସି କହିଲା । ❑

ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୧୦) :

# ଏକ ପ୍ରକୃତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର

## ପ୍ରସାଦ ତ୍ରିପାଠୀ

ଅନେକ କଥା ଲେଖା ହେଉଛି, କୁହା ହେଉଛି, ବାସ୍ତବିକ କରାଯାଉଛି କି ? ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ ପୂର୍ବରୁ ପାଠଚକ୍ର ଆରମ୍ଭ ହେବ । ଶିକ୍ଷାକେନ୍ଦ୍ରର ଆବଶ୍ୟକତା ସମସ୍ତେ ପାଠଚକ୍ରରୁ ଅନୁଭବ କରିବେ । ଶିକ୍ଷାକେନ୍ଦ୍ର କେବେ ହେଲେ କୌଣସି ତଥାକଥିତ ବାହ୍ୟ ଆବଶ୍ୟକତା ପୂରଣ କରିବା ପାଇଁ କରାଯିବ ନାହିଁ । ଏହା ବାସ୍ତବିକ ଏକ ଅନ୍ତରର ପ୍ରେରଣାରୁହିଁ ଆରମ୍ଭ ହେବ । ସାଧାରଣ ଶିକ୍ଷା ଭଳି ଦେଖା ଯାଉଥିଲେ ମଧ୍ୟ ତା' ମଧ୍ୟରେ ଅନେକ ନୂତନ ନୂତନ କଥା ରହିବ । ଉଦାହରଣ ସ୍ୱରୂପ ଆମେ ପାଠ ପଢ଼ାଇବା ବେଳେ ସବୁବେଳେ ମନ ମଧ୍ୟରେ ରହିବ ଏ ପିଲାମାନେ କେବଳ ନିଜର ଜୀବିକା ନିର୍ବାହ କରିବା ଉଦ୍ଦେଶ୍ୟରେ ଏହି ବିଦ୍ୟା ଅଧ୍ୟୟନ କରୁ ନାହାନ୍ତି । ସେମାନଙ୍କର ଏକ ନୂତନ ଭବିଷ୍ୟତ୍ ସମ୍ବନ୍ଧରେ ଧାରଣା ରହିବା ଆବଶ୍ୟକ । ଏଇ ସ୍କୁଲମାନଙ୍କରେ କେବେ ହେଲେ କେବଳ ଭଲ ପାଠ ପଢ଼ିବାକୁ କେହି ଇଚ୍ଛା କରୁ ନଥିବେ । ପାଠ ସହିତ ଅନ୍ୟ ସବୁ ଦିଗ ମଧ୍ୟ ସମାନ ଭାବରେ ଆବଶ୍ୟକ ବୋଲି ସେମାନଙ୍କର ଅନୁଭବ ହେଉଥିବ ଏବଂ ସେଥିପାଇଁ ସେମାନେ ସମାନ ଉଦ୍ୟମ କରୁଥିବେ । ବିଦ୍ୟାଳୟରେ ସମାନ ଉତ୍ସାହର ସହିତ ପାଠପଢ଼ା, ହସ୍ତକର୍ମ, ସଙ୍ଗୀତ, ନୃତ୍ୟ, ଚିତ୍ରକଳା, କ୍ରୀଡ଼ା ଇତ୍ୟାଦି କରାଯାଉଥିବ । ନିଜ ଭିତରେ ସାହସ, ବିଶ୍ୱାସ, ଭରସା, ଉତ୍ସାହ, ଉଦ୍ୟମ କୌଣସିଥିରେ ଊଣା ନଥିବ । ବରଂ ସେସବୁ ଗୁଣ ସର୍ବାଦୌ ଆବଶ୍ୟକ ବୋଲି ସ୍ୱତଃ ପିଲାମାନେ ଅନୁଭବ କରୁଥିବେ ଏବଂ ସେଇ ଅନୁସାରେ ସେମାନଙ୍କର କଥା, ଚିନ୍ତା, କଳ୍ପନା, ଧାରଣା, କାର୍ଯ୍ୟ ସବୁ ଅନୁଭୂତ ମଧ୍ୟ ହେଉଥିବ ।

ବିଦ୍ୟାଳୟରେ ପାଠଚକ୍ରର ଭୂମିକାକୁ କାହାରିକୁ କହିବାକୁ ହେଉ ନଥିବ । ପାଠଚକ୍ର କିପରି ବିଦ୍ୟାଳୟର ମୂଳ, ସେସମ୍ପର୍କରେ କାହାରି ସନ୍ଦେହ ନଥିବ । ପାଠଚକ୍ର ପ୍ରତି ଏକ ଗଭୀର ଶ୍ରଦ୍ଧା, ନିର୍ଭରତା, ନିଷ୍ଠା ସମସ୍ତଙ୍କର ରହିଥିବ ।

ବିଦ୍ୟାଳୟରେ ପ୍ରତିଯୋଗିତା ଅପେକ୍ଷା ସହଯୋଗିତାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବ । କେହି ପଞ୍ଚମ ଶ୍ରେଣୀ ପରେ କିଂବା ସପ୍ତମ ଶ୍ରେଣୀ ପରେ କମନ୍ ବୋର୍ଡ଼ ପରୀକ୍ଷା ଦେଉ ନଥିବେ । ସରକାରୀ ସ୍ତରରେ ଯେଉଁସବୁ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବ ସେଥିରେ ଯୋଗଦେବା ପାଇଁ ଭିତରେ କୌଣସି ଲାଳସା ନଥିବ । ପୁରସ୍କାର ବିତରଣ ଭଳି ଏକ ରୁଗ୍‌ଣ ବ୍ୟବସ୍ଥା ନଥିବ । ସମସ୍ତଙ୍କୁ ସମାନ ଭାବରେ ଉତ୍ସାହିତ କରାଯାଉଥିବ । ପିଲାମାନେ ବାସ୍ତବିକ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଭଲ ପାଉଥିବେ, ଶ୍ରଦ୍ଧା କରୁଥିବେ । ସେମାନଙ୍କ ସମ୍ପର୍କରେ ଅଧିକ ଜାଣିବାକୁ ଆଗ୍ରହ ପ୍ରକାଶ କରୁଥିବେ । ପରିବେଶ ଖୁବ୍ ପରିଷ୍କାର ପରିଚ୍ଛନ୍ନ ରହିଥିବ । କାର୍ଯ୍ୟରେ ଭିନ୍ନତା ଥିଲେ ମଧ୍ୟ ନିଜ ନିଜ ମଧ୍ୟରେ ସଙ୍ଗତି ଥିବ । ପିଲାମାନେ ଚଗଲାମି କିଛି କିଛି କରୁଥିଲେ ମଧ୍ୟ ବିଶୃଙ୍ଖଳିତ ନଥିବେ ।

ଯେତେ ଛୋଟିଆଟିଏ ବି ହେଉ ଗୋଟିଏ ବଗିଚା ଥିବ । ଶ୍ରମସାପେକ୍ଷ ଏବଂ ଅଧିକ ଯତ୍ନ ଚାହୁଁଥିବା ଦାମୀ ଫୁଲସବୁ ନଥିଲେ ବି ଅନ୍ତତଃ ଟଗର, ତରାଟ, ମନ୍ଦାର ଭଳି ଫୁଲମାନେ ବଗିଚାରେ ଭର୍ତ୍ତିଥିବେ ।

କାହାରି ମୁହଁରେ ବିଷାଦ, ଅବସାଦ, ହତାଶା, ଚିନ୍ତା, ହତୋତ୍ସାହ, ଭୟ ପ୍ରଭୃତିର ଚିହ୍ନବର୍ଣ୍ଣ ନଥିବ । ଆନନ୍ଦରେ ସମସ୍ତେ ପରିପୂର୍ଣ୍ଣ ହୋଇଥିବେ । ଯେଉଁ ସବୁ ସର୍ବନିମ୍ନ ଆବଶ୍ୟକତା ରହିଛି ସେସବୁ କିଛି ମିଳୁ ନଥିଲେ ମଧ୍ୟ କିଛି ଅଭାବବୋଧ ନଥିବ । ହସ, ଆନନ୍ଦର ଜୁଆର ଭିତରେ ସବୁ ଅଭାବ, ଦାରିଦ୍ର୍ୟ ମଳିନ ପଡ଼ି ଯାଉଥିବ । ଅନୁଷ୍ଠାନରେ କେହି ଯଦି ଟିକେ ଉଚ୍ଛୃଙ୍ଖଳିତ ଲାଗିଲେ ତାକୁ ଅଧିକ ଅବାଗିଆ ନ କରାଇ ସମସ୍ତେ ତାକୁ ନିଜ ନିଜ ଭିତରକୁ ଟାଣି ନେଉଥିବେ । ହୁଏତ ନିଜ ନିଜ ମନକୁ ପାଇଲା ଭଳି କିଛି ଘଟୁ ନଥିଲେ ମଧ୍ୟ କାହାରି ମନ ଊଣା ନଥିବ ।

ଅଭିଭାବକମାନେ ଅନୁଷ୍ଠାନକୁ ଶ୍ରଦ୍ଧା କରୁଥିବେ । ମାତ୍ର ସେଥିପାଇଁ ଆମର ଭୁଲତ୍ରୁଟିକୁ ଆଦୌ ସମର୍ଥନ କରୁ ନଥିବେ । ସେମାନେ ଆମର ଭୁଲ୍‌ତ୍ରୁଟିକୁ ଦର୍ଶାଇ ଦେଲେ ଆମେ ପ୍ରତିକ୍ରିୟା ପ୍ରକାଶ ନକରି ସେମାନଙ୍କ ପ୍ରତି କୃତଜ୍ଞ ରହୁଥିବୁ । ସ୍ୱାଭାବିକ ଭାବରେ ସେମାନଙ୍କ ପ୍ରତି ଅନୁଷ୍ଠାନର ସମସ୍ତଙ୍କର ଏକ ଅନ୍ତରଙ୍ଗ

ସମ୍ପର୍କ ଥିବ । ଥରେ ଅଭିଭାବକ ହୋଇ ଗଲେ ସେ ମଧ୍ୟ ଅନୁଷ୍ଠାନର ଲକ୍ଷ୍ୟ, ଉଦ୍ଦେଶ୍ୟ ପ୍ରତି ମନୋଯୋଗ ଦେଉଥିବେ । ନିଜକୁ କେବଳ ଏକ ଅଭିଭାବକ ବୋଲି ନଭାବି ଏହି ଦିବ୍ୟ କର୍ମରେ ଏକ କର୍ମୀ ବୋଲି ଅନୁଭବ କରୁଥିବେ ।

ଅନୁଷ୍ଠାନରେ ଅଧ୍ୟାପନା ହେଉଥିବ, ଖୁବ୍ ଭଲ ଭାବରେ ହେଉଥିବ । ଛାତ୍ରଛାତ୍ରୀ, ଅପାଭାଇ ସମସ୍ତେ ଆନନ୍ଦରେ ଅଂଶ ଗ୍ରହଣ କରୁଥିବେ । କେହି କ୍ଲାନ୍ତି ଅନୁଭବ କରୁ ନଥିବେ, କାରଣ କେହି ପରୀକ୍ଷା ପାଇଁ ପଢୁ ନଥିବେ କି ପଢ଼ାଉ ନଥିବେ । ସବୁ ବିଷୟ ପଢ଼ା ଯାଉଥିବ । କୌଣସି ଗୋଟିଏ ବିଷୟ ଅଧିକ ଗୁରୁତ୍ୱପୂର୍ଣ୍ଣ ବା ଅନ୍ୟଟି କମ୍ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଧାରଣା ହେଉ ନଥିବ । ଅନୁଷ୍ଠାନରେ କେହି ଛାତ୍ରଛାତ୍ରୀ ଟିଉସନ ହେବା ପାଇଁ କିଂବା ଅପାଭାଇ ଗୃହଶିକ୍ଷକତା କରିବା ପାଇଁ ଇଚ୍ଛା କରୁ ନଥିବେ । ସବୁ ବିଷୟରେ ଆଗ୍ରହ ନେଉ ଥିଲେ ମଧ୍ୟ କୌଣସି ବିଷୟରେ ଯଦି କୌଣସି କାରଣରୁ ଆଗ୍ରହ ବା ଉତ୍ସାହ ନ ଆସିଲା ସେଥିପାଇଁ ନିଜକୁ କେହି ନ୍ୟୁନ ମଣୁ ନଥିବେ ।

ଅନୁଷ୍ଠାନରେ ପରୀକ୍ଷା ହେଉଥିବ । ପ୍ରତ୍ୟେକ ମାସରେ ପରୀକ୍ଷା ହେଉଥିବ – ତିନି ମାସରେ ମଧ୍ୟ ହେଉଥିବ, ଛଅ ମାସରେ ଏବଂ ବର୍ଷକ ପରେ ହେଉଥିବ । ପରୀକ୍ଷା କେବେ ବି ଯନ୍ତ୍ରଣା ହୋଇ ନଥିବ । ପରୀକ୍ଷାକୁ ଆମୋଦ ଭଳି ବ୍ୟବହାର କରାଯାଉଥିବ । ଛାତ୍ରଛାତ୍ରୀ କିଂବା ଅପା, ଭାଇ କେହି ଆତଙ୍କିତ ହେଉ ନଥିବେ । ପିଲାଙ୍କୁ ଉତ୍ତର ଲେଖିବାକୁ ଭଲ ଲାଗିବ ବୋଲି ପ୍ରଶ୍ନପତ୍ର ତିଆରି ହେଉଥିବ – ପିଲାଙ୍କ ଭିତରେ ବିଚକ୍ଷଣତାକୁ ମାପିବା ପାଇଁ ନୁହେଁ । ପରୀକ୍ଷାରେ ସମସ୍ତେ ଆନନ୍ଦରେ ଭାଗ ନେଉଥିବେ । କେହି ପୋଲିସ ହେବେ ନାହିଁ । ପରୀକ୍ଷା ହଲ୍‌ରେ ଜଗୁଆଳି ରହୁ ନଥିବେ । ଯେତିକି ଆସୁଛି ସେତକ ଭଲ ଭାବରେ ଲେଖିବାକୁ ଇଚ୍ଛା କରୁଥିବେ । ନ ଆସିଲେ ଅନ୍ୟ କିଛି ଉପାୟରେ ଖାତାରେ ଲେଖିବାକୁ ଆବଶ୍ୟକ କରୁ ନଥିବେ । ପରୀକ୍ଷା ଫଳ ପାଇଁ କେହି ଉତ୍କଣ୍ଠିତ କିଂବା ଆତଙ୍କିତ ହୋଇ ଅପେକ୍ଷା କରୁ ନଥିବେ । ଜୀବନର ଅନ୍ୟ ସମସ୍ତ କାର୍ଯ୍ୟ ଭଳି ପରୀକ୍ଷା ଏବଂ ତା'ର ଫଳକୁ ସମସ୍ତେ ସମାନ ଜ୍ଞାନ କରୁଥିବେ । ସାଧାରଣ ଭାବରେ ସମାଜର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଭଳି ସଚରାଚର ଯେପରି ତାହାକୁ ବିଚାର କରାଯାଉଛି, ଅନ୍ତତଃ ସେମିତି କେବେ ହେଲେ ଭାବୁ ନଥିବେ ।

ଶିକ୍ଷାକେନ୍ଦ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବ । ହୁଏତ ଆଗରୁ ଯେପରି ବିଭିନ୍ନ ସ୍ଥାନରେ ହୁଏ ସେପରି ନହୋଇ ନୂଆ ପ୍ରକାରର ହେଉଥିବ । ପ୍ରତ୍ୟେକଟି କାର୍ଯ୍ୟକ୍ରମରେ ଆମର ଲକ୍ଷ୍ୟ ଓ ଆଦର୍ଶ ପ୍ରତିଫଳିତ ହେଉଥିବ । ଅନୁଷ୍ଠାନର ଅପାଭାଇ ବା ଛାତ୍ରଛାତ୍ରୀମାନେ ନିଜେ ସବୁ ଲେଖୁଥିବେ । ଅନ୍ତତଃ ଗତାନୁଗତିକ ଧାରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉ ନଥିବ ।

ସ୍କୁଲରେ ପାଠାଗାରଟିଏ ନିଶ୍ଚୟ ଥିବ, ମାତ୍ର ତାହା କେବଳ ସ୍କୁଲର ଶୋଭା ବୃଦ୍ଧି ପାଇଁ ନୁହେଁ କିଂବା ଗୋଟିଏ ଅଳଙ୍କାର ନୁହେଁ । ତାହା ବାସ୍ତବିକ ଏକ ଆବଶ୍ୟକୀୟ ଅଙ୍ଗ ହୋଇଥିବ । ଉଭୟ ଛାତ୍ରଛାତ୍ରୀ ଏବଂ ଅପାଭାଇଙ୍କର ତାହା ଆବଶ୍ୟକତା ପୂରଣ କରୁଥିବ । ହୁଏତ କୌଣସି କୌଣସି ସ୍ଥାନରେ ଛାତ୍ରାବାସଟିଏ ମଧ୍ୟ ଥିବ । ଆଶ୍ରମ ଧାରାରେ ଏକ ସାମୂହିକ ଜୀବନଯାପନର ଆବଶ୍ୟକତା ଅନୁଭବ କରି ଛାତ୍ରାବାସଟିଏ ଖୋଲା ଯାଇଥିବ । ଛାତ୍ରଛାତ୍ରୀ, ଅପାଭାଇ ସମସ୍ତେ ଆଶ୍ରମ ଜୀବନର ଅଭିପ୍ରାୟ ସହ ସେଠାରେ ରହିଥିବେ । ସେଠାରେ ମଉଜ ମଜଲିସ ହେଉ ନଥିବ, ମାତ୍ର ଆନନ୍ଦ ପରିପୂର୍ଣ୍ଣ ହୋଇ ରହିଥିବ ।

ସର୍ବୋପରି ସମସ୍ତଙ୍କ ମଧ୍ୟରେ ଏକ ଦୃଶ୍ୟମାନ ସାମଞ୍ଜସ୍ୟ, ବୁଝାମଣା ତଥା ସଙ୍ଗତି ବଜାୟ ରହିଥିବ । କଥାରେ, କାମରେ, ବିଚାରରେ, ଚିନ୍ତାରେ, କଳ୍ପନାରେ ଅମେଳ ହେଉଥିଲେ ମଧ୍ୟ ମନରେ ଅମେଳ ହେଉ ନଥିବ । ସମସ୍ତେ ଭିନ୍ନ ଭିନ୍ନ ମତ ଦେଉଥିଲେ ମଧ୍ୟ ଶେଷରେ ଗୋଟିଏ ମତରେ ସନ୍ତୁଷ୍ଟ ହେଉ ଥିବେ – କେହି ଜଣେ ହେଲେ ବି ନିଜର ମତକୁ ଜାହିର କରିବାକୁ ଜିଦି କରୁ ନଥିବେ । ଅନ୍ତତଃ ପ୍ରତ୍ୟେକ ଦିନ ପରସ୍ପର ପରସ୍ପରକୁ ଦେଖି ଅନାବିଳ ଭାବରେ ହସି ପାରୁଥିବେ – ପରସ୍ପର ପରସ୍ପରର ଶୁଭ କାମନା କରି ପାରୁଥିବେ ।

ଏକ ପ୍ରକୃତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଏହି ଭଳି ଅନେକଗୁଡ଼ିଏ କଥା ହେଉଥିବା ଆବଶ୍ୟକ । ମାତ୍ର ଆମର ଏପରି କୌଣସି ଶିକ୍ଷାକେନ୍ଦ୍ର ଅଛି କି ଯେଉଁ ସ୍ଥାନରେ ଏସବୁ କଥା ସମ୍ପୂର୍ଣ୍ଣ ଭାବରେ ପ୍ରତିଷ୍ଠିତ ହୋଇ ଅଛି ?

ସେପରି ହୁଏତ କୌଣସି ଶିକ୍ଷାକେନ୍ଦ୍ର ନାହିଁ ଯେଉଁଠାରେ କି ସବୁକଥା ଏକାବେଳେକେ ଥିବ । ମାତ୍ର ଏକଥା ମଧ୍ୟ ସତ୍ୟ ଯେ ଏଭଳି କୌଣସି କଥା ଏଠାରେ ଉଲ୍ଲେଖ କରାଯାଇ ନାହିଁ ଯାହା ଓଡ଼ିଶାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସମ୍ପୂର୍ଣ୍ଣ ଭାବରେ ଦୁଷ୍ପ୍ରାପ୍ୟ ହୋଇପାରେ । ଗୋଟିଏ କେନ୍ଦ୍ରରେ

କୌଣସି ଗୋଟିଏ କଥାରେ ଗୁରୁତ୍ୱ ଦେଉଥିବା ବେଳେ ଅନ୍ୟଟିରେ ଅନ୍ୟ କୌଣସି କଥାରେ ଗୁରୁତ୍ୱ ଦେଉଥିବେ । ମାତ୍ର ପ୍ରତ୍ୟେକଟି ବିଷୟ ଓଡ଼ିଶାର କୌଣସି ନା କୌଣସି ଶିକ୍ଷାକେନ୍ଦ୍ରରେ ନିଶ୍ଚୟ ଉପଲବ୍ଧ ହେଉଥିବ ।

ଏହିପରି ଭାବରେ ଓଡ଼ିଶାରେ ଅନେକ ଶିକ୍ଷାକେନ୍ଦ୍ର ଅଛି ଯେପରିକି – ଗନାଇଲୋ, ଗୋପୀନାଥପୁର, କଳପଡ଼ା, ଖଣ୍ଡଗିରି, କାଳୁପଡ଼ାଘାଟ, ବାରଦା, କୋରାପୁଟ, ଭେଡ଼େନ୍, ବରଡ଼ୋଲ, ମାତୃଭବନ, ଚରମ୍ପା, କିଣ୍ଡିରା, ସୁନ୍ଦରଗଡ଼, ବରଗଡ଼, ସୋନପୁର, ବନ୍ଧପଡ଼ା, ଭବାନୀପାଟଣା, ଧରମଗଡ଼ ପ୍ରଭୃତି ଆହୁରି ଅନେକ । ମାତ୍ର ପ୍ରତ୍ୟେକ ସ୍ଥାନରେ କିଛି ନା କିଛି ନୂଆ ଏବଂ ଭିନ୍ନ ଭିନ୍ନ କଥା ଥିବ ।

ମାତ୍ର ସବୁଗୁଡ଼ିକ ଯଦି ଆମକୁ ପ୍ରାପ୍ତ କରିବାକୁ ହେବ ତେବେ ସେଥିପାଇଁ ପୁଣି ସେଇ ପାଠଚକ୍ରକୁ ଫେରିବାକୁ ହେବ । ଅର୍ଥାତ୍ ସବୁ ପଶ୍ଚାତରେ ମା'ଙ୍କୁହିଁ ସବୁଠାରେ ମୁଖ୍ୟ ବୋଲି ଗ୍ରହଣ କରି ନେଲେ ଆଉ ସବୁ ସହଜ ହୋଇଯାଏ । ପ୍ରଭୁଙ୍କ ଭାଷାରେ, ''The Mother is the goal, everything is in her. If she is attained, all is attained. If you dwell in her consciousness, everything else unfolds of itself.''

(24 April 1997 ରେ ଆଶ୍ରମରେ ବିତରିତ ବାଣୀ)

ଅର୍ଥାତ୍, ''ମା' ହିଁ ଆମର ଲକ୍ଷ୍ୟ । ତାଙ୍କ ମଧ୍ୟରେ ସବୁକିଛି ଅଛି । ତାଙ୍କୁ ପ୍ରାପ୍ତ କରି ପାରିଲେ ସବୁକିଛି ପ୍ରାପ୍ତ ହୋଇପାରେ । ତୁମେ ଯଦି ତାଙ୍କ ଚେତନାରେ ବାସ କରିପାରିବ ଅନ୍ୟ ସବୁ କିଛି ଆପେ ଆପେ ପ୍ରାପ୍ତ ହୋଇ ପାରିବ ।''

ଆମେ ଯଦି ଅତି ଆନ୍ତରିକ ଭାବରେ ଶ୍ରୀଅରବିନ୍ଦ ପାଠଚକ୍ରରେ ସମ୍ପୃକ୍ତ ହୋଇ ତାଙ୍କ କାର୍ଯ୍ୟରେ ମଗ୍ନ ରହିବୁ ଏବଂ ସେଇ ମାଧ୍ୟମରେ ସବୁ କାର୍ଯ୍ୟ କରି ଚାଲିବୁ ତେବେ ଅନ୍ୟ ସବୁକିଛି ଆପେ ଆପେ ଆମ ମଧ୍ୟରେ ପ୍ରସ୍ଫୁଟିତ ହୋଇ ପାରିବ ଏବଂ ତାହାହିଁ ବାସ୍ତବରେ ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବୋଲି ପ୍ରତୀତ ହେବ ।

('ପୂର୍ଣ୍ଣତା ପଥେ', ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ) ❑


The Mother of all godheads and all strengths
Who, mediatrix, binds earth to the Supreme.

*(Savitri, p. 313)* - Sri Aurobindo

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**125 Drops of Nectar – Daily Quotations by the**
**Divine Mother and Lord Sri Aurobindo – Rs. 175.00**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

ଇତିହାସର କେତୋଟି ମୁହୂର୍ତ୍ତ :

# ବୁଦ୍ଧି ଓ ବୋଝ

## ମନୋଜ ଦାସ

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର କଥା । ଜଣେ ଜମିଦାର ଫ୍ରିଜିଆ ଅନ୍ତର୍ଭୁକ୍ତ ତାଙ୍କ ନିଜ ଗ୍ରାମରୁ ସହରକୁ ଉଠି ଯାଉଥା'ନ୍ତି । ତାଙ୍କର ଶହେ ସରିକି କ୍ରୀତଦାସ । ଶହେ ସରିକି ପେଟିରେ ଭର୍ତ୍ତି ହୋଇଥାଏ ପୁରୁଣା ଘରର ନାନାଦି ଚିଜ । ସେସବୁ ବୁହା ହୋଇ ଯିବ ସହରରେ ଜମିଦାରଙ୍କ ନୂଆ ଘରକୁ ।

କ୍ରୀତଦାସମାନଙ୍କୁ ନିର୍ଦ୍ଦେଶ ଦିଆଗଲା, ପ୍ରତ୍ୟେକେ ଗୋଟାଏ ଗୋଟାଏ ପେଟି ମୁଣ୍ଡାଇ ଚାଲନ୍ତୁ । ଚାଲିବାକୁ ହେବ ସାରା ଦିନ । ଗନ୍ତବ୍ୟ ସ୍ଥାନ ବହୁଦୂର । ରାସ୍ତାର ଦ୍ୱିତୀୟ ଅଧକ ଉଠାଣିଆ । ଅବଶ୍ୟ କଷ୍ଟ ହେବ । ତେବେ ଦ୍ୱିତୀୟ ଅଧକ ଆରୋହଣ କରିବା ପୂର୍ବରୁ ସମସ୍ତେ ଖିଆପିଆ ଏବଂ ବିଶ୍ରାମ କରିବେ ଘଣ୍ଟାଟିଏ ପାଇଁ ।

କ୍ରୀତଦାସମାନେ ଠେଲାପେଲା ହୋଇ ପେଟିଗୁଡ଼ିକ ପାଖକୁ ଗଲେ । ପ୍ରତ୍ୟେକେ ଚାହାନ୍ତି ବଡ଼ ପେଟିଗୁଡ଼ିକୁ ଆଡ଼େଇ ଛୋଟିଆଟିମାନ ମୁଣ୍ଡାଇବେ । ମାଲିକ କହି ଦେଇଥା'ନ୍ତି ବାଟରେ ପେଟି ଅଦଳବଦଳ ଚଳିବ ନାହିଁ ।

ସେ ଠେଲାପେଲା ଭିତରକୁ ନଯାଇ ଅପେକ୍ଷା କରି ଥାଏ ଜଣେ କ୍ରୀତଦାସ । ଦେଖାଗଲା ଯେଉଁ ଗୋଟିଏ ମାତ୍ର ପେଟି ଅବଶିଷ୍ଟ ରହିଛି ତାହା ସବୁଠାରୁ ବଡ଼ । ସମସ୍ତେ ତାକୁ ଏଡ଼ାଇ ଯାଇଛନ୍ତି ।

ଅପେକ୍ଷା କରିଥିବା କ୍ରୀତଦାସଟି ଖର୍ବକାୟ ଏବଂ ଦୁର୍ବଳ । କିନ୍ତୁ ମାଲିକ ଧମକ ଦେଇ କହିଲେ, ''ଅପେକ୍ଷା କରିଛୁ କାହିଁକି ? ଯା', ଉଠା ସେ ଗୋଟିକ !''

କ୍ରୀତଦାସ ଯାଇ ସେ ଗୋଟିକ ଉଠାଇ ମୁଣ୍ଡାଇଲେ । ଅନେକେ ଅଳ୍ପ ଅଳ୍ପ ହସିଲେ । ବୋକାଟି ପାଇଁ ଥିଲା ସବୁଠାରୁ ବଡ଼ ବୋଝ ! ଶୋଭାଯାତ୍ରା ଆରମ୍ଭ ହେଉ ହେଉ ବିଳମ୍ବ ହେଲା । ଦୁଇ ଘଣ୍ଟା ପରେ ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଗଲେ । ଗୋଟାଏ ସରୋବର ତୀରରେ ସମସ୍ତେ ବସିଲେ । ଖିଆପିଆ ହେବ ।

ଯେଉଁ ପେଟି ଗୋଟିକ ଶେଷ କ୍ରୀତଦାସ ଜଣକ ଉଠାଇ ଥିଲେ, ଯେଉଁ ଗୋଟିକ ସବୁଠାରୁ ବଡ଼ ଦିଶୁଥିଲା, ତହିଁରେ ଥିଲା ସମସ୍ତଙ୍କ ପାଇଁ ପାଉଁରୁଟି ଜାତୀୟ ଖାଦ୍ୟ । ସେଗୁଡ଼ିକ ଓଜନରେ ହାଲୁକା କିନ୍ତୁ ଆକାରରେ ବଡ଼ । ସେଥିପାଇଁ ବୋଝଟି ଦିଶୁଥିଲା ବିରାଟ ।

ଖିଆପିଆ ଶେଷ ହେବା ବେଳକୁ ପେଟି ଗୋଟିକ ଶୂନ୍ୟ । କଷ୍ଟକର ଉଠାଣିଆ ବାଟତକ ସେ ଖର୍ବକାୟ କ୍ରୀତଦାସ ଜଣକ ଖାଲି ପେଟି ଗୋଟିକ ମୁଣ୍ଡେଇ ଚାଲିଲେ । ସେତେବେଳେ ସଭିଏଁ ବୁଝିଲେ, ସେ ଲୋକଟିହିଁ ଥିଲା ସବୁଠାରୁ ବୁଦ୍ଧିମାନ୍ ।

ସେ କ୍ରୀତଦାସ ଆଉ କେହି ନୁହେଁ – ଆମର ପ୍ରିୟ କାହାଣୀକାର – ବିଖ୍ୟାତ ଇସପ୍ ।

('ମନୋଜ ଦାସ ପରିବେଷିତ ଅର୍ଦ୍ଧଶତ କିଶୋର କାହାଣୀ'ରୁ
ସଂଗୃହୀତ, ପୃ.୧୩୭-୧୩୮)

❑❑❑

# ନମ୍ରତା ସମ୍ପର୍କରେ

## (୩)


## କୁମାର ଚନ୍ଦ୍ର ମିଶ୍ର


[ଦିବ୍ୟଜନନୀ ଶ୍ରୀମା'ଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାର ପ୍ରକାରର ପୁଷ୍ପ ବାରଟି ଶ୍ରେୟୋଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟୋଗୁଣଗୁଡ଼ିକ ମଧ୍ୟରୁ 'ନମ୍ରତା' (HUMILITY) ହେଉଛି ଅନ୍ୟତମ । ଶ୍ରୀମା ଘାସ ଫୁଲକୁ 'ନମ୍ରତା' ବା 'ବିନୟବୋଧ'ର ଆଧ୍ୟାତ୍ମିକ ପ୍ରତିନିଧି ରୂପେ ଗ୍ରହଣ କରିଛନ୍ତି । ଉଦ୍ଭିଦ ବିଜ୍ଞାନରେ ଲାଟିନ ଭାଷାରେ ଘାସ ଫୁଲକୁ Sporobolus capillaris କୁହାଯାଏ ।

ଶ୍ରୀମା କହନ୍ତି : "Humility: adorable in its simplicity." (MCW, Vol. 14, P. 151)

ଅର୍ଥାତ୍, ''ନମ୍ରତା : ତା'ର ସରଳତାରେ ସେ ଆଦରଣୀୟ ।''

ନିମ୍ନଲିଖିତ ଆଲୋଚନାଟିରେ ନମ୍ରତା ସମ୍ପର୍କିତ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

### ନମ୍ରତା ସମ୍ପର୍କରେ (୩)

### ହିନ୍ଦୁ ଶାସ୍ତ୍ରରେ ନମ୍ରତାର ସଂଜ୍ଞା ଓ ସ୍ୱରୂପ :

ନତି, ବିନତି, ସଂନତି, ଅମନିତ୍ୱ ଇତ୍ୟାଦି ପଦଗୁଡ଼ିକ 'ବିନୟ' ବା 'ନମ୍ରତା'କୁ ବୁଝାଇଥାଏ । ଶ୍ରୀମଦ୍ ଭଗବଦ୍ ଗୀତାରେ ନମ୍ରତାକୁ ସର୍ବଶ୍ରେଷ୍ଠ ଶ୍ରେୟୋଗୁଣ ରୂପେ ଉପସ୍ଥାପନ କରାଯାଇଛି । ଶ୍ରୀମଦ୍ ଭଗବଦ୍ ଗୀତାର ତ୍ରୟୋଦଶ ଅଧ୍ୟାୟରେ କୁହାଯାଇଛି –

''ଅମାନିତ୍ୱମଦମ୍ଭିତ୍ୱମହିଂସା କ୍ଷାନ୍ତିରାର୍ଜବମ୍ ।
ଆଚାର୍ଯ୍ୟୋପାସନଂ ଶୌଚଂ ସ୍ଥୈର୍ଯ୍ୟମାତ୍ମବିନିଗ୍ରହଃ ॥''
(୧୩-୭)

ଉପରୋକ୍ତ ଶ୍ଳୋକଟିରେ ଆଧ୍ୟାତ୍ମିକ ସାଧନା ଲାଗି ଆବଶ୍ୟକ ଶ୍ରେୟୋଗୁଣଗୁଡ଼ିକର ଉଲ୍ଲେଖ କରାଯାଇଛି । ସେଗୁଡ଼ିକ ହେଲା – ଅମାନିତ୍ୱ, ଅର୍ଥାତ୍ ନିରଭିମାନତା ବା ନମ୍ରତା, ଅଦାମ୍ଭିକତା, ଅହିଂସା, କ୍ଷମାଶୀଳତା, ମନ-ବଚନ ଆଦିରେ ସରଳତା, ଶ୍ରଦ୍ଧା ଓ ଭକ୍ତିର ସହ ଗୁରୁ ସେବା, ଆନ୍ତର ଓ ବାହ୍ୟ ଶୁଦ୍ଧି, ଅନ୍ତଃକରଣର ସ୍ଥିରତା ଏବଂ ମନ ଓ ଇନ୍ଦ୍ରିୟ ସହିତ ଶରୀରର ନିଗ୍ରହ । ଅମାନିତ୍ୱଂ ଦୁଇଟି ଶବ୍ଦର ମିଶ୍ରଣ ବୋଲି କୁହାଯାଇଛି । ଗୋଟିଏ ହେଲା ଅଦାମ୍ଭିକତା ଓ ଅନ୍ୟଟି ହେଲା ନମ୍ରତା ।

ଅଭୟଚରଣାରବିନ୍ଦ ଭକ୍ତି ବେଦାନ୍ତ ପ୍ରଭୁପାଦ ସ୍ୱାମୀ ହେଉଛନ୍ତି ଜଣେ ଗୌଡ଼ୀୟ ବୈଷ୍ଣବ ଗୁରୁ ଯିଏକି ଦେଶ-ବିଦେଶରେ ହରେକୃଷ୍ଣ ଆନ୍ଦୋଳନର ସୂତ୍ରଧର ରୂପେ ପରିଚିତ ।

ପ୍ରଭୁପାଦ ସ୍ୱାମୀ ISKCON ନାମକ ଅନେକ ସଂସ୍ଥା ପ୍ରତିଷ୍ଠା କରି ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଆଦର୍ଶର ପ୍ରସାର କରିଛନ୍ତି । ତାଙ୍କ ବକ୍ତବ୍ୟ ହେଲା –

"Amanityam, humility means lack of arrogance and pride which leads one to a divine state of living and the ultimate truth."

ଏହାର ଭାବାର୍ଥ ହେଲା –

''ଅମାନିତ୍ୱମାନେ ଔଦ୍ଧତ୍ୟ ଓ ଗର୍ବର ଅଭାବ ବା ଅବାଞ୍ଛନୀୟତାକୁ ବୁଝାଏ ଯାହା ଦିବ୍ୟ ଜୀବନ ଓ ପରମ ସତ୍ୟ ଦିଗରେ ପରିଚାଳିତ କରିନିଏ ।''

*

ଗୀତାର ସନ୍ଦେଶ ହେଲା : "the war within, the struggle for self-mastery that every human being must wage if he or she is to emerge from life victorious."

(Ref. Eknath Easwaran, *The Bhagabat Gita,* p. 15)

ଅର୍ଥାତ୍, ''ଅନ୍ତରର ସଂଘର୍ଷ – ଆତ୍ମ ନିୟନ୍ତ୍ରଣ ନିମିତ୍ତ ଯାହା ଏକ ସଂଗ୍ରାମ ଯାହାକୁ ଜୀବନରେ ଜୟଯୁକ୍ତ ହେବା ଲାଗି ପ୍ରତ୍ୟେକ ମଣିଷ ଉଦ୍‌ଘୋଷଣା କରିବାକୁ ବାଧ୍ୟ ହୋଇଥା'ନ୍ତି ।''

‘‘The language of battle is often found in the scriptures for it conveys the strenuous, long drawn-out compaign we must wage to free ourselves from the tyranny of ego, the cause of all our suffering and sorrow.’’

ଏହାର ଭାବାର୍ଥ ହେଲା –

‘‘ଶାସ୍ତ୍ରମାନଙ୍କରେ ଯୁଦ୍ଧର ବର୍ଣ୍ଣନା ଦେଖିବାକୁ ମିଳେ, କାରଣ ଅହଂ – ଯାହା ଆମର ଯାବତୀୟ ଦୁଃଖଯନ୍ତ୍ରଣାର କାରଣ ହୋଇ ରହିଛି, ତାହାର ଦୌରାତ୍ମ୍ୟରୁ ମୁକ୍ତ ହେବା ଲାଗି ଦୀର୍ଘ ମିଆଦୀ ଘୋର ଯୁଦ୍ଧ ଘୋଷଣାର ଧାରଣା ବହନ କରିଥାଏ ।’’

(Ref. Eknath Easwaran, The Bhagwat Gita for daily life : Vol 1. page. 24)

*

ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟିରେ ନମ୍ରତା ହେଉଛି ଏକ ଅତ୍ୟାବଶ୍ୟକ ସଦ୍‌ଗୁଣ । ଏହି ଗୁଣଟିକୁ ଆପଣାର କଲା ପରେ ଅନ୍ୟାନ୍ୟ ସଦ୍‌ଗୁଣଗୁଡ଼ିକର ଅଭ୍ୟୁଦୟ ସମ୍ଭବ ହୋଇଥାଏ । ସେ କହନ୍ତି :

‘‘Humility cannot be an observance by itself. For it does not lend itself so being deliberately practised. It is however an indispensable test of *ahimsa* (non-violence).’’

‘‘ନମ୍ରତା ସ୍ୱତଃ କେବଳ ଏକ ପ୍ରତିପାଳନ କରିବା ବିଷୟ ନୁହେଁ, କାରଣ ଏହା ଏକ ଅଭ୍ୟାସ-ଯୋଗ୍ୟ ବିଷୟ ନୁହେଁ । ତେବେ ଅହିଂସା ଲାଗି ଏହା ଏକ ଅପରିହାର୍ଯ୍ୟ ପରୀକ୍ଷା ।’’

*

ଆଚାର ବ୍ୟବହାର ସହ ବିନୟବୋଧ ବା ନମ୍ରତା ଏକାଠି ଫେଣ୍ଟାଫେଣ୍ଟି କରି ଦିଆଯାଇ ନପାରେ । ଜଣେ ଅନ୍ୟର ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ କରିପାରେ, କିନ୍ତୁ ତା’ ପ୍ରତି ଯଦି ହୃଦୟରେ ତିକ୍ତତା ଭରି ରହିଥାଏ ତେବେ ତାହାକୁ ନମ୍ରତା ବୋଲି କୁହାଯାଇନପାରେ ।

ମହାଭାରତରେ କୁହାଯାଇଛି : ‘‘As age deprives a woman of her beauty, so the absence of humility deprives a man of his attractiveness.’’

ଅର୍ଥାତ୍, ‘‘ବୟସ ଯେପରି ରମଣୀର ରମଣୀୟତାକୁ ଅପହରଣ କରି ନେଇଥାଏ, ଠିକ୍ ସେହିପରି ପୁରୁଷଠାରେ ବିନୟର ଅଭାବ ତାହାର ଆକର୍ଷଣୀୟତାରୁ ତାହାକୁ ବଞ୍ଚିତ କରିଥାଏ ।’’

*

ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ ‘ବିନମ୍ରତା’ର ଭାବାର୍ଥ ଏହିପରି ହେବ; ‘‘ଭୂପୃଷ୍ଠରେ ଗୁରୁଣ୍ଡି ଗୁରୁଣ୍ଡି ମୁଁ ‘ପାପୀ’ ‘ପାପୀ’ ବୋଲି ଚିତ୍କାର କରିବାକୁ ନମ୍ରତା କୁହାଯାଏ ନାହିଁ । ହିନ୍ଦୁଧର୍ମ ଅନୁଯାୟୀ ପ୍ରତ୍ୟେକ ମାନବ ସତ୍ତା ବିଶ୍ୱଜନୀନ ଅଟେ । କୌଣସି ଉଚ୍ଚ ନୀଚ ଭାବ ନରଖି କୌଣସି କୁସଂସ୍କାର ଦ୍ୱାରା ପ୍ରଭାବିତ ନହୋଇ, ପ୍ରତ୍ୟେକଙ୍କ ସହ ଆଉ ଅନ୍ୟ ସବୁକିଛି ସହ ଏକାତ୍ମତା ବା ତାଦାତ୍ମ୍ୟତା ପ୍ରତିଷ୍ଠା କରିବା ହେଉଛି ନମ୍ରତାର ନିଦର୍ଶନ ।’’

(Complete Works of Swami Vivekananda, Vol - 1, p. 343)

*

ଡଃ. ରାଧାକୃଷ୍ଣନ୍‌ଙ୍କ ଅନୁଯାୟୀ, ‘‘ହିନ୍ଦୁଧର୍ମରେ ନମ୍ରତା ହେଲା ଏକ ନିରପେକ୍ଷ ମାନସିକ ସ୍ଥିତି ଯଦ୍ୱାରା ଜଣେ ପ୍ରତ୍ୟେକଙ୍କୁ ଓ ସବୁକଥାକୁ ସର୍ବୋତ୍ତମ ରୂପେ ଶିକ୍ଷା କରିପାରେ, ଅନୁଧ୍ୟାନ କରିପାରେ ଓ ହୃଦୟଙ୍ଗମ କରିପାରେ ।’’

*

**ଶିଖଧର୍ମ**ର ପ୍ରଥମ ଗୁରୁ ଗୁରୁନାନକ ଗୁରୁଗ୍ରନ୍ଥ ସାହେବରେ ନମ୍ରତା ସମ୍ପର୍କରେ ନିମ୍ନୋକ୍ତ ଚାରିଟି କଥା ଉଲ୍ଲେଖ କରିଛନ୍ତି ।

(୧) ସନ୍ତୋଷକୁ ତୁମର କର୍ଣ୍ଣକୁଣ୍ଡଳ, ନମ୍ରତାକୁ ତୁମର ଭିକ୍ଷାଥଳି ଓ ଧ୍ୟାନକୁ ତୁମ ଶରୀରରେ ଲେପନ କରୁଥିବା ଭସ୍ମ ରୂପେ ବିନିଯୋଗ କର ।

(୨) ତୁମ ମନରେ ଶ୍ରଦ୍ଧାର ସହ ଓ ବିଶ୍ୱାସର ସହ ଶ୍ରବଣ କର ଓ ବିଶ୍ୱାସ କର ।

(୩) ବିନମ୍ରତାର କ୍ଷେତ୍ରରେ ବାକ୍ ହେଲା ସୌନ୍ଦର୍ଯ୍ୟ ।

(୪) ଶାଳୀନତା, ବିନମ୍ରତା ଓ ବୋଧଗମ୍ୟତା ହେଲେ ମୋର ଶାଶୁ ଓ ଶ୍ୱଶୁର ।

(ଶିଖ ଧର୍ମରେ ଶାଶୁ ଓ ଶ୍ୱଶୁର ପରିବାରରେ ଶାନ୍ତି, ଶୃଙ୍ଖଳା, ସଙ୍ଗତି ତଥା ଭାରସାମ୍ୟ ରକ୍ଷା କରୁଥିବା ବ୍ୟକ୍ତି ରୂପେ ବିବେଚିତ ହୋଇଥା'ନ୍ତି ।)

*

**ଇସଲାମ** ଧର୍ମରେ ନମ୍ରତାର ସଂଜ୍ଞା ଓ ସ୍ୱରୂପ : ଇସଲାମ ଶବ୍ଦଟିହିଁ ଭଗବାନଙ୍କ ନିକଟରେ ସମର୍ପଣ ଓ ବିନୟବୋଧକୁ ବୁଝାଇଥାଏ । ଏ ସମ୍ପର୍କିତ ଉକ୍ତିଗୁଡ଼ିକ ହେଲା –

(୧) "The loftiest in status are those who do not know their own status and the most virtuous of them are those who do not know their own virtue."

– Imam ash-shafi

ଅର୍ଥାତ୍, ''ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତି ସେହିମାନେ ଯେଉଁମାନେ ଆପଣା ସ୍ଥିତି ସମ୍ପର୍କରେ ସଚେତନ ନଥା'ନ୍ତି ଓ ସବୁଠାରୁ ଶ୍ରେଷ୍ଠ ଗୁଣବାନ୍ ବ୍ୟକ୍ତି ସେହିମାନେ ଯେଉଁମାନେ ଆପଣା ସଦ୍‌ଗୁଣଗୁଡ଼ିକ ସମ୍ପର୍କରେ ସଚେତନ ନୁହଁନ୍ତି ।''

(୨) "Your humbleness humbles others and your modesty bring out the modesty of others." – Abdulbary Yahya

ଅର୍ଥାତ୍ ''ତୁମର ବିନୟବୋଧ ଅନ୍ୟମାନଙ୍କୁ ବିନୟୀ କରିଦିଏ ଓ ତୁମର ଶାଳୀନତା ଅନ୍ୟମାନଙ୍କର ଶାଳୀନତାକୁ ବିକଶିତ କରି ଆଣେ ।''

(୩) "Successful indeed are the believers, who are humble in their prayers." (Quran)

''ସେହି ଆସ୍ତିକଗଣ ସଫଳ ହୁଅନ୍ତି – ଯେଉଁମାନେ ଆପଣାର ପ୍ରାର୍ଥନା ମାଧ୍ୟମରେ ନିଜକୁ ବିନୟୀ କରି ଦେଇଥା'ନ୍ତି ।'' (କୋରାନ୍)

*

ଅନେକ ଧର୍ମତତ୍ତ୍ୱବିଦ୍ ଓ ଦାର୍ଶନିକ 'ବିନୟବୋଧକୁ ଏକ ସଦ୍‌ଗୁଣ ରୂପେ ସ୍ୱୀକୃତି ଦେଲା ବେଳେ, ଏପରି କିଛି ଚିନ୍ତାଶୀଳ ବ୍ୟକ୍ତି, ଏହା ଆପଣା ବ୍ୟକ୍ତିତ୍ୱକୁ ବିରୋଧ କରୁଥିବା ଦୃଷ୍ଟିରୁ ଏହାକୁ ନାପସନ୍ଦ କରିଛନ୍ତି ।

ଜର୍ମାନୀର ବିଖ୍ୟାତ ଦାର୍ଶନିକ ଇମାନୁଏଲ କାଣ୍ଟ୍ (Immanuel Kant)ଙ୍କର ନମ୍ରତା ସମ୍ବନ୍ଧରେ ଏକ ଭିନ୍ନ ଦୃଷ୍ଟିକୋଣ ରହିଛି । ନମ୍ରତା ସମ୍ପର୍କରେ ତାଙ୍କ ଧାରଣା ଏକ କେନ୍ଦ୍ରୀୟ ସତ୍ୟ ଓ ଯୁକ୍ତିଯୁକ୍ତ ଭାବନା ଉପରେ ପର୍ଯ୍ୟବେଶିତ ।

ଜର୍ମାନର ଖ୍ୟାତନାମା ଦାର୍ଶନିକ Friedrich Nietzsche ନମ୍ରତା ସମ୍ପର୍କରେ କହନ୍ତି :

"When stepped on, a worm doubles up. That is clever. In that way he lessens the probability of being stepped on again. In the language of morality : Humility."

(Ref. Twilight of the Idols by F. Nietzsche)

''ପାଦସ୍ପର୍ଶ ପାଇଲେ କେଞ୍ଚୁଆଟିଏ ଗୁଡ଼େଇ ହୋଇଯାଏ । ଏହା ବିଜ୍ଞତାର ପରିଚୟ । କାରଣ ସେପରି କରିବା ଦ୍ୱାରା ସେ ପୁନର୍ବାର ପାଦ ଦ୍ୱାରା ଦଳିତ ହେବାର ସମ୍ଭାବନାକୁ କମ୍ କରିଦିଏ । ନୈତିକତାର ଭାଷାରେ ଏହା ହେଲା : ନମ୍ରତା ।''

ଏ ସମ୍ବନ୍ଧରେ ପୁଣି କୁହାଯାଇଛି : ନିଜକୁ ବିନାଶ ବା ମୃତ୍ୟୁ ମୁଖରୁ ରକ୍ଷା କରିବା ଲାଗି ଦୁର୍ବଳ ସତ୍ତାର ଏହା ଏକ ଫନ୍ଦି ବୋଲି ବିବେଚିତ ହୁଏ । ନମ୍ରତା ନିଶ୍ଚିତ ରୂପେ ସାହସିକତାର ପ୍ରଦର୍ଶନ କରି ନଥାଏ, ଅନ୍ୟ ପକ୍ଷେ ଏହା ଚାଟୁକାରିତା ବା ଖୋସାମଦିଆ ଭାବନାର ନିକଟତର ।

ପୁନଶ୍ଚ, "He who humbles himself wants to be exalted."

– Friedrich Nietzsche

''ଯିଏ ଆପଣାକୁ ବିନୀତ କରିଥାଏ ସେ ପ୍ରଶଂସିତ ହେବା ଲାଗି ଲାଳାୟିତ ହୋଇ ରହିଥାଏ ।''

*

**ସାମୂହିକ କାର୍ଯ୍ୟକ୍ରମରେ ନମ୍ରତା ବା ବିନୟ ଭାବର ଭୂମିକା :**

ଯେକୌଣସି ସାମୂହିକ କାର୍ଯ୍ୟକ୍ରମ ବା ଯୋଜନାର ନେତୃତ୍ୱ ନେବା ଲାଗି ନମ୍ରତା ଏକ ଅତ୍ୟାବଶ୍ୟକ ଗୁଣ ରୂପେ ବିବେଚନା କରାଯାଇଥାଏ । କାରଣ ନମ୍ରତାହିଁ ଅନ୍ୟର ଆନୁଗତ୍ୟକୁ ଆକର୍ଷଣ କରିଥାଏ । ଅପର ପକ୍ଷେ ଅହଂକାର, ଗର୍ବ, ଦାମ୍ଭିକତା ଅନ୍ୟଠାରେ ତଦନୁରୂପ ପ୍ରତିକ୍ରିୟା ସୃଷ୍ଟି

କରିଥାଏ । ତେଣୁ ସଫଳ ନେତୃତ୍ୱ ଲାଗି ନମ୍ରତାର ଭୂମିକା ନିଶ୍ଚିତ ରୂପେ ଅପରିହାର୍ଯ୍ୟ ।

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର କହନ୍ତି :

"We come nearest to the great when we are great in humility."

''ଆମେ ମହାନତାର ନିକଟତର ହେଉ ଯେତେବେଳେ ଆମେ ନମ୍ରତା ଦ୍ୱାରା ମହୀୟାନ୍ ହୋଇ ଥାଉ ।''

ତେଣୁ "Let your crown be of humility, your freedom the freedom of the soul."

''ବିନୟବୋଧ ତୁମର ରାଜମୁକୁଟ ହେଉ, ତୁମର ସ୍ୱାଧୀନତା ଆତ୍ମାର ସ୍ୱାଧୀନତା ହେଉ ।''

ପରିଶେଷରେ ଦିବ୍ୟଜନନୀ ଶ୍ରୀମାଙ୍କର ଅମୃତୋପମ ବାଣୀଟିଏ ଉପସ୍ଥାପନ କରି ଆଲୋଚନାଟିକୁ ସ୍ଥଗିତ ରଖାଯାଉ ।

''ସମ୍ପୂର୍ଣ୍ଣ ନମନୀୟ ହୁଅ – ତା' ମାନେ, ତୁମର କ'ଣ ହେବା ଉଚିତ ଓ ତୁମେ କ'ଣ ହୋଇଛ – ତା' ଭିତରେ ଥିବା ଦୂରତ୍ୱଟିକୁ ଜାଣି ରଖ, କେବେ ବି ତୁମର ସେହି ସ୍ଥୂଳ ଦୈହିକ ମନଟିକୁ ଭାବିବାକୁ ଦିଅ ନାହିଁ ଯେ ସେ ସବୁକିଛି ଜାଣିଛି ଯଦିଓ ସେ କିଛି ଜାଣି ନଥାଏ, ତା'ର ଅର୍ଥ ସେ ସବୁକଥା ବିଚାର କରିପାରେ । ଯଦିଓ ତାହା ତା'ର ଶକ୍ତିର ବାହାରେ । ବିନମ୍ରତା ହେଲା ପୂର୍ଣ୍ଣ ହୃଦୟରେ ତୁମେ ନିଜକୁ ଈଶ୍ୱରଙ୍କୁ ଦେଇ ଦେବା, ତାଙ୍କୁହିଁ ସାହାଯ୍ୟ ମାଗିବା; ଏପରି ସମର୍ପଣ ଦ୍ୱାରା ଯଥାର୍ଥ ସ୍ୱାଧୀନତା ଅର୍ଜନ କରିବା ।''

(ସମାପ୍ତ) ❑

# ପ୍ରଣାମ ପଦାରବିନ୍ଦେ

## ନିର୍ମଳା ମହାପାତ୍ର

ହେ, ପରମ ପ୍ରଭୁ !
ତୁମେ ଅଟ ଋଷିକଣ୍ଠେ ପବିତ୍ର ଓଁକାର
ପୁଣି ପତ୍ରର ମର୍ମର ଶବ୍ଦେ ମଳୟର ମଧୁର ଝଙ୍କାର
ତୁମେ ପ୍ରଭୁ, କେବଳ ତୁମେ ସିନା
ଏ ସସାଗରା ଧରଣୀର ଶିଳ୍ପୀ, କଳାକାର ।
କେମିତି ଆଙ୍କିଲ ସତେ !
କେତେ କାଳ ଲାଗି ଲାଗି ନକ୍ସାକୁ ଏହାର ?
ହେ ପରମ ପ୍ରଭୁ !
ତୁମେ ଅଟ ଋଷିକଣ୍ଠେ ପବିତ୍ର ଓଁକାର ।

ପାଶ୍ଚାତ୍ୟର ଅସ୍ତ ସୂର୍ଯ୍ୟ କିରଣ ପ୍ରାଚୁର୍ଯ୍ୟେ,
ପ୍ରାଚ୍ୟର ଉଦୟ ରାଗ ହେଲା ସମ୍ମିଳିତ
ମଣିକାଞ୍ଚନ ସଂଯୋଗେ ପ୍ରକୃତି ପୁଲକି ଉଠେ
ଜନ୍ମ ନିଏ ଅତିମାନସର ନୂତନ ଜଗତ,
ବକୁଳ ସୁବାସ ନେଇ କୋକିଳ ଗାଉଛି
ତା'ର ସ୍ୱାଗତ ସଙ୍ଗୀତ
ସେ ସଙ୍ଗୀତେ ଅଛି ପୁଣି
ସରଗର ଆବାହନୀ ପ୍ରଚ୍ଛନ୍ନ ଇଙ୍ଗିତ ।

ପ୍ରଭୁ ତୁମରି ଆହ୍ୱାନେ ଅଲକ୍ଷ ସେ ମହାଶକ୍ତି
ଧରା ଧାମେ ଉପଗତ ହେଲେ
ସନ୍ତାନମାନଙ୍କ ଜୀବନ ଧାରଣ ପାଇଁ ଯାହା ଲୋଡ଼ା
ସବୁ ଖଞ୍ଜି ଦେଲେ ।

ହେ, ଦିବ୍ୟ ଜନନୀ !
ସନ୍ତାନଗଣଙ୍କୁ ତୁମ ସେବା ପାଇଁ ଯୋଗ୍ୟ କରି ଗଢ଼
ମୃତ୍ୟୁରୁ ଅମୃତ ମାର୍ଗେ, ଅନ୍ଧାରୁ ଆଲୋକ ଦିଗେ –
ଯିବା ପାଇଁ ଦେଖାଅ ମା ରାହା ।

ହେ ଯୋଗୀରାଜ ! ହେ ଦିବ୍ୟ ଜନନୀ !
ସେ ଯୁଗ୍ମ ଚରଣେ ପ୍ରଣତି ଢାଳୁଛୁ ଆମେ
ଅବୋଧ ସନ୍ତାନଗଣେ ହୁଅ ହେ ଦିଶାରୀ ।

❑❑❑

ସୌନ୍ଦର୍ଯ୍ୟର ତପସ୍ୟା :

# ଏକଲବ୍ୟର ସାଧନା
## (୧)

[''ଶରୀର ଚେତନାର ବିକାଶ ନିମନ୍ତେ ଶରୀର ଚର୍ଚ୍ଚା ହେଉଛି ସର୍ବୋତ୍ତମ ଉପାୟ, ଏବଂ ଆମ ଶରୀରଟି ଯେତେ ଅଧିକ ପରିମାଣରେ ସଚେତନ ହୋଇ ଉଠିବ, ସେଇଟି ସେତେ ଅଧିକ ମାତ୍ରାରେ ଭଗବତ୍ ଦିବ୍ୟ ଶକ୍ତିରାଜିକୁ ଗ୍ରହଣ କରିବା ସକାଶେ ସମର୍ଥ ହୋଇ ପାରିବ, ଯେଉଁ ଦିବ୍ୟ ଶକ୍ତି ଶରୀରକୁ ରୂପାନ୍ତରିତ କରି ଭବିଷ୍ୟତର ନୂତନ ଜୀବଜାତିକୁ ଜନ୍ମ ଦେବା ଲାଗି କ୍ରିୟାଶୀଳ ରହିଛି ।''

(MCW, Vol. 12, P. 283) — ଶ୍ରୀମା]

**ସକଳ ପରିସ୍ଥିତିରେ ଶରୀର ଚର୍ଚ୍ଚାର ସ୍ୱରୂପ :**

ଶ୍ରୀମା 'ଶିକ୍ଷା ପ୍ରସଙ୍ଗ' ପୁସ୍ତକରେ 'ଚତୁର୍ବିଧ ତପସ୍ୟା' ବର୍ଣ୍ଣନା କରିବା ସମୟରେ ଶରୀରର ତପସ୍ୟାକୁ 'ସୌନ୍ଦର୍ଯ୍ୟର ତପସ୍ୟା ବା ପ୍ରଶିକ୍ଷଣ' ବୋଲି ଉଲ୍ଲେଖ କରିଛନ୍ତି । ଶରୀରର ତପସ୍ୟା ଆମର ଦୈନନ୍ଦିନ ଜୀବନଧାରାରେ କଠୋର ନିୟମାନୁବର୍ତ୍ତିତା ମଧ୍ୟଦେଇ ପ୍ରତିଟି କର୍ମ ସମ୍ପାଦନରେ ସ୍ୱଚ୍ଛନ୍ଦତାର ସ୍ଥିତିରେ ଉପନୀତ ହେବାକୁ ପରିଚାଳିତ କରି ନେଇଯିବ ।

ତେଣୁ ଏହି ପ୍ରଶିକ୍ଷଣର ମୌଳିକ କାର୍ଯ୍ୟକ୍ରମ ସ୍ୱରୂପ ଆମେ ଏପରି ଏକ କାର୍ଯ୍ୟକ୍ରମର ଅନୁଶୀଳନ କରିବା ଯଦ୍ଦ୍ୱାରା ଆମର ଶରୀରଟି ତା'ର ଆକୃତିରେ ସୁନ୍ଦର, ସଞ୍ଚାରଣ ଭଙ୍ଗୀରେ ସୌଷମ୍ୟଯୁକ୍ତ ହୋଇ ଉଠିବ; ତା'ର ପ୍ରତିଟି ଗତିଶୀଳ କ୍ରିୟାରେ ନମନୀୟ ଓ ସଦାତତ୍ପର ହୋଇ ରହିଥିବ; ତା'ର ଯାବତୀୟ କ୍ରିୟାକଳାପରେ ଶକ୍ତିମନ୍ତ ଏବଂ ତା'ର ସ୍ୱାସ୍ଥ୍ୟ ଓ ଆଙ୍ଗିକ ସ୍ୱାଭାବିକ ପ୍ରକ୍ରିୟାରେ ବଳିଷ୍ଠ ହୋଇ ରହିଥିବ ।

ଉପରବର୍ଣ୍ଣିତ ଫଳପ୍ରାପ୍ତି ସକାଶେ ଏକ ସାଧାରଣ ନିୟମ ହିସାବରେ ଆମେ ପ୍ରଥମେ ନିଜର ପାର୍ଥିବ ଜୀବନଧାରାକୁ ସୁଶୃଙ୍ଖଳିତ କରି ଗଢ଼ିବା ଏବଂ ଏଥିସକାଶେ ଅଭ୍ୟାସର ସାଧନକୁ ଏକ ସହାୟକ ରୂପେ ବ୍ୟବହାର କରିବା, ଫଳତଃ ଆମେ ନିଶ୍ଚୟ ଏଥିରେ ଉପକୃତ ହୋଇ ପାରିବୁ । କାରଣ ଏକ ନିୟମାନୁବର୍ତ୍ତୀ ରୁଟିନର ମଧ୍ୟ ଦେଇହିଁ ଶରୀରଟି ଅପେକ୍ଷାକୃତ ଅଧିକ ସହଜରେ ନିଜର ପ୍ରତ୍ୟେକଟି କ୍ରିୟା କରିବାରେ ସମର୍ଥ ହୋଇଥାଏ । କିନ୍ତୁ ଏ ସମ୍ବନ୍ଧରେ ଆମକୁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଯତ୍ନପୂର୍ବକ ସଜାଗ ରହିବାକୁ ହେବ ଯେ ଆମେ ଯେପରି ସେଇ ଅଭ୍ୟାସସବୁର ଦାସ ହୋଇ ନଯାଉ, ସେସବୁ ଯେତେ ଉତ୍ତମ ହୋଇଥିଲେ ମଧ୍ୟ । ଆବଶ୍ୟକ ପଡ଼ିବା ମାତ୍ରେ ଆମେ ଯେପରି ସେସବୁଥିରେ ପରିବର୍ତ୍ତନ ଆଣି ପାରୁଥିବା ।

ଆମ ଶରୀରକୁ ଏକ ଉଚ୍ଚତର ଚେତନାର ଆଧାରରେ ପରିଣତ କରିବାକୁ ହେଲେ ତାକୁ ଅନୁରୂପ ସ୍ଥିତିରେ ଉପନୀତ ହେବାକୁ ପ୍ରସ୍ତୁତ କରିବାକୁ ହେବ — ଏହିଟି ଆମ ଶରୀର ଚର୍ଚ୍ଚାର ଲକ୍ଷ୍ୟ ହୋଇ ରହିବା ଉଚିତ । ତେଣୁ ଆମର ଦୈନନ୍ଦିନ ଜୀବନଧାରା ଆମଠାରୁ ନିଶ୍ଚିତ ରୂପେ ଅତ୍ୟନ୍ତ କଠୋର ତପଶ୍ଚରଣର ଅଭ୍ୟାସ ଦାବି କରିଥାଏ — ଏଥି ସକାଶେ ଆମର ନିଦ୍ରା, ଆହାର, ବ୍ୟାୟାମ ଓ ପ୍ରତ୍ୟେକଟି କ୍ରିୟାକଳାପରେ ଅତ୍ୟନ୍ତ ନିୟମିତ ରହିବାକୁ ପଡ଼ିବ । ଆମ ଶରୀରର ପ୍ରକୃତରେ କ'ଣସବୁ ଆବଶ୍ୟକତା ରହିଛି, ସେସବୁକୁ ଅତ୍ୟନ୍ତ ବିବେକପୂର୍ଣ୍ଣ ଭାବରେ ଅଧ୍ୟୟନ କରିବାକୁ ହେବ, — କାରଣ ସେହି ଆବଶ୍ୟକତାଗୁଡ଼ିକ ବ୍ୟକ୍ତି ବିଶେଷରେ ଭିନ୍ନ ଭିନ୍ନ ହୋଇ ରହିଥାଏ — ଏବଂ ତା'ପରେ ଆମେ ନିଜ ସକାଶେ ଏକ ସାଧାରଣ କାର୍ଯ୍ୟକ୍ରମ ସ୍ଥିର କରି ପାରିବା ଏବଂ ଅତ୍ୟନ୍ତ ନିଷ୍ଠାର ସହିତ ସେହି କାର୍ଯ୍ୟକ୍ରମକୁ ଆନ୍ତରିକ ଭାବରେ ଅନୁଶୀଳନ କରି ଚାଲିବା; ଏଥିରେ କୌଣସି ପ୍ରକାର ଭ୍ରାନ୍ତି ବା ଶିଥିଳତା କଦାପି ନଥିବ; ଏପରିକି 'ଥରଟିଏ ପାଇଁ' ବି ନୁହେଁ ।...

(ମାତୃରଚନାବଳିର 'ଶିକ୍ଷା ପ୍ରସଙ୍ଗ' ଗ୍ରନ୍ଥ ଦ୍ରଷ୍ଟବ୍ୟ)

ଏହି ପରିପ୍ରେକ୍ଷୀରେ ଶ୍ରୀମା ଅନ୍ୟତ୍ର ଉଲ୍ଲେଖ କରିଛନ୍ତି :

''ଭୁଲି ଯାଅ ନାହିଁ ଯେ ଆମ ଯୋଗରେ ସଫଳତା ଲାଭ କରିବାକୁ ହେଲେ ଆମ ଶରୀରଟି ନିଶ୍ଚିତ ରୂପେ ସୁସ୍ଥ ଓ ସବଳ ହୋଇଥିବା ଆବଶ୍ୟକ ।

''ଏଥିସକାଶେ ଶରୀରଟି ନିଶ୍ଚିତ ରୂପେ ବ୍ୟାୟାମ କରିବା ଉଚିତ, ତା'ର ଏକ ସକ୍ରିୟ, ନିୟମିତ ଓ ସୁଶୃଙ୍ଖଳ

ଜୀବନଧାରା ରହିଥିବା ଉଚିତ; ଏହାକୁ କର୍ମଠ ରହିବାକୁ ହେବ, ଉତ୍ତମ ରୂପେ ଆହାର କରିବାକୁ ହେବ ତଥା ନିଦ୍ରା ଯିବାକୁ ହେବ ।

''ଉତ୍ତମ ସ୍ୱାସ୍ଥ୍ୟରେହିଁ ରୂପାନ୍ତରିତ ହୋଇଉଠିବା ମାର୍ଗର ଅଭିଜ୍ଞତା ଲାଭ କରାଯାଇଥାଏ ।''

(୧୮ ଏପ୍ରିଲ ୧୯୭୧)

ପୁନଶ୍ଚ ''ବିଭିନ୍ନ ବ୍ୟାୟାମ କରିବା ଏବଂ ଏକ ସରଳ ଓ ସ୍ୱାସ୍ଥ୍ୟକର ଜୀବନଯାପନ କରିବା – ଏହା ଉତ୍ତମ, କିନ୍ତୁ ଶରୀରଟିକୁ ଯଥାର୍ଥରେ ପୂର୍ଣ୍ଣାଙ୍ଗ କରି ଗଢ଼ି ତୋଳିବା ସକାଶେ ଏହାକୁ ନିଶ୍ଚିତ ରୂପେ (ପୃଥିବୀପୃଷ୍ଠରେ ସଦା ସକ୍ରିୟ) ଦିବ୍ୟ ଶକ୍ତିରାଜି ପ୍ରତି ଉନ୍ମୁକ୍ତ ରହିବାକୁ ହେବ, ନିଶ୍ଚିତ ରୂପେ ଏକମାତ୍ର ଦିବ୍ୟ ପ୍ରଭାବର ଅନୁବର୍ତ୍ତୀ ହୋଇ ରହିବାକୁ ହେବ । ଭଗବତ୍ ଉପଲବ୍ଧି ସକାଶେ ଏହାର ନିଶ୍ଚିତ ରୂପେ ଅବିରତ ଆସ୍ପୃହା ରହିଥିବା ଉଚିତ ।''

(MCW, Vol. 15, P. 147)

ପୃଥିବୀ ଇତିହାସରେ ବର୍ତ୍ତମାନ ମୁହୂର୍ତ୍ତଟି ଏକ ସନ୍ଧିକ୍ଷଣ ମଧ୍ୟରେ ଗତି କରୁଛି । ମହାକାଳ ମଧ୍ୟରେ ଏହା ଏକ ମୁହୂର୍ତ୍ତ ମାତ୍ର, କିନ୍ତୁ ମାନବ ଜୀବନ ତୁଳନାରେ ଏହା ଦୀର୍ଘ । ବର୍ତ୍ତମାନ ମୁହୂର୍ତ୍ତରେ ଆମେ ଏକ 'ଦୁର୍ଯୋଗ' ମଧ୍ୟ ଦେଇ ଗତି କରୁଛୁ । କିନ୍ତୁ ପରିସ୍ଥିତିର ଅନ୍ତଃକରଣରେ ଭଗବାନଙ୍କର ଅବଶ୍ୟ 'ଦିବ୍ୟ ଉଦ୍ଦେଶ୍ୟ' ରହିଛି – ଏ ସମ୍ବନ୍ଧରେ ଆମେ ସମ୍ପୂର୍ଣ୍ଣ ଅଗୋଚର । ଏବେ ସାମାଜିକ ଜୀବନଧାରାରେ ଅନେକ କିଛିର ସ୍ୱରୂପ ଏକେବାରେ ବଦଳି ଯାଇଛି । ଇତିପୂର୍ବରୁ କେହି କେବେ କଳ୍ପନାରେ ଆଣି ପାରି ନଥିବା ଘଟଣାସବୁ ଘଟୁଛି । ତନ୍ମଧ୍ୟରୁ 'On line education' ଅନ୍ୟତମ । ତେଣୁ ଏହି ଅଭିନବ ଧାରାରେ 'ଶରୀର ଚର୍ଚ୍ଚା' ଅନୁଶୀଳନ ଚାଲୁ ରହିଥିବା ବେଳେ ଆମ ଅନ୍ତଃକରଣରେ ସ୍ୱତଃ ଭାସିଉଠେ 'ଏକଲବ୍ୟର ସାଧନା-ପଦ୍ଧତି' – ଏହି ସାଧନା-ପଦ୍ଧତିର ସୂତ୍ରପାତ, ଏହାର ସ୍ୱରୂପ, ଅନ୍ତର୍ନିହିତ ଭାବଧାରା ଏବଂ ପରିଣାମତଃ ଅତ୍ୟାଶ୍ଚର୍ଯ୍ୟ ସଫଳତା । ଅର୍ଥାତ୍, ବର୍ତ୍ତମାନ ମୁହୂର୍ତ୍ତରେ ସ୍ୱ ସ୍ୱ ସ୍ଥାନରେ ରହି ବ୍ୟକ୍ତିଗତ ବା ମୁଷ୍ଟିମେୟ ପରିବାରବର୍ଗଙ୍କ ସହିତ ଶରୀର ଚର୍ଚ୍ଚାର ଅନୁଶୀଳନ ପଦ୍ଧତି ।

ଏହି ପରିପ୍ରେକ୍ଷୀରେ ଏକଲବ୍ୟଙ୍କ ବାହ୍ୟ ଜୀବନ ସମ୍ବନ୍ଧେ ପଦେ-ଅଧେ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ ବୋଲି ଆଶା ପୋଷଣ କରିଛୁ ।

ଏକଲବ୍ୟ ହେଉଛନ୍ତି 'ମହାଭାରତ' ମହାକାବ୍ୟରେ ଏକ କିଂବଦନ୍ତୀ ଚରିତ୍ର । ଯାଦବକୁଳରେ ଶ୍ରୀକୃଷ୍ଣଙ୍କର ସମ୍ପର୍କୀୟ ଭାଇ ରୂପେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଅଜ୍ଞାତ କାରଣରୁ ଅତ୍ୟନ୍ତ ଅଳ୍ପ ବୟସରୁ ସେ ମାତାପିତାଙ୍କର ତ୍ୟାଜ୍ୟପୁତ୍ର ରୂପେ ଅରଣ୍ୟରେ ଭ୍ରମୁଥିବା ବେଳେ ତଦାନୀନ୍ତନ ବିଖ୍ୟାତ ଦେଶୀୟ ଶବର ରାଜା ହିରଣ୍ୟଧନୁସ୍ ତାଙ୍କୁ ପୁତ୍ର ରୂପେ ଲାଳନ-ପାଳନ କରିଛନ୍ତି । ପରେ ତାଙ୍କୁ ନିଜର ସେନାଧ୍ୟକ୍ଷ ରୂପେ ନିଯୁକ୍ତ କରିଛନ୍ତି ।

ଆବାଲ୍ୟରୁ କିନ୍ତୁ ଏକଲବ୍ୟଙ୍କର ଦୃଢ଼ସଂକଳ୍ପ ଥିଲା ଯଥାର୍ଥରେ ଜଣେ ଯଶସ୍କାମ ପ୍ରଥିତ ବୀର ଧନୁର୍ଦ୍ଧର ହେବାକୁ । ସେନାଧ୍ୟକ୍ଷ ରହିଥିଲେ ମଧ୍ୟ ତାଙ୍କ ଅନ୍ତରର ସେହି ତୀବ୍ର ଆସ୍ପୃହାଗ୍ନି କେବେ ବି ମ୍ଳାନ ହୋଇ ନଥିଲା । ଘଟଣାଚକ୍ରରେ ସେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର ସନ୍ଧାନ ପାଇ ତାଙ୍କୁ ଭେଟିଛନ୍ତି । ନବଧା ଭକ୍ତିରେ ନତଜାନୁ ହୋଇ ସେ ଦ୍ରୋଣାଚାର୍ଯ୍ୟଙ୍କୁ ନିଜର ଅନ୍ତରର କଥା ବ୍ୟକ୍ତ କରିଛନ୍ତି । ଦ୍ରୋଣ ତାଙ୍କୁ କହିଛନ୍ତି, 'ତୁମେ କ୍ଷତ୍ରିୟ (ଆର୍ଯ୍ୟ ସନ୍ତାନ) ନୁହଁ, ତେଣୁ ମୁଁ ତୁମକୁ ଶିକ୍ଷା ଦେଇ ପାରିବି ନାହିଁ ।' ତଥାପି ଏକଲବ୍ୟ ଗୁରୁଙ୍କର ପାଦପଦ୍ମ ସ୍ପର୍ଶ କରି ଗୁହାରି ଜଣାଇଛନ୍ତି : 'ଗୁରୁଦେବ, ମୁଁ ଆପଣଙ୍କର ସାମାଜିକ ପ୍ରଥାକୁ ବେଶ୍ ହୃଦୟଙ୍ଗମ କରିପାରୁଛି । ତେଣୁ ଆପଣ ମୋତେ ଆପଣଙ୍କର ଆଶୀର୍ବାଦ ଦିଅନ୍ତୁ । ଆପଣଙ୍କ ଆଶୀର୍ବାଦ ଲାଭ କରି ମୁଁ ଏ ବିଦ୍ୟା ନିଶ୍ଚୟ ଅର୍ଜନ କରିପାରିବି ।' ଗୁରୁ ଦ୍ରୋଣ ଅନ୍ତଃକରଣରେ ଏକଲବ୍ୟର ତୀବ୍ର ଆଗ୍ରହୋଦ୍ଦୀପକ ନେତ୍ର ଯୁଗଳକୁ ଅନାଇ ତାଙ୍କର ବରଦହସ୍ତ ତା' ମସ୍ତକ ଉପରେ ଥାପି କହିଛନ୍ତି : 'ମୁଁ ତୁମକୁ ଆଶୀର୍ବାଦ କରୁଛି ।'...

ଯେଉଁ ସ୍ଥାନରେ ଏକଲବ୍ୟ ତାଙ୍କର ଗୁରୁଙ୍କୁ ଭେଟିଥିଲେ, ସେ ସେହି ସ୍ଥାନର ମାଟିକୁ ସଂଗ୍ରହ କରି ଅରଣ୍ୟରେ ନିଜ ବାସସ୍ଥାନ ନିକଟରେ ଏକ ବିଶାଳ ବୃକ୍ଷ ମୂଳରେ ଗୁରୁଙ୍କର ମୃଣ୍ମୟ ମୂର୍ତ୍ତି ସ୍ଥାପନ କରିଛନ୍ତି । ଅନବରତ ସୂକ୍ଷ୍ମ ଭାବରେ ଗୁରୁଙ୍କର ଦିବ୍ୟ ଉପସ୍ଥିତି ଅନୁଭବ କରି ବର୍ଷ ପରେ ବର୍ଷ କଠୋର ତପଶ୍ଚରଣରେ ଏପରି ଧନୁର୍ଦ୍ଧର ହୋଇ ଉଠିଛନ୍ତି ଯେ ଦିନେ ଘଟଣାଚକ୍ରରେ ତାଙ୍କର ଧନୁର୍ବିଦ୍ୟା ପ୍ରଦର୍ଶନରେ ଅର୍ଜୁନ ତଥା ପାଣ୍ଡବ ଓ କୌରବ ଭ୍ରାତୃବର୍ଗ ସମେତ ସ୍ୱୟଂ ଦ୍ରୋଣ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଉଠିଛନ୍ତି ଏବଂ ସନ୍ଧାନ କରି ତା'ର କ୍ରୀଡ଼ାଙ୍ଗନରେ ପହଞ୍ଚିଛନ୍ତି । ଏକଲବ୍ୟ ଗୁରୁଙ୍କୁ ଦେଖିବା ମାତ୍ରେ ତାଙ୍କ ପାଦପଦ୍ମରେ ସାଷ୍ଟାଙ୍ଗ ପ୍ରଣିପାତ କରିଛନ୍ତି । ଗୁରୁ ତାଙ୍କୁ ପଚାରିଛନ୍ତି : 'ତୁମେ ଏ ବିଦ୍ୟା କେଉଁଠୁ ଶିଖିଲ ?' –

ଆପଣଙ୍କଠାରୁ, ଗୁରୁଦେବ ।' — ଏହା କହି ସେ ସ୍ୱ-ହସ୍ତରେ ନିର୍ମାଣ କରିଥିବା ଗୁରୁଙ୍କର ମୃଣ୍ମୟ ପ୍ରତିମାକୁ ଦେଖାଇଛନ୍ତି । ସମସ୍ତେ ନିର୍ବାକ୍, ସ୍ତମ୍ଭୀଭୂତ ! ଗୁରୁ ତାଙ୍କର ଆନ୍ତର ଦୃଷ୍ଟିରେ ଦେଖି ପାରିଲେ ଯେ ଭବିଷ୍ୟତରେ ଅନୁଷ୍ଠିତ ହେବାକୁ ଯାଉଥିବା 'ମହାଭାରତ ଯୁଦ୍ଧ'ରେ ଏକଲବ୍ୟ କୌରବମାନଙ୍କ ପକ୍ଷ ନେବ, ଅର୍ଥାତ୍ 'ଅଧର୍ମ'ର ପକ୍ଷନେବ ।... (ତେଣୁ) ଗୁରୁ ସହାସ୍ୟ ବଦନରେ ଏକଲବ୍ୟଙ୍କୁ କହିଛନ୍ତି : 'ତୁମେ ଯଦି ପ୍ରକୃତରେ ମୋତେ ତୁମର ଗୁରୁ ରୂପେ ଆରାଧନା କରି ଏହି ବିଦ୍ୟାର୍ଜନ କରିଛ, ତେବେ ମୋତେ ଗୁରୁ ଦକ୍ଷିଣା ଦିଅ ।' — ତତ୍କ୍ଷଣାତ୍ ଏକଲବ୍ୟ ବିନା ଦ୍ୱିଧାରେ ହର୍ଷୋତ୍ଫୁଲ୍ଲ ଭାବ ସହ ଗୁରୁଙ୍କ ପାଦପଦ୍ମ ସମ୍ମୁଖରେ ନତଜାନୁ ହୋଇ କହି ଉଠିଛନ୍ତି : 'ଆପଣ ଯାହା ଚାହିଁବେ, ମୁଁ ଦେବି ।' — ଗୁରୁ ତାଙ୍କର ଅନ୍ତର୍ଦୃଷ୍ଟିକୁ ସମ୍ମୁଖରେ ରଖି କହି ଉଠିଲେ, 'ତେବେ, ପୁତ୍ର, ତୁମେ ତୁମର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଷ୍ଠିକୁ ମୋତେ ଅର୍ପଣ କର ।'... (କାହାଣୀରେ ବର୍ଣ୍ଣିତ ହୋଇଛି ଏକଲବ୍ୟ ତାଙ୍କର ବୃଦ୍ଧାଙ୍ଗୁଷ୍ଠିକୁ ସାନନ୍ଦେ ଛେଦନ କରି ଗୁରୁଙ୍କୁ ଅର୍ପଣ କଲେ । ଆମେ ଏହାକୁ ପ୍ରତୀକାତ୍ମକ ସ୍ୱରୂପ ଗ୍ରହଣ କରି କହିପାରୁ ଯେ ସେଇ ମୁହୂର୍ତ୍ତରୁ ଏକଲବ୍ୟ ପ୍ରତିଜ୍ଞାବଦ୍ଧ ହୋଇଥିଲେ ଯେ ଧନୁର୍ବିଦ୍ୟାରେ ସେ କସ୍ମିନ୍‌କାଳେ ତାଙ୍କର ଦକ୍ଷିଣ ବୃଦ୍ଧାଙ୍ଗୁଷ୍ଠିକୁ ବ୍ୟବହାର କରିବେ ନାହିଁ । ସେ ସେଇଟିକୁ ନିଜର ତପଃଶକ୍ତିରେ ସମ୍ପୂର୍ଣ୍ଣ ନିଷ୍କ୍ରିୟ କରି ଦେଇଥିଲେ ।)...

(କାହାଣୀଟି ଇଣ୍ଟର ନେଟ୍‌ରୁ ସଂଗୃହୀତ)

ଉପରୋକ୍ତ କାହାଣୀରୁ ଦୁଇଟି କଥାକୁ ସ୍ମରଣରେ ରଖି ଆମେ ଆମର (ପ୍ରବନ୍ଧମାଳାର) ଶିରୋନାମା ରଖିଛୁ 'ଏକଲବ୍ୟର ସାଧନା' ।

ପ୍ରଥମ : ଏକଲବ୍ୟଙ୍କର ବାସସ୍ଥାନରେ ଗୁରୁଙ୍କର ଜାଗ୍ରତ୍ ସାନ୍ନିଧ୍ୟକୁ ଆବାହନ ପୂର୍ବକ ତାଙ୍କରି ସମ୍ମୁଖରେ ସର୍ବାନ୍ତଃକରଣରେ ପୂର୍ଣ୍ଣ ଏକାଗ୍ରତାର ସହିତ ବର୍ଷ ପରେ ବର୍ଷ ଧନୁ ବିଦ୍ୟା ଶିକ୍ଷା କରି ସର୍ବୋତ୍କୃଷ୍ଟ ସ୍ତରକୁ ଉନ୍ନୀତ ହୋଇଉଠିବା ।

ଦ୍ୱିତୀୟ : 'ଗୁରୁ ଦକ୍ଷିଣା' । ସହାସ୍ୟ ବଦନରେ ବିନା ଦ୍ୱିଧାରେ ତତ୍କ୍ଷଣାତ୍ ଗୁରୁଙ୍କୁ 'ଦକ୍ଷିଣା' ଅର୍ପଣ ।

ପ୍ରଥମଟିର କ୍ଷେତ୍ରରେ ଆମର ଲକ୍ଷ୍ୟ ହେଉଛି ସ୍ୱ-ସ୍ଥାନରେ ତୀବ୍ର ଏକାଗ୍ରତାର ସହିତ ନିୟମିତ ନିଜର ପାରୁ ପର୍ଯ୍ୟନ୍ତ ଶରୀର ଚର୍ଚ୍ଚା କରି ଚାଲିବା — ଏହି ପରିପ୍ରେକ୍ଷୀରେ ପ୍ରଣବ-ଦା'ଙ୍କ କଥା ସ୍ମରଣରେ ଆସେ : ''ଶ୍ରୀମା କହିଛନ୍ତି, 'Work is the body's best prayer to the Divine.' ଏହା ସାଙ୍ଗକୁ ମୁଁ କହେ, 'Physical Exercise is the body's best meditation on the Divine.' " ଅର୍ଥାତ୍, ଶରୀର ଚର୍ଚ୍ଚାକୁ ସାଧନାର ଏକ ଅଙ୍ଗ ସ୍ୱରୂପ ଗ୍ରହଣ କରିନେବା ।

ଦ୍ୱିତୀୟଟି 'ଗୁରୁ ଦକ୍ଷିଣା' ସମ୍ବନ୍ଧରେ । ଏକଲବ୍ୟଙ୍କ କ୍ଷେତ୍ରରେ ସେ କ'ଣ 'ଅର୍ପଣ' କଲେ ସେଇଟି ବଡ଼ କଥା ନୁହେଁ, ଯେଉଁ ଭାବଧାରାରେ ଓ ସ୍ୱାଭାବିକ ପ୍ରବୃତ୍ତିରେ ସେ ଗୁରୁଙ୍କୁ ତାଙ୍କର ଗୁରୁ ଦକ୍ଷିଣା ଅର୍ପଣ କରିଥିଲେ ସେଇଟି ପ୍ରଧାନ କଥା । ଏ କ୍ଷେତ୍ରରେ ମଧ୍ୟ ଆମର ଲକ୍ଷ୍ୟ ହେଉଛି ସର୍ବାନ୍ତଃକରଣରେ, ସ୍ୱତଃସ୍ଫୂର୍ତ୍ତ ଭାବରେ ନିଜର ସମଗ୍ର ଶରୀରକୁ (ସୁସ୍ଥ, ସବଳ, ସୁନ୍ଦର, କର୍ମଠ ଅର୍ଥାତ୍ ଉପଯୁକ୍ତ କରି ଗଢ଼ିଥିବା ଶରୀରକୁ) ଶ୍ରୀମା'ଙ୍କୁ ଅର୍ପଣ କରିବା ଯଦ୍ୱାରା ଆମେ ପୃଥିବୀପୃଷ୍ଠରେ ତାଙ୍କର ଦିବ୍ୟ କର୍ମ ସକାଶେ ଏକ ଉପଯୁକ୍ତ 'ନିମିତ୍ତ ମାତ୍ର' ହୋଇ ପାରିବା ।

(କ୍ରମଶଃ)

ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

ନିଜର ଦୁର୍ବଳତା ଓ ମିଥ୍ୟା ଗତିବୃତ୍ତିଗୁଡ଼ିକୁ ଚିହ୍ନି ପାରିବା ଏବଂ ସେମାନଙ୍କଠାରୁ ନିଜକୁ ଦୂରେଇ ନେବା, ଏହାହିଁ ହେଲା ମୁକ୍ତିର ପଥ ।

— ଶ୍ରୀଅରବିନ୍ଦ

# ରାଣୀ ଲକ୍ଷ୍ମୀବାଈ

## (୨)

## ସୂର୍ଯ୍ୟକାନ୍ତି ମହାନ୍ତି

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

୧୮୫୮ ମାର୍ଚ୍ଚ ୨୩ରେ ସାର୍ ହ୍ୟୁଗ୍ ରୋଜ୍ ଯୁଦ୍ଧ ଘୋଷଣା କଲେ ।[୫] ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈ ଯୁଦ୍ଧ ଜାରି ରଖିଲେ । ମାତ୍ର ଦୁର୍ଭାଗ୍ୟବଶତଃ ରାଣୀଙ୍କ ପାଖରେ ବାହ୍ୟ ସାହାଯ୍ୟ ପହଞ୍ଚିଲା ନାହିଁ, ଏସବୁ ସତ୍ତ୍ୱେ ରାଣୀ ପୁରୁଷ ପୋଷାକ ପରିଧାନ କରି ନିଜେ ଅସ୍ତ୍ର ଧରି ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେଲେ । ତାଙ୍କର ସାହସିକତା ଓ ସଙ୍ଗଠନ ପ୍ରକ୍ରିୟା ଓ ଯୁଦ୍ଧ କୌଶଳ ଜଣେ ବୀର ପୁରୁଷର ଯୋଗ୍ୟତା ସହ ସମାନ ଥିଲା । ଏହା ଦେଖି ସାର୍ ହ୍ୟୁଗ୍ ଆଶ୍ଚର୍ଯ୍ୟ ହେଲେ ।

ଯୁଦ୍ଧ କ୍ରମଶଃ ଲାଗି ରହିଲା । ମାତ୍ର ପରିସ୍ଥିତି ଯେତେବେଳେ ନିୟନ୍ତ୍ରଣ ବାହାରକୁ ଚାଲିଗଲା, ରାଣୀ ତାଙ୍କର ପାରିଷଦବର୍ଗଙ୍କୁ ଡାକି କହିଲେ – ଆମର ସେନାପତି ଓ ବୀର ଯୋଦ୍ଧୃଗଣଙ୍କ ସଂଖ୍ୟା କମି ଯାଇଛି । ଦୁର୍ଗ ମଧ୍ୟରେ ଚାରି ହଜାର ମଧ୍ୟରୁ ମାତ୍ର ଚାରି ଶହ ସୈନ୍ୟ ଅଛନ୍ତି । ଏଣୁ ଯଥାଶୀଘ୍ର ଆମେ ଏ ସ୍ଥାନ ଛାଡ଼ି ଚାଲିଯିବା ଉଚିତ; ପରେ ସେନାବାହିନୀ ସଙ୍ଗଠିତ କରି ପୁଣି ଆକ୍ରମଣ କରିବା । ଏଥିରେ ସମସ୍ତେ ସମ୍ମତ ହେଲେ ।

ତେବେ କିଛି ଯୋଦ୍ଧାଙ୍କ ସହ ରାଣୀ ଲକ୍ଷ୍ମୀବାଈ ଅନ୍ୟତ୍ର ଚାଲିଗଲେ । ଏପରି ସମୟରେ ରାଣୀଙ୍କର ଅତି ଆଦରର ବିଶ୍ୱସ୍ତ ଅଶ୍ୱଟିର ବି ମୃତ୍ୟୁ ଘଟିଲା; ତଥାପି ଏଥିରେ ବି ସେ ଭାଙ୍ଗି ପଡ଼ିଲେ ନାହିଁ । ସେ କଳ୍ପିକୁ ଯାଇ ତାନ୍ତିଆ ଟୋପେ ଓ ରାଓ ସାହେବଙ୍କ ସହ ଯୋଗ ଦେଲେ । ସେଠାରେ ସୈନ୍ୟବାହିନୀକୁ ଏକତ୍ରିତ କରି ଯୁଦ୍ଧ ପାଇଁ ପୁଣି ପ୍ରସ୍ତୁତ ହେଲେ ଏବଂ ନିକଟବର୍ତ୍ତୀ ଗୋୱାଲିଅର୍‌ରେ ପହଞ୍ଚିଲେ । ଗୋୱାଲିଅର୍‌ର ରାଜା ପଳାୟନ କରି ବ୍ରିଟିଶର ଶରଣ ଭିକ୍ଷା କଲେ । ଅନ୍ୟ ପକ୍ଷରେ ରାଣୀଙ୍କ ପରାମର୍ଶକୁ ନିଜ ବନ୍ଧୁମାନଙ୍କ ବ୍ୟତୀତ ଅନ୍ୟ କେହି ଗ୍ରହଣ କଲେ ନାହିଁ ବରଂ ମଉଜମଜଲିସରେ ବ୍ୟସ୍ତ ରହିଲେ ।

ମାତ୍ର ଏଥି ମଧ୍ୟରେ ହ୍ୟୁଗ୍ ରୋଜ୍ ଆଉ ଅପେକ୍ଷା କରିବାକୁ ପ୍ରସ୍ତୁତ ନଥିଲେ; ପୁନର୍ବାର ଆକ୍ରମଣ କଲେ । ଯଦିଓ ରାଣୀଙ୍କର ସୈନ୍ୟ କମ୍ ସଂଖ୍ୟକ ଥିଲେ, ତଥାପି ରାଣୀଙ୍କର ବୁଦ୍ଧିମତ୍ତା ଏବଂ କୌଶଳ ଯୋଗୁଁ ସେଦିନର ବିଜୟ ରାଣୀଙ୍କର ହିଁ ହେଲା । ତା' ପରଦିନ ଅର୍ଥାତ୍ ୧୮୫୮ ଜୁନ୍ ୧୮ ତାରିଖର ସୂର୍ଯ୍ୟୋଦୟ ପୂର୍ବରୁ ବ୍ରିଟିଶ ଆକ୍ରମଣ କଲା ।[୬] ରାଣୀ ତାଙ୍କର ବନ୍ଧୁମାନଙ୍କୁ କହିଲେ – ଆଜି ଲାଗୁଛି ଯୁଦ୍ଧର ଶେଷ ଦିନ । ଯଦି ମୋର ମୃତ୍ୟୁ ହୁଏ, ମୋ ପୁତ୍ର ଦାମୋଦର ରାଓକୁ ମୋ'ଠାରୁ ଅଧିକ ଅମୂଲ୍ୟ ଭାବି ତା'ର ଅଧିକ ଯତ୍ନ ନେବ ଆଉ ନିଶ୍ଚିତ କରିବ ଯେ ମୋ ଶରୀର ଯେପରି ଅଧର୍ମୀ ଲୋକଙ୍କ ହାତରେ ନ ପଡ଼େ ।

ସେହିପରିହିଁ ହେଲା । ଆରମ୍ଭରୁହିଁ ବ୍ରିଟିଶ ଦୁର୍ଗରେ ପ୍ରବେଶ କଲେ । ରାଣୀ କିଛି ଉପାୟ ନପାଇ ପଳାୟନ କଲେ । ଦୁଇ ହସ୍ତରେ ଖଡ୍‌ଗ ଧରି, ଦନ୍ତରେ ଲଗାମକୁ ଜାବୁଡ଼ି ଧରି ଦୁର୍ଗ ଛାଡ଼ି ଚାଲିଯିବା ସମୟରେ ବ୍ରିଟିଶ ସୈନ୍ୟ ତାଙ୍କୁ ଚତୁର୍ଦ୍ଦିଗରୁ ଘେରି ଗଲେ । ସେ ସମୟରେ ସ୍ୱଳ୍ପ ସିର୍‌ଦାର, ରଘୁନାଥ ସିଂହ ଓ ରାମଚନ୍ଦ୍ର ରାଓ ଦେଶମୁଖ ତାଙ୍କ ସହିତ ଥିଲେ । ରକ୍ତର ନଦୀ ପ୍ରବାହିତ ହେଲା । ରାଣୀଙ୍କର ଅଲୌକିକ ବୀରତ୍ୱ ଓ ଅସ୍ତ୍ର ଚାଳନା କଳାକୁ ଦେଖି ସମସ୍ତେ ସ୍ତମ୍ଭୀଭୂତ ହେଲେ । ସନ୍ଧ୍ୟା ସମୟ ହୋଇ ଆସୁଥିଲା । ଜଣେ ବ୍ରିଟିଶ ସୈନିକ ତୀକ୍ଷ୍ଣ ଛୁରିକାଟିଏ ରାଣୀଙ୍କ ବକ୍ଷକୁ ଲକ୍ଷ୍ୟ କରି ନିକ୍ଷେପ କଲା । କର୍ତ୍ତରିକାଟି ରାଣୀଙ୍କ ବକ୍ଷର କିଞ୍ଚିତ୍ ନିମ୍ନରେ ଆଘାତ କଲା । ରାଣୀ ସେ ସୈନ୍ୟକୁ ହତ୍ୟା କଲେ, ରାଣୀଙ୍କର ଦେହରୁ ଅନେକ ରକ୍ତ ସ୍ରାବ ହେଲା । ସେତେବେଳେ ରାଣୀ ସ୍ୱର୍ଣ୍ଣରେଖା କେନାଲକୁ ପ୍ରାୟ ଅତିକ୍ରମ କରିବାକୁ ଯାଉଥିଲେ । ଏପରି ସମୟରେ ବ୍ରିଟିଶର ବନ୍ଧୁକର ଗୁଳି ରାଣୀଙ୍କର ଦକ୍ଷିଣ ଜାନୁରେ ବାଜିଲା । ରାଣୀ ତାଙ୍କ ବାମ ହସ୍ତ ଖଣ୍ଡା ଦ୍ୱାରା ସେ ସୈନ୍ୟକୁ ମାରି ଦେଲେ ।

ରାଣୀଙ୍କର ଜାନୁଦେଶ କ୍ରମଶଃ ଅଚଳ ଅବସ୍ଥାକୁ ଗତି କଲା । ବକ୍ଷରୁ ରକ୍ତ ଝରୁଥାଏ । ଜଣେ ସୈନ୍ୟର ଅସ୍ତ୍ରାଘାତରେ ରାଣୀଙ୍କର ଡାହାଣ ପାର୍ଶ୍ୱସ୍ଥ ମୁଖ କ୍ଷତାକ୍ତ ହୋଇଗଲା । ଏଇ ପରିସ୍ଥିତିରେ ରଘୁନାଥ ସିଂ ଓ ରାମଚନ୍ଦ୍ର ରାଓ ରାଣୀଙ୍କୁ

ଅଶ୍ୱପୃଷ୍ଠରୁ ଓହ୍ଲାଇ ନେଇ ସଙ୍ଗେ ସଙ୍ଗେ ନିକଟବର୍ତ୍ତୀ ବାବା ଗଙ୍ଗାଦାସଙ୍କ ଆଶ୍ରମକୁ ନେଇଗଲେ । ରାତ୍ରିର ଅନ୍ଧକାର ମଧ୍ୟରେ ବାବା ଗଙ୍ଗାଦାସ ରାଣୀଙ୍କ ରକ୍ତ ଜୁଡ଼ୁବୁଡ଼ୁ ଶରୀରକୁ ଚିହ୍ନି ପାରିଲେ । ସେ ତାଙ୍କ ମୁହଁକୁ ଶୀତଳ ଜଳରେ ଧୋଇ ଦେଲେ । ମୁଖରେ ଗଙ୍ଗାଜଳ ଦେଲେ । ରାଣୀ କମ୍ପିତ ସ୍ୱରରେ କହିଲେ – 'ହର୍ ହର୍ ମହାଦେବ ।' ତା'ପରେ ଅତି କ୍ଷୀଣ ସ୍ୱରରେ ତାଙ୍କ ମୁଖରୁ ଶେଷ ଶବ୍ଦ ବାହାରି ଥିଲା – ''ବାସୁଦେବ, ତୁମକୁ ମୋର ପ୍ରଣାମ ।'' ପରକ୍ଷଣରେ ଝାନ୍‌ସୀର ଭାଗ୍ୟାକାଶରେ ସୂର୍ଯ୍ୟ ଅସ୍ତମିତ ହୋଇ ଗଲା । ବାବା ସ୍ଥିର ଓ ପ୍ରଶାନ୍ତ ସ୍ୱରରେ କହିଲେ – ଦୀପ୍ତିର କେବେ ସମାପ୍ତି ନାହିଁ । ଏହା ପ୍ରତ୍ୟେକ ଲୋକର ଲୋମକୂପରେ ସଂଗୁପ୍ତ ଭାବରେ ନିହିତ; ପୁନଶ୍ଚ ଉପଯୁକ୍ତ ସମୟରେ ଏହା ପ୍ରକଟ ହେବ ।

ରଘୁନାଥ, ରାମଚନ୍ଦ୍ର, ଗୁଲ୍ ମହମ୍ମଦ ଓ ଦାମୋଦର ପ୍ରଭୃତି ଲକ୍ଷ୍ମୀବାଈଙ୍କ ବିୟୋଗରେ ଅଶ୍ରୁମୋଚନ କଲେ । କାଳଗର୍ଭରେ ତଥା ଅଗ୍ନିର ଲେଲିହାନ ଶିଖାରେ ବୀରାଙ୍ଗନାଙ୍କର ଅତୁଳନୀୟ ଶରୀର ଅଦୃଶ୍ୟ ହୋଇଗଲା ।

ମାତ୍ର ଏ ଘଟଣାର ଦିନକ ପରେ ବି ରଣକ୍ଷେତ୍ରରେ ଯୁଦ୍ଧ ଚାଲୁ ରହିଥିଲା । ଏହାର ନେତୃତ୍ୱ ନେଇ ଥିଲେ ମହାରାଣୀ ଲକ୍ଷ୍ମୀବାଈଙ୍କ ସଦୃଶ ପରିଧାନ ପରିହିତା ତଥା ତାଙ୍କର ମୁଖମଣ୍ଡଳ ସଦୃଶ ବହୁ ସାମଞ୍ଜସ୍ୟ ରଖୁଥିବା ଝାନ୍‌ସୀ ସୈନ୍ୟବାହିନୀର ନାରୀ ବିଭାଗର ନେତ୍ରୀ ଝଲ୍‌କାରୀ ବାଈ । ଅବଶେଷରେ ଯେତେବେଳେ ତାଙ୍କୁ ବନ୍ଦୀ କରାଗଲା, ବ୍ରିଟିଶ ସୈନ୍ୟ ଯେ ରାଣୀ ଲକ୍ଷ୍ମୀବାଈଙ୍କୁ ଜୀବନ୍ତ ଅବସ୍ଥାରେ ବନ୍ଦୀ କରି ପାରିଛନ୍ତି, ଏଥିପାଇଁ ସେମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା । ମାତ୍ର ବହୁ ବିଳମ୍ବରେ ସେମାନେ ଜାଣିବାକୁ ପାଇଲେ ଯେ ଯାହାଙ୍କୁ ବନ୍ଦୀ କରାଯାଇଛି, ସେ ରାଣୀ ନୁହଁନ୍ତି, ଅନ୍ୟ କେହି । ହାୟ !

ମହାଶକ୍ତିଶାଳୀ ବ୍ରିଟିଶ ସରକାର ଝାନ୍‌ସୀ ଉପରେ ବିଜୟ ପ୍ରାପ୍ତି କରିଥିଲେ ମଧ୍ୟ ଏହି ଛୋଟ ରାଜ୍ୟର ବାଇଶ ବର୍ଷିଆ ରାଣୀଙ୍କ ଆଗରେ ବାସ୍ତବିକ ପରାଜୟ ବରଣ କରିଥିଲେ ।

ନିଜ ଦେଶ ପାଇଁ ଆତ୍ମୋତ୍ସର୍ଗ କରିଥିବା ଏହି ବୀରାଙ୍ଗନାଙ୍କୁ ବିଜ୍ଞ ବ୍ୟକ୍ତିମାନେ ଫ୍ରାନ୍ସର ଜୋନ୍ ଅଫ୍ ଆର୍କଙ୍କ ସହିତ ତୁଳନା କରିଥା'ନ୍ତି । ଅଳ୍ପ ବୟସର କିଶୋରୀ ଜୋନ୍ ଅଫ୍ ଆର୍କ କସ୍ମିନ୍ କାଳେ ଅଶ୍ୱାରୋହଣ କରି ନଥିଲେ ବି, ଯୁଦ୍ଧ ପରିଚାଳନାରେ ଏକଦମ ଅନଭିଜ୍ଞ ଥିଲେ ବି ଅଲୌକିକ ଶକ୍ତି ବଳରେ ପୁରୁଷ ପୋଷାକ ପରିଧାନ କରି ଅଶ୍ୱାରୋହଣପୂର୍ବକ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଏବଂ ସୈନ୍ୟବାହିନୀକୁ ସଠିକ୍ ପରିଚାଳନା କରି ନିଜ ଦେଶରୁ ବ୍ରିଟିଶ ସୈନ୍ୟଙ୍କୁ ବହିଷ୍କାର କରି ଦେଶର ସିଂହାସନ ସୁରକ୍ଷିତ କରିଥିଲେ । ମାତ୍ର ପରେ ନିଜ ଦେଶର ବିଚାରାଳୟ ଦ୍ୱାରା ସେ ଅତି କଠୋର ଦଣ୍ଡରେ ଦଣ୍ଡିତ ହୋଇ ଥିଲେ । ସର୍ବ ସମ୍ମୁଖରେ ତାଙ୍କୁ ଜୀବନ୍ତ ଦଗ୍ଧ କରାଯାଇଥିଲା । ନିଜ ଦେଶ ପାଇଁ ଏହା ଥିଲା ତାଙ୍କର ଆତ୍ମ-ବଳିଦାନ ।

ଏହିପରି ଭାବରେ ସାହସିକ ଓ ଗୌରବୋଜ୍ଜ୍ୱଳ ଜୀବନର ଅଧିକାରୀ ଥିଲେ ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈ ଓ ଫ୍ରାନ୍ସର ଜୋନ୍ ଅଫ୍ ଆର୍କ । ଜୋନ୍ ଅଫ୍ ଆର୍କଙ୍କୁ ମାତ୍ର ଅଠର ବର୍ଷ ବୟସ ହୋଇଥିଲା ବେଳେ ରାଣୀ ଲକ୍ଷ୍ମୀବାଈଙ୍କର ବୟସ ସେତେବେଳେ ଥିଲା ମାତ୍ର ବାଇଶ ବର୍ଷ ।

୧୮୫୮ ମସିହା ଅଗଷ୍ଟ ୩ ତାରିଖରେ 'The Times' ସମ୍ବାଦ ପତ୍ରରେ ପ୍ରକାଶିତ ହୋଇଥିଲା – "The battle plans were affected mainly under the direction and personal supervision of the Rani who, clad in military attire... was constantly in the saddle, ubiquitous and untiring."

୧୯୪୩ ମସିହାରେ ସୁଭାଷଚନ୍ଦ୍ର ବୋଷଙ୍କର ନିର୍ଦ୍ଦେଶ ଅନୁଯାୟୀ Indian National Army (INA - Azad Hind fauj)ର ଅଫିସର ଏବଂ Women's Affair ର ମନ୍ତ୍ରୀ କ୍ୟାପ୍‌ଟେନ୍ ଲକ୍ଷ୍ମୀ ସାହଗଲ (Dr. Laxmi Swaminathan; ବିବାହ ପରେ 'Sahgal') 'Rani of Jhansi' ନାମରେ 'Women's Regimentର ସ୍ଥାପନ କରିଥିଲେ । କେରଳରେ ଜନ୍ମିତ ଲକ୍ଷ୍ମୀ ସାହଗଲ 'All Women Combat unit' ର ପ୍ରଥମ ସେନାପତି ପଦ ଗ୍ରହଣ କରିଥିଲେ ।

ରାଣୀ ଲକ୍ଷ୍ମୀବାଈଙ୍କ ଉପରେ ଭାରତ ସରକାର ଦୁଇଟି ସ୍ମାରକ ଡାକଟିକଟ ପ୍ରକାଶିତ କରିଛନ୍ତି । ଗୋଟିଏ ହେଉଛି ୧୯୫୭ ମସିହାରେ ସିପାହୀ ବିଦ୍ରୋହର ଶତାବ୍ଦୀ ପୂର୍ତ୍ତି ପାଳନ ଅବସରରେ । ଏହାର ମୂଲ୍ୟ ୧୫ ନୟା ପଇସା ଥିଲା । ଅନ୍ୟଟି ୧୯୮୮ ମସିହାରେ ପ୍ରଥମ ସ୍ୱାଧୀନତା ସଂଗ୍ରାମର ଶହୀଦମାନଙ୍କ ସମ୍ମାନାର୍ଥେ । ଯାହାର ମୂଲ୍ୟ ଥିଲା ୬୦ ପଇସା । ଦ୍ୱିତୀୟ ଡାକଟିକଟରେ ଲକ୍ଷ୍ମୀବାଈଙ୍କର ଫଟୋ ସହିତ

ବେଗମ୍ ହଜରତ୍ ମହଲ, ତାନ୍ତିଆ ଟୋପେ, ବାହାଦୁର ଶାହ ଜାଫର୍, ମଙ୍ଗଳ ପାଣ୍ଡେ ଏବଂ ନାନା ସାହେବଙ୍କର ନାମ ଲିଖିତ ହୋଇଛି ।

ତେବେ ଆଶ୍ଚର୍ଯ୍ୟର କଥା ଏହି ଯେ ଲକ୍ଷ୍ମୀବାଈଙ୍କର ପରାଜୟ ଓ ମୃତ୍ୟୁର କାରଣ ହୋଇଥିବା ସାର୍ ହ୍ୟୁଗ୍ ରୋଜ୍ (Sir Huge Rose) ରାଣୀଙ୍କ ପ୍ରଶଂସାରେ ଶତମୁଖ ହୋଇ ଉଠିଥିଲେ । ସେ ମୁକ୍ତ କଣ୍ଠରେ କହିଥିଲେ, ଯଦିଓ ସେ ଜଣେ ନାରୀ – ବିପ୍ଳବୀମାନଙ୍କ ମଧ୍ୟରେ ସେହିଁ ନିର୍ଭୀକ ଏବଂ ସର୍ବୋତ୍ତମ ସେନାନାୟକ । ତାଙ୍କର ଚତୁରତା ଓ ବ୍ୟକ୍ତିତ୍ୱର ମହାନତା ଥିଲା ଅତୁଳନୀୟ । ପୁନଶ୍ଚ ଜେନେରାଲ ହ୍ୟୁଗ୍ ରୋଜ୍ ରାଣୀଙ୍କୁ ନେଇ ମତ ଦିଅନ୍ତି – "... The Woman who was the only man among the rebels."

ଲୋକଙ୍କ ମତରେ – ଯଦିଓ ତାଙ୍କର ଶରୀର ଥିଲା କୋମଳ, ମାତ୍ର ଏଥିରେ ଥିଲା ସିଂହର ତେଜ ଓ ଶକ୍ତି । ସେ ଦୁର୍ବଳ ଦେଖା ଯାଉଥିଲେ ବି ଯୁଦ୍ଧ କ୍ଷେତ୍ରରେ ଥିଲେ ଦେବୀ କାଳୀଙ୍କର ଅବତାର । ବୟସରେ କମ୍ ଥିଲେ ବି କୂଟନୀତିରେ ଥିଲେ ଅତି ଧୂରନ୍ଧର ଓ ପ୍ରବୀଣା । ତାଙ୍କର ସୌନ୍ଦର୍ଯ୍ୟରେ ପୁରୁଷମାନେ ହେଉଥିଲେ ଅଭିଭୂତ ଏବଂ ତାଙ୍କର ଦୀପ୍ତି ସମ୍ମୁଖରେ ସେମାନେ ହେଉଥିଲେ ନତମସ୍ତକ ଓ ନିଷ୍ପ୍ରଭ ।

ଏହି ହେଉଛନ୍ତି ଭାରତ ମାଟିର ବୀର ଯୋଦ୍ଧ୍ରୀ ।

ହେ ଗରିମାମୟ ଜୀବନ, ହେ ଦେଦୀପ୍ୟମାନ ଆତ୍ମା, ହେ ବୀରାଙ୍ଗନା ଲକ୍ଷ୍ମୀବାଈ ! ଆପଣଙ୍କୁ ଏ ଜାତିର ଶତ ସହସ୍ର କୋଟି ପ୍ରଣାମ !

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୫) Jhansi Lakshmi Bai, By N. S. Ram Prasad, Publisher – Bharah Bharati Pustak Sampad. - P. 36

(୬) ତତ୍ରୈବ - P. 40

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

**କ୍ଲାସରେ ଶ୍ରୀମା'ଙ୍କ କାହାଣୀ :**

# ଆରବ ଦେଶର ଘୋଡ଼ା

[୧୯୫୦ ମସିହା ନଭେମ୍ବର ମାସରେ ଶ୍ରୀମା ପିଲାମାନଙ୍କର କ୍ଲାସ ନେବାକୁ ଆରମ୍ଭ କଲେ । ଆଗେ ଯେଉଁଟିକୁ Guest House କୁହାଯାଉଥିଲା ଓ ପରେ ଦର୍ତୁଆର ଆନେକ୍ସ (Dortoir - Annexe) କୁହାଗଲା, ସେଇ ଗୃହର ତଳମହଲାର ଖୋଲା ବାରଣ୍ଡାରେ ଏଇ କ୍ଲାସ ହେଉଥିଲା । ଶ୍ରୀମା ଗୋଟିଏ ଛୋଟ ଚୌକିରେ ବସୁଥିଲେ ଓ ୮/୧୦ ବର୍ଷର ବାଳକବାଳିକାମାନେ ବସୁଥିଲେ ତଳେ, ଖେଳସରିବା ପରେ ଘରକୁ ଫେରିବା ଆଗରୁ ଏଇ କ୍ଲାସଟି ବସୁଥିଲା ଠିକ୍ ସନ୍ଧ୍ୟା ହେବା ପୂର୍ବରୁ ।

ଏଇ କାହାଣୀସବୁ ସେଇ ଶ୍ରେଣୀରେ ମା' କହୁଥିଲେ ବା ବହି ପଢ଼ି ପିଲାଙ୍କୁ ଶୁଣାଉ ଥିଲେ, ମାଧ୍ୟମ ଥିଲା ଫରାସୀ ଭାଷା । **ମୃତ୍ୟୁଞ୍ଜୟ ମୁଖାର୍ଜୀ** ସେଇ ଗଳ୍ପସବୁ ଶୁଣି ଆସି ବଙ୍ଗଳାରେ ଲିପିବଦ୍ଧ କରି ନେଉଥିଲେ, ନଳିନୀଦାଙ୍କୁ ଏସବୁକୁ ଦେଖାଇବା ପରେ 'ପୁରୋଧା'ରେ ପ୍ରକାଶିତ ହେଉଥିଲା । ଶ୍ରୀମା କ୍ଲାସ ନେଉଥିଲେ ରବିବାର, ମଙ୍ଗଳବାର ଓ ଶୁକ୍ରବାର ଦିନ; ସେଥିମଧ୍ୟରୁ କାହାଣୀର କ୍ଲାସଟି ଶୁକ୍ରବାର ହେଉଥିଲା । ସେଥିରେ ପିଲାମାନଙ୍କ ଛଡ଼ା ବୟସ୍କମାନେ ମଧ୍ୟ ବସୁଥିଲେ । ସେହି କାହାଣୀଗୁଚ୍ଛ ମଧ୍ୟରୁ ୧୯୫୩ ମସିହା ଜାନୁଆରୀ ୩୦ ତାରିଖ କ୍ଲାସରେ ମା'ଙ୍କ ଦ୍ୱାରା କଥିତ କାହାଣୀଟି ନିମ୍ନରେ ଉପସ୍ଥାପନ କରାଯାଉଛି ।]

ପ୍ରଭୁଭକ୍ତିର ନିଦର୍ଶନ ପଶୁମାନଙ୍କ ମଧ୍ୟରେ ଦେଖିବାକୁ ମିଳେ, ସେମାନଙ୍କ ମଧ୍ୟରେ ଅଶ୍ୱର ପ୍ରଭୁଭକ୍ତିର ଉଦାହରଣ ସବୁଠାରୁ ଉତ୍ତମ ।

ଏଇ ଗପଟିରେ ତୁମେମାନେ ତାହା ଶୁଣିବ ।

କାହାଣୀଟି ଆରବ ଦେଶର । ଦଳେ ଆରବବାସୀଙ୍କ ପେସା ଥିଲା ସୀମାନ୍ତବର୍ତ୍ତୀ ମରୁ ଅଞ୍ଚଳରୁ ଓଟ ଉପରେ ଲଦା ହୋଇ ଆସୁଥିବା ମାଲସବୁକୁ ଲୁଟପାଟ କରିବା । ଏଇସବୁ ମାଲବାହୀ ଓଟମାନଙ୍କୁ ରକ୍ଷା କରିବା ଭାର ଥିଲା କେତେକ ତୁର୍କୀ ଘୋଡ଼ସବାରୀ ପ୍ରହରୀମାନଙ୍କ ଉପରେ । ଏଇ ପଶୁଯାନଗୁଡ଼ିକୁ ଆରବ ଦସ୍ୟୁମାନେ ଘୋଡ଼ସବାରୀ ପ୍ରହରୀଗଣଙ୍କ ଆଖିରେ ଧୂଳିଦେଇ କୌଣସି ଉପାୟରେ ଆକ୍ରମଣ କରି ନେଇ ଯାଆନ୍ତି । ଆବୁ-ଏଲ୍-ମାର୍ସ ଏଇ ଧରଣର ଜଣେ ଆରବୀୟ ଦଳପତି । ଲୁଟପାଟ କାମରେ ତା' ଭଳି ସିଦ୍ଧହସ୍ତ ସେସମୟରେ ଆଉ କେହି ନ ଥିଲେ । ତଥାପି ଥରେ ସେ ତୁର୍କୀ-ପ୍ରହରୀଙ୍କ ହାତରେ ଧରା ପଡ଼ିଗଲା । ତା'ର ଶିକ୍ଷିତ ଓ ପ୍ରିୟ ଘୋଡ଼ାଟି ସମେତ ସେ ଧୃତ ହେଲା ଆହତ ଅବସ୍ଥାରେ ଓ ବନ୍ଦୀ ହୋଇ ଚାଲିଲା ସେମାନଙ୍କ ଶିବିରକୁ । ବନ୍ଦୀକୁ ସେଇ ପ୍ରହରୀମାନେ ବାହାରେ ପକାଇ ଦେଲେ ବନ୍ଧାଥିବା ଅବସ୍ଥାରେ ଓ ରାତି ହୋଇ ଥିବାରୁ ଆପଣା ଆପଣା ତମ୍ବୁରେ ଯାଇ ବିଶ୍ରାମ ନେଲେ । ଆବୁ-ଏଲ୍-ମାର୍ସ ଗଭୀର ରାତ୍ରିରେ ତା'ର ଘୋଡ଼ାର ଗଳାଶବ୍ଦ ଶୁଣି ପାରିଲା । ସେଇଟି ମଧ୍ୟ ନିକଟରେ କେଉଁଠି ବନ୍ଧା ହୋଇଥିଲା । ତୁର୍କୀମାନଙ୍କ ସହିତ ଲଢ଼େଇରେ ଯଥେଷ୍ଟ ବଳହାନି ଘଟି ଆବୁର ଅବସ୍ଥା ଦୟନୀୟ, ସେଇମାନଙ୍କ ପାଖରୁ ହାରିଯାଇ ତ ତା'ର ଏବେ ବନ୍ଧନଦଶା ଘଟିଛି, ଦେହର ଅନେକ ଜାଗାରେ କଟିଯାଇ ଥିବାରୁ ସେ ଏବେ ଚଳତ୍-ଶକ୍ତି-ରହିତ ହୋଇ ପଡ଼ିଛି ।

ତା' ସତ୍ତ୍ୱେ ବି ପ୍ରଭୁଭକ୍ତ ଜୀବଟିର ଡାକ କାନରେ ବାଜି ତାକୁ ଆଲୋଡ଼ିତ କରି ପକାଇଲା । ସେ ସେଇ ବନ୍ଦୀ ହୋଇଥିବା ଅବସ୍ଥାରେ ଅତି କଷ୍ଟରେ ଘୁଷୁରି ଘୁଷୁରି ଧୀରେ ଧୀରେ ନିଃଶବ୍ଦ ଭାବରେ ଆଗେଇଲା ଘୋଡ଼ାର ଶବ୍ଦକୁ ଅନୁସରଣ କରି । ତା' ଦେହରେ ଆଦରରେ ହାତ ବୁଲାଇବାକୁ ଲାଗିଲା, ଧୀର କଣ୍ଠରେ କହିଲା ତାକୁ, ''ପୁଅରେ, ତୋର ବି ତ ମୋରି ପରି ଅବସ୍ଥା — ମୁଁ ଯେମିତି ବନ୍ଦୀ, ତୁ ବି ସେମିତି ବନ୍ଦୀ । ଅନ୍ୟ ସବୁ ବନ୍ଦୀ ଘୋଡ଼ା ସାଙ୍ଗରେ ତୁ ରହିବୁ ବନ୍ଦୀ ହୋଇ । ତା'ଠାରୁ ଭଲ ହୁଅନ୍ତା ତୁ ଯଦି ପଳାନ୍ତୁ । ମୁଁ ଏବେ ତୋ ଦଉଡ଼ି କାଟି ଦେଉଛି ଚୁପ୍‌ଚାପ୍, ତୁ ଚାଲିଯାଆ । ମୋର ଏବେକାର ଅବସ୍ଥା ବହୁତ ଖରାପ । ଏମିତି ଆଘାତ ମୁଁ ପାଇଛି, ସେଥିରୁ ଭଲ ହେବି କି ନାହିଁ ସନ୍ଦେହ । ତହିଁରେ ପୁଣି ମୁଁ ବନ୍ଦୀ, ପଳାଇଯାଇ ଯେ ବଞ୍ଚି ରହିପାରିବି — ତାହାର ବି ଆଶା ନାହିଁ । ନା ଅଛି ସାମର୍ଥ୍ୟ, ନା ଅଛି ଉପାୟ । ଏମାନଙ୍କ ସୀମା ପାରି ହୋଇ ତୁ ଛୁଟି ପଳାଇ ଯା — ଏକେବାରେ ଯାଇ

ଆରବୀମାନଙ୍କ ମଝିରେ ପହଞ୍ଚିବୁ । ସେଠି ପହଞ୍ଚି ମୋ ସ୍ତ୍ରୀକୁ ଖବର ଦେବୁ ଯେ ମୁଁ ଆଉ ଫେରିବି ନାହିଁ ।''

ଦଳପତି ଜଣକ ଏମିତି ବୁଝାଇ ସାରି ପ୍ରିୟ ଘୋଡ଼ାଟି ଯେଉଁ ରଶିରେ ବନ୍ଧା ହୋଇଥିଲା ତାକୁ ଆପଣା ଦାନ୍ତରେ କାମୁଡ଼ି କାମୁଡ଼ି କାଟିବାକୁ ଲାଗିଲା । ଆବୁ ଶେଷରେ ସେଇଟିକୁ ଛିଣ୍ଡାଇ ଘୋଡ଼ାକୁ ମୁକ୍ତ କଲା । ଘୋଡ଼ାଟିର ପ୍ରଭୁ ସହିତ ଥିଲା ହୃଦୟର ସମ୍ବନ୍ଧ, ଦୁହିଙ୍କ ହୃଦୟ ଏକ ସୁରରେ ବନ୍ଧା, ସେ ବୁଝିଲା ତା'ର ମାଲିକର ଇଙ୍ଗିତ । ତା'ର ପଶୁ-ଚେତନାର ଅଂଶଟା ପ୍ରଶଂସାର ଯୋଗ୍ୟ, ସେଇ ଚେତନାରେ ଖେଳି ଉଠିଲା ଏକ ତରଙ୍ଗ ହିଲ୍ଲୋଳ । ସେ ତରଙ୍ଗ ବିଶ୍ୱବ୍ୟାପକ, ସେଇ ତରଙ୍ଗ ପାଖରେ ମନୁଷ୍ୟ ଓ ପଶୁ ମଧ୍ୟରେ ପାର୍ଥକ୍ୟ କିଛି ନାହିଁ । ବିଶ୍ୱର ଜୀବ ମାତ୍ରେହିଁ ତାହାର ଯନ୍ତ୍ର ହୋଇ ପାରନ୍ତି, ତାହାର ଆପଣାର ହୋଇ କାମ କରି ପାରନ୍ତି । ସେ ତରଙ୍ଗର ଦେବତା ହେଉଛନ୍ତି ପ୍ରେମ । ଏଇ ପ୍ରେମର ଯେଉଁମାନେ ବାହନ ହୋଇ ପାରନ୍ତି, ସେମାନେ ଚିରକାଳ ଆତ୍ମଦାନ କରିଥା'ନ୍ତି, ଆପଣାର ସମସ୍ତ ସ୍ୱାର୍ଥ ବିସର୍ଜନ ଦେଇ ସେଇ ଦେବତାର ବିଜୟ ଘୋଷଣା କରନ୍ତି ଏବଂ ତାହାରି ଫଳରେହିଁ ଜଗତର କଲ୍ୟାଣ ସାଧିତ ହୋଇଥାଏ । ସଚେତ ହୋଇ ଏଇ ଦୃଷ୍ଟାନ୍ତକୁ ତୁମ୍ଭେମାନେ ପ୍ରତ୍ୟକ୍ଷ କରିବ, ତୁମ୍ଭମାନଙ୍କ ଜୀବନରେ ପ୍ରତିଫଳିତ କରିବ ।

ବର୍ତ୍ତମାନ ଆମେ ଆମ କାହାଣୀର ବାକି ଅଂଶକୁ ଫେରି ଆସିବା । ଘୋଡ଼ାଟି ତା'ର ମୁନିବର ସବୁକଥା ବୁଝିପାରିଲା, ତା'ର ଅସହାୟ ଅବସ୍ଥାର କଥା ବି ବୁଝିଲା; ତତ୍‌କ୍ଷଣାତ୍ ସେ ତା'ର ମୁହଁରେ ମାଲିକ ଆବୁ-ଏଲ-ମାର୍ସର କଟିବନ୍ଧକୁ ଶକ୍ତ କରି କାମୁଡ଼ି ଧରିଲା, ଯେମିତି ସିଏ ପଡ଼ି ନ ଯିବ ଓ ତ୍ୱରିତ ପଦରେ ସେ ଜାଗା ଛାଡ଼ି ଛୁଟିଲା ତୁର୍କୀ ସୀମାର ଶେଷପ୍ରାନ୍ତକୁ ଲକ୍ଷ୍ୟ କରି । ତା'ର ବୁଦ୍ଧି ଖଟାଇ ସେ ପାର୍ବତୀୟ ପଥରେ ଆରୋହଣ କଲା ନାହିଁ, ସେ ପଥକୁ ବାଦ୍ ଦେଇ ଦୀର୍ଘ ଘୂରାପଥ ଦେଇ ଶତ୍ରୁପକ୍ଷର ଦୃଷ୍ଟିକୁ ଆଡ଼େଇ ଆରବ ସୀମାନ୍ତରେ ଆସି ପହଞ୍ଚିଲା; ସେପରି ଆସିବାରେ ତାକୁ ସମୟ ଅଧିକ ଲାଗିଲା, ରାତି ପାହିଗଲା । ପ୍ରଭାତର ପ୍ରଥମ ସୂର୍ଯ୍ୟାଲୋକ ପୂର୍ବ ଗଗନରେ ଦେଖା ଦେଲାଣି – ସେତିକି ବେଳେ ସେ ତୁର୍କୀ ସୀମା ପାରି ହୋଇ ତା'ର ପରିଚିତ ମହଲରେ ଆସି ପହଞ୍ଚିଗଲା । ମାଲିକ ଆବୁ-ଏଲ୍-ମର୍ସକୁ ନେଇ ଆସି ତା'ର ସ୍ତ୍ରୀର ସମ୍ମୁଖରେ ନିଜ ମୁହଁରୁ ଖସାଇ, ମାଟିରେ ବସାଇ ଦେଲା । ସମସ୍ତେ ଚକିତ, ମୁଗ୍ଧ ଓ ସନ୍ତୁଷ୍ଟ ହୋଇ ଉତ୍ସାହରେ ଭରିଗଲେ – ଏକ ସଂକଟମୟ ରାତ୍ରି ଅଭିଯାନର ଶେଷପର୍ବ ଶୁଣିବାକୁ ସମସ୍ତେ ବ୍ୟାକୁଳ ହୋଇ ପଡ଼ିଲେ ।

ବର୍ତ୍ତମାନ ତାଙ୍କର ପ୍ରିୟ ଘୋଡ଼ାଟିକୁ ବିଶ୍ରାମ ଓ ଆହାର ଦେବାକୁ ସେମାନେ ତତ୍ପର ହୋଇ ପଡ଼ିଲେ । ମାତ୍ର ସେସବୁର ଆଉ ଆବଶ୍ୟକତା ପଡ଼ିଲା ନାହିଁ । ସେଇ ପ୍ରଭୁଭକ୍ତ ଅଶ୍ୱଟି ପ୍ରକୃତିର କୋଳରେ ଚିର ବିଶ୍ରାମ ନେବାକୁ ଢଳି ପଡ଼ିଲା । ସାରା ରାତ୍ରି ସିଏ ମୁନିବର ଶରୀରକୁ ମୁହଁରେ ବୋହି ଦୌଡ଼ିଛି, ସେଇ କାମରେ ସେ ତା'ର ସମସ୍ତ ପ୍ରାଣ ଶକ୍ତି ନିୟୋଗ କରିଛି ଆଉ ସେଇଥିରେହିଁ ତା'ର ସମୁଦାୟ ପ୍ରାଣ ଶକ୍ତି ନିଃଶେଷିତ ହୋଇଛି । ପ୍ରେମର ଦେବତା ତାଙ୍କର କାର୍ଯ୍ୟଟିକୁ ସମ୍ପନ୍ନ କରିବାକୁ ଅଶ୍ୱଟିକୁ ମାଧ୍ୟମ କରିଥିଲେ ଓ ତା'ପରେ ସିଏ ତାକୁ ଚିରକାଳ ଲାଗି ବିଶ୍ରାମ-ଅବସର ଦେଲେ । ❑

*ପ୍ରଶ୍ନ : ପ୍ରକୃତ ପ୍ରେମ କହିଲେ କ'ଣ ବୁଝାଏ ଏବଂ ଆମେ ସେହି ପ୍ରେମକୁ ଲାଭ କରି ପାରିବା କିପରି ?*

**ଶ୍ରୀମା** : ଯଥାର୍ଥ ପ୍ରେମ କ'ଣ, ତୁମେ ଜାଣିଛ କି ?

ଯଥାର୍ଥ ପ୍ରେମ କହିଲେ କେବଳ **ଗୋଟିଏ** ପ୍ରେମକୁ ବୁଝାଇବ; ଯେଉଁ ପ୍ରେମ ପରମ ଦିବ୍ୟସତ୍ତାଙ୍କଠାରୁ ନିଷ୍ପନ୍ନ ହୋଇ ଆସିଛି, ଏବଂ ମନୁଷ୍ୟମାନଙ୍କର ଭୂମିକୁ ଆସି ତାହା ସେହି ପରମ ଦିବ୍ୟସତ୍ତାଙ୍କ **ଲାଗି** ଏକ ପ୍ରେମରେ ପରିଣତ ହୋଇଥାଏ ।

ଆମେ କହିବା ଯେ ଦିବ୍ୟପରମଙ୍କ ସ୍ୱଭାବହିଁ ପ୍ରେମ ।

# ମୁକ୍ତିଦାତା ପର୍ସିୟସ୍
## (୫)
## ପ୍ରତିଭା ଦାସ

[**ପୁସ୍ତିକା ସମ୍ପର୍କରେ ସାମାନ୍ୟ ସୂଚନା :** ଶ୍ରୀଅରବିନ୍ଦଙ୍କ ରଚିତ ଚାରିଗୋଟି ନାଟକ ମଧ୍ୟରୁ ଅନ୍ୟତମ ''Perseus the Deliverer'' ନାଟକର ବିଷୟବସ୍ତୁକୁ ଆଧାର କରି ଏହି ପୁସ୍ତକ ରଚିତ । ତେବେ ଏହି ପୁସ୍ତକ 'ମୁକ୍ତିଦାତା ପର୍ସିୟସ୍'ଟି ମୂଳ ନାଟକର ଅନୁବାଦ ନୁହେଁ ବା ନାଟକ ଆକାରରେ ପରିବେଷିତ ନୁହେଁ । ଏହା ମୂଳ ନାଟକର ଏକ କାହାଣୀ ରୂପାନ୍ତର ମାତ୍ର । ମୂଳ ନାଟକ ପାଞ୍ଚୋଟି ଅଙ୍କରେ ବିଭକ୍ତ ଏବଂ ପ୍ରତି ଅଙ୍କରେ ରହିଛି ତିନୋଟି ଲେଖାଏଁ ଦୃଶ୍ୟ, କେବଳ ଚତୁର୍ଥରେ ଚାରୋଟି ।

ଏହି ପୁସ୍ତକକୁ ମଧ୍ୟ ପାଞ୍ଚଟି ଭାଗରେ ବିଭକ୍ତ କରାଯାଇଛି ଏବଂ ପ୍ରତିଟି ଦୃଶ୍ୟକୁ ଯେଉଁ ସ୍ଥାନର ଘଟଣା ସେହି ସ୍ଥାନକୁ ଶିରୋନାମା ସ୍ୱରୂପ ରଖି ବର୍ଣ୍ଣନା ଦିଆଯାଇଛି । ସଂକ୍ଷେପରେ କହିଲେ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ମୂଳ ନାଟକରେ ବିଷୟବସ୍ତୁ ଯେଉଁଭଳି କ୍ରମରେ ପରିବେଷଣ କରାଯାଇଛି, କାହାଣୀ ମଧ୍ୟ ସେହି କ୍ରମ ଅନୁସରଣ କରିଛି । ଦୁଇଶହ ଏକ ପୃଷ୍ଠାର ନାଟକକୁ ଅଠାବନ ପୃଷ୍ଠାର କ୍ଷୁଦ୍ର ଅବୟବ ଭିତରେ କାହାଣୀ ରୂପ ଦିଆଯାଇଛି । କ୍ଷୁଦ୍ର ପରିସର ହେଲେ ବି ସ୍ଥାନେ ସ୍ଥାନେ ନଟୀଙ୍କ ମୁଖରେ କଥୋପକଥନ ଆକାରରେ ମୂଳ ନାଟକର ଅତୀବ ସୁନ୍ଦର ପ୍ରକାଶକୁ ଅନ୍ତତଃ ଭାବାନୁବାଦରେ ରୂପ ଦେବାର ଲୋଭ ସମ୍ବରଣ କରି ହୋଇ ନାହିଁ । ଫଳତଃ କାହାଣୀଟି ସର୍ବତୋ ରୂପେ ରଚୟିତ୍ରୀଙ୍କର ଧାରାରେ ଏକ ବର୍ଣ୍ଣନା ହୋଇ ରହି ନାହିଁ; ଏବଂ ତେଣୁ ତାହା ମୂଳ ନାଟକର ଦିବ୍ୟ ପ୍ରକାଶ ଭଙ୍ଗୀରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ନାହିଁ ।

ମୂଳ ନାଟକଟି ଏକ ଗ୍ରୀକ୍ ପୌରାଣିକ ଉପାଖ୍ୟାନର ବିଷୟବସ୍ତୁ ଉପରେ ଆଧାରିତ । ବୀଜ ସ୍ୱରୂପ କ୍ଷୁଦ୍ର ବିଷୟବସ୍ତୁଟି ଶ୍ରୀଅରବିନ୍ଦଙ୍କ ଅମର ଲେଖନୀର ଦିବ୍ୟ ରସରେ ଅଙ୍କୁରିତ ହୋଇ ପଲ୍ଲବ-ପୁଷ୍ପରେ ମଣ୍ଡିତ ହୋଇ ଏକ ମନୋରମ ତନୁଶ୍ରୀ ଧାରଣ କରିଛି । ଶ୍ରୀଅରବିନ୍ଦଙ୍କ ରଚନା ସଂଗ୍ରହର ଷଷ୍ଠ ଖଣ୍ଡ Collected Plays ର ପ୍ରଥମ ନାଟକ ହେଲା ''Perseus the Deliverer'' । ମୂଳ ନାଟକଟି ପାଠ କରି ଶ୍ରୀଅରବିନ୍ଦଙ୍କ ଲେଖନୀର ଦିବ୍ୟରସ ଗ୍ରହଣ କରିବା ଲାଗି ଆମର ଏହି ''ମୁକ୍ତିଦାତା ପର୍ସିୟସ୍'' ଶୀର୍ଷକ ପୁସ୍ତକଟି ପ୍ରେରଣା ସ୍ୱରୂପ ହେବ ବୋଲି ଆଶା କରୁ । ଏହି ପୁସ୍ତକଟି ଧାରାବାହିକ ଭାବେ ମାସିକ ପତ୍ରିକା 'ନବପ୍ରକାଶ'ରେ ସ୍ଥାନିତ ହେବାର ପ୍ରୟାସ କରାଯାଉଛି । – ସମ୍ପାଦନା]

### ମୁକ୍ତିଦାତା ପର୍ସିୟସ୍
### ସମୁଦ୍ର ତୀରରେ ...

ଏଣ୍ଡ୍ରୋମିଡ଼ା ପରିଧାନ କରିଥିଲେ ଅତ୍ୟନ୍ତ ସ୍ୱଚ୍ଛ ପରିଚ୍ଛଦ; ହସ୍ତ ଦ୍ୱୟ ଅଳଙ୍କାର ବିହୀନ, ଯାହା ବିସ୍ତୃତ ହୋଇ ରହିଛି ଶରୀରର ଦୁଇ ପାର୍ଶ୍ୱରେ । ତାଙ୍କ ପଦ ଧୌତ କରୁଛି ସାଗରର ନୀଳ ଜଳ । ଏକ ପାହାଡ଼ ଖଣ୍ଡରେ ଆବଦ୍ଧ ରହିଛନ୍ତି ସେ ।

ଆଉ ପୁରୋହିତ ଅର୍ଦ୍ଧପାଗଳ ଭଳି କରି ଚାଲିଛନ୍ତି ପ୍ରଳାପ : ସୁନ୍ଦରୀ ଏଣ୍ଡ୍ରୋମିଡ଼ା, ମୁଁ ଦୁଃଖିତ ତୁମ ବିବାହୋତ୍ସବ ହେଉଛି ତୁମର ଅନଳଙ୍କୃତ ବେଶରେ । ଏହି ଉତ୍ସବ ସିନା ପ୍ରତ୍ୟକ୍ଷ କରିଥା'ନ୍ତେ ସମଗ୍ର ସିରିଆବାସୀ, ଆଉ ବିଶେଷ କରି ତୁମର ଜନନୀ । କିନ୍ତୁ ତାଙ୍କର ତ ଏବେ ବହୁତ କାମ ! ଆୟଲାସ୍‌ର ହୃତ୍‌ପିଣ୍ଡ ଉପରେ ବିଚକ୍ଷଣ ଅସ୍ତ୍ରୋପଚାର ଚଳାଇ ଆମେ ତା'ର ଅଶୁଦ୍ଧ ରକ୍ତକୁ କିପରି ନିଷ୍କାସନ କରିପାରୁ ସେହି ପ୍ରଣାଳୀ ତ ତୁମର ଜନନୀଙ୍କୁ ସ୍ୱଚକ୍ଷୁରେ ଦେଖିବାକୁ ହେବ । କିନ୍ତୁ ଦୁଃଖ କରନା, ସମସ୍ତେ ଯାଇ ଶୀଘ୍ର ପର ପାରିରେ ମିଳିତ ହେବ । ଏସବୁ କଥା ଭାବି ସମୟ କାଟ, ଯେ ଯାବତ୍ ସମୁଦ୍ର ମଧ୍ୟରୁ ଉତ୍‌ଥିତ ହୋଇ ତୁମର ପ୍ରେମିକ ନ ଆସିଛି ।

ଏହା ପରେ ରାଜକୁମାରୀଙ୍କୁ ଜଳ ଦେବତା ଉଦ୍ଦେଶ୍ୟରେ ଉତ୍ସର୍ଗ କରି ସିରିଆବାସୀ ଫେରନ୍ତି ପୋସାଇଡ଼ନ୍‌ଙ୍କ ମନ୍ଦିରକୁ । ପୁରୋହିତ ଅନୁରୋଧ କରନ୍ତି : ପାହାଡ଼ ଉପରେ କେହି ହେଲେ ଜଣେ ଜଗି ରୁହ । କିପରି ରାଜକୁମାରୀ ଭକ୍ଷିତ ହେବେ ଜଳଦେବତାଙ୍କ ଦ୍ୱାରା, ତାହା ଆସି ଆମକୁ ଜଣାଇବ ।

କେହି ସାହସ କରି ପାରନ୍ତିନି । ଶେଷରେ କଂସେଇ ପେରିସସ୍ ସମ୍ମତି ଦିଏ ପାହାଡ଼ ଉପରେ ଜଗି ରହିବ ବୋଲି ।

## ସାଗରକୂଳର ପାହାଡ଼ ପାର୍ଶ୍ୱେ ...

ଏକାକୀ ବନ୍ଦିନୀ ରାଜକୁମାରୀ । ଆପଣା ମନେ ମନେ ବାହୁନି ବାହୁନି କ୍ରନ୍ଦନରତା । ଦୁଇଟି ବନ୍ଦୀକୁ ମୁକ୍ତ କଲେ ବୋଲି ଆଜି ପିତା, ମାତା, ପ୍ରିୟ ଭ୍ରାତା, ନବରର ଦାସଦାସୀ ସମସ୍ତେ ବିପଦଗ୍ରସ୍ତ । ଆଉ ତାଙ୍କୁ ବରଣ କରିବାକୁ ହେଉଛି ଏକ ଘୃଣିତ ମୃତ୍ୟୁ । କେହି ଟିକିଏ ଲୁହ ଢାଳିବାକୁ ତାଙ୍କ ପାର୍ଶ୍ୱରେ ନାହିଁ । ଦେଶବାସୀ ତାଙ୍କୁ ନିକ୍ଷେପ କରିଛି ମୃତ୍ୟୁର ଗ୍ରାସ ମଧ୍ୟକୁ । ତଥାପି ସେ ଅନୁତପ୍ତା ନୁହନ୍ତି । କାରଣ ସେ କରିଛନ୍ତି ଏକ କାର୍ଯ୍ୟ ଯାହାକୁ ତାଙ୍କ ଆତ୍ମା ଅନୁମୋଦନ କରିଛି, ଯେଉଁଥିରେ ରହିଛି ଦେବୀ ଏଥିନୀଙ୍କର ସମର୍ଥନ । କିନ୍ତୁ କାହାନ୍ତି ସେ ଜନନୀ ଦେବୀ ଏଥିନୀ ? କନ୍ୟାଙ୍କୁ ତାଙ୍କର ଏହି ମର୍ମନ୍ତୁଦ ବିପଦ ମଧ୍ୟକୁ ଠେଲି ଦେଇ ସେ କ'ଣ ନୀରବ ଦର୍ଶକ ହୋଇ କେଉଁଠି ରହିଛନ୍ତି ? ଯନ୍ତ୍ରକୁ ତାଙ୍କର ଆସି ଜଞ୍ଜିରମୁକ୍ତ କରି କୋଳକୁ ଟୋଳି ନେଉ ନାହାନ୍ତି କାହିଁକି ?

ଏମିତି ବାହୁନି ବାହୁନି ରାଜକୁମାରୀ କ୍ଷଣକ ପାଇଁ ନୀରବ ହେବା ଅବସରରେ ସେଠାରେ ଲୁଚି ଲୁଚି ଆସି ପହଞ୍ଚିଛି ରାଜକୁମାରଙ୍କର ପ୍ରେମାସ୍ପଦା ବାଳିକା ସାଇଡ଼ନୀ । ପାଦ ପାଖରେ ବସି ରାଜକୁମାରୀଙ୍କର ପଦ ସ୍ପର୍ଶ କରି କହୁଛି : କି ସୁନ୍ଦର ଯେ ! ହାୟ, ହାୟ ନୃଶଂସ ସିରିଆବାସୀ ।

ରାଜକୁମାରୀ କାହାର କୋମଳ ସ୍ପର୍ଶ ପାଇ କିଏ ବୋଲି ପଚାରନ୍ତେ ସାଇଡ଼ନୀ କହିଛି : ମୁଁ ସାଇଡ଼ନୀ । ଆୟଲାସ୍ ମୋତେ ଭଲ ପାଆନ୍ତି ।

ତତ୍ପରେ ସାଇଡ଼ନୀଙ୍କ ଠାରୁ ରାଜକୁମାରୀ ସମ୍ବାଦ ପାଇଛନ୍ତି ଯେ ତାଙ୍କ ଭାଇ ଆୟଲାସ୍ ମନ୍ଦିରରେ ବନ୍ଦୀ ଅଛନ୍ତି । ଆଉ ସେହିଁ ପ୍ରେରଣ କରିଛନ୍ତି ସାଇଡ଼ନୀକୁ ତାଙ୍କର ଶିରୀଷ କୋମଳା ବନ୍ଦିନୀ ଭଉଣୀ ନିକଟକୁ ।

ସାଇଡ଼ନୀ ଆଶ୍ୱାସନା ଦେଇଛି ରାଜକୁମାରୀଙ୍କୁ : ଦେବତାମାନେ କାର୍ଯ୍ୟରତ । କେତୋଟି ଘଣ୍ଟାରେ ଆମେ ସମସ୍ତେ ଏକତ୍ରୀତ ହେବୁ ମୁକ୍ତି ପାଇ ।

ରାଜକୁମାରୀ ବିଶ୍ୱାସ କରି ପାରି ନାହାନ୍ତି । ହଁ, ମୃତ୍ୟୁରେହିଁ ସେମାନେ ହେଲେ ହୋଇ ପାରନ୍ତି ଏକତ୍ରୀତ, ମୁକ୍ତିରେ ନୁହେଁ ।

ଉଭୟଙ୍କ ମଧ୍ୟରେ ଆଳାପ ହେଉ ହେଉ ରାଜକୁମାରୀ କ୍ଷଣିକ ଲାଗି ଭୁଲି ଯାଇଛନ୍ତି ଆସନ୍ନ ମୃତ୍ୟୁର ଭୀତି । ସେତିକିବେଳେ ରାଜକୁମାରୀ ଆକାଶରେ ଦେଖି ପାରିଛନ୍ତି ଏକ ସ୍ୱର୍ଣ୍ଣରଙ୍ଗର ମେଘ, – ତାଙ୍କରି ଅଭିମୁଖେ ତାହା ଆଗେଇ ଆସୁଛି । ସାଇଡ଼ନୀ ବୁଝିପାରିଛି ସେ ପର୍ସିୟସ୍‌ହିଁ । ତତ୍ପରେ ସେ ରାଜକୁମାରୀଙ୍କୁ କ୍ଷଣିକ ବିଦାୟ ସମ୍ଭାଷଣ କରି ଫେରି ଯାଇଛି ମନ୍ଦିରକୁ ।

ରାଜକୁମାରୀ ବିଶ୍ୱାସ କରି ପାରୁ ନାହାନ୍ତି ଯେ ସେ ପାଇବେ ଉଦ୍ଧାର ଅନତିବିଳମ୍ବେ । କିନ୍ତୁ ଏ କ'ଣ ? ସମୁଦ୍ର ମଧ୍ୟରୁ ଉତ୍‌ଥିତ ହେଉଛି ଏକ ବିଶାଳ ବିଭତ୍ସ ମସ୍ତକ । ସମୁଦ୍ର ଜଳରେ ଯେପରି ତୋଫାନ । ରାଜକୁମାରୀ ଅସୀମ ଭୀତିରେ ଚକ୍ଷୁ ମୁଦ୍ରିତ କରିଛନ୍ତି ।

ଆଉ ଠିକ୍ ସେହି ମୁହୂର୍ତ୍ତରେ ସେଠାରେ ଉପନୀତ ହୋଇଛନ୍ତି ତ୍ରାଣକର୍ତ୍ତା ପର୍ସିୟସ୍ । ମୁଖରେ ତାଙ୍କର : ଆଖି ଖୋଲ, ସୌର କୁଞ୍ଚିତ କେଶୀ ଏଣ୍ଡ୍ରୋମିଡ଼ା । ମୁଁ ପର୍ସିୟସ୍, ଡାନାୟ ପୁତ୍ର ଉପନୀତ ତୁମ ସମ୍ମୁଖରେ । ସେହି ଲୌହ ଆତ୍ମା ପୋସାଇଡ଼ନ୍‌ରେ କରନା ଆଉ ଭୟ । ଅନୁଭବ କର, ସତେ କି ତୁମେ ତୁମ ମାତୃକୋଳରେ ସୁରକ୍ଷିତା ।

ଏଣ୍ଡ୍ରୋମିଡ଼ା : ଓଃ, ସର୍ବ ଶେଷରେ ତୁମେ ଆସିଛ, ସେହି ଉଜ୍ଜ୍ୱଳ ମୁଖ ଯାହାକୁ ମୁଁ ଦେଖିଥିଲି ସ୍ୱପ୍ନରେ ।

ପର୍ସିୟସ୍ : ଅଧୀରା ହୁଅନା ରାଜକୁମାରୀ । ଏବେ ଦେଖ, କିପରି ତୁମର ଶତ୍ରୁ ସହ ମୁଁ ଯୁଦ୍ଧ କରୁଛି । ଅଚିରେ ଫେରିବି ମୁଁ, ତୁମେ ହେବ ମୋର ଏହି ଦୁଃସାହସିକ କାର୍ଯ୍ୟ ସାଧନର ପୁରସ୍କାର, ଏ ପୃଥିବୀର ଏକମାତ୍ର ମଣି ।

ସମୁଦ୍ର ମଧ୍ୟରେ ଚାଲିଛି ସୁର, ଅସୁରର ଯୁଦ୍ଧ । ଅସୁର କିନ୍ତୁ ତା'ର ସମସ୍ତ ଶକ୍ତି ଏକତ୍ରୀତ କରି ପ୍ରତିରୋଧ କରୁଛି ପର୍ସିୟସ୍‌ଙ୍କୁ । ଦିଗ୍‌ବଳୟ ବ୍ୟାପ୍ତ କରି ମୁଖରୁ ବାରଂବାର କ୍ଷେପଣ କରୁଛି ଅଗ୍ନିଶିଖା ବିଦ୍ୟୁତ୍ ଭଳି ଝଲକ । କିନ୍ତୁ ଦେବୀ ଏଥିନୀଙ୍କର ଅସ୍ତ୍ରଧାରୀ ପର୍ସିୟସ୍‌ଙ୍କର ଆକ୍ରମଣରେ ବାରଂବାର ହେଉଛି ସେ ପରାହତ ।

ଏଣ୍ଡ୍ରୋମିଡ଼ା ଅନୁତାପ କରିଛନ୍ତି, ଦେବୀ ଏଥିନୀଙ୍କ ପାଇଁ ତାଙ୍କର ସନ୍ଦେହ ହେତୁ । କରଯୋଡ଼ି ପ୍ରାର୍ଥନା ଜଣାଇବାକୁ ଚାହାନ୍ତି ସେ ଦେବୀଙ୍କୁ; କିନ୍ତୁ ହସ୍ତ ଯେ ଜଞ୍ଜିରାବଦ୍ଧ ।

ହଠାତ୍ ସାଗରରେ ବିରାଜମାନ କରୁଛି ଶାନ୍ତି । ବନ୍ୟା ପ୍ଲାବନ ଆଉ ନାହିଁ । ପର୍ସିୟସ୍ ତାଙ୍କ ପାଦୁକାର ସହାୟତାରେ

ଉଡ୍‌ଡ୍ୟନ କରି ଆସିଛନ୍ତି ପ୍ରତୀକ୍ଷମାଣା ରାଜକୁମାରୀଙ୍କୁ ଜଞ୍ଜିରମୁକ୍ତ କରିବାକୁ ।

ବନ୍ଧନମୁକ୍ତା ରାଜକୁମାରୀ ନିଜକୁ ସମର୍ପି ଦେଇଛନ୍ତି ତାଙ୍କର ମୁକ୍ତିଦାତା ପର୍ସିୟସ୍‌ଙ୍କ ଚରଣତଳେ । ପ୍ରାର୍ଥନା କରିଛନ୍ତି ତାଙ୍କ ମାତାପିତା, ପ୍ରିୟ ଭ୍ରାତାର ଉଦ୍ଧାର ଲାଗି ।

ପର୍ସିୟସ୍ ସାଦରେ ରାଜକୁମାରୀଙ୍କୁ କହିଛନ୍ତି : ମୋର ବାହୁ ପାର୍ଶ୍ୱରେ ସଂଲଗ୍ନା ହୋଇ ରହ ହେ ମଧୁର ଭାର, ଆମେ ମିଳିତ ଭାବେ ଭେଟିବୁ ଶତ୍ରୁଙ୍କୁ ଆମର ।

## ପୋସାଇଡ଼ନ୍‌ଙ୍କ ମନ୍ଦିରରେ ...

ପଲିଡ଼ନ୍ ରାଜାରାଣୀଙ୍କ ଉଦ୍ଦେଶ୍ୟରେ କହନ୍ତି : ସିଫିଅସ୍, କେସିଓପିଆ ଆଉ ରାଜା ସମ୍ବୋଧନ ତୁମ ଲାଗି ନାହିଁ । ଆଖି ଖୋଲି ଦେଖ, ଦେବତାମାନଙ୍କ ବିରୁଦ୍ଧରେ ଯେ ଯାଏ ତା'ର କି ଦୁରବସ୍ଥା ।

କ୍ରୁଦ୍ଧା ରାଣୀ : ମୋ ଚକ୍ଷୁ ପ୍ରତୀକ୍ଷମାଣା ତୁମର ପରିଣାମଟି ପ୍ରତ୍ୟକ୍ଷ କରିବା ଲାଗି । ପୋସାଇଡ଼ନ୍‌ଙ୍କ ବ୍ୟତୀତ ଅନ୍ୟ ଦେବତା ବି ଅଛନ୍ତି, ଯେଉଁମାନେ ଦେବେ ତୁମକୁ ଶାସ୍ତି ।

ପାହାଡ଼ ଉପରେ ରାଜକୁମାରୀଙ୍କର ମୃତ୍ୟୁ ପ୍ରତ୍ୟକ୍ଷ କରିବାକୁ ଜଗି ରହିଥିବା କଂସେଇ ପେରିସସ୍ ଆସି ପହୁଞ୍ଚେ ସେଠାରେ ଏକ ଦିବ୍ୟ ଦୃଶ୍ୟ ପ୍ରତ୍ୟକ୍ଷ କରି ଆସିବାର ଭାବ ନେଇ ।

ପଲିଡ଼ନ୍ : ପେରିସସ୍, ସମ୍ବାଦ ଦେ' ପେରିସସ୍ । ତୋର ମୁଖ କିପରି ବିଭ୍ରାନ୍ତ, ଚକ୍ଷୁ ବିସ୍ଫାରିତ । କ'ଣ ଦେଖିଲୁ ?

ପେରିସସ୍ : ଦେଖିଲି ସ୍ୱର୍ଗ, ନର୍କ ଏକହିଁ ହାତ ମୁଠାରେ ।

ପଲିଡ଼ନ୍ : ଓଃ, ରଖ ତୋର ସ୍ୱର୍ଗ, ନର୍କ । କହ ସମ୍ବାଦ – ସମୁଦ୍ର ରାକ୍ଷସ ଆସି ରାଜକୁମାରୀକୁ ଖାଇ ଚାଲି ଗଲା କି ?

ପେରିସସ୍ : ହଁ ଆସିଥିଲା । କିନ୍ତୁ ଗଲା ନାହିଁ ।

ପଲିଡ଼ନ୍ : କୁମାରୀ ଧୃତ ହେଲା ତ ?

ପେରିସସ୍ : ହଁ, ଏକ ଦୃଢ଼ ଶକ୍ତ ବନ୍ଧନରେ ।

ପଲିଡ଼ନ୍ : ସମୁଦ୍ର-ଜନ୍ତୁ ଦ୍ୱାରା ?

ପେରିସସ୍ : ହଁ, ଯଦି ଆମେ ସବୁ ଜନ୍ତୁ ହୋଇ ଥାଉ । ସେ ବି ସେମିତି; କିନ୍ତୁ ସେ ଏକ ମହାନ୍ ଜନ୍ତୁ ।

ପଲିଡ଼ନ୍ : କୁମାରୀକୁ ସେ ଗିଳିଲା ତ ?

ପେରିସସ୍ : ହଁ ଏକ ପ୍ରକାର, ଯଦି ଚୁମ୍ବନକୁ ଭକ୍ଷଣ କହିବ ।

ପଲିଡ଼ନ୍ : ଓଃ ପେରିସସ୍ ତୁ ଅସହନୀୟ ଭାବରେ ଧୀରେ ଧୀରେ ସମ୍ବାଦ ପରିବେଷଣ କରୁଛୁ । ତୋର ସେ ଉଲ୍ଲାସ ଆଉ ଶକ୍ତି ଗଲା କୁଆଡ଼େ ?

ପେରିସସ୍ : ଆସୁଛି ସେହି ଜନ୍ତୁ ସହ ଯେ ରାଜକୁମାରୀକୁ ପାହାଡ଼ ପାର୍ଶ୍ୱର ବନ୍ଧନରୁ ସ୍ୱର୍ଗକୁ ଉଠାଇ ନେଲା ।

ପଲିଡ଼ନ୍ : ତେବେ ରାଣୀ, ଏଣ୍ଡ୍ରୋମିଡ଼ାର ଆଉ କିଛି ନାହିଁ, ତୁମ ଲାଗି ।

ପେରିସସ୍ : କାହିଁକି, ଏବେ ବି କିଛି ରହିଛି । ଖୁବ୍ ମଧୁର ସୁନ୍ଦର ଖଣ୍ଡଟିଏ ।

ପଲିଡ଼ନ୍ : ଓଃ, ମୋର ହର୍ଷୋତ୍‌ଫୁଲ୍ଲ କଂସେଇ, ତୁ ସିନା ଝିଅର ବାକୀ ଅଂଶତକ ଧରି ଆଣିଥା'ନ୍ତୁ ।

ପେରିସସ୍ : ତାହା ଆସୁଛି ।

ପାଗଳ ପରି ଅଟ୍ଟହାସ୍ୟ କରିଛନ୍ତି ପଲିଡ଼ନ୍ ।

ଲୋକ ନେତା ଥେରପସ୍ ଓ ସେନାପତି ପଶ୍ଚାତ୍ତାପ କରିଛନ୍ତି : ଏଭଳି ଏକ ପଶୁ କରିବ ରାଜ୍ୟ ଶାସନ ?

ଲୋକମତ ଥେରପସ୍ ଆଡ଼କୁ ମାଡ଼ି ଆସୁ ଥିବାର ଦେଖି ପଲିଡ଼ନ୍ ପୁଣି ଉତ୍ତେଜିତ କରିଛନ୍ତି ଜନତାଙ୍କୁ । ଆୟଲାସ୍‌କୁ ଆଣି ବଳି ଦେବାର ଯୋଜନା ବେଳେ –

ଉପସ୍ଥିତ ହୋଇଛନ୍ତି ପର୍ସିୟସ୍ ଓ ଏଣ୍ଡ୍ରୋମିଡ଼ା । ଜନତା ଚିତ୍କାର କରିଛି : ଏ ଯେ ଏଣ୍ଡ୍ରୋମିଡ଼ା, କିଏ କଲା ତାକୁ ବନ୍ଧନ ମୁକ୍ତ ?

ରାଜା କହିଛନ୍ତି : ଏ ବୋଧହୁଏ ଏଣ୍ଡ୍ରୋମିଡ଼ାର ପ୍ରେତ ରୂପ ।

ଥେରପସ୍ : ନା, ପ୍ରେତ ଛାୟାରୂପ ଏତେ ଉଜ୍ଜ୍ୱଳ ନୁହେଁ । ତା'ର ହସ ଏତେ ଦୀପ୍ତ ସୌର ରଶ୍ମି ତୁଲ୍ୟ ହୁଏନା । ସେହି ପ୍ରଦୀପ୍ତ ପୁରୁଷ ତାଙ୍କୁ ଉଦ୍ଧାର କରି ଫେରାଇଛନ୍ତି ପୃଥିବୀକୁ ପୁନର୍ବାର ।

ସେନାପତି ବି ଚିହ୍ନିଛନ୍ତି ପର୍ସିୟସ୍‌ଙ୍କୁ, ଯେ ତାଙ୍କୁ ଦିନେ ଯୁଦ୍ଧ ଫଳକର ଆଲୋକରେ କରି ଦେଇଥିଲେ ଅନ୍ଧ ପ୍ରାୟ ।

ରାଜକୁମାରୀ ଆସି ମାତାଙ୍କର ଉତ୍ସୁକ ଆଲିଙ୍ଗନରେ ଆବଦ୍ଧ ହୋଇଛନ୍ତି, ପିତାଙ୍କୁ କରିଛନ୍ତି ସାଦର ସମ୍ବୋଧନ ।

ପର୍ସିୟସ୍ ଖୋଲିଛନ୍ତି ମୁଖ : ପୋସାଇଡ଼ନ୍‌ର ତଥା

ମୃତ୍ୟୁର ପୁରୋହିତ, ତୁମେ ମୋତେ ଦେଇଥିଲ ତିନି ଦିନ ସମୟ । ଆଜି ଦ୍ୱିତୀୟ ଦିନ ମାତ୍ର । ନିଅ, ତୁମର ଏ ବଳିକୁ, ମୁଁ ଉପସ୍ଥିତ ତୁମ ସମ୍ମୁଖରେ ।

ପଲିଡ଼ନ୍ : ତୁମେ ଜଣେ ଦେବତା ? ମୁଁ କିନ୍ତୁ ଆହୁରି ମହତ୍ତର, ଭୟଙ୍କର ଦେବତା । କମ୍ପିତ ହୁଅ । ଆଉ ମୋ'ଠାରୁ ଦୂରେଇ ରୁହ । ମୁଁ ତୁମକୁ ଚାହେଁନା ।

ପର୍ସିୟସ୍ : ତୁମେ ତୁମର ଶାସ୍ତି ଆଶାରେ ରୁହ । ହେ ସିରିଆବାସୀ ମୋତେ ଦେଖ । ତୁମର ସେହି ଅପରାଧିନୀ, ଯେ ପୋସାଇଡ଼ନ୍‌ଙ୍କ ମନ୍ଦିରରୁ ଛିନ୍ନ କରି ନେଇଥିଲା ତାଙ୍କ ବଳିକୁ, ସେହି ମଧୁରା ଏଣ୍ଡ୍ରୋମିଡ଼ାକୁ ମୋର ତରବାରି ଉଦ୍ଧାର କରିଛି ସମୁଦ୍ର ରାକ୍ଷସକୁ ହତ୍ୟା କରି । ତୁମର ପ୍ରୟୋଜନ ଥିଲା ବଳି । ଆସ ମୁଁ ଏଇଠି । କାହାର ଛୁରିକା ପ୍ରସ୍ତୁତ ? ଆସ ଆଗେଇ ଆସ ।

ଥେରପସ୍ : କିଏ ତୁମେ ଶକ୍ତିଶାଳୀ ବୀର ? ତୁମର ଖ୍ୟାତି, ତୁମର ଅତୁଳନୀୟ କର୍ମ ଜନତାର ଆଗରେ ଘୋଷଣା କର । କେଉଁ ମହାନ୍ ଦେବତା ତୁମକୁ ଏ ଯୁଦ୍ଧରେ ସହାୟ ହେଲେ ?

ପର୍ସିୟସ୍ : ସିରିଆବାସୀ ! ମୁଁ ପର୍ସିୟସ୍ – ଜିୟସ୍ ଓ ଡ଼ାନାୟଙ୍କର ଶକ୍ତିମାନ୍ ପୁତ୍ର । ମୋର ଶିରା-ପ୍ରଶିରାରେ ଦେବତାର ରୁଧିର, ମୋର ବାହୁଦ୍ୱୟରେ ଦେବତାର ବଳବୀର୍ଯ୍ୟ । ଦେବୀ ଏଥିନୀ ମୋର ସହାୟକାରିଣୀ । ଦେଖ ତାଙ୍କର ଏହି ଯୁଦ୍ଧ ଫଳକ ଯାହାର ଆଚ୍ଛାଦନ ଉନ୍ମୋଚନ କଲେ ତୁମେ ତା'ର ଆଲୋକରେ ହେବ ଅନ୍ଧ । ଆଉ ମୋର ଏହି ପକ୍ଷଯୁକ୍ତ ପାଦୁକା ମୋତେ ଉଡ଼ାଇ ନିଏ ଏଭଳି ସ୍ଥାନକୁ ଯାହା ଅଦ୍ୟାପି ମଧ୍ୟ ମଣିଷର ଦୃଷ୍ଟିପଥରେ ପଡ଼ିନି । ମୁଁ ବୁଲିଛି ଅଜ୍ଞାତ ଦେଶ, ନାମହୀନ ମହାଦେଶ । ମୁଁ ହତ୍ୟା କରିଛି ସର୍ପ-କେଶିନୀ ପିଶାଚୀ ମିଡ଼ିଉଜାକୁ, ଯାହାର ମସ୍ତକକୁ ଭରି ରଖିଛି ଏହି ଚର୍ମକୋଷ ମଧ୍ୟରେ । ତା'କୁ ପ୍ରତ୍ୟକ୍ଷ କଲେ ତୁମେ ପାଲଟିବ ପ୍ରସ୍ତର ।

ମୁଁ ହତ୍ୟା କରିଛି ତୁମର ଚିର ଶତ୍ରୁ ପୋସାଇଡ଼ନ୍‌କୁ ତା'ର ରାକ୍ଷସମାନଙ୍କ ସହ, ଯେଉଁମାନେ ଭକ୍ଷଣ କରିଥିଲେ ତୁମର ପୁତ୍ରକନ୍ୟାଙ୍କୁ । ଏବେ ଚତୁର୍ଦିଗରେ ବିରାଜମାନ କରୁଛି ଶାନ୍ତି । ଅନୁଭବ କର ଦେଶବାସୀ !

ଏହା ପରେ ଜଣେ ବି କେହି ଅଭିଯୋଗ କରନା ଯେ ମୁଁ ତୁମକୁ ପ୍ରତାରଣା କରିଛି । କୁହ ତେବେ, କିଏ ଚାହଁ ବଳି ।

ସମସ୍ତେ ନୀରବ ।

ପର୍ସିୟସ୍ : କ'ଣ ତୁମେମାନେ ଏବେ ମଧୁମୟୀ କିଶୋରୀଟିକୁ ମୃତ୍ୟୁପାଶରେ ଆବଦ୍ଧ କରିବା ପାଇଁ ପାଗଳତୁଲ୍ୟ ଦିଗ କମ୍ପାଉଥିଲ ଚିତ୍କାରରେ, ଗର୍ଜୁଥିଲ ରାଜକୁମାରର ହୃତ୍‌ପିଣ୍ଡ ଲାଗି, ଏବେ ସମସ୍ତେ ନୀରବ ଯେ ! କୁହ କିଏ ଚାହେଁ ବଳି, ପର୍ସିୟସ୍‌କୁ ଦେବ ବଳି ?

ଥେରପସ୍ : କିଏ ବା ମୃତ୍ୟୁର ଭକ୍ତ ହେବ ?

ଜନତା କହେ : ମହାନ୍ ପର୍ସିୟସ୍ । ଆମେ କେହି ବି ଚାହୁଁନା ବଳି ।

ପର୍ସିୟସ୍ : ତେବେ ମୁଁ ଦେଉଛି ଏଣ୍ଡ୍ରୋମିଡ଼ା ଓ ଆୟଲାସ୍‌ଙ୍କୁ ମୁକ୍ତି, ସିଫିଅସ୍‌ଙ୍କୁ ତାଙ୍କ ରାଜମୁକୁଟ । ମୋର ଏହି କାର୍ଯ୍ୟକୁ କେହି ଅସ୍ୱୀକାର କରେ କି ? କେହି ସିରିଆରେ ରାଜତ୍ୱ କରିବାକୁ ଚାହେଁ କି ?

ଜନତା : କେହି ନୁହେଁ, ଶକ୍ତିମାନ୍ ପର୍ସିୟସ୍ ।

ପର୍ସିୟସ୍ : ମୋର ମଧୁମୟ ବନ୍ଧୁ ଆୟଲାସ୍, କାର୍ଯ୍ୟ ମୋର ସମାପ୍ତ ।

ଆୟାଲାସ୍ : ପିତା ମୋର, ଭୂମି ଉପରୁ ଉଠାଇ ତୁମ ମସ୍ତକରେ ସ୍ଥାପନ କରୁଛି ମୁଁ ଏ ରାଜମୁକୁଟ । ସେନାପତି, ତୁମେ ରାଜଭକ୍ତ ରହିଛ ତ ?

ସେନାପତି : ଚିରକାଳ ଲାଗି ।

ଆୟଲାସ୍ : ଥେରପସ୍ !

ଥେରପସ୍ : ମୁଁ ଶପଥ କରି ବିଦ୍ରୋହ ତ୍ୟାଗ କରିଛି ।

ଆୟଲାସ୍ : ମୋର ମାତାପିତାଙ୍କୁ ରାଜକୀୟ ସମ୍ମାନରେ ପ୍ରାସାଦକୁ ଫେରାଇ ନିଅ, ସେନାପତି । ଏଣ୍ଡ୍ରୋମିଡ଼ା ଓ ସାଇଡ଼ନୀ, ତୁମେ ଦୁହେଁ ମଧ୍ୟ ଯାଅ । ଆଉ ପଲିଡ଼ନ୍... ।

ପଲିଡ଼ନ୍ ଆରମ୍ଭ କରିଛନ୍ତି ପୁଣି ପାଗଳତୁଲ୍ୟ ପ୍ରଳାପ । ତାଙ୍କର ମହାନ୍ ଦେବତ୍ୱର ପରିଚୟ ଯଥାଶୀଘ୍ର ମିଳିବ ବୋଲି କରିଛନ୍ତି ଆସ୍ଫାଳନ । ସେଇ ଭଳି ପ୍ରଳାପ କରୁ କରୁ ଭୂମି ଉପରେ ସଜୋରେ ହୋଇଛନ୍ତି ପତିତ ।

ମୁଖରୁ କଥା ତାଙ୍କର ସ୍ଫୁରୁ ନାହିଁ ଯେପରି । ବିସ୍ମରଣ ହୋଇଛି ଚତୁଃପାର୍ଶ୍ୱବର୍ତ୍ତୀ ପରିବେଶ ସମ୍ପର୍କେ । ଶରୀରରୁ ତାଙ୍କର ଅପସାରିତ ହେଉଛି ତାଙ୍କର ସତ୍ତା ।

ଦୁର୍ବଳ କଣ୍ଠରେ ଚାଲିଛି ପ୍ରଳାପ :

ମୁଁ ଥିଲି ପୋସାଇଡ଼ନ୍ । ମାତ୍ର ଏବେ ସେ ସତ୍ତା ମୋ'ଠାରୁ ଛାଡ଼ି ଚାଲିଗଲେ । ମୁଁ ହୋଇଗଲି ଏକ ମଳିନ, ଦୁର୍ବଳ ମାନୁଷୀ ସତ୍ତା ମାତ୍ର । ଓଃ ପୋସାଇଡ଼ନ୍, ତୁମେ ଏବେ

ବି ମୋ ପାର୍ଶ୍ୱରେ ଦଣ୍ଡାୟମାନ । ମୋତେ ଛାଡ଼ି ଯାଅନା । ମୁଁ ତେବେ ଧ୍ୱଂସ ହୋଇଯିବି । ମୁଁ କ'ଣ ତୁମ କହିବା ଭଳି ନିର୍ଭୟରେ କାର୍ଯ୍ୟ କରିନି ? ତେବେ ... ? ଆଃ, ସେ ଚାଲି ଗଲେ ଅଦୃଶ୍ୟ ମଧ୍ୟକୁ । ଚାରିଆଡ଼େ ବିଶାଳ ନୀରବତା ! ଆଉ ଏ କିଏ ? କାହାର ଏ ଉଜ୍ଜ୍ୱଳ ପ୍ରତିମୂର୍ତ୍ତି ? ତାଙ୍କର ଆବିର୍ଭାବରେ ପ୍ରଭାବିତ ଜଳ, ସ୍ଥଳ । ତାଙ୍କର ଅସହନୀୟ ପଦପାତରେ ଭୟରେ କମ୍ପିତ ହୋଇ ଜଗତ୍ ମସ୍ତକ ନତ କରୁଛି । ତଥାପି ମୋ ଚତୁର୍ଦ୍ଦିଗରେ ଅନ୍ଧକାରର ଭୀତି । ଆଉ ସେହିଁ ମୁଁ ନିଜେ, ମୋର ଛାୟା, ବିରୋଧୀ ଦେବତା ! ଆଃ ! ମୋତେ ସେ ଶକ୍ତ କରି ଧରିଛି ତା'ର ଭୟଙ୍କର ହାତ ମୁଠାରେ । ମୁଁ ଚକ୍ଷୁ ସମକ୍ଷରେ ଦେଖୁଛି କୃଷ୍ଣ ନରକ । ଅଗ୍ନି-ତୀକ୍ଷ୍ଣ ଛୁରିକାମାନ ମୋର ବୁକୁ ସ୍ପର୍ଶ କରୁଛି । ହେ ପୋସାଇଡ଼ନ୍, ମୋତେ ରକ୍ଷା କର, ମୋତେ କ୍ଷମା କର ।

ଏତିକି କହୁ କହୁ ମୃତ୍ୟୁର କୋଳରେ ଢଳି ପଡ଼ନ୍ତି ପୁରୋହିତ ପଲିଡ଼ନ୍ ।

ପର୍ସିୟସ୍ : ଏହି ବ୍ୟକ୍ତି ଜଣକ କେତୋଟି ଘଣ୍ଟା ଲାଗି ଏକ ଗୂଢ଼ ଓ ଭୟଙ୍କର ଶକ୍ତିର ଆଧାର ହୋଇଥିଲା ଏବଂ ତା' ଦ୍ୱାରା ସେ କରାଇ ନେଲା ଭୟଙ୍କର କାର୍ଯ୍ୟମାନ । କିନ୍ତୁ ଏହାର ଅଶୁଦ୍ଧ ତମସାଚ୍ଛନ୍ନ ହୃଦୟ ସେହି ଶକ୍ତିକୁ ଧରି ରଖି ପାରିଲା ନାହିଁ । ସେ ପାଗଳ ହୋଇ ଗଲା । ଶକ୍ତି ନିଜକୁ ଏହାର ଶରୀରରୁ ଅପସାରଣ କରି ନେଲା ଏହି ଭଗ୍ନ ଅଯୋଗ୍ୟ ଯନ୍ତ୍ରଟିକୁ ତ୍ୟାଗ କରି । ତେଣୁ ବରଂ ସାଧାରଣ ମଣିଷ ହୋଇ ଏକ ଅଭୀପ୍ସା-ବିହୀନ ଜୀବନଯାପନ କରିବ : ମାତ୍ର ମାନୁଷୀ ଅସମର୍ଥ ଆଧାର ମଧ୍ୟକୁ ଏକ ଭୟଙ୍କର ଆସୁରୀ ଶକ୍ତି ଆକର୍ଷଣ କରିବା ଫଳରେ ଜଗତ୍ ବି ଯନ୍ତ୍ରଣାଗ୍ରସ୍ତ ତଥା ଅତ୍ୟାଚାରିତ ହେବ, ଆଉ ତାହା ସେହି ଶକ୍ତି ବ୍ୟବହାରକାରୀକୁ ଶେଷରେ ଧ୍ୱଂସ କରି ଦେବ ।

ଆୟଲାସ୍ : କିନ୍ତୁ ସର୍ବଶ୍ରେଷ୍ଠ କଥା ହେଲା ଭଗବତ୍ ଶିଶୁ ହେବା । ଈଶ୍ୱର ପୁତ୍ରହିଁ କେବଳ ଐଶ୍ୱରିକ ଶକ୍ତି ଧରି ରଖିପାରେ ।

(କ୍ରମଶଃ) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika
**Ayurvedic Pimple / Acne Remover**
100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,
Bhubaneswar - 751014, Cell No: 9437000646

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଈଶ୍ୱର ଅଛନ୍ତି

ମେଜରଙ୍କ ନେତୃତ୍ୱରେ ପନ୍ଦରଜଣିଆ ସୈନ୍ୟ ଦଳଟି ହିମାଳୟର ସେଇ ଦୁର୍ଗମ ଇଲାକାରେ ତିନିମାସ ପହରା ଦେବା ନିମନ୍ତେ ଯାଉଥା'ନ୍ତି । ଏମାନେ ପହଞ୍ଚିଲେ ପୂର୍ବରୁ ସେଠାରେ ଥିବା ସୈନିକ ଅନ୍ୟତ୍ର ଯିବେ ।

ପାହାଡ଼ ଉପରକୁ ଯାଇଥିବା ରାସ୍ତା ଆବୁଡ଼ା ଖାବୁଡ଼ା ଓ ବିପଦପୂର୍ଣ୍ଣ । ସମସ୍ତେ ଥକି ପଡ଼ିଥା'ନ୍ତି । ମେଜର୍ ଭାବୁଥାଆନ୍ତି, ଏ ଘୋର ଥଣ୍ଡା ପାଗରେ ଯଦି କପେ କପେ ଗରମ ଚା' ମିଳନ୍ତା ତାହାହେଲେ ଦେହରେ ଜୀବନ ପଶନ୍ତା ।

ସେତେବେଳକୁ ସୈନିକମାନେ ନିରବଚ୍ଛିନ୍ନଭାବେ ତିନି ଘଣ୍ଟା ଚାଲି ସାରିଲେଣି । ଅପରାହ୍ଣର ଆଲୋକରେ କିଛି ଦୂରରୁ ଗୋଟେ ଛୋଟିଆ ଚାଳିଆ ଦିଶୁଥିଲା, ଯେଉଁଟା ଚା' ଦୋକାନ ପରି ଲାଗୁଥିଲା । ସୈନ୍ୟମାନେ ପାଖକୁ ଯାଇ ଦେଖିଲେ, ମାତ୍ର ସେଇଟି ବନ୍ଦ ଥିଲା ।

ସେମାନେ କିଛି ସମୟ ସେଠାରେ ଅଟକିଲେ । ଜଣେ କାଠପଟା କାନ୍ଥର ଛିଦ୍ର ଦେଇ ଅନେଇଲା, ଭିତରେ ଚା', ଚିନି ଓ ଚୁଲି ଥିବା ପରି ଲାଗୁଛି । ସେମାନେ ଚାବିଟି ଭାଙ୍ଗି ଦୋକାନରେ ପଶିବା ପାଇଁ ମେଜରଙ୍କୁ ଅନୁମତି ମାଗିଲେ ।

ମେଜର୍ ଦ୍ୱିଧାରେ ପଡ଼ିଲେ । କ'ଣ କରିବେ ? ଶେଷକୁ କହିଲେ, 'ହେଉ' ।

ସୈନିକମାନେ ଯାଇ ଚା' ତିଆରି କଲେ । ତାଙ୍କ ସୌଭାଗ୍ୟକୁ ଦୋକାନରେ କିଛି ବିସ୍କୁଟ ପ୍ୟାକେଟ୍ ଥିଲା ।

ସତକୁ ସତ ପିଣ୍ଡରେ ପ୍ରାଣ ପଶିଲା । ଏହାପରେ ସେମାନେ ତାଙ୍କ ଯାତ୍ରାରେ ବାହାରିବେ । ମେଜର୍ ସମସ୍ତଙ୍କୁ ଆଗରେ ଯିବାକୁ କହି ନିଜ ପକେଟରୁ ହଜାରେ ଟଙ୍କିଆ ନୋଟଟି କାଢ଼ିଲେ ଓ ଚା' ଦୋକାନର ଚିନି ଡବା ତଳେ ସେଇଟି ଥୋଇଦେଇ ଆଗକୁ ପାଦ ବଢ଼େଇଲେ ।

କ୍ୟାମ୍ପରେ ତିନିମାସ ବିତିଗଲା । ଏବେ ସେମାନେ ସେଇବାଟ ଦେଇ ଫେରୁଥିଲେ । ଫେରିବା ବାଟରେ ମେଜର୍ ଲକ୍ଷ୍ୟ କଲେ, ସେଇ ଚା' ଦୋକାନଟି ଖୋଲା ଅଛି । ସେମାନେ ଦୋକାନୀଠାରୁ ଚା' କିଣି ପିଇଲେ । ଜଣେ ସୈନିକ ଦୋକାନୀକୁ ପଚାରିଲେ, ''କେମିତି ଅଛନ୍ତି ?''

ଦୋକାନୀ କହିଲା, ''ଈଶ୍ୱରଙ୍କ ଦୟାରୁ ଭଲରେ ଅଛି ।''

ସୈନିକଟି କହିଲା, ''ଈଶ୍ୱର କାହାନ୍ତି ମଉସା ? ସେ ଥିଲେ କ'ଣ ତୁମକୁ ଏମିତି ଅପନ୍ତରା ପାହାଡ଼ ଉପରେ ପକେଇ ଥାଆନ୍ତେ ?''

ବୁଢ଼ା ଚା' ଦୋକାନୀ ପ୍ରତିବାଦ କଲା, ''ସେକଥା କୁହନା ବାବୁ । ଏଇ ତିନି ମାସ ତଳର କଥା । ମୋ ପୁଅକୁ ଆତଙ୍କବାଦୀ ଭାବି ସନ୍ଦେହରେ ଆର୍ମିବାଲା ଧରି ନେଇ ମିଛଟାରେ ମାରିଲେ । ମୁଁ ସେଦିନ ଶୀଘ୍ର ଦୋକାନ ବନ୍ଦ କରି ତା' ପାଇଁ ଔଷଧ କିଣିବା ପାଇଁ ଗଲି । କିନ୍ତୁ ମୋ ପାଖରେ ପଇସା ନଥାଏ । ଆର୍ମି ଯାହାର ପୁଅକୁ ଆତଙ୍କବାଦୀ କହି ଧରି ନେଇଥିବ, ତାକୁ ପାଖ ପଡ଼ିଶା ତ କରଜ ଦିଅନ୍ତି ନାହିଁ । ମୋ ବୁଦ୍ଧି ହଜିଗଲା । ମୁଁ ବିକଳରେ ଈଶ୍ୱରଙ୍କୁ ଡାକିଲି । ସଞ୍ଜବେଳକୁ ମୁଁ ଦୋକାନକୁ ଫେରି ଦେଖେ ତ ଚିନି ଡବା ତଳେ ଈଶ୍ୱର ହଜାରେ ଟଙ୍କା ରଖିଦେଇ ଯାଇଛନ୍ତି ।''

ବୁଢ଼ାର କଥା ଶୁଣି ସୈନ୍ୟମାନେ ସେଦିନର କଥା କହି ଦେବାକୁ ଯାଉଥିଲେ । ମାତ୍ର ମେଜର୍ ଆଖି ଇସାରାରେ ସେମାନଙ୍କୁ ନିର୍ଦ୍ଦେଶ ଦେଲେ, 'କିଛି କୁହ ନାହିଁ ।'

ଚା'ପିଆ ସରିଥିଲା । ମେଜର୍ ଓ ତାଙ୍କ ଦଳ ପଇସା ଦେଇ ଦୋକାନୀଠାରୁ ବିଦାୟ ନେଲେ । ଯିବା ଆଗରୁ ବୁଢ଼ାଟିକୁ ଆଲିଙ୍ଗନ କରି ମେଜର୍ କହିଲେ, 'ହଁ ଈଶ୍ୱର ଅଛନ୍ତି ।' ଏକଥା କହିବା ବେଳେ ତାଙ୍କ ଆଖି ଜକେଇ ଆସୁଥିଲା । ସେତେବେଳକୁ ସାଥୀ ସୈନିକମାନେ ମଧ୍ୟ ଉପଲବ୍ଧି କଲେଣି ଯେ ଈଶ୍ୱର ଅଛନ୍ତି । ତାହାଠୁ ବଳି ଆଉ ଗୋଟେ କଥା ସେମାନେ ଅନୁଭବ କରୁଥାଆନ୍ତି – ଆମ ସମସ୍ତଙ୍କ ଭିତରେ ଅନ୍ୟ ପାଇଁ ଈଶ୍ୱର ପାଲଟିବାର ସାମର୍ଥ୍ୟ ରହିଛି ।

(ସୌଜନ୍ୟ : କଥାଟିଏ, ସୃଜନ : **ଗୌରହରି ଦାସ**) ❑

### ଚେତନାର ଦିଗ୍‌ବଳୟ :

# ପରିବାର ପରମ୍ପରା : ଗତକାଲି ଓ ଆଜି

**ପ୍ରଶ୍ନ :** *କୌଣସି ଗୃହକର୍ତ୍ତା ନିଜ ପରିବାରର ପ୍ରକୃତ ଉନ୍ନତି (କେବଳ ପାର୍ଥିବ ନୁହେଁ) ନିମନ୍ତେ ଭାରତୀୟ ଶାସ୍ତ୍ରସମ୍ମତ ପାରମ୍ପରିକ ପରିବାର ଗଢ଼ିବାକୁ ଆଗ୍ରହୀ ଥିବାବେଳେ ଯଦି ଆଜିର ଚିନ୍ତାଧାରା ଓ ଗଣମାଧ୍ୟମ ଦ୍ୱାରା ବିଶେଷ ପ୍ରଭାବିତ ପରିବାରର କିଛି ସଦସ୍ୟ/ସଦସ୍ୟା ବ୍ୟକ୍ତି ସ୍ୱାଧୀନତା ତଥା ପରିବର୍ତ୍ତନର ଦ୍ୱାହି ଦେଇ ସେଭଳି ମାର୍ଗକୁ ବିରୋଧ କରୁଥା'ନ୍ତି, ଗୃହକର୍ତ୍ତା ସେ ପରିସ୍ଥିତିରେ କ'ଣ କରିବା ସମୀଚୀନ ?...*

**ଉତ୍ତର :** ସେ ପରିସ୍ଥିତିରେ ଗୃହକର୍ତ୍ତା ନିଜ ଆଦର୍ଶର ଗରିମାରେ ନିଜେ ଅଟଳ ରହିବା ସତ୍ତ୍ୱେ ବିନା ଦ୍ୱିଧାରେ ଅନ୍ୟମାନଙ୍କୁ ସେମାନଙ୍କ ମାର୍ଗରେ ଯିବାକୁ ଛାଡ଼ି ଦେବାହିଁ ସମୀଚୀନ । ସେହି ଅପ୍ରତିରୋଧ ଅସଂହତ ଜୀବନଧାରାକୁ ସେ ରୋକି ତ ପାରିବେ ନାହିଁ, ନିଜ ଶାନ୍ତି ବିପନ୍ନ କରିବେ ଏବଂ ନିଜ ଚେତନାର ପ୍ରଗତିକୁ ବ୍ୟାହତ କରିବେ ।

ପ୍ରାଚୀନ ଭାରତୀୟ ପାରିବାରିକ ସଂସ୍କୃତିର ଶୃଙ୍ଖଳା ଓ ସଂହତିର ମାଧୁର୍ଯ୍ୟ ବ୍ୟାବହାରିକ ଜୀବନ ଶୈଳୀରେ ବିପୁଳ ପରିବର୍ତ୍ତନ ସତ୍ତ୍ୱେ, କେତେକ ପରିବାରରେ ଅଦ୍ୟାବଧି ତିଷ୍ଠି ରହିଥିବା ବ୍ୟକ୍ତିଗତ ଅଭିଜ୍ଞତାରୁ ଏ ଲେଖକକୁ ଜଣା । ବେଶପୋଷାକର ଆଧୁନିକତା, ଆର୍ଥନୀତିକ ସ୍ୱାତନ୍ତ୍ର୍ୟ ଏବଂ ଯାବତୀୟ ସ୍ଥୂଳ ପରିବର୍ତ୍ତନ ସତ୍ତ୍ୱେ ସହୋଦରମାନଙ୍କ ଭିତରେ ଶାସ୍ତ୍ରୀୟ ସୌହାର୍ଦ୍ଦ୍ୟ, ପିତୃ ଓ ପିତୃବ୍ୟ ପୁରୁଷ ପ୍ରତି ଦେବତୁଲ୍ୟ ସମ୍ମାନ, ପରସ୍ପର ଅବାଧ ନିର୍ଭରଶୀଳତାର ଦୃଷ୍ଟାନ୍ତ-ସମୃଦ୍ଧ ପରିବାର ଅଦ୍ୟାବଧି ବିଦ୍ୟମାନ । ତେବେ ତାହା ବିରଳ । ପରିବାରର ଅଧିକାଂଶ ସଦସ୍ୟ ଯୋଗାଯୋଗ କ୍ରମେ ବିକଶିତ ଚେତନାବନ୍ତ ହୋଇଥିବା ଉପରେ ତାହା ନିର୍ଭରଶୀଳ ।

ତେବେ ପ୍ରାଚୀନ ପାରିବାରିକ ସଂହତିରେ ବିଭ୍ରାଟ ଆଜି ଦୁର୍ନିବାର କହିଲେ ଅତ୍ୟୁକ୍ତି ହେବ ନାହିଁ । କାହିଁକି ଦୁର୍ନିବାର, ତାହା ହୃଦୟଙ୍ଗମ କରିବା ନିମନ୍ତେ ଆମକୁ ଏହାର ମୂଳ ହେତୁର ସନ୍ଧାନ କରିବାକୁ ହେବ । ଏଠାରେ ସାମାନ୍ୟ ଅଭାସ ମାତ୍ର ଦେବା ସମ୍ଭବ । କାଳ-ନିର୍ଭର ମାନବ ଚେତନାର ଏକ ବିକାଶ ଧାରା ରହିଛି । ସେହି ଧାରା ଅନୁସାରେ ବ୍ୟକ୍ତିଗତ ମଣିଷ କ୍ରମେ ଅଧିକରୁ ଅଧିକ ଆତ୍ମ-ସଚେତନ ହେବାର ସମୟ ଉପନୀତ । ଏକ ଦିଗରେ ଆମ ଆନ୍ତର୍ଚେତନାରେ ସେହି ଶୁଭଙ୍କର ପ୍ରବେଗ ବିକଶିତ ହେଉଛି; କିନ୍ତୁ ସମଗ୍ର ବାତାବରଣ, ସାମୂହିକ ବିଶ୍ୱ ଜୀବନ ଅଦ୍ୟାବଧି ଏଭଳି ପ୍ରଚଣ୍ଡ ଅଜ୍ଞାନରେ ନିମଜ୍ଜିତ ରହିଛି ଯେ ଆତ୍ମ-ସଚେତନତା ଦିଗରେ ପ୍ରବେଗ ଆତ୍ମ-କୈନ୍ଦ୍ରିକତାରେ ପରିଣତ ହୋଇଛି । ନିଜ ଅନ୍ତରାତ୍ମାକୁ ଜାଣିବାକୁ ହେଲେ ମଣିଷକୁ ବହୁ ସଂସ୍କାର ଓ ଭ୍ରାନ୍ତ ଧ୍ୟାନ ଧାରଣାର ଶୃଙ୍ଖଳରୁ ମୁକ୍ତ ହେବାକୁ ପଡ଼ିବ – ଆମ ଭିତରେ ବର୍ଦ୍ଧିତ ହେଉଥିବା ଏହି ଆବଶ୍ୟକତା ଆପାତତଃ ମଣିଷକୁ ଉଚ୍ଛୃଙ୍ଖଳ କରିଛି । ଆପଣଙ୍କ ବୌଦ୍ଧିକ ଶକ୍ତି ଯୋଗେ ଆପଣ ଏହାର ପ୍ରତିକାର କରିପାରିବେ ନାହିଁ, କାରଣ ବୁଦ୍ଧି ଆଜି ଅଜ୍ଞାନତାର କ୍ରୀତଦାସ ମାତ୍ର ।

ବିବର୍ତ୍ତନରେ ଏହା ଏକ ସଂକଟ କାଳ, ଏକ ମଧ୍ୟବର୍ତ୍ତୀ ସମୟ । ଧର୍ମ, ରାଜନୀତି, ଶାସନକଳ ସବୁଥିରେ ନୈରାଜ୍ୟର ଆଧିପତ୍ୟ । ଆମେ ଯେଉଁ ଜନସାଧାରଣ ଏ ଅବସ୍ଥାରେ ବିଚଳିତ, ସେହି ଜନସାଧାରଣଙ୍କର ଅନୀତି ସହ ପରୋକ୍ଷ ଏବଂ ବହୁ ସମୟରେ ପ୍ରତ୍ୟକ୍ଷ ସହଯୋଗରେ ଏହା ସମ୍ଭବ ହୋଇଛି । ଆପାତତଃ ସଚେତନ ବ୍ୟକ୍ତିବର୍ଗଙ୍କର ନିରାସକ୍ତ, ନିରବ ଚେତନାଗତ ବିକାଶହିଁ ବାତାବରଣରେ କିୟତ୍ ପରିମାଣ ପରିବର୍ତ୍ତନ ଆଣିପାରେ । ଆପଣା କର୍ମରେ ନିଃସ୍ୱାର୍ଥପରତା ଓ ଶୁଭେଚ୍ଛାହିଁ ସେ ଦିଗରେ ଆପଣଙ୍କ ଅବଦାନ ହେବ । ସମସ୍ତଙ୍କ ଭିତରେ ନିଜକୁ ସାମିଲ କରିହିଁ ଲେଖକ ଆପଣଙ୍କୁ ତଥା ଆପଣାକୁ ଦେଉଛି ଏ ପରାମର୍ଶ; ନହେଲେ ଏହା ହେବ ତା'ର ଅନଧିକାର ଚର୍ଚ୍ଚା । ସମସ୍ତ ବିଭୀଷିକା ସତ୍ତ୍ୱେ ଆମ ଭିତରେ ସତ୍ୟ ପ୍ରତି ଅନୁରାଗ, ସେ ଦିଗରେ ଜିଜ୍ଞାସାବୋଧ, ଅନ୍ଧକାର ଶକ୍ତି ସମୂହର ପ୍ରଭାବ ବର୍ଜନ ଦିଗରେ ସଂକଳ୍ପ ଅବ୍ୟାହତ ରହିଛି । ଭବିଷ୍ୟତରେ ଦିନେ ବିବର୍ତ୍ତନଗତ କୌଣସି ମହାଶକ୍ତି ହସ୍ତକ୍ଷେପ କରି ଆମକୁ (ଅର୍ଥାତ୍ ଆମ ପରବର୍ତ୍ତୀ କୌଣସି ଜନ୍ମକୁ) ଏକ ଭବ୍ୟ ପର୍ଯ୍ୟାୟରେ ଉପନୀତ କରାଇବ, ଏହି ତତ୍ତ୍ୱ ଉପରେ ଆସ୍ଥା ରଖାଯାଉ ।

**– ମନୋଜ ଦାସ**

['ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୮୬ - ୮୭] ❑

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIII, No. 9** **R.N.I. No. 18163/70.**
Navaprakash (Monthly), September, 2022 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




**ସାବିତ୍ରୀ**

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**